

ଘାନା ବ୍ୟାଡ୍‌ମିଣ୍ଟନ୍‌ରେ ଖେଳିବେ ଅବିନାଶ
ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 140 | ଭାଗ ୩୩ | ସଂଖ୍ୟା ୧୪୦ | Bhubaneswar | Sunday 10 August 2025 | Page 8 Rs. 5.00 | ● ଭୁବନେଶ୍ୱର ରବିବାର ୧୦ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ୧ କୋଟି ମହିଳାଙ୍କୁ ମିଳିଲା 'ସୁଭଦ୍ରା' ତୃତୀୟ କିସ୍ତି

- ଯୋଡ଼ିହେଲେ ୧୬୮୩ କୋଟିଆ ହିତାଧିକାରୀ
- ୪୩୬ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
- ୧୨୬ ପ୍ରକଳ୍ପ ଉଦ୍‌ଘାଟିତ
- ଜୟପୁରରୁ ଭୁବନେଶ୍ୱର ଚାଲିବ ବନ୍ଦେ ଭାରତ ଏକ୍ସପ୍ରେସ
- ଜୟପୁର ପେପର ମିଲ ପୁନର୍ବାର ଚାଲୁହେବ
- ଜୟପୁରରେ ସ୍ଥାପନ ହେବ ନୂଆ କଲେଜ






ଭୁବନେଶ୍ୱର/ଜୟପୁର,୯।୮(ସଂଚାର ବ୍ୟୁରୋ): 'ସୁଭଦ୍ରା ଯୋଜନା' ଅନେକ ମହିଳାଙ୍କ ଜୀବନରେ ପ୍ରଗତି ଓ ପରିବର୍ତ୍ତନର ନୂଆ ଅଧ୍ୟାୟ ସୃଷ୍ଟି କରିବାରେ ସଫଳ ହୋଇଛି। ଏହା ସେମାନଙ୍କର ପରିବାରକୁ ଆର୍ଥିକ ଶକ୍ତି ଦେବା ସହିତ ସେମାନଙ୍କୁ ଉଦ୍ୟମୀ ମହିଳା ଭାବେ ଗଢ଼ି ତୋଳିବାରେ ବଳ ଯୋଗାଇଛି ବୋଲି ଆଜି କୋରାପୁଟ ଜିଲ୍ଲାର ଜୟପୁର ଠାରେ ଓଡ଼ିଶାର ସର୍ବବୃହତ ମହିଳା ସଶକ୍ତିକରଣ ଯୋଜନା "ସୁଭଦ୍ରା"ର ତୃତୀୟ କିସ୍ତି ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏଥି ସହିତ ମୁଖ୍ୟମନ୍ତ୍ରୀ, କୋରାପୁଟ ଜିଲ୍ଲାରେ, ୪୫୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ୪୩୬ ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ୩୦୯.୪୨ କୋଟି ଟଙ୍କା ମୂଲ୍ୟର ୧୨୬ ଟି ନୂତନ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ସେତୁ, ସଡକ, ପର୍ଯ୍ୟଟନ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନୟନମୂଳକ ପ୍ରକଳ୍ପ ରହିଛି । ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଲେ ଜିଲ୍ଲାର ବିକାଶ ଆହୁରି ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିସହିତ ଖୁବଶୀଘ୍ର ଜୟପୁରରୁ ଭୁବନେଶ୍ୱର ବନ୍ଦେ ଭାରତ ଏକ୍ସପ୍ରେସ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ, ଜୟପୁର ସ୍ଥିତ ପେପର ମିଲ ପୁନର୍ବାର ଚାଲୁ ହେବ ଓ ଜୟପୁର ଠାରେ ଏକ ନୂତନ କଲେଜ ସ୍ଥାପନ ହେବ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ଆର୍ଥିକ ➪ ପୃଷ୍ଠା-୬

# ୩୩୪ ରାଜନୈତିକ ଦଳର ପଞ୍ଜୀକରଣ ବାତିଲ




- ରାହୁଲଙ୍କ ଟାର୍ଗେଟ ପରେ ଚେତିଲେ ଇସି
- ନିର୍ବାଚନ ବ୍ୟବସ୍ଥାରେ ସ୍ୱଚ୍ଛତା ପାଇଁ ପ୍ରୟାସ

ନୂଆଦିଲ୍ଲୀ,୯।୮: ଦେଶରେ ଏବେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ନିର୍ବାଚନ ଆୟୋଗଙ୍କ ବିରୋଧରେ ଆକ୍ରମକ ଅଭିଯାନ ଚଳାଇଛନ୍ତି। ସେ ସିଧାସଳଖ ଆୟୋଗ ଓ ବିଜେପି ମଧ୍ୟରେ ଅସାଧୁ ସମ୍ପର୍କ ଅଭିଯୋଗ ଆଣୁଛନ୍ତି। ନିକଟରେ ସେ ଅଭିଯୋଗ କରିଥିଲେ ଯେ, 'ନିର୍ବାଚନ ଆୟୋଗ ମତାଧିକାର ଚୋରି କରୁଛନ୍ତି'। ଆୟୋଗ ମଧ୍ୟ ପାଲଟା ଆକ୍ରମଣ କରି ରାହୁଲଙ୍କୁ ପ୍ରମାଣ ଓ ଲିଖିତ ଅଭିଯୋଗ କରିବାକୁ କହିଛନ୍ତି। ଏଥି ମଧ୍ୟରେ ଆୟୋଗ ଦେଶର ୩୦୦ରୁ ଅଧିକ ଅଣମାନ୍ୟତା ପ୍ରାପ୍ତ ରାଜନୈତିକ ଦଳଙ୍କୁ ଛୁଟି ➪ ପୃଷ୍ଠା-୬

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

# ଗବେଷଣା ମାଧ୍ୟମରେ ଇନୋଭେସନର କଳ୍ପନା ଧର୍ମେନ୍ଦ୍ରଙ୍କ ଆହ୍ୱାନ

- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଶିକ୍ଷାତ୍ମକ ଭବନ -୧ର ଉଦ୍‌ଘାଟିତ
- ଉନ୍ନତି ପାଇଁ ଡବଲ ଇଞ୍ଜିନ ସରକାର ଦେଇଛନ୍ତି ୨୦୦ କୋଟି
- ରୋଜଗାରର ନୂଆ ସୁଯୋଗ ତିଆରି କରିବା ଦରକାର
- ବ୍ରହ୍ମପୁରକୁ ଅର୍ଥନୈତିକ ଓ ଜ୍ଞାନର ପେଣ୍ଠସ୍ଥଳ କରିବା ପାଇଁ ଆହ୍ୱାନ




ବ୍ରହ୍ମପୁର, ୯।୮(ସଂଚାର ବ୍ୟୁରୋ): ୨୦୩୬ ମସିହାରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ୨୦୪୭ରେ ଦେଶ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ। ଏହି ସମୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କେବଳ ଡିଗ୍ରୀ ଓ ସାର୍ଟିଫିକେଟ୍ ଦେବାରେ ସୀମିତ ନରହି ଗବେଷଣା ମାଧ୍ୟମରେ ନବସୃଜନର କଳ୍ପନା କରିବା ଉଚିତ୍ ବୋଲି ଶନିବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୬ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଜି ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଏବଂ ବିଶ୍ୱ ଆଦିବାସୀ ଦିବସ ମଧ୍ୟ। କଳା, ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନର ➪ ପୃଷ୍ଠା-୬

# ୧୪ ପର୍ଯ୍ୟନ୍ତ ଅପରେସନ୍ 'ଗରୁଡ଼'



ଭୁବନେଶ୍ୱର, ୯।୮(ସଂଚାର ବ୍ୟୁରୋ): ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଗତ ଅଗଷ୍ଟ ୧ ତାରିଖରୁ ରାଜ୍ୟର ସମସ୍ତ ଜିଲ୍ଲା ପୁଲିସ ଏସପିଙ୍କ ନେତୃତ୍ୱରେ ଅପେରସନ 'ଗରୁଡ଼' ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନ ଚଳିତ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ସୂଚନା ଦେଇଛନ୍ତି। ଅପରାଧ ଏବଂ ଅପରାଧୀଙ୍କ ଉପରେ ରୋକ ଲଗାଇବାକୁ ଏହି ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଏହି ଅଭିଯାନରେ ମୁଖ୍ୟତଃ ଜାମିନ ବିହୀନ ୱାରେଣ୍ଟକୁ କାର୍ଯ୍ୟକାରୀ କରିବା, ନିଶା ଦ୍ରବ୍ୟ ଚୋରା ଚାଲାଣକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଜବତ ଏବଂ ଅପରାଧୀଙ୍କୁ ଗିରଫ କରିବା, ଜୁଆ ଆଡ୍ଡା ଉପରେ ଚଢ଼ଉ ଏବଂ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଅପରେସନର ପ୍ରଥମ ସପ୍ତାହରେ ସମସ୍ତ ଜିଲ୍ଲାର ଏସପି ଓ ଅନ୍ୟାନ୍ୟ ଅଧିକାରୀ ସାମିଲ ହୋଇ ଅପରାଧ ଏବଂ ଅପରାଧୀଙ୍କୁ ➪ ପୃଷ୍ଠା-୬

# କାନ୍ଥ ଭୁଶୁଡ଼ି ୭ ମୃତ



ନୂଆଦିଲ୍ଲୀ,୯।୮: ଦିଲ୍ଲୀର ଜୈତପୁର ଅଞ୍ଚଳରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । କାନ୍ଥ ଭୁଶୁଡି ପଡିବାରୁ ୭ଜଣଙ୍କର ମୃତ୍ୟୁ ଘଟିଛି । ପ୍ରବଳ ବର୍ଷା ଯୋଗୁଁ ଏପରି ଘଟଣା ଘଟିଥିବା ସୂଚନା ମିଳିଛି । ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଚାଲିଛି । ସ୍ଥାନୀୟ ଏଜେନ୍ସିଙ୍କ ସମେତ ଏନଡିଆରଏଫ ଦଳ ମଧ୍ୟ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ଘଟଣାସ୍ଥଳରେ ନିୟୋଜିତ ହୋଇଛନ୍ତି ।

ସୂଚନାନୁଯାୟୀ, ହରିନଗର ଗାଁର ପଛପଟେ ଥିବା ମୋହନ ବାବା ମନ୍ଦିର ନିକଟସ୍ଥ ଏକ କୁଡିଆ ଘର ଉପରେ କାନ୍ଥ ଭୁଶୁଡି ପଡିଥିଲା । ଶନିବାର ଅର୍ଥାତ୍ ଆଜି ସକାଳ ପ୍ରାୟ ➪ ପୃଷ୍ଠା-୬

# ସବୁ କଲେଜରେ ଖୋଲିବ ସ୍ୱତନ୍ତ୍ର ଶକ୍ତିଶ୍ରୀ ସେଲ୍




ଭୁବନେଶ୍ୱର ୯।୮(ସଂଚାର ବ୍ୟୁରୋ): ସବୁ ବିଶ୍ୱବିଦ୍ୟାଳୟ ସହ ସରକାରୀ ଓ ବେସରକାରୀ କଲେଜରେ ଖୋଲିବ ସ୍ୱତନ୍ତ୍ର ଶକ୍ତିଶ୍ରୀ ଏମପାୱାରମେଣ୍ଟ ସେଲ୍ । ବଛାଯିବ ଶକ୍ତିଶ୍ରୀ ସାଥୀ । ଏ ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସବୁ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ସରକାରୀ ଓ ବେସରକାରୀ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ହୋଇଛି ।

ଶକ୍ତିଶ୍ରୀ ସଶକ୍ତ ସେଲ୍ ବର୍ଷ ତମାମ ସ୍ଥାୟୀ ଭାବେ କାର୍ଯ୍ୟ କରିବ । ମହିଳା ସୁରକ୍ଷିତ କ୍ୟାମ୍ପ୍ ଦେବା ସହ ବର୍ଷ ତମାମ ବିଭିନ୍ନ କର୍ମଶାଳା ଆୟୋଜିତ କରିବ। ପ୍ରତ୍ୟକ ଝିଅଙ୍କୁ ୬ ଦିନିଆ ସେଲ୍ଫ ଡିଫେନ୍ସ ଟ୍ରେନିଂ ଦେବା ପରି ବିଭିନ୍ନ ➪ ପୃଷ୍ଠା-୬

## ରାକ୍ଷୀ ପୂର୍ଣ୍ଣିମାରେ ଅଘଟଣ

# ଭାଇ ହାତରେ ରାକ୍ଷୀ ବାନ୍ଧି ପାରିଲେନି ଭଉଣୀ

## ବାଇକ୍ ଧକ୍କାରେ ଯୁବକ ମୃତ

କଳାହାଣ୍ଡି,୯।୮(ସଂଚାର ବ୍ୟୁରୋ): ପବିତ୍ର ରକ୍ଷାବନ୍ଧନ ଅବସରରେ ଗାଁରୁ ସହର ଯାଏଁ ସବୁଠି ଉତ୍ସାହ ଦେଖାଯାଇଛି। ଭାଇ ଓ ଭଉଣୀଙ୍କ ସଂପର୍କର ଡୋରକୁ ଅଧିକ ଶକ୍ତିଶାଳୀ କରୁଥିବାର ପର୍ବ 'ରକ୍ଷାବନ୍ଧନ'ରେ କଳାହାଣ୍ଡି ଜିଲ୍ଲା ନର୍ଲା ଅଞ୍ଚଳରେ ଏକ ଦୁର୍ଘଟଣା ଘଟିଛି, ଯେଉଁଥିରେ ଭାଇର ମୃତ୍ୟୁ ହୋଇଛି। ଫଳରେ ଅପେକ୍ଷାରତ ଭଉଣୀର ରାଖୀ ବାନ୍ଧିବାର ସ୍ୱପ୍ନ ଅଧୁରା ରହିଯାଇଛି। ସଡ଼କ ଦୁର୍ଘଟଣାରେ ଦୀପକ ରଣା (୨୩)ଙ୍କର ମୃତ୍ୟୁ ଘଟିଛି।

ରୁପ୍ରା ଠାରୁ ଭାୟା ଭଟାଖିମାର ଦେଇ ବାଲିପଡ଼ାକୁ ସଂଯୋଗ କରୁଥିବା ପିଡବ୍ଲୁଡି ରାସ୍ତାର ଭଟାଖିମାର ଛକର ରାସ୍ତା ପାର୍ଶ୍ୱରେ ଥିବା ପମ୍ପ୍ ହାଉସ୍‌ର ଫାଟକ୍ ଗେଟରେ ଆଜି ଅପରାହ୍ନ ସମୟରେ ଦ୍ରୁତଗତିରେ ଯାଉଥିବା ବାଇକ୍ ଧକ୍କା ହୋଇ ଚାଳକ ମୃତ୍ୟୁବରଣ କରିଥିବା ବେଳେ ବାଇକରେ ବସିଥିବା ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ପଲମ ଫାଣ୍ଡି ଅଧିକାରୀ ସୁବୋଧ ଫୁଲ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ।

ସୂଚନା ଅନୁସାରେ ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଥାନା ଅଧୀନ ଖୋଲାନ୍ ଗ୍ରାମର ଦୁଇ ସାଙ୍ଗ ଦୀପକ୍ ରଣା ଓ ମହେଶ ➪ ପୃଷ୍ଠା-୬

# କୋମାରେ ଆମ୍ବୁଲାନ୍ସ ସେବା ; ସ୍ୱାସ୍ଥ୍ୟମନ୍ତ୍ରୀ ବେଫିକର




## ବିଭାଗୀୟ ଅଧିକାରୀଙ୍କ ବିଫଳତା ପାଇଁ ବଦନାମ ହେଉଛନ୍ତି ସରକାର

ଭୁବନେଶ୍ୱର,୯।୮ (ସଂଚାର ବ୍ୟୁରୋ): ରାଜ୍ୟରେ ଏବେ ସ୍ୱାସ୍ଥ୍ୟସେବା ପାଇଁ ସବୁଠୁ ବଡ଼ ଟେନସନ ହୋଇଛି ଆମ୍ବୁଲାନ୍ସ । କୋଉଠି ଆମ୍ବୁଲାନ୍ସ ରାସ୍ତାରେ ରହିଯାଉଛି, ତ କୋଉଠି ନିଆଁ ଲାଗୁଛି । ପୁଣି କୋଉଠି ଅଧା ରାସ୍ତାରେ ରହିଯାଉଛି । ପ୍ରାୟ ସବୁ ଦିନ ଏଭଳି ଘଟଣା ଘଟୁଥିଲେ ବି ସ୍ୱାସ୍ଥ୍ୟମନ୍ତ୍ରୀ ବେଫିକର । ସମସ୍ୟାର ସମାଧାନ ନେଇ ଉଦ୍ୟମ ହେଉନି। ସରକାର ବଦଳିବା ପରେ ୧୦୮ ଆମ୍ବୁଲାନ୍ସର ଷ୍ଟିକର ବଦଳିଲା । ହେଲେ ଏଯାଏଁ ଗାଡି ବଦଳୁନି । ନିୟମ ଅନୁଯାୟୀ ୫ ବର୍ଷ କିମ୍ବା ଅଢେଇ ଲକ୍ଷ କିଲୋମିଟର ଚାଲିଥିବା ଆମ୍ବୁଲାନ୍ସକୁ ଅଫରୋଡ଼ କରିବା କଥା । ବର୍ତ୍ତମାନ ରାଜ୍ୟର ପ୍ରାୟ ୫ ହଜାର ବଡ ଓ ଛୋଟ ଆମ୍ବୁଲାନ୍ସ ଅଫରୋଡ଼ ହେବା ସ୍ଥିତିକୁ ଆସିଗଲେଣି । କିନ୍ତୁ ସେସବୁକୁ ବଦଳା ଯାଉନି। ସବୁଦିନ ଆମ୍ବୁଲାନ୍ସର ବିକଳ ଚିତ୍ର ଦେଖିବାକୁ ମିଳୁଥିଲେ ବି କାହିଁକି ସ୍ୱାସ୍ଥ୍ୟ ବିଭାଗ ରୋଗୀଙ୍କ ସହ ଖେଳୁଛି, ତାହା ବୁଝାପଡୁନି ।

୨୦୨୦ରେ କିଣା ଯାଇଥିବା ଆମ୍ବୁଲାନ୍ସର ଆଉ ଫିଟ୍‌ନେସ ନାହିଁ । କିଏ ତିନି ଲକ୍ଷରୁ ଅଧିକ ଗଡ଼ିଲାଣି ତ କାହାର ଇଞ୍ଜିନ ଜବାବ ଦେଲାଣି । ତା ସତ୍ତ୍ୱେ ବି ସେଥିରେ ରୋଗୀ ବୁହାଯାଉଛନ୍ତି। ଏପରିକି ଦାୟିତ୍ୱ ନେଇଥିବା ଠିକା କମ୍ପାନୀ ଡ୍ରାଇଭରଙ୍କୁ ୮ଘଣ୍ଟା ବଦଳରେ ୧୨ ଘଣ୍ଟା ଖଟାଉଛନ୍ତି । କିନ୍ତୁ ଓଭର ଟାଇମ ଦିଆଯାଉ ନଥିବା ଅଭିଯୋଗ ହେଉଛି ।

ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଭିଜନ-୨୦୩୬ରେ ସମସ୍ତଙ୍କ ପାଖରେ ସାର୍ବଜନୀନ ଉନ୍ନତ ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ ଲକ୍ଷ ରଖିଛନ୍ତି । ଏ ଭିତରେ କିନ୍ତୁ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ବିଭାଗର ବେପରୁଆ ମନୋଭାବ ଯୋଗୁଁ କୋମାକୁ ଗଲାଣି ଆମ୍ବୁଲାନ୍ସ ସେବା । ବିଭାଗୀୟ ଅଧିକାରୀଙ୍କ ଖାମଖିଆଲୀ ମନୋଭାବ ଯୋଗୁଁ ସରକାର ବଦନାମ ହେଉଛନ୍ତି । ସର୍ବୋପରି ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ପ୍ରତି ବିଭାଗ ଏତେ ଦରଦ କାହିଁକି ଦେଖାଉଛି, ତାହାବି ବୁଝାପଡୁନି ।



## କାନ ଡେରିଥା

ରକ୍ତଦାନ ଏଠି ପ୍ରବଳ ଚାଲୁଛି
ରକ୍ତ ପାଉନାହିଁ ରୋଗୀ
ରକ୍ତ ପାଇଁ ରୋଗୀ ଜୀଵନ ହାରୁଛି
ରକ୍ତ ଖାଲି ମାଗି ମାଗି
ରକତ ନଦେଇ ତ୍ୟାଗୀ...
ରକ୍ତଦାନ ନାମେ ଡିଣ୍ଡିମ ପିଟନ୍ତି
ରୋଗୀଟା ତ ହତଭାଗୀ ।

■ ଦେବାଶିଷ

# କ୍ରାନ୍ତିକାରୀଙ୍କୁ ବିଜେଡିର ଇଏ କି ସମ୍ମାନ ?

- କରୋନା ଷ୍ଟାଇଲରେ ଶ୍ରଦ୍ଧାଞ୍ଜଳି
- କିଏ ଘରେ ତ ଆଉ କିଏ ଗାଡ଼ିରେ




ଭୁବନେଶ୍ୱର,୯।୮(ସଂଚାର ବ୍ୟୁରୋ): ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସରେ କ୍ରାନ୍ତିକାରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ବିଜେଡିର ଆଭାସୀ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । କରୋନାର ଚିହ୍ନବର୍ଣ୍ଣ ନଥିବା ବେଳେ କେଉଁ କାରଣ ପାଇଁ ଦଳର ଯୁବ ନେତାମାନେ ଦଳୀୟ କାର୍ଯ୍ୟାଳୟକୁ ଆସିବା ବଦଳରେ ଘରେ ରହି ମୋବାଇଲରେ ମୁହଁ ଦେଖାଇଲେ ତାହାକୁ ନେଇ ଏବେ ଦଳୀୟ କର୍ମୀମାନେ ଆଲୋଚନା କରୁଛନ୍ତି ।

କ୍ରାନ୍ତି ଦିବସ ଅବସରରେ ସମଗ୍ର ରାଜ୍ୟ ସମେତ ରାଜଧାନୀରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା । ବିଶେଷକରି ତିନି ପ୍ରମୁଖ ରାଜନୈତିକ ଦଳ ବିଜେପି, ବିଜେଡି ଓ କଂଗ୍ରେସ ନିଜ ନିଜ ପକ୍ଷରୁ କ୍ରାନ୍ତିକାରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଏହାର ସଚିତ୍ର ଖବର ଗଣମାଧ୍ୟମକୁ ପଠାଇଛନ୍ତି । ବିଜେପି ଓ କଂଗ୍ରେସ କର୍ମୀମାନେ ନିଜ ନିଜ ଦଳୀୟ କାର୍ଯ୍ୟାଳୟରେ ଉପସ୍ଥିତ ରହି ଏହା ପାଳିଛନ୍ତି। ହେଲେ ବଜେଡି ଯେଉଁ ସଚିତ୍ର ଖବର ପଠାଇଛି, ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିବା ସହିତ ଆଲୋଚନା ପାଇଁ ଖୋରାକ ଯୋଗାଇଛି । ବିଜେଡିର ଛାମୁଆ ଯୁବ ନେତାମାନେ ଦଳୀୟ କାର୍ଯ୍ୟାଳକୁ ଆସି କ୍ରାନ୍ତିଦିବସ ପାଳିବା ବଦଳରେ ଆଭାସୀ ମାଧ୍ୟମରେ ଏହାକୁ ପାଳନ କରିଛନ୍ତି । କିଏ କମ୍ପ୍ୟୁଟରରେ ତ ଆଉ କିଏ ମୋବାଇଲରେ ଆଲୋଚନା କରିଛନ୍ତି । କିଏ ଘରେ ତ ଆଉ କିଏ ଗାଡିରେ । ଅଙ୍ଗଭଙ୍ଗୀ ବି ଅନେକ କଥା କହୁଛି ।

ବିଜେଡିର ଏଭଳି କରୋନା ମାର୍କା ଶ୍ରଦ୍ଧାଞ୍ଜଳି ଏବେ ଆଲୋଚନାକୁ ଖୋରାକ ଯୋଗାଇଛି। ଯେଉଁମାନେ ଆଭାସୀରେ ସାମିଲ ହୋଇଛନ୍ତି ସେମାନେ ସମସ୍ତେ ରାଜଧାନୀରେ ଦଳୀୟ କାର୍ଯ୍ୟାଳୟକୁ ଆସିବାରେ କୌଣସି ଅସୁବିଧା ନଥିଲା । କିଛିଦିନ ପୂର୍ବରୁ ଭିନ୍ନ ଭିନ୍ନ ସ୍ଥାନରେ ବୈଠକ କରୁଥିବା ଦଳୀୟ ନେତାମାନେ ଶଙ୍ଖଭବନକୁ ଆସି ବୈଠକ କରିବାକୁ ଖୋଦ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ କହିଥିଲେ। ଏହା ପରେ କ୍ରାନ୍ତିଦିବସ ଭଳି କାର୍ଯ୍ୟକ୍ରମରେ କାହିଁକି ଆଭାସୀ ବୈଠକ ଡକାଗଲା ତାହାକୁ ନେଇ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି।

ଦଳର କିଛି କର୍ମୀ ଆଲୋଚନା କରୁଛନ୍ତି ଯେ, ଖୁବ୍‌ଶୀଘ୍ର ଦଳର ଛାତ୍ର, ଯୁବ, ମହିଳା ସଂଗଠନରେ ପୁର୍ନଗଠନ ହେବାକୁ ଯାଉଥିବାରରୁ ଏହାକୁ ନେଇ ଦଳ ଭିତରେ ଛକାପଞ୍ଝା ଚାଲିଛି । ଏଥି ସହିତ ଉପରାଷ୍ଟ୍ରପତି ନିର୍ବାଚନରେ ଦଳର ଆଭିମୁଖ୍ୟକୁ ନେଇ ବୟାନବାଜି ➪ ପୃଷ୍ଠା-୬



## ଶ୍ରୀ ବଳଦେବଜୀଉଙ୍କ ଜନ୍ମୋତ୍ସବ ଓ ରାକ୍ଷୀପୂର୍ଣ୍ଣିମା

**କେନ୍ଦ୍ରାପଡ଼ା,୯।୮(ସଂଚାର ବ୍ୟୁରୋ):** ଆଜି ମହାସମାରୋହରେ କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ଏଥିସହିତ ଲକ୍ଷେ ତୁଳସୀରେ ସଜେଇ ହୋଇଛନ୍ତି ମହାପ୍ରଭୁ ଶ୍ରୀବଳଦେବଜୀଉ। ଶ୍ରୀଜୀଉଙ୍କ ଜନ୍ମ ଉତ୍ସବ ଓ ରକ୍ଷାବନ୍ଧନ ନୀତି ପାଳନ ଅବସରରେ ବହୁ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ଆଜି ପ୍ରତ୍ୟୁଷରୁ ଦ୍ୱାର ଉନ୍ମୁକ୍ତ କରାଯାଇ ପ୍ରଥମେ ଜୟ ମଙ୍ଗଳା ଆଳତି ହୋଇଥିଲା। ପରେ ନୀତି ସ୍ନାନବଲ୍ଲଭ, ସକାଳଧୂପ ନଅଟା ବେଳକୁ ସମ୍ପନ୍ନ କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କ ରାଜାଧୀରାଜ ବେଶ ଅନୁଷ୍ଠିତ ହୋଇଥିଲା । ବେଶ ସମ୍ପନ୍ନ ପରେ ଜନ୍ମ ଅଭିଷେକ, ଗମା ଅଭିଷେକ ଓ ମଙ୍ଗଳାର୍ପଣ କରାଯାଇ ଖିରି, ପିଠା ଓ ପେଡା ଭୋଗ କରାଯାଇଥିଲା । ପରେ ଶ୍ରୀଜୀଉଙ୍କୁ ସୁସଜ୍ଜିତ କରାଯାଇ ଚନ୍ଦନ ଅଗୁରୁ ମିଶ୍ରିତ ଲକ୍ଷେ ତୁଳସୀ ଭକ୍ତ ସମାଜଙ୍କ କଲ୍ୟାଣ ନିମନ୍ତେ ପୂଜାପଣ୍ଡାଙ୍କ ଦ୍ୱାରା ପ୍ରଭୁଙ୍କ ଶ୍ରୀ ଚରଣରେ ସମର୍ପିତ କରାଯାଇଥିଲା। ବାଇଶି ପାହାଚ ତଳେ ସେବାୟତଙ୍କ ଦ୍ୱାରା ବିଶ୍ୱ କଲ୍ୟାଣ ନିମନ୍ତେ ଯଜ୍ଞ ପାଠ କରାଯାଇଥିଲା। ପ୍ରସାଦ ସେବନ ଓ ଖିରି ପିଠା ଭକ୍ତ ଙ୍କୁ ବଣ୍ଟନ କରାଯାଇଥିଲା। ପବିତ୍ର ରକ୍ଷା ବନ୍ଧନ ଥିବାରୁ ପୁରୀରୁ ଆସି ଭଣ୍ଡାର ଗୃହରେ ଥିବା ପାଟରାକ୍ଷୀ ସୁଭଦ୍ରା ପଣ୍ଡାଙ୍କ ଦ୍ୱାରା ଶ୍ରୀବଳଦେବଜୀଉ ଓ ଜଗନ୍ନାଥଙ୍କୁ ପିନ୍ଧା ଯାଇଥିଲା ।

### 'ସଂଚାର' ପ୍ରଭାବ, ଡ୍ରେନେଜ୍ ବିଭାଗ ନିଦ ଭାଙ୍ଗିଲା

# ସଫା ହେଲା ନୟନଯୋରି



**ଡେରାବିଶ,୯।୮(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ସଲାରୋମଠ ଠାରୁ ଖମୋଳ ପାଟନାଳି ପର୍ଯ୍ୟନ୍ତ ଜାତୀୟ ରାଜପଥ କଡ଼ରେ ଥିବା ନୟନଯୋରି ଦ୍ୱାରା ଚାଷଜମିରୁ ଉଦବୃତ୍ତ ଜଳ ନିଷ୍କାସିତ ହୋଇଥାଏ। ବ୍ଲକ ଅଧୀନସ୍ଥ ଚାନ୍ଦୋଳ, ମୁକୁନ୍ଦପୁର, ଦାନପୁର, ରତାଦିଆ ଖଣ୍ଡସାହି ଓ ଖମୋଳ ପଞ୍ଚାୟତର ଶହ ଶହ ଏକର ଚାଷଜମିରୁ ଜଳନିଷ୍କାସନର ଏହା ଏକମାତ୍ର ମାଧ୍ୟମ । ମାତ୍ର ରାଜପଥ କଡ଼ରେ ଥିବା ଏହି ନୟନଯୋରି ଉପରେ ଜଳନିକାସି ବିଭାଗର ଅବହେଳା ଯୋଗୁଁ ତାହା ସମ୍ପୂର୍ଣ୍ଣ ପୋତି ହୋଇପଡ଼ିଥିଲା। ଏପରିକି ଖରି ଓ ଅନାବନା ଘାସ ମାଡ଼ି ଯାଇ ତାହା ଜଙ୍ଗଲର ଭ୍ରମ ସୃଷ୍ଟି କରୁଥିଲା। ଫଳରେ ଜଳନିଷ୍କାସନ ହେବା ତ ଦୂରର କଥା, ଏଠାରେ ବିଷାକ୍ତ ସରିସୃପଙ୍କ ଆଡ୍ଡାସ୍ଥଳୀ ଯୋଗୁଁ ଅନେକ ସମୟରେ ଚାଷୀ ମୃତ୍ୟୁମୁଖରେ ପଡୁଥିଲେ। ଚଳିତ ଲଗାଣ ବର୍ଷାରେ ଚାଷଜମିରୁ ଜଳ ନିଷ୍କାସନ ହୋଇ ନପାରି ଶହଶହ ଏକର ଚାଷଜମିରେ ପାଣି ଜମି ରହିବା ସହ ଜମି ପଡ଼ିଆ

**୪ ପଞ୍ଚାୟତର ଚାଷୀ ଆଶ୍ୱସ୍ତ**

ରହିବା ଆଶଙ୍କା ଦେଖା ଦେଇଥିଲା। ଏ ସମ୍ପର୍କରେ ଅଗଷ୍ଟ ୬ରେ 'ସଂଚାର'ରେ ତଥ୍ୟ ଭିତ୍ତିକ ଖବର ପ୍ରକାଶନ ପରେ ଜଳନିକାସି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ବିଭାଗ ପକ୍ଷରୁ ଜେସିବି ମେସିନ ଦ୍ୱାରା ଉକ୍ତ ନୟନଜୋରି ସଫା କରାଯିବା ଫଳରେ ଚାଷଜମିରୁ ଜମି ରହିଥିବା ପାଣି ନିଷ୍କାସନ ହେବାରେ ଲାଗିଛି। ଏଥିପାଇଁ ଚାଷୀମାନେ ଆଶ୍ୱସ୍ତି ଲାଭ କରିଛନ୍ତି ।



## ପରକୁଳାରେ ଗହ୍ମା ଉତ୍ସବ ପାଳନ

**ମାର୍ଶାଘାଇ,୯।୮(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅଧୀନ ପରକୁଳା ପଂଚାୟତର ପରକୁଳା ଗ୍ରାମରେ ଚାଷୀ ଭାଇ ମାନଙ୍କ ତରଫରୁ ବଡ଼ ଧୁମଧାମର ସହିତ ତୃତୀୟ ବାର୍ଷିକ ଗହ୍ମା ଉତ୍ସବ ଆଜି ପାଳନ ହୋଇଛି ଗ୍ରାମର ବାବା ଅଭିରାମ ପରମହଂସ ଦେବ ମଠରେ। କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଭଦ୍ର ଦେବଙ୍କ ମୂର୍ତ୍ତି ସହ ହୋମ ଯଜ୍ଞ ଇତ୍ୟାଦି ହେବା ସହ ଗ୍ରାମବାସୀ ମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଯଜ୍ଞରେ ପ୍ରତାପ ବେହେରା କର୍ତ୍ତା ହୋଇଥିଲେ। ଆୟୋଜକ ମାନଙ୍କ ମଧ୍ୟରେ ରଞ୍ଜିତ ମହାପାତ୍ର, କୈଳାସ ବେହେରା, ଯୋଗେନ୍ଦ୍ର ବେହେରା, ରାଜକିଶୋର ବେହେରା (ଅବସର ପ୍ରାପ୍ତ ଶିକ୍ଷକ), ରମେଶ ଦାସ ଓ ଗୋଲେଖ ବେହେରା, ପିଙ୍କୁନ ଖଟୁଆ, ମନୋଜ ବେହେରା ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ଏମ୍ସରେ ଚିକିତ୍ସାଧୀନ ନର୍ସିଂ ଛାତ୍ରୀଙ୍କ ମୃତ୍ୟୁ

● ଲୋକଲଜ୍ଜା ଭୟରେ ପିଇଥିଲେ ବିଷ

**ରାଇଘର,୯।୮(ସଂଚାର ବ୍ୟୁରୋ):** ଏକତରଫା ପ୍ରେମର ଶିକାର ହୋଇ ବିଷପାନ କରି ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବା ନର୍ସିଂ ଛାତ୍ରୀଙ୍କର ଆଜି ମୃତ୍ୟୁ ଘଟିଛି। ନବରଙ୍ଗପୁର ଜିଲ୍ଲା ରାଇଘର ଥାନାଅଞ୍ଚଳର ଏହି ଛାତ୍ରୀଙ୍କ ମୃତ୍ୟୁ ନେଇ ଆଜି ସନ୍ଧ୍ୟାରେ ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତାକାଲି ତାଙ୍କ ମୃତଦେହର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ଦିଆଯାଇଛି।



ଉକ୍ତ ଛାତ୍ରୀଙ୍କୁ ସ୍ଥାନୀୟ ଅଞ୍ଚଳର ସତ୍ୟଜିତ୍ ସରକାର ନାମକ ଯୁବକ ଏକତରଫା ପ୍ରେମ କରୁଥିବା ବେଳେ ଗତ ୧୩ ତାରିଖରେ ତାଙ୍କୁ ରାସ୍ତାରେ ମାଡ଼ ମାରିଥିଲା। ସତ୍ୟଜିତ୍ ମାଡ଼ରେ ପୀଡ଼ିତାଙ୍କ ଆଖି ଓ ମୁହଁ ଫୁଲିଯାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ ହେଁ ପୁଲିସ୍ ଅଭିଯୁକ୍ତଙ୍କୁ ଅଟକ ରଖିଥିଲେ ହେଁ ପରେ ଛାଡ଼ି ଦେଇଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ସତ୍ୟଜିତ୍ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କ କେତେକ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲା। ଫଳରେ ନର୍ସିଂ ଛାତ୍ରୀ ଜଣଙ୍କ ଲୋକଲଜ୍ଜା ଭୟରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଉମରକୋଟ ଓ ପରବର୍ତ୍ତୀ ସମୟରେ କୋଣ୍ଡାଗାଁ ଓ ରାୟପୁର ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରୁ ଡାକ୍ତର ଫେରାଇଦେବାରୁ ଛାତ୍ରୀ ଜଣଙ୍କ ଘରକୁ ଫେରିଆସିଥିଲେ। କିଛିଦିନ ପରେ ଏନେଇ ପୀଡ଼ିତାଙ୍କ ଦାଦା ଅଭିଯୋଗ କରିବା ପରେ ପ୍ରଶାସନ ପକ୍ଷରୁ ତାଙ୍କର ଚିକିତ୍ସା ସୁବିଧା କରାଯାଇଥିଲା। ତାଙ୍କୁ ପ୍ରଥମେ ଉମରକୋଟ ଓ ପରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଶେଷରେ ତାଙ୍କୁ ଗତ ମାସ ଶେଷ ଭାଗରେ ଏମ୍ସକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଥଇଲା। କିନ୍ତୁ ଆଜି ଡାକ୍ତରମାନଙ୍କ ସମସ୍ତ ଉଦ୍ୟମ ବ୍ୟର୍ଥ ହୋଇଛି। ଏହି ମାମଲାରେ ପୁଲିସ୍ ୨ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

**ଯୁକ୍ତ ତିନି ଛାତ୍ରୀଙ୍କ ଆତ୍ମାହୁତି ଘଟଣା**

## ପୁଣି ଘଟଣାସ୍ଥଳରେ ପହଞ୍ଚିଲେ ଏସ୍‌ପି

● ବାପା ଓ ଭାଇ ଥାନାରେ ଅଟକ



**ପଟ୍ଟାମୁଣ୍ଡାଇ,୯।୮(ସଂଚାର ବ୍ୟୁରୋ):** ୪ ଦିନ ତଳେ ବଡ଼ପଡା ପଞ୍ଚାୟତ କାଠିଆପଡାର ୨୦ ବର୍ଷୀୟା ଯୁକ୍ତ ତିନି ଛାତ୍ରୀ ଆତ୍ମାହୁତି ଦେଇଥିବା ଘଟଣା ଉପରୁ ଅଦ୍ୟାବଧି ପରଦା ଉଠିନଥିବା ବେଳେ ଆଜି ପୁଣିଥରେ ଏସପି ସିଦ୍ଧାର୍ଥ କଟାରିୟା ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଛନ୍ତି। କଲେଜ ଛାତ୍ରୀ ଆତ୍ମାହୂତି ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିବା ସହିତ ଦୀର୍ଘ ୪ ଦିନ ଧରି ସ୍ଥାନୀୟ ଅଂଚଳବାସୀଙ୍କ ସହିତ ରାଜ୍ୟବାସୀଙ୍କୁ ଆଚ୍ଛାଦିତ କରିଛି । ପୀଡ଼ିତାଙ୍କ ଘରର ସିଡ଼ି ଘର, ନିକଟସ୍ଥ ରୋଷେଇ ଘର, ଛାତ ଉପର ଗ୍ରିଲ ଓ ସର୍ବୋପରି ଛାତ୍ରୀଙ୍କ ମୃତଦେହ ମିଳିଥିବା ଘରର ମୁଖ୍ୟ କବାଟକୁ ପୁଲିସ୍ ତନ୍ନ ତନ୍ନ କରି ପରୀକ୍ଷା କରୁଛି। ଘଟଣା ଦିନ ଛାତ୍ରୀଙ୍କ ବାପା-ମା' ଶାବଳରେ ତାଡ଼ି ଘର ଭିତରେ ପଶିଥିବା କହିଥିଲେ ମଧ୍ୟ କବାଟରେ ଲାଗିଥିବା ଡମଣୀ ଓ ଲକର ଅକ୍ଷତ ରହିଥିବାରୁବାପା-ମା'ଙ୍କ ବୟାନକୁ ନେଇ ସନ୍ଦେହ ଉପୁଜିଛି। ଏହାଛଡ଼ା ଛାତ୍ରୀଙ୍କ ମୃତଦେହ ମିଳିଥିବା ସ୍ଥାନଟି ପରିଷ୍କାର ରହିଥିବାରୁ ଏହା ମଧ୍ୟ ସନ୍ଦେହ ବଢ଼ାଇଛି।

ସେହିପରି ପୀଡ଼ିତାଙ୍କ ବାପା ଶଶିକାନ୍ତ ପରିଡ଼ା ବାରମ୍ବାର ବୟାନ ବଦଳାଉଥିବାରୁ ତାଙ୍କୁ ପୁନର୍ବାର ଏତଲା ଦେବାକୁ ପୁଲିସ୍ ନିର୍ଦ୍ଦେଶ ଦେଇଛି। ତଦନ୍ତ ପ୍ରକ୍ରିୟାକୁ ଚୂଡାନ୍ତ ରୂପ ଦେବା ପାଇଁ ଆଜି ସନ୍ଧ୍ୟାରେ ପୁଲିସ ଶଶିକାନ୍ତ ଓ ଭାଇକୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଟକ ରଖିଛି। ତେବେ ତଦନ୍ତ ସମୟରେ ଖୁବ୍‌ଶୀଘ୍ର ମାମଲାର ପର୍ଦ୍ଦାଫାସ୍ ହେବ ବୋଲି ଏସ୍‌ପି କହିଛନ୍ତି। ଯଦିଓ ପୋଷ୍ଟମଟମ ରିପୋର୍ଟରୁ ଛାତ୍ରୀ ମୃତ୍ୟୁର ରହସ୍ୟ ଫିଟିବ ବୋଲି ଏସ ପି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ କେବେ ଏହି ରହସ୍ୟ ଉପରୁ ପରଦା ହଟୁଛି, ତାକୁ ସ୍ଥାନୀୟ ଲୋକେ ଅପେକ୍ଷା କରିଛନ୍ତି।

## ହରଘର ତ୍ରିରଙ୍ଗା ଓ ସ୍ୱଚ୍ଛ ଭାରତ ପ୍ରସ୍ତୁତି ବୈଠକ



**ସାଲେପୁର,୯।୮(ସଂଚାର ବ୍ୟୁରୋ):** ସାଲେପୁର ଗତ ଶୁକ୍ରବାର ଦିନ ସାଲେପୁର ନିର୍ବାଚନ ମଣ୍ଡଳୀର, ବହୁଗ୍ରାମ ମଣ୍ଡଳ ର ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରାଙ୍ଗଣ ପୂର୍ବକଛ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ବିଜେପି ର ବରିଷ୍ଠ ନେତା ବିବେକାନନ୍ଦ ଜେନା, ସଂଗ୍ରାମ ସ୍ୱାଇଁ, ରାମ ନାରାୟଣ ପଣ୍ଡା, ମଣ୍ଡଳ ସଭାପତି ହେମନ୍ତ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ଦେବୀପ୍ରସାଦ ଦାଶ, ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ଉପସଭାପତି, ସମ୍ପାଦକ, ପଞ୍ଚାୟତ ସଭାପତି, ବୁଥ ସଭାପତି ଏବଂ ଅନକେ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।
ଏହି ବୈଠକ ରେ ତ୍ରିରଙ୍ଗା ଯାତ୍ରା, ହରଘର ତ୍ରିରଙ୍ଗା, ୧୫ ଅଗଷ୍ଟ ବିଭାଜନ ଓ ବିଭୀଷିକା ସ୍ମୃତି ଦିବସ, ସ୍ୱଚ୍ଛ ଭାରତ ଅଭିଯାନ, ଆଦି କାର୍ଯ୍ୟ ଗୁଡିକ ଉପରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସମସ୍ତ ନେତୃତ୍ୱ ମଣ୍ଡଳୀ ସଫଳତାର ସହ କାର୍ଯ୍ୟ ରେ ଭାଗିଦାର ହେବାକୁ ଆହ୍ୱାନ ଦେଇଥିଲେ ।

### କାଠିଆପଡ଼ା ଛାତ୍ରୀ ଆତ୍ମାହୁତି ମାମଲା

# ପୀଡ଼ିତାଙ୍କ ପରିବାରକୁ ଭେଟିଲେ ସାଂସଦ ବୈଜୟନ୍ତ

**ପଟ୍ଟାମୁଣ୍ଡାଇ,୯।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ପଂଚାୟତ କାଠିଆପଡା ଗ୍ରାମର କଲେଜ ଛାତ୍ରୀ ଆତ୍ମାହୂତି ଘଟଣାରେ ରାଜ୍ୟ ରାଜନୀତି ତେଜିଛି । ଏହି ଘଟଣାର ପ୍ରତ୍ୟକ୍ଷ ଅନୁସନ୍ଧାନ ପାଇଁ ବିଜେଡି ଓ କଂଗ୍ରେସ ଦଳର ରାଜ୍ୟ ଟିମ ଓ ବିଜେପି ଏବଂ କମ୍ୟୁନିଷ୍ଟ ପାର୍ଟିର ଆଞ୍ଚଳିକ ଟିମ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ପରେ ମୃତା ଛାତ୍ରୀ ପରିବାରକୁ ଭେଟିବା ସହିତ କେନ୍ଦ୍ରାପଡ଼ା ଏସ ପି ଙ୍କୁ ଭେଟି ଉପଯୁକ୍ତ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ ।

ଆଜି କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା କାଠିଆପଡା ଗ୍ରାମକୁ ଯାଇ ମୃତା ଛାତ୍ରୀ ପି ଡି ସଂଗୀତାଙ୍କ ପରିବାରକୁ ଭେଟି ପିତା ଶଶିକାନ୍ତ ପରିଡା ଓ ମାତାଙ୍କୁ ସମବେଦନା ଜ୍ଞାପନ କରିବା ସହିତ ଆଶ୍ୱାସନା ଦେଇଥିଲେ। ଏହା ପରେ ସାଂସଦ ଶ୍ରୀପଣ୍ଡା ଘଟଣାସ୍ଥଳରେ ଉପସ୍ଥିତ କେନ୍ଦ୍ରାପଡ଼ା ଏସପି, ସ୍ଥାନୀୟ ଗ୍ରାମବାସୀ ଓ ବରିଷ୍ଠ ନେତୃମଣ୍ଡଳୀଙ୍କ ସହିତ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ମାମଲାର ଉପଯୁକ୍ତ



ତଦନ୍ତ କରି ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାଂସଦ ଶ୍ରୀ ପଣ୍ଡା ଗଣମାଧ୍ୟମରେ ବୟାନ ଦେଇଥିଲେ ।

ସାଂସଦଙ୍କ ସହିତ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଦୁର୍ଯ୍ୟୋଧନ ସାହୁ, ରାଜନଗର ବିଜେପି ପ୍ରାର୍ଥୀ ଲଳିତ ବେହେରା, ଆଳି ବିଜେପି ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା, ପାଟକୁରା ବିଜେପି ପ୍ରାର୍ଥୀ ତେଜେଶ୍ୱର ପରିଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକାର ବେହେରା,ସଞ୍ଜୟ ରଥ ବରିଷ୍ଠ ନେତା ପ୍ରତାପ ଦାସ (ହାଲୁ) ସଂଖ୍ୟାଲଘୁ ସଂଗଠକ ଏସ କେ ସଲିମ, ଆଡ଼ଭୋକେଟ ଭାରତ ଭୂଷଣ ଦାସଙ୍କ ସମତେ ବହୁ ବିଜେପି ନେତା ଓ କର୍ମକର୍ତ୍ତା ସାମିଲ ହୋଇ ମୃତା ଛାତ୍ରୀ ପରିବାରକୁ ଭେଟିବା ସହିତ ଏହି ମାମଲାର ଉପଯୁକ୍ତ ତଦନ୍ତ ଦାବି କରିଥିଲେ ।

### ବିଡ଼ିଓଙ୍କ ନାମରେ ଜିଲ୍ଲାପାଳଙ୍କୁ ଫେରାଦ ହେଲା ମହିଳା ମହାସଙ୍ଘ

# ସିଆରପିଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ

**କେନ୍ଦ୍ରାପଡ଼ା,୯।୮(ସଂଚାର ବ୍ୟୁରୋ):** ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଜଣେ ସିଆରପିଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଆଜି ମହିଳା ମହାସଂଘର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ଲିଖିତ ଅଭିଯୋଗ ଅନୁଯାୟୀ ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତର ଶିରିଡ଼ି ସାଇ ମହିଳା ମହାସଂଘ ଅଧୀନରେ ଥିବା ସୋବଳା ଗ୍ରାମର ଗୋଷ୍ଠୀ ସହାୟିକା ସୁଜାତା ମହାନ୍ତି ବିନା ଅଧିବେଶନରେ ଦସ୍ତଖତ କରାଇବା ଓ ଲକ୍ଷପତି ଦିଦି ନାଁ ରେ ଅର୍ଥ ଆଦାୟ ଘଟଣା ମହାକାଳପଡ଼ା ବିଡ଼ିଓଙ୍କୁ ସେହି ଗ୍ରାମର କିଛି ଯୁବକ ବ୍ୟକ୍ତିଗତ ଶତ୍ରୁତା ରଖି ମିଥ୍ୟା ଅଭିଯୋଗ କରିଥିଲେ। ଯାହାର ତଦନ୍ତ କରିଥିଲେ ବିପିଏମ ଓ ବିଏଲସି। ତଦନ୍ତରେ ଅଭିଯୋଗର ସତ୍ୟତା ନଥିବା ଜଣାପଡିବା ସତ୍ତ୍ୱେ ବିଡ଼ିଓ ଜିପିଏଲଏଫର ଏମବିକେ, ସଭାନେତ୍ରୀ ଓ ପରେ ସିଆରପିଙ୍କୁ ଜିଏଲଏଫର ଖାତା ପତ୍ର ଯାଞ୍ଚ୍ ପାଇଁ ଡକାଇଥିଲେ। ୬ ଅଗଷ୍ଟ ଦିନ ସୁଜାତା ଖାତା ପତ୍ର ନେଇ ବ୍ଲକ୍ ଅଫିସ୍ ଯାଇଥିବା ବେଳେ ବିଡ଼ିଓ ତାଙ୍କ କାର୍ଯ୍ୟାଳୟରେ ବ୍ଲକ୍ ଅଧକ୍ଷାଙ୍କ ସ୍ୱାମୀଙ୍କ ଉପସ୍ଥିତିରେ ଲାଇଟ୍ ବନ୍ଦ କରିବା ସହିତ ସିଆରପି ଚାକିରି କରି ଏତେ କମ୍ ଦରମାରେ ଦାମି ଶାଢ଼ୀ, ଗହଣା କିପରି ପିନ୍ଧୁଛ, ମୁଁ ତୁମକୁ ଏକା ଆସିବାକୁ କହିଥିଲି ତୁମେ କାହିଁକି ସେମାନଙ୍କୁ ଡାକିଛ, ତୁମ ସ୍ୱାମୀ କାହିଁକି କୁକୁଡ଼ା ଫାର୍ମ କରିଛନ୍ତି ଏବଂ ତୁମ ଘରେ କାହିଁକି ଅଧିକ ଗ୍ୟାସ ସିଲିଣ୍ଡର ରହିଛି ବୋଲି ପ୍ରଶ୍ନ ପଚାରିବା ସହିତ ରେଜୁଲେସନ ଲେଖିବା ପାଇଁ କହି ଚିରିବା ସହ ସେ ସିଆରପି ପାଇଁ ଅଯୋଗ୍ୟ ବୋଲି କହିଥିବା କର୍ମକର୍ତ୍ତାମାନେ ଉଲ୍ଲେଖ କରିଛନ୍ତି।

କେବଳ ସେତିକି ନୁହେଁ ସିଆରପି ନେଇଥିବା ଖାତା ପତ୍ରକୁ ସେ କାର୍ଯ୍ୟାଳୟରେ ରଖିଛନ୍ତି। ଜିଲ୍ଲାପାଳ ଘଟଣାର ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଦାବି କରିବା ସହ ଯଦି ସୁଜାତାଙ୍କ ର କିଛି କ୍ଷତି ହୁଏ ତେବେ ମହାକାଳପଡ଼ା ବିଡ଼ିଓ ହିଁ ଦାୟୀ ରହିବେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

## ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ



**କେନ୍ଦ୍ରାପଡ଼ା,୯।୮(ସଂଚାର ବ୍ୟୁରୋ):** ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ସହାୟତା ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କ ଆର୍ଥିକ ଉନ୍ନତି ସହିତ ବିକାଶ ପ୍ରକ୍ରିୟାରେ ସେମାନଙ୍କ ଭାଗିଦାରୀ ବୃଦ୍ଧି ଉପରେ ବର୍ତ୍ତମାନ ସରକାର ଗୁରୁତ୍ୱ ଦେଉଛି । ଏହା ସହିତ ଅର୍ଥ ଅଭାବରୁ ଯେଉଁ ମାମାନେ ନିଜ ସ୍ୱପ୍ନକୁ ଛାଡିବାକୁ ବାଧ ହେଉଛନ୍ତି,ସେମାନଙ୍କ ପାଇଁ ଆଶାର କିରଣ ସାଜିଛି ସୁଭଦ୍ରା । ସେହି ସମସ୍ତ ମହିଳାଙ୍କୁ ସଶକ୍ତ କରି ଆତ୍ମନିର୍ଭର କରିବା ଆମ ସରକାରର ଲକ୍ଷ । କୋରାପୁଟ ଜିଲ୍ଲାର ଜୟପୁର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସୁଭଦ୍ରାର ତୃତୀୟ କିସ୍ତିରେ ୧ କୋଟି ହିତାଧିକାରୀଙ୍କ ବ୍ୟାଙ୍କଖାତାକୁ ୫ ହଜାର ଟଙ୍କା ପ୍ରଦାନ କରିଛନ୍ତି । ଏହି ଅବସରରେ ଜିଲ୍ଲା ସଂସ୍କୃତି ଭବନଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଟ ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଡିପିସି ମିଶନଶକ୍ତି ଆରତୀ ସାହୁ ସମେତ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ମମତା ଏବଂ ପିଏମଏମଭ୍ୱାଭି ର ସଂଯୋଜକ ମନୋରଞ୍ଜନ ଦାସ ସହାୟତା କରିଥିଲେ । କାର୍ଯ୍ୟକ୍ରମ ଅବସରରେ ମହିଳା ମା ମାନେ ଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କୁ ରାଖୀ ବାନ୍ଧି ଥିଲେ । ପରେ ସୁଭଦ୍ରା କାର୍ଯ୍ୟକ୍ରମ ପାଇଁ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ ।

### ସୀମା ସୁରକ୍ଷା ବହିନୀଙ୍କ ଘରୁ ଚୋରି ହେବାକୁ ବସିଲାଣି ବର୍ଷେ

# ଚୋର ଧରିବାରେ ବିଫଳ ପୁଲିସ

**ରାଜକନିକା,୯।୮(ସଂଚାର ବ୍ୟୁରୋ):** ରାଜକନିକା ଥାନା ଅଧୀନ ନମତରା ଗ୍ରାମର ସୀମା ସୁରକ୍ଷାବାହିନୀ ଙ୍କ ଘରୁ ଚୋରି ଘଟଣା ହେବାକୁ ବସିଲାଣି ବର୍ଷେ । କିନ୍ତୁ ପୋଲିସ ଚୋରକୁ ଧରିବାରେ ତତ୍ପରତା ଦେଖାଇ ନଥିବା ଅଭିଯୋଗ ହୋଇଛି। ଦିନ ଦୁଇ ପହରରେ କଳା କନା ବୁଲାଇଲେ ଚୋର। ଘର କେହି ନ ଥିବା ସୁଜଗ ନେଇ ଗେଟ ତାଲା ଭାଙ୍ଗି ଲୁଟିଥିଲେ କୋଡ଼ିଏ ଲକ୍ଷ ର ଅଳଙ୍କାର ସହ ନଗଦ ତିନି ଲକ୍ଷ ଟଙ୍କା । ଯାହା ସେତେ ବେଳେ ଚୋରି ହେବା ସମଗ୍ର ଅଞ୍ଚଳ ରେ ଆଲୋଡନ ସୃଷ୍ଟି କରିଥିଲା। ଏ ନେଇ ସେତେବେଳେ ସୀମା ସୁରକ୍ଷା ବାହିନୀଙ୍କ ଧର୍ମ ପତ୍ନୀ ଅନ୍ନପୂର୍ଣ୍ଣା ଜେନା କଣ୍ଡିଆ ଫାଣ୍ଡି ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଥିଲା କିନ୍ତୁ ଆଜି ପର୍ଯ୍ୟନ୍ତ ଶେଷ ହୋଇ ନାହିଁ।ବାରମ୍ବାର ଥାନାରୁ ଫାଣ୍ଡି କୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ନିଜେ ସୀମା ସୁରକ୍ଷା ବାହିନୀ ପ୍ରଦୀପ ଜେନା ଏ ବାବଦରେ କେନ୍ଦ୍ରାପଡ଼ା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ସବୁ କଥା ଅବଗତ କରାଇଥିଲେ ମଧ୍ୟ ଆଜି ଯାଏ ଚୋରକୁ ଧରିବାରେ ପୋଲିସ ବିଫଳ ହୋଇଛି। ଅନ୍ୟ ପଟେ ସୀମା ସୁରକ୍ଷା ବାହିନୀ ପ୍ରଦୀପ ଜେନା କହିଛନ୍ତି ଯଦି ପୋଲିସ କିଛି ଦିନ ମଧ୍ୟରେ ଚୋରଙ୍କୁ ଧରିବାରେ ସକ୍ଷମ ନହୁଏ । ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ରେ ଅଭିଯୋଗ କରିବେ ବୋଲି କହିଛନ୍ତି।

## ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା



**ସାଲେପୁର,୯।୮(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଅନ୍ତର୍ଗତ କାଶୀପୁର ଗ୍ରାମର ସ୍ୱର୍ଗର ରବୀନ୍ଦ୍ର ନାଥ କରଙ୍କ ପୁତ୍ର ଅମୃତ କର ଗତ କିଛି ଦିନ ଚିତ୍ରୋତ୍ପଳା ନଦୀରୁ ସାଙ୍ଗ ମାନଙ୍କ ସହ ମାନସିକ ପାଣି ଭାର ନେବାପାଇଁ ନଦୀ ଭିତରକୁ ଯାଇଥିବା ବେଳେ ନଦୀରେ ବୁଡି ମୃତ୍ୟୁବରଣ କରିଥିଲେ। ଏହି ଖବର ପାଇବା ପରେ କେନ୍ଦ୍ରାପଡ଼ାର ଲୋକପ୍ରିୟ ସାଂସଦ ଦୁଃଖ ପ୍ରକାଶ କରିବା ସହିତ ତାଙ୍କ ପ୍ରତିନିଧି ମଣ୍ଡଳୀଙ୍କୁ ପଠାଇ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ ।

## ଲକ୍ଷାଧିକ ଟଙ୍କାର ଔଷଧ ପୋଡ଼ିଦେଲେ

**ଡେରାବିଶ,୯।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନିରାମୟରେ ଅନେକ ସମୟରେ ସବୁ ମେଡ଼ିସିନ ରୋଗୀ ପାଇବାରୁ ବଞ୍ଚିତ ହେଉଥିବା ବେଳେ ଅନେକ ସମୟରେ ମେଡ଼ିସିନ ଗଚ୍ଛିତ ନ ଥାଏ । ଏପରି ଅଭିଯୋଗ ପୂର୍ବରୁ ଅନେକ ଥର ରୋଗୀଙ୍କ ମୁହଁରୁ ଶୁଣିବାକୁ ମିଳିଛି । ଏ ବିଷୟରେ ପୂର୍ବରୁ ବହୁବାର ରୋଗୀ ମାନେ ମେଡିକାଲ ଅଫିସର ଙ୍କୁ ଜଣାଇଛନ୍ତି। ତଥାପି ଏପରି ଅବବେସ୍ଥା ଭିତରେ ଲକ୍ଷ ଲକ୍ଷ ଟଙ୍କାର ମେଡ଼ିସିନ ପୋଡ଼ାହେବା ଘଟଣା କେନ୍ଦ୍ରାପଡ଼ା ସ୍ୱାସ୍ଥ୍ୟ ସେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛ। ଏତେ ବଡ଼ ଘଟଣା ବିଷୟରେ କିପରି ଜାଣି ପାରିଲେନି ମେଡିକାଲ ଅଫିସର ତାକୁ ନେଇ ବିଦ୍ଧିଜୀବୀଙ୍କ ଗହଣରେ ଆଲୋଚନା ଜୋର ଧରିଛ। ପୋଡା ଯାଇଥିବା ମେଡ଼ିସିନ ଭିତରେ କିଛି ମେଡ଼ିସିନ ର ଅବଧିକାଳ ସରିଯାଇଥିବା ବେଳେ ଅନେକ ମେଡ଼ିସିନ ର ଅବଧିକାଳ ସରିନଥିବା ଦେଖିବାକୁ ମିଳିଥିଲା । ଏହି ଘଟଣା କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ସିଡ଼ିଏମଓ ଗୁରୁତର ସହ ନେବେ ଏବଂ ଆଗାମୀ ଦିନ ମାନଙ୍କ ରେ ଏପରି ଦୃଶ୍ୟ ଦେଖିବାକୁ ମିଳିବନି ବୋଲି ସାଧାରଣ ଲୋକେ ଆଶା ରଖିଛନ୍ତି । କେବଳ ଆଜି ନୁହେଁ ପୂର୍ବରୁ ଏପରି ଲକ୍ଷ ଲକ୍ଷ ଟଙ୍କାର ମେଡ଼ିସିନ ପୋଡା ଯାଉଥିବ ବୋଲି ଯାହା ଦ୍ୱାରା ରୋଗୀମାନେ ମେଡ଼ିସିନ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳ ରେ ଆଲୋଚନା ହେଉଛି । ଆଶା ଆଗାମୀ ଦିନ ମାନଙ୍କ ରେ ଏପରି ଦୃଶ୍ୟ ଦେଖିବାକୁ ମିଳିବନି । ରୋଗୀଙ୍କୁ ସବୁ ପ୍ରକାର ଉତ୍ତମ ସ୍ୱାସ୍ଥ୍ୟ ସେବା ସହ ନିରାମୟ ରେ ସମସ୍ତ ପ୍ରକାର ମେଡ଼ିସିନ ମହଜୁଦ ରହିବ ।



## ବିଦ୍ୟୁତ ଆଘାତରେ ଗାଈ ମୃତ

**ପଟ୍ଟାମୁଣ୍ଡାଇ,୯।୮(ସଂଚାର ବ୍ୟୁରୋ):** ତରଡ଼ିପାଳ ଗ୍ରାମର ହୃଦାନନ୍ଦ ବିଶ୍ୱାଳଙ୍କ ଗାଈ ଆଜି ସକାଳୁ ଚାରିବାକୁ ଯାଇଥିବା ବେଳେ ବିଦ୍ୟୁତ ସ୍ପର୍ଶରେ ଆସି ମୃତ୍ୟୁବରଣ କରିଛି। ବିଦ୍ୟୁତ ବିଭାଗର ବେପରୁଆ ମନଭାବ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ମାତ୍ର ବିଦ୍ୟୁତ ବିଭାଗ ଏହା ଭୋଡାଫୋନ କମ୍ପାନୀ ଟାୱାର ଟ୍ରାନସଫର୍ମର ଯୋଗୁଁ ହୋଇଛି ବୋଲି କହି ଘଟଣାକୁ ଏଡେଇ ଦେଇଛି। ହୃଦାନନ୍ଦ ଜଣେ ଗରିବ ଲୋକ ଓ ଗାଈ ଉପରେ ନିର୍ଭର କରି ପରିବାର ଚଳାନ୍ତି । କ୍ଷତିଗ୍ରସ୍ତ ହୃଦାନନ୍ଦଙ୍କୁ ତୁରନ୍ତ କ୍ଷତି ପୂରଣ ଦେବା ପାଇଁ ଜନସାଧାରଣ ଦାବି କରିଛନ୍ତି ।



### ରାକ୍ଷୀ ପୂର୍ଣ୍ଣିମାରେ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ନିଆରା ପ୍ରୟାସ

# ବାପ ଛେଉଣ୍ଡ ୫ ଭଉଣୀଙ୍କୁ ମିଳିଲା ବଞ୍ଚିବା ରାହା

**କେନ୍ଦ୍ରାପଡ଼ା,୯।୮(ସଂଚାର ବ୍ୟୁରୋ):** ପବିତ୍ର ରକ୍ଷାବନ୍ଧନ ଅବସରରେ ଆଜି ଗୋଟିଏ ବାପ ଛେଉଣ୍ଡ ଅସହାୟ ପରିବାର ପାଖରେ ପହଞ୍ଚି ସାହାଯ୍ୟ ସହଯୋଗ ଯୋଗାଇବା ସହିତ ଭାଇ ନଥିବା ପାଞ୍ଚ ଜଣ ଭଉଣୀଙ୍କ ହାତରୁ ରାକ୍ଷୀ ବାନ୍ଧି ତାଙ୍କୁ ଭାଇର

**ହାତରେ ବାନ୍ଧିଲେ ବିଶ୍ୱାସର ଡୋରି**

ପ୍ରତିଶ୍ରୁତି ପାଳନ କରିବାକୁ ରାହା ଦେଇଛନ୍ତି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ।

କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ବାଲିଆ ପଞ୍ଚାୟତର ଦରବୋଲ ଗ୍ରାମର ୬୬ ବର୍ଷୀୟ ବୟସ୍କ ରତ୍ନାକର ସାମଲ ପାଞ୍ଚ ଜଣ ଝିଅ ଓ ସ୍ତ୍ରୀଙ୍କୁ ନେଇ ଛୋଟ ସଂସାର ଚଳାଇ ଆସୁଥିଲେ। ଗତ ୩ ତାରିଖରେ ରତ୍ନାକରଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଭାଇ ନଥିବା ପାଞ୍ଚ ଜଣ ଭଉଣୀ ବାପାଙ୍କ ମୃତ୍ୟୁ ପରେ



ବେସାହାରା ହୋଇ ବଞ୍ଚିବାର ରାହା ଖୋଜୁଥିବା ଖବର କାଗଜରେ ପ୍ରକାଶ ପାଇଥିଲା। ଖବର ପାଇ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାମାନେ ଆଜି ରକ୍ଷାବନ୍ଧନ ଅବସରରେ ଉକ୍ତ ପରିବାର ପାଖରେ ପହଞ୍ଚିଥିଲେ। ପାଞ୍ଚ ଭଉଣୀଙ୍କ ପାଇଁ ପୋଷାକ ମା'ଙ୍କ ପାଇଁ ଶାଢ଼ୀ ଦୁଇ ମାସ ପାଇଁ ରାସନ୍ ସାମଗ୍ରୀ ସହ ଚାଉଳ ପ୍ୟାକେଟ ପନିପରିବା ଓ ଅନ୍ୟ ନିତ୍ୟ ବ୍ୟବହୃତ ସାମଗ୍ରୀ ଟ୍ରଷ୍ଟ ପକ୍ଷରୁ ଯୋଗାଇ ଦିଆଯାଇଛି। ଏହା ସହ ଭଉଣୀ ମାନଙ୍କ ପାଇଁ ପାଠପଢ଼ା ଓ ବଡ ଭଉଣୀ ପାଇଁ ରୋଜଗାରର ବ୍ୟବସ୍ଥା କରାଇବେ। ସ୍ୱାମୀଙ୍କୁ ହରାଇଥିବା ନିଆଶ୍ରୀ ମା'ର ଆଖିରୁ ଲୁହ ପୋଛିବା ସହ ପାଞ୍ଚ ଭଉଣୀ ପାଖରୁ ରାକ୍ଷୀ ବାନ୍ଧି ବିପଦ ଆପଦରେ ସାହା ହେବା ପାଇଁ ପ୍ରତିଶ୍ରୁତି ହେଇଛନ୍ତି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାମାନେ।

# ସିଆଇଆଇ ଆଲୋଚନାରେ ଭାଗନେଲେ ଓଡ଼ିଶାର ୧୪ ସାଂସଦ




**ନୂଆଦିଲ୍ଲୀ/ଭୁବନେଶ୍ୱର, ୯।୮(ସଂଚାର ବ୍ୟୁରୋ):** ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଓଡ଼ିଶା, ଓଡ଼ିଶାର ସାଂସଦଙ୍କ ସହିତ ଏକ ପାରସ୍ପରିକ ଆଲୋଚନା ଅଧିବେଶନର ଆୟୋଜନ କରିଥିଲା, ଯେଉଁଥିରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ସଦସ୍ୟଙ୍କ ସହିତ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ୧୪ ଜଣ ସାଂସଦ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନରେ ଶିଳ୍ପ ଏବଂ ସରକାରୀ ସହଯୋଗ ମାଧ୍ୟମରେ ଓଡ଼ିଶାର ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଲୋଚନାରେ ଚାରୋଟି ପ୍ରମୁଖ ପ୍ରାଥମିକତା ଉପରେ ଆଲୋକପାତ କରାଯାଇଥିଲା - ଐତିହ୍ୟ ଏବଂ ପ୍ରାକୃତିକ ସମ୍ପତ୍ତିର ଉପଯୋଗ କରି ପର୍ଯ୍ୟଟନକୁ ବୃଦ୍ଧି କରିବା, ମୂଲ୍ୟ ଯୁକ୍ତ ଅଭିବୃଦ୍ଧି ଏବଂ ଗ୍ରାମୀଣ ଆୟ ବୃଦ୍ଧି ପାଇଁ କୃଷିଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହିତ କରିବା, ଅର୍ଥ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରବେଶ ମାଧ୍ୟମରେ ଏମଏସଏମଇ ଗୁଡ଼ିକୁ ସମର୍ଥନ କରିବା, ନିବେଶ ସୁଯୋଗ ସୃଷ୍ଟି କରିବା ଏବଂ ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧିକୁ ଆଗେଇ ନେବା ପାଇଁ ଜିଲ୍ଲାଭିତ୍ତିକ ଶିଳ୍ପ ସମ୍ଭାବନାର ନକ୍ସା ପ୍ରସ୍ତୁତ କରିବା। ଆଲୋଚନାରେ ସରକାର, ଶିଳ୍ପ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସାଂସଦ, ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ସଦସ୍ୟ ଏବଂ ବରିଷ୍ଠ ଶିଳ୍ପ ମୁଖ୍ୟଙ୍କ ସକ୍ରିୟ ଯୋଗଦାନ ଦେଖିବାକୁ ମିଳିଥିଲା ଏବଂ ଅଧିବେଶନକୁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଶ୍ରୀ ସୁନୀଲ ଗୁପ୍ତା ପରିଚାଳନା କରିଥିଲେ। ଓଡ଼ିଶାର ଅର୍ଥନୈତିକ ପ୍ରାଥମିକତାକୁ ତ୍ୱରାନ୍ୱିତ କରିବା ଏବଂ ଏକ ସହାୟକ ନିବେଶ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ନିର୍ଦ୍ଧାରକମାନଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ସିଆଇଆଇ ଏହାର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛି।

# 'ତ୍ରିରଙ୍ଗା ଯାତ୍ରା'ରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ



**ବ୍ରହ୍ମପୁର, ୯।୮(ସଂଚାର ବ୍ୟୁରୋ):** 'ଅଗଷ୍ଟ କ୍ରାନ୍ତି ଦିବସ' ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଗଦର୍ଶନ ଦେଇଥିଲା। ଏହା କେବଳ ଏକ ଆନ୍ଦୋଳନ ନଥିଲା ବରଂ ଲୋକଙ୍କ ମଧ୍ୟରେ ସ୍ୱାଧୀନତା ପାଇଁ ଅତୁଟ ବିଶ୍ୱାସ ଏବଂ ଅଦମ୍ୟ ସାହସର ପ୍ରତୀକ ଥିଲା ବୋଲି ଶନିବାର ବ୍ରହ୍ମପୁରରେ 'ତ୍ରିରଙ୍ଗା ଯାତ୍ରା'ରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

**ଦେଶରେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ପାଇଁ ଜନଆନ୍ଦୋଳନର ଦରକାର**

'ଅଗଷ୍ଟ କ୍ରାନ୍ତି ଦିବସ' ଅବସରରେ ଆୟୋଜିତ ଏହି ଶୋଭାଯାତ୍ରାରେ ଶ୍ରୀ ପ୍ରଧାନ ଜନସାଧାରଣ ଏବଂ କାର୍ଯ୍ୟକର୍ତ୍ତାଙ୍କ ସହ ସାମିଲ ହୋଇଥିଲେ। ବ୍ରହ୍ମପୁର ଟାଉନ ହଲ୍ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉପଲକ୍ଷେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଭୂମିକା ଓ ଅବଦାନକୁ ସ୍ମୃତିଚାରଣ କରିବା ସହ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ କେନ୍ଦ୍ରମନ୍ତ୍ରୀ। ସେ କହିଛନ୍ତି, ଇଂରେଜମାନଙ୍କୁ ଆମ ଦେଶରୁ ବିତାଡ଼ିତ କରିବା ପାଇଁ ୧୯୪୨ ମସିହା ଆଜିର ଦିନରେ ପୂଜ୍ୟ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଅଗଷ୍ଟ କ୍ରାନ୍ତି ସ୍ୱାଧୀନତା ସଂଗ୍ରାମର ସେହି ମୁହୂର୍ତ୍ତ ଥିଲା, ଯେତେବେଳେ ସମଗ୍ର ଦେଶ ଏକାଠି ହୋଇ ଭାବରେ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉଠାଇଥିଲା। ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମୈଦାନରୁ ମହାତ୍ମା ଗାନ୍ଧୀ 'କର ବା ମର' ଡାକରା ଦେଇଥିଲେ, ଯାହା ସ୍ୱାଧୀନତା ସଂଗ୍ରାମକୁ ଏକ ନୂତନ ଦିଗଦର୍ଶନ ଏବଂ ବଡ଼ ଗତି ଦେଇଥିଲା।

ସେ ଆହୁରି କହିଛନ୍ତି, ଆଜିର ଦିନ ଉତ୍ସାହର ସହ ଦେଶପ୍ରେମକୁ ଜାଗ୍ରତ କରିବାର ଦିନ। ଆଉ କିଛି ଦିନ ପରେ ଦେଶ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବ। ସାମ୍ପ୍ରତିକ ସମୟରେ ମଧ୍ୟ ଦେଶକୁ ଆତ୍ମନିର୍ଭର କରିବା ସହ ଭାରତର ପରିଚୟକୁ ବିଶ୍ୱରେ ୧ ନମ୍ବର କରିବା ପାଇଁ ଲୋକମାନଙ୍କୁ ପୁଣି ଥରେ ଏକତ୍ରିତ ହେବାକୁ ପଡ଼ିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ଆହ୍ୱାନ ଦେଇଛନ୍ତି। ଆମର ଅର୍ଥନୀତିକୁ ମଜଭୁତ କରିବା ସହ ଜନସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଦେଶରେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା ପାଇଁ ଜନଆନ୍ଦୋଳନ ଆବଶ୍ୟକତା ଅଛି। ନିଜର ସାହସ, ବଳିଦାନ ଏବଂ ଦୃଢ଼ ସଂକଳ୍ପ ସହିତ ଦେଶକୁ ମୁକ୍ତ କରିବା ପାଇଁ ସର୍ବସ୍ୱ ଦେଇଥିବା ମହାନ ସଂଗ୍ରାମୀମାନଙ୍କୁ ଶ୍ରୀ ପ୍ରଧାନ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।



ରାକ୍ଷୀ ପୂର୍ଣ୍ଣିମା ଅବସରରେ ଜୟପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋପୂଜା କରିବା ସହ ରକ୍ଷା ବନ୍ଧନ ଉତ୍ସବ ପାଳନ କରୁଛନ୍ତି।

## ବାଣିଜ୍ୟ ଓ ପରିବହନ ବିଭାଗର ଅଭିନବ ପ୍ରୟାସ | 'ସୁରକ୍ଷା ଡୋର' ପିନ୍ଧାଇ ସଡ଼କ ସୁରକ୍ଷା ସଚେତନତା ଉଦ୍ୟମ







**କଟକ/ଭୁବନେଶ୍ୱର, ୯।୮(ସଂଚାର ବ୍ୟୁରୋ):** ରାକ୍ଷୀ ପୂର୍ଣ୍ଣିମା ଅବସରରେ ବାଣିଜ୍ୟ ଓ ପରିବହନ ବିଭାଗର ନିଆରା ପ୍ରୟାସ । ସଡ଼କ ସୁରକ୍ଷା ସଚେତନତା ପାଇଁ ରାଜ୍ୟବ୍ୟାପୀ ଅନୁଷ୍ଠିତ ହୋଇଛି ଅଭିନବ କାର୍ଯ୍ୟକ୍ରମ। ପୋଲିସ ପ୍ରଶାସନ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀଙ୍କ ସହଯୋଗରେ ରାଜ୍ୟବ୍ୟାପୀ ଅଭିନବ ଉପାୟରେ ସଡ଼କ ସୁରକ୍ଷା ସଚେତନତା କରିଛି ବାଣିଜ୍ୟ ଓ ପରିବହନ ବିଭାଗ। ରାଜ୍ୟ ପରିବହନ ପ୍ରାଧିକରଣ ଏବଂ ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ 'ସୁରକ୍ଷା ଡୋର' ବାନ୍ଧି ସୁରକ୍ଷିତ ଭାବେ ଗାଡ଼ି ଚଳାଇବାକୁ ଜନସାଧାରଣଙ୍କୁ ବୁଝାଇଛନ୍ତି। ସଡ଼କ ଦୁର୍ଘଟଣାରେ ହ୍ରାସ ପାଇଁ ସଚେତନତା କାର୍ଯ୍ୟକ୍ରମର ଏକ ଅଂଶବିଶେଷ ଭାବେ ରାକ୍ଷୀ ପୂର୍ଣ୍ଣିମାରେ ସକାଳୁ ସକାଳୁ ବିଭିନ୍ନ ଟ୍ରାଫିକ ପୋଷ୍ଟରେ ପହଞ୍ଚିଥିଲେ । ବିନା ହେଲମେଟ, ବିନା ସିଟବେଲ୍ଟରେ ଯାଉଥିବା ଲୋକଙ୍କୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ ହୋଇଥିବା ସୁରକ୍ଷା ଡୋର ବାନ୍ଧିବା ସହ ମିଠା ଖୁଆଇ ନିଜ ସୁରକ୍ଷା ପାଇଁ ସୁଧୁରି ଯିବାକୁ ଅନୁରୋଧ କରିଥିଲେ । ନିୟମ ମାନିଲେ ଆମେ ସୁରକ୍ଷିତ ପହଞ୍ଚିବା ବୋଲି ବୁଝାଇଥିଲେ। ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବହନ ଆୟୁକ୍ତ ଅମିତାଭ ଠାକୁର, ଟ୍ରାଫିକ ଡିସିପି ତପନ ମହାନ୍ତି, ଅତିରିକ୍ତ ଡିସିପି ଅଙ୍କିତ ବର୍ମା, ପରିବହନ ବିଭାଗର ବରିଷ୍ଠ ଅଧିକାରୀ, ପ୍ରଜାପିତା ବ୍ରହ୍ମାକୁମାରୀ ସଙ୍ଗଠନର ସଦସ୍ୟ, ଛାତ୍ରଛାତ୍ରୀ ପ୍ରମୁଖ ସାମିଲ ହୋଇଥିଲେ। ପରିବହନ ଆୟୁକ୍ତ କହିଥିଲେ, ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସଡ଼କ ସୁରକ୍ଷା ସଚେତନତା ବ୍ୟାପକ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି ।

● କଟକ ରେଳ ଷ୍ଟେସନର ପୁନଃବିକାଶ କାର୍ଯ୍ୟ

# ଟ୍ରେନଗୁଡ଼ିକର ଗତିପଥରେ ଅସ୍ଥାୟୀ ପରିବର୍ତ୍ତନ

**ଭୁବନେଶ୍ୱର, ୯।୮(ସଂଚାର ବ୍ୟୁରୋ) :** ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼ ଡିଭିଜନ ଅଧୀନରେ କଟକ ରେଳ ଷ୍ଟେସନରେ ଏୟାର କନକୋର୍ସ ଗ୍ରୀଡ୍ ନିର୍ମାଣ, ଗ୍ରାନାଇଟ୍ ଫ୍ଲୋରିଂ ଏବଂ ପ୍ରିକାଷ୍ଟ କର୍ଫି ବ୍ଲକ୍ ସହିତ ପ୍ଲାଟଫର୍ମ ପୃଷ୍ଠର ନବୀକରଣ, ପ୍ଲାଟଫର୍ମ ଆଶ୍ରୟସ୍ଥଳ, ଏୟାର କନକୋର୍ସ ପାଇଁ ପାଇଲ୍ ଫାଉଣ୍ଡେସନ୍ ଏବଂ ଷ୍ଟିଲ୍ ଫ୍ରେମ୍ ଏବଂ ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ଅଗଷ୍ଟ ୧୧ରୁ ୨୧ ପର୍ଯ୍ୟନ୍ତ ୪୦ ଦିନ ପାଇଁ ଡାଇଭର୍ଟ ରୁଟ୍ ମାଧ୍ୟମରେ ତିନୋଟି ଦୂରଗାମୀ ଟ୍ରେନ ଚଳାଚଳ କରିବ।



ବାରଙ୍ଗ-କଟକ-କପିଲାସ ରୋଡ୍ ଦେଇ ନିର୍ଦ୍ଧାରିତ ପଥ ପରିବର୍ତ୍ତେ ବାରଙ୍ଗ-ନରାଜ ମାର୍ଥାପୁର-କପିଲାସ ରୋଡ୍ ଦେଇ ତିନୋଟି ଦୂରଗାମୀ ଟ୍ରେନ ଚଳାଚଳ କରିବ। କଟକ ଷ୍ଟେସନରେ ଏହି ଟ୍ରେନଗୁଡ଼ିକର ରହଣି ବାଦ୍ ଦିଆଯିବ ଏବଂ ୧୧ ଅଗଷ୍ଟରୁ ୨୧ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ନରାଜ ମାର୍ଥାପୁର ରେଳ ଷ୍ଟେସନରେ ଅସ୍ଥାୟୀ ରହଣି ଯୋଗାଇ ଦିଆଯିବ। ୧୨୫୧୫ କୋଏମ୍ବାଟୁର-ଶିଲଚର ସାପ୍ତାହିକ ସୁପର-ଫାଷ୍ଟ ଏକ୍ସପ୍ରେସ, ୨୨୬୪୩ ଏର୍ଣ୍ଣାକୁଲମ-ପାଟନା ଦ୍ୱି-ସାପ୍ତାହିକ ଏକ୍ସପ୍ରେସ ଏବଂ ୧୨୫୦୯ ବେଙ୍ଗାଲୁରୁ-ଗୌହାଟି ତ୍ରି-ସାପ୍ତାହିକ ଏକ୍ସପ୍ରେସକୁ ୧୧ ଅଗଷ୍ଟରୁ ୨୧ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ କଟକ ରେଳ ଷ୍ଟେସନ ପରିବର୍ତ୍ତେ ନରାଜ ମାର୍ଥାପୁର ରେଳ ଷ୍ଟେସନରେ ରହଣି ପ୍ରଦାନ କରାଯିବ। ଏହି ତିନୋଟି ଏକ୍ସପ୍ରେସ ଟ୍ରେନ ଡାଇଭର୍ସନ ଅବଧି ସମୟରେ ୦୨.୩୫ ଘଣ୍ଟାରେ ନରାଜ ମାର୍ଥାପୁର ଠାରେ ପହଞ୍ଚିବ ଏବଂ ୦୨.୩୭ ଘଣ୍ଟାରେ ପ୍ରସ୍ଥାନ କରିବ। କଟକ ରେଳ ଷ୍ଟେସନ ଏହାର ଭିତ୍ତିଭୂମିର ବିକାଶ ସହ ସାମଗ୍ରିକ ଯାତ୍ରୀ ଅଭିଜ୍ଞତାକୁ ଉନ୍ନତ କରିବା ଲକ୍ଷ୍ୟରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନର ଯାତ୍ରା ଆରମ୍ଭ କରିଛି। ଏହି ପୁନର୍ବିକାଶ ପଦକ୍ଷେପଗୁଡ଼ିକ କଟକ ଷ୍ଟେସନର ସମସାମୟିକ ଅଭିମୁଖ୍ୟ ଏବଂ କଟକକୁ ଏହି ଅଞ୍ଚଳର ଏକ ପ୍ରମୁଖ ରେଳ ହବ୍ ଭାବରେ ସ୍ଥାପନ କରିବା ଦିଗରେ ପୂର୍ବତଟ ରେଳପଥର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ବନ୍ଧୁକ କାରବାର ନେଇ ୫ ଗିରଫ, ୩ ବନ୍ଧୁକ ଜବତ



**କଣିହା, ୯।୮ (ସଂଚାର ବ୍ୟୁରୋ) :** ବେଆଇନ୍ ବନ୍ଧୁକ ରଖିବା ଅଭିଯୋଗରେ ୫ ଗିରଫ । ଅନୁଗୁଳ ଜିଲ୍ଲା ପାଲଲହଡ଼ାରେ ୫ ଜଣଙ୍କ ଘରେ ଚଢ଼ାଉ କରି ୫ ବେଆଇନ୍ ଚୋରା ବନ୍ଧୁକ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି ପୋଲିସ । ଅନୁଗୁଳ ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶ କ୍ରମେ ପାଲଲହଡା ଏସଡିପିଓ ତତ୍ତ୍ୱାବଧାନରେ ଖମାର ଥାନା ଅଧିକାରୀ ସଦଳବଳ ନେଇ କୁରୁମୁଳା, ରଞ୍ଜା, ଖଣ୍ଡୋବସୀ ଓ କୁଚିଣ୍ଡା ଗାଁରେ ଚଢ଼ାଉ କରିଥିଲା ପୋଲିସ । ଜବତ ବନ୍ଧୁକ ଗୁଡ଼ିକରେ ବନ୍ୟଜନ୍ତୁ ଶୀକାର କରାଯାଉଥିଲା। ଦୁଇ ମାସ ପୂର୍ବେ ଖମାର ପୋଲିସ ୩ ଜଣଙ୍କ ଠାରୁ ୩ଟି ବନ୍ଧୁକ ଜବତ କରି କୋର୍ଟ ଚାଲାଣ କରିଥିଲା ।

## ପୁସ୍ତକ 'ଭକ୍ତି ପ୍ରଣତି' ଉନ୍ମୋଚିତ



**ଭୁବନେଶ୍ୱର, ୯।୮(ସଂଚାର ବ୍ୟୁରୋ):** 'ଉଦୟ ପବ୍ଲିକେଶନ' ଦ୍ୱାରା ପ୍ରକାଶିତ ଓ କବି ପୁଷ୍ପିତା ଜେନାଙ୍କ ଦ୍ୱାରା ରଚିତ ଆଧ୍ୟାତ୍ମିକ କବିତା ପୁସ୍ତକ 'ଭକ୍ତି ପ୍ରଣତି' ଗତ ୬ ତାରିଖ ସନ୍ଧ୍ୟାରେ 'ତୁଳସୀ ସାହିତ୍ୟ ସଂସଦ' ଆନୁକୂଲ୍ୟରେ ଲୋକାର୍ପିତ ହୋଇଛି। ଏହି କବିତା ପୁସ୍ତକରେ ଶ୍ରୀଜଗନ୍ନାଥ, ଦେବାଧିଦେବ ମହାଦେବ, ଗଣପତି, ଦୁର୍ଗା ମା', ସରସ୍ୱତୀ ତଥା କବି ମନରେ ସ୍ଥାନ ପାଇଥିବା ଶ୍ରୀମା', ଶ୍ରୀ ଅରବିନ୍ଦ ଉପରେ ଆଧାରିତ ୪୭ଟି କବିତା ସ୍ଥାନ ପାଇଛି। ବିଶିଷ୍ଟ କବି ହୃଷୀକେଶ ମଲ୍ଲିକ ଓ ବରିଷ୍ଠ ଲେଖିକା ଗୋଲାପ ମଞ୍ଜରୀ କର ପୁସ୍ତକ ସମ୍ପର୍କରେ ଅଭିବ୍ୟକ୍ତ ପ୍ରଦାନ କରିଥିଲେ। କେତୋଟି ବନ୍ଦନାକୁ ନେଇ ଏକ ଆଧ୍ୟାତ୍ମିକ କବିତା ସଂକଳନଟି ପ୍ରସ୍ତୁତ କରାଯାଇଥିବାରୁ ଏହା ଆବାଳ ବୃଦ୍ଧବନିତାଙ୍କ ପାଇଁ ଉପଯୋଗୀ ହେବ ବୋଲି ଆଶା କରାଯାଉଛି।

## ଶଙ୍ଖ ଭବନରେ ବିଶ୍ୱ ଆଦିବାସୀ ଦିବସ ପାଳିତ




**ଭୁବନେଶ୍ୱର, ୯।୮(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଗତ ୧୩ ମାସ ଶାସନ ସମୟରେ ଆଦିବାସୀମାନଙ୍କ ସ୍ୱାର୍ଥକୁ ଅଣଦେଖା କରିଛନ୍ତି । ଯେଉଁଥିପାଇଁ ଆଦିବାସୀ ଭାଇଭଉଣୀ ମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଜୁ ଜନତା ଦଳର ଆଦିବାସୀ ସେଲ ଆବାହକତ୍ୱରେ ଆଜି ରାଜ୍ୟସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ଶଙ୍ଖ ଭବନରେ ପାଳନ ହୋଇଥିଲା । ଆଜି ସକାଳୁ ଭଗବାନ ବିର୍ସା ମୁଣ୍ଡାଙ୍କ ସମେତ ବହୁ ଆଦିବାସୀ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯିବା ସହ ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା । ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମକୁ ଆଦିବାସୀ ସେଲ ଅଧ୍ୟକ୍ଷ ମଙ୍ଗଳା କିଷାନ ଅଧ୍ୟକ୍ଷତା କରିଥିବା ବେଳେ ମିଡିଆ ସଂଯୋଜକ ତଥା ଆଦିବାସୀ ନେତା ଡ଼ ପ୍ରିୟବ୍ରତ ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ଅଶୋକ ପଣ୍ଡା, ସଞ୍ଜୟ କୁମାର ଦାସବର୍ମା, ସ୍ନେହାଙ୍ଗିନୀ ଛୁରିଆ, ମଙ୍ଗଳା କିଷାନ, ସୁଦାମ ମାରାଣ୍ଡି, ସୁଶାନ୍ତ ରାଉତ, ସୁଲୋଚନା ଦାସ, ବାସନ୍ତୀ ହେମ୍ବ୍ରମ, ମଞ୍ଜୁଲତା କହଁର, ମନ୍ମଥ ରାଉତରାୟ, ରାଜଶ୍ରୀ ମଲ୍ଲିକ, ପ୍ରଦୀପ ଦିଶାରୀ, ଡ଼ ଲେନିନ୍ ମହାନ୍ତି, ତୁମ୍ବନାଥ ପଣ୍ଡା, ଅରୂପ ଶ୍ରୀଚନ୍ଦନ, ସୋଫିଆ ଆଲାମ, ବିଜୟ ନାୟକ, ନାରାୟଣ ଜେନା, ଭାରତୀ ସିଂ, ବାସନ୍ତୀ ସିଂ, ସାଲକାନ୍ କିସ୍କୁ, କାରୁ ମୁର୍ମୁ ପ୍ରମୁଖ ଯୋଗଦେଇ ଆଦିବାସୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଦିବାସୀ ସେଲ୍ ଆବାହକ ମଙ୍ଗଳା କିଷାନ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ମିଡିଆ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ ସରକାରଙ୍କ ଆଦିବାସୀ ମାରଣା ନୀତି ବିରୋଧରେ ବର୍ଷିଥିଲେ। ଶ୍ରୀ ମଙ୍ଗଳା କିଷାନ କହିଥିଲେ, ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ସମୟରେ ରାଜ୍ୟରେ ଆଦିବାସୀମାନେ ଚରମ ଅବହେଳାର ସମ୍ମୁଖୀନ ହେଉଥିବା ବେଳେ, ସରକାର କେବଳ ଗପ ଶୁଣାଇବାରେ ବ୍ୟସ୍ତ ରହୁଛନ୍ତି । ସରକାର ଆଦିବାସୀଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ନିମନ୍ତେ ଦେଇଥିବା ପ୍ରତିଶ୍ରୁତିକୁ ଭୁଲିଯାଇ ଆଦିବାସୀ କଲ୍ୟାଣ ବିଭାଗର ବଜେଟ୍ କାଟ୍, ଆଦିବାସୀ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ୍ ବନ୍ଦ ଭଳି ଆଦିବାସୀ ବିରୋଧୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ସରକାର ଏହି ଆଭିମୁଖ୍ୟରେ ପରିବର୍ତ୍ତନ ନ ଆଣିଲେ ଆଗାମୀ ଦିନରେ ଭୟଙ୍କର ଆନ୍ଦୋଳନ ହେବ ।

# ଆଦାନୀ ଧାମରା ପୋର୍ଟରେ ପ୍ରଥମ ଷ୍ଟିଲ ସ୍ଲାବ୍ ରେକ୍ ଲୋଡିଂର ଶୁଭାରମ୍ଭ



**ଧାମରା, ୯।୮ (ସଂଚାର ବ୍ୟୁରୋ) :** ଆଦାନୀ ଧାମରା ପୋର୍ଟ ଷ୍ଟିଲ ସ୍ଲାବ୍ ପରିବହନ ଯୋଗାଣ କ୍ଷେତ୍ରରେ ଐତିହାସିକ ମାଇଲଖୁଣ୍ଟ ହାସଲ କରିପାରିଛି । ଧାମରା ପୋର୍ଟ ପକ୍ଷରୁ ପ୍ରଥମଥର ପାଇଁ ଷ୍ଟିଲ ସ୍ଲାବ୍ ଟ୍ରେନ୍ ମାଧ୍ୟମରେ ଲୋଡିଂର ଶୁଭାରମ୍ଭ କରାଯାଇଛି। ପ୍ରଥମ ଥର ପାଇଁ ଅଗଷ୍ଟ ୩ ତାରିଖରେ ଏମ୍‌ଭି ଏଚ୍‌ଟିକେ ନେପ୍‌ଚ୍ୟୁନ୍ ଜାହାଜରେ ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ ଲିମିଟେଡ୍‌ର ଆମଦାନୀ କରାଯାଇଥିବା ୩୫,୦୦୦ ଏମ୍‌ଟି ଉଚ୍ଚମାନର ଷ୍ଟିଲ ସ୍ଲାବ୍ ଧାମରା ପୋର୍ଟରେ ସଫଳତାର ଅନଲୋଡିଂ କରାଯାଇଥିଲା। ପୋର୍ଟ ଦ୍ୱାରା ଏହି ପଣ୍ୟ ଦ୍ରବ୍ୟରୁ ପ୍ରାୟ ୨୯୦୦ ମେଟ୍ରିକ ଟନ୍ (୧୩୩ ସ୍ଲାବ) କାର୍ଗୋ ୪୫ ଟି ବିଏଫ୍‌ଏନ୍‌ଏସ୍ ୱାଗନ୍‌ରେ ସଫଳତାର ସହ ଲୋଡିଂ କରାଯାଇଛି । ଜିନ୍ଦଲ ଷ୍ଟିଲର ଏହି ସ୍ଲାବ୍ ଏହାର କଳିଙ୍ଗନଗର ସ୍ଥିତ ପ୍ଲାଣ୍ଟକୁ ପରିବହନ କରାଯାଇଛି । ଆଦାନୀ ଧାମରା ପୋର୍ଟ ମାନବ ସମ୍ବଳ ବିଭାଗ ମୁଖ୍ୟ ବାସୁକୀ ନାଥ ଏହି ଷ୍ଟିଲ ଲୋଡିଂ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମ ଓ ରେଳ ପରିଚାଳନା ମୁଖ୍ୟ ଚିନ୍ମୟ ଦାଶ, କାର୍ଗୋ ପରିଚାଳନା ମୁଖ୍ୟ ବିଭୂଦତ୍ତ ରାୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ ।

# ସ୍ୱାୟତ୍ତ ଶାସନ ଦିବସକୁ ଧୂମ୍‌ଧାମରେ ପାଳନ ଲାଗି ନିଷ୍ପତ୍ତି

**ଭୁବନେଶ୍ୱର, ୯।୮(ସଂଚାର ବ୍ୟୁରୋ):** ଅଗଷ୍ଟ ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସ । ଚଳିତ ବର୍ଷ ଏହି ସ୍ୱାୟତ୍ତ ଶାସନ ଦିବସକୁ ସ୍ମରଣୀୟ ଭାବେ ପାଳନ କରିବାକୁ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିଷ୍ପତ୍ତି ନେଇଛି। ଏହି ଉତ୍ସବର ଏକ ଅଂଶ ଭାବରେ, ଅଗଷ୍ଟ ୨୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ରେ ଏକ ସପ୍ତାହ ବ୍ୟାପି ସାର୍ବଜନୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଦ୍ୱାରା ଜାରି କରାଯାଇଥିବା ପରାମର୍ଶ ଏବଂ ମାର୍ଗଦର୍ଶୀକା ଅନୁଯାୟୀ, ନାଗରିକଙ୍କ ଅଂଶଗ୍ରହଣ, ପରିବେଶ ସଚେତନତା, ସ୍ୱଚ୍ଛତା ଏବଂ ଗୋଷ୍ଠୀ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଯୋଜନା କରାଯାଇଥିବା ପ୍ରମୁଖ କାର୍ଯ୍ୟକଳାପଗୁଡ଼ିକ ମଧ୍ୟରେ ରହିଛି- ସହରାଞ୍ଚଳ ବୃକ୍ଷରୋପଣ ଅଭିଯାନ- 'ଏକ ପେଡ୍ ମା କେ ନାମ', ଚାରା ରୋପଣ ପାଇଁ ଉପଯୁକ୍ତ ଜମି ଚିହ୍ନଟ, ଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ନାଗରିକ ସମାଜକୁ ନେଇ ସଂପୃକ୍ତ ଅଞ୍ଚଳରେ ଉପଲବ୍ଧ ଚାରା, ସଚେତନତା ଶୋଭାଯାତ୍ରା ଓ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା। ଏହା ବ୍ୟତୀତ 'ଗ୍ରୀନ୍ ୱାର୍ଡ' ଅଭିଯାନର ଶୁଭାରମ୍ଭ, ଗୋଷ୍ଠୀ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ଉପଯୁକ୍ତ ବ୍ରାଣ୍ଡିଂ ଏବଂ ମିଡିଆ କଭରେଜ୍, ପୌର ଯୋଗଦାନ ଏବଂ ସେବା ବିତରଣକୁ ମଜବୁତ କରିବା, ପରିମଳ କର୍ମଚାରୀଙ୍କ କଲ୍ୟାଣ ଏବଂ ଶ୍ରମିକଙ୍କ ମର୍ଯ୍ୟାଦା ପାଇଁ ଗରିମା ଆଇଇସି ଅଭିଯାନ , ସହଯୋଗ ଶିବିର "ଘରେ ଘର ତିରଙ୍ଗା-ଘରେ ଘରେ ସ୍ୱଚ୍ଛତା" ଦେଶପ୍ରେମକୁ ସ୍ୱଚ୍ଛତା ଅଭିଯାନ ସହିତ ଯୋଡିବା ପାଇଁ ସକାଳ ସମୟରେ ପଥ ଉତ୍ସବ ଆୟୋଜନ କରି ଗୋଷ୍ଠୀ ମନୋରଞ୍ଜନ ଏବଂ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ।

**ଅଗଷ୍ଟ ୨୫ରୁ ସମସ୍ତ ପୌରାଞ୍ଚଳରେ ହେବ ସପ୍ତାହବ୍ୟାପୀ ପ୍ରାକ୍ ଉତ୍ସବ**

# ରାକ୍ଷୀ ବାନ୍ଧି ସୁରକ୍ଷାର ଅଭୟ ପ୍ରତିଶ୍ରୁତି ଦେଲେ ଅଗ୍ନିଯୋଦ୍ଧା




**କଟକ, ୯।୮(ସଂଚାର ବ୍ୟୁରୋ):** ରାକ୍ଷୀ ପୂର୍ଣ୍ଣିମାର ସମାଜିକ ସନ୍ଦେଶକୁ ଅଗ୍ନିଜନିତ ସୁରକ୍ଷା ସଚେତନତା ସହିତ ସମ୍ବନ୍ୱିତ କରି, ଶନିବାର ରାଜ୍ୟର ୨୦ରୁ ଅଧିକ ଅଗ୍ନିଶମ କେନ୍ଦ୍ରରେ ବିଶେଷ କାର୍ଯ୍ୟକ୍ରମ ପାଳନ ହୋଇଯାଇଛି । କୋରୁକିଣ୍ଡା, ଛତ୍ରପୁର, ଢେଙ୍କାନାଳ, ବ୍ରହ୍ମପୁର, କେନ୍ଦୁଝର, ଭୁବନ, ଡୁଙ୍ଗୁରିପାଲି ଓ ଝରବନ୍ଧ ସହିତ ଅନ୍ୟାନ୍ୟ କେନ୍ଦ୍ରରେ ଶତାଧିକ ଛାତ୍ରଛାତ୍ରୀ ନିଜ ଶିକ୍ଷକମାନଙ୍କ ସହ ଅଗ୍ନିଶମ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧି, ସେମାନଙ୍କର ଜରୁରୀକାଳୀନ ସ୍ଥିତିରେ ନିଷ୍ଠାପର ଭାବରେ ଜୀବନରକ୍ଷାର ପ୍ରତିବଦ୍ଧତା ପାଇଁ କୃତଜ୍ଞତା ଜଣାଇଛନ୍ତି ।

କୋରୁକିଣ୍ଡା ଅଗ୍ନିଶମ କେନ୍ଦ୍ରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୫୦ରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ଗୁରୁଜୀ ଗୁରୁମାଙ୍କ ସହିତ ଆସି ଅଗ୍ନିଶମ କର୍ମଚାରୀଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ । ସେଠାରେ ଅଧିକାରୀମାନେ ଅଗ୍ନି ନିର୍ବାପନ ଯନ୍ତ୍ର, ପାଇପ୍‌ଲାଇନ୍‌ର ବ୍ୟବହାର ଓ ଗ୍ୟାସ ସିଲିଣ୍ଡର ଜନିତ ଅଗ୍ନିକାଣ୍ଡ ସମୟରେ ପ୍ରାଥମିକ ପଦକ୍ଷେପ ସମ୍ବନ୍ଧରେ ପ୍ରାୟୋଗିକ ପ୍ରଦର୍ଶନ କରିଥିଲେ ।

ଛତ୍ରପୁରରେ ବ୍ରହ୍ମାକୁମାରୀ ସଂଗଠନର ସଦସ୍ୟ ସଦସ୍ୟାମାନେ ଅଗ୍ନିଶମ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧି, "କୌଣସି ବିପତ୍ତି ସମୟରେ ଜୀବନରକ୍ଷାରେ ଯେମିତି ଅଗ୍ନିଯୋଦ୍ଧା ମାନେ ପ୍ରଥମ ଧାଡ଼ିରେ ରୁହନ୍ତି, ସେହିପରି ସେମାନଙ୍କ ପ୍ରତି ଆମ ସ୍ନେହର ବନ୍ଧନ ମଧ୍ୟ ସଦା ଅତୁଟ ରହିବ" ବୋଲି ଅଭିବ୍ୟକ୍ତ କରିଛନ୍ତି।

ଢେଙ୍କାନାଳରେ ଢେଙ୍କାନାଳ ଅଟୋନୋମସ୍ କଲେଜ୍ ର ୬୦ରୁ ଅଧିକ ଛାତ୍ରଛାତ୍ରୀ ଅଗ୍ନିଶମ କେନ୍ଦ୍ରରେ ପହଞ୍ଚି, ସିଲିଣ୍ଡର ବିସ୍ଫୋରଣ ପରିସ୍ଥିତିରେ କିପରି ସୁରକ୍ଷିତ ରହିପାରିବେ, ତାହାର ପ୍ରତ୍ୟକ୍ଷ ମକ ଡ୍ରିଲ୍ ଦେଖିଥିଲେ। କେନ୍ଦୁଝରରେ ଜିଙ୍ଗଲବେଲ୍ ପବ୍ଲିକ୍ ସ୍କୁଲ୍ ର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରି, ସ୍ଥାନୀୟ ଏଏଫ୍‌ଓ କୃଷ୍ଣ ଚନ୍ଦ୍ର ସାମଲ କହିଲେ "ଆମେ କେବଳ ଅଗ୍ନି ନିର୍ବାପନ କରିନଥାଉ, ବରଂ ବିପଦଆପଦ ସମୟରେ ସମସ୍ତଙ୍କୁ ସୁରକ୍ଷା ଦେବା ପାଇଁ ଏକ ପରିବାରର ଭଳି ପାଖରେ ଉପସ୍ଥିତି ହେଉ ।"

ଭୁବନ, ଡୁଙ୍ଗୁରିପାଲି ଓ ଝରବନ୍ଧରେ ସରସ୍ୱତୀ ବିଦ୍ୟାମନ୍ଦିର, ସେଞ୍ଚୁରୀୟନ ପବ୍ଲିକ୍ ସ୍କୁଲ୍ ଓ ଅଖିଳଭରତୀୟ ବିଦ୍ୟାର୍ଥୀ ପରିଷଦର ସଦସ୍ୟମାନେ ଭାଗନେଇଥିଲେ । ପିଲାମାନଙ୍କୁ ମୋଟର ପମ୍ପ ଚାଳନା, ଫୋମ୍ ବ୍ୟବହାର ଓ ଅଗ୍ନିକାଣ୍ଡ ସମୟରେ ସେହି ସ୍ଥାନରୁ ପଳାୟନର ପ୍ରକ୍ରିୟା ପ୍ରଦର୍ଶିତ କରାଯାଇଥିଲା ।

ରାକ୍ଷୀ ପୂର୍ଣ୍ଣିମା ସୁରକ୍ଷା ଓ ପ୍ରତିଶ୍ରୁତିର ଏକ ଅପୂର୍ବ ସମନ୍ୱୟର ପର୍ବ। ଅଗ୍ନିଶମ ଓ ଜରୁରୀକାଳୀନ ସେବା ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡ଼ଙ୍ଗୀ ଅଗ୍ନିଶମ ବିଭାଗର ଅପାତକାଳୀନ ସ୍ଥିତିରେ ସୁରକ୍ଷା ପାଇଁ ଥିବା ପ୍ରତିବଦ୍ଧତାକୁ ଦୋହରାଇ ରାକ୍ଷୀ ସୁତାରେ ରାଜ୍ୟବାସୀଙ୍କ ସହ ସ୍ନେହ, ସମ୍ମାନ ଓ ସୁରକ୍ଷାର ଅତୁଟ ବନ୍ଧନ ବାନ୍ଧିହେଲା ବୋଲି ପ୍ରକାଶ କରିଛନ୍ତି । ଇତି ଅବସରରେ ରାଜ୍ୟବାସୀଙ୍କୁ ରକ୍ଷା ବନ୍ଧନର ଶୁଭେଚ୍ଛା ଜଣାଇବା ସହ ବିଭିନ୍ନ ଅଗ୍ନିଶମ କେନ୍ଦ୍ରରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR ସଂଚାର




# ଭାରତ-ରୁଷିଆ ସମ୍ପର୍କର ପୁନର୍ଜାଗରଣ ଆମେରିକାର ଉତ୍କଣ୍ଠା

ଭାରତ ଓ ରୁଷିଆର ସମ୍ପର୍କ ଦୀର୍ଘ ଦିନର ଏକ ଐତିହାସିକ ବନ୍ଧନ, ଯାହା ଶୀତଳ ଯୁଦ୍ଧ ସମୟରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ଅଟୁଟ ରହିଛି। ୨୦୨୪ ମସିହାରେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରୁଷିଆ ଗସ୍ତ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ସହ ବୈଠକ ଏହି ସମ୍ପର୍କର ନୂଆ ଅଧ୍ୟାୟ ଆରମ୍ଭ କରିଛି। ଏହି ଘଟଣା ଆମେରିକା ସମେତ ପାଶ୍ଚାତ୍ୟ ଦେଶମାନଙ୍କ ପାଇଁ ଉତ୍କଣ୍ଠାର କାରଣ ହୋଇଛି, କାରଣ ଭାରତର ଏହି ରଣନୀତିକ ପଦକ୍ଷେପ ବିଶ୍ୱ ରାଜନୀତିରେ ଏକ ନୂଆ ସନ୍ତୁଳନ ସୃଷ୍ଟି କରୁଛି।

ଭାରତ ଓ ରୁଷିଆ ମଧ୍ୟରେ ସମ୍ପର୍କ ୧୯୪୭ ମସିହାରୁ ଆରମ୍ଭ ହୋଇଛି, ଯେତେବେଳେ ଭାରତ ସ୍ୱାଧୀନତା ପାଇବା ପୂର୍ବରୁ ସୋଭିଏତ୍ ରୁଷିଆ ସହ କୂଟନୈତିକ ସମ୍ପର୍କ ସ୍ଥାପନ କରିଥିଲା। ୧୯୫୫ ମସିହାରେ ନେହରୁ ଓ ଖ୍ରୁଶ୍ଚେଭଙ୍କ ପରସ୍ପର ଗସ୍ତ ଏହି ବନ୍ଧନକୁ ଆହୁରି ଗାଢ଼ କରିଥିଲା। ୧୯୭୧ ମସିହାରେ ସ୍ୱାକ୍ଷରିତ ମୈତ୍ରୀ ଓ ସହଯୋଗ ସନ୍ଧି ଭାରତକୁ ସାମରିକ ଓ ଅର୍ଥନୈତିକ ଦିଗରେ ଶକ୍ତିଶାଳୀ କରିଥିଲା। ବିଶେଷ କରି, ସୋଭିଏତ୍ ରୁଷିଆର ସମର୍ଥନ ଭାରତକୁ ୧୯୬୧ ମସିହାରେ ଗୋଆ ମୁକ୍ତି ଓ ୧୯୭୧ ମସିହାରେ ବାଂଲାଦେଶ ଯୁଦ୍ଧ ସମୟରେ ଆନ୍ତର୍ଜାତୀୟ ମଞ୍ଚରେ ସହାୟତା ପ୍ରଦାନ କରିଥିଲା। ଏହି ଐତିହାସିକ ସମ୍ପର୍କ ଆଜି ମଧ୍ୟ ରୁଷିଆ ସହ ଭାରତର ସାମରିକ, ଅର୍ଥନୈତିକ ଓ କୂଟନୈତିକ ସହଯୋଗର ମୂଳଦୁଆ ହେଉଛି।

ନିକଟ ଅତୀତରେ, ମୋଦୀଙ୍କ ରୁଷିଆ ଗସ୍ତ ଓ ବିଆରଆଇସିଏସ ସମ୍ମିଳନୀରେ ଅଂଶଗ୍ରହଣ ଭାରତର ରଣନୀତିକ ସ୍ୱାୟତ୍ତତାକୁ ପୁନଃ ପ୍ରତିପାଦିତ କରିଛି। ୨୦୨୪ ମସିହାରେ ଦ୍ୱିପାକ୍ଷିକ ବାଣିଜ୍ୟ ୬୬ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ରୁଷିଆକୁ ଭାରତର ଚତୁର୍ଥ ବୃହତ୍ତମ ବାଣିଜ୍ୟ ସାଥୀ କରିଛି। ତୈଳ ଆମଦାନୀ, ସାମରିକ ସହଯୋଗ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ମିଳିତ ଗବେଷଣା ଏହି ସମ୍ପର୍କର ମୁଖ୍ୟ ଦିଗ ହେଉଛି। ତେବେ, ଏହି ଗାଢ଼ ସମ୍ପର୍କ ଆମେରିକାକୁ ଅସୁବିଧାରେ ପକାଇଛି, ବିଶେଷ କରି ରୁଷିଆ-ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ।

ଆମେରିକା ଭାରତର ଏକ ପ୍ରମୁଖ ରଣନୈତିକ ସାଥୀ ହୋଇଥିବା ବେଳେ, ଭାରତର ରୁଷିଆ ସହ ବଢ଼ୁଥିବା ସମ୍ପର୍କ ତାକୁ ଚିନ୍ତାରେ ପକାଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତର ରୁଷିଆ ତୈଳ ଆମଦାନୀ ଉପରେ ନିଷେଧାଜ୍ଞା ଲଗାଇବାକୁ ଧମକ ଦେଇଛନ୍ତି, ଯାହା ଭାରତ-ଆମେରିକା ସମ୍ପର୍କରେ ଏକ ନୂଆ ତିକ୍ତତା ସୃଷ୍ଟି କରିଛି। ଭାରତ ଏହାର ପ୍ରତିକ୍ରିୟାରେ କହିଛି ଯେ, ଆମେରିକା ଓ ୟୁରୋପୀୟ ସଂଘ ମଧ୍ୟ ରୁଷିଆ ସହ ବାଣିଜ୍ୟ ଜାରି ରଖିଛନ୍ତି, ତେଣୁ ଭାରତକୁ ଏକମାତ୍ର ଦୋଷୀ କରାଯିବା ଅନୁଚିତ।

ଭାରତର ଏହି ରଣନୀତିକ ସନ୍ତୁଳନ ତା'ର ସ୍ୱାୟତ୍ତ ବୈଦେଶିକ ନୀତିର ଏକ ପ୍ରମାଣ। ଏକ ବିଶ୍ୱ ଶକ୍ତି ହିସାବରେ ଉଭା ହେଉଥିବା ଭାରତ ନିଜର ଜାତୀୟ ସ୍ୱାର୍ଥକୁ ସର୍ବାଗ୍ରେ ରଖି ରୁଷିଆ ଓ ଆମେରିକା ସହ ସମ୍ପର୍କ ବଜାୟ ରଖିବାକୁ ଚେଷ୍ଟା କରୁଛି। ଏହି ସମୟରେ ଭାରତର ଏହି ଦୃଷ୍ଟିକୋଣ ବିଶ୍ୱ ରାଜନୀତିରେ ଏକ ନୂଆ ଗତିଶୀଳତା ଆଣିପାରେ, ଯାହା ବିଶ୍ୱ ଶାନ୍ତି ଓ ସ୍ଥିରତା ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ।

ଶେଷରେ, ଭାରତ-ରୁଷିଆ ସମ୍ପର୍କର ପୁନର୍ଜାଗରଣ ଏକ ବହୁମୁଖୀ ବିଶ୍ୱ ଗଠନରେ ଭାରତର ଭୂମିକାକୁ ଆହୁରି ସୁଦୃଢ଼ କରୁଛି। ଆମେରିକାର ଉତ୍କଣ୍ଠା ସତ୍ତ୍ୱେ, ଭାରତ ନିଜର ରଣନୀତିକ ସ୍ୱାୟତ୍ତତା ଓ ଜାତୀୟ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଏକ ସନ୍ତୁଳିତ ବୈଦେଶିକ ନୀତି ଜାରି ରଖିବ, ଯାହା ଆଗାମୀ ଦିନରେ ବିଶ୍ୱ ରାଜନୀତିରେ ଏକ ନୂଆ ଦିଗ ପ୍ରଦାନ କରିବ।

# ଶଙ୍ଖନାଭି ମଣ୍ଡଳରେ ବେନିନେତ୍ର ପଖାଳିବା




**ପୁଷ୍ପମିତ୍ର ମହାପାତ୍ର**


କୋଟି ବ୍ରହ୍ମାଣ୍ଡ ପ୍ରଭୁ ଶ୍ରୀଜଗନ୍ନାଥ। ସେ ଆଦି, ଅନାଦି, ସାକାର, ନିରାକାର, ସୁଗୁଣ, ନିର୍ଗୁଣ, ସ୍ୱୟଂ ପରଂବ୍ରହ୍ମ, ପରମାତ୍ମା। ବିଜେ କରିଛନ୍ତି ଶ୍ରୀଜଗନ୍ନାଥ ନୀଳାଚଳ ଧାମରେ। ଓଡ଼ିଆ ମାନଙ୍କର ଜାତୀୟ ଜୀବନ, ସାମାଜିକ ଜୀବନ, ଧର୍ମ, ସଂସ୍କୃତି, ସାହିତ୍ୟ - ପ୍ରତିଟିରେ ଜଗନ୍ନାଥ ଚେତନାର ପ୍ରାଣ ପ୍ରକାଶ। ଆଦରେ ସେ ଶବର ପୂଜିତ ଠାକୁର ଭାବେ ତାଙ୍କର ଆବିର୍ଭାବ, କାଳକ୍ରମେ ଜୈନ, ବୌଦ୍ଧ, ତାନ୍ତ୍ରିକ, ଶୈବ, ବୈଷ୍ଣବ, ଶାକ୍ତ, ଗାଣପତ୍ୟ, ସୌର ଆଦି ସକଳ ଆର୍ଯ୍ୟ ଧର୍ମର ଶାଖା ଦ୍ୱାରା ଗୃହୀତ। ଜଗନ୍ନାଥ ଧର୍ମ ବହୁମତ, ସମନ୍ୱିତ ଧର୍ମ। ମହାପ୍ରଭୁଙ୍କ ଆବିର୍ଭାବ, ଦେଉଳ ତୋଳା, ଉପାସନା ବିଧି, ସାର୍ବଜନୀନ ଧର୍ମ ଭାବନା ଏ ସମସ୍ତ ଏବେ ବି ରହସ୍ୟାଚ୍ଛନ୍ନ। ଶ୍ରୀଜଗନ୍ନାଥଙ୍କ ସହିତ ବିଭିନ୍ନ ଧର୍ମ ସଂଶ୍ଲିଷ୍ଟ। ଅନୁରୂପ ଭାବରେ ଜଗନ୍ନାଥ ଶବ୍ଦ ସହିତ ବିଭିନ୍ନ ଧର୍ମ ଜଡ଼ିତ। ଯୁଗ ଯୁଗ ଧରି ଶ୍ରୀଜଗନ୍ନାଥ - ଏକ ପରମ ରହସ୍ୟ। ଏହା ଅନସ୍ୱୀକାର୍ଯ୍ୟ। ସାରା ତ୍ରିଭୁବନରେ ପରମାତ୍ମା ଶ୍ରୀଜଗନ୍ନାଥ ପ୍ରତିଟି ଜୀବନର ଆତ୍ମା ଭାବରେ ଶ୍ରୀକ୍ଷେତ୍ର, ପୁରୀ ଠାରେ ଅବସ୍ଥାନ କରୁଛନ୍ତି। ମହୋଦଧି ପଦ ଧୌ କରୁଛି। ଧରିତ୍ରୀ ଜୟ ଗାନ କରୁଛି। ଆକାଶ ଛତ୍ରଛାୟାରେ ଦଣ୍ଡାୟମାନ। ପ୍ରଭୁଙ୍କର ବ୍ରହ୍ମଲୀଳାର ଏହି ଅବସ୍ଥାନ ସାମାଜିକ ସହାବସ୍ଥାନରେ ପାରିବାରିକ ସୁସ୍ଥ ସଦଭାବର ଜୀବନ ଦର୍ଶନ ପ୍ରଦାନ କରୁଅଛି। ସିଏ ଗଣଦେବତା ଓ ସକଳ ଐଶ୍ୱର୍ଯ୍ୟର ଠାକୁର। ଏହି ଐଶ୍ୱର୍ଯ୍ୟର ଉପଚାର ସବୁ ମାନବ ଧର୍ମକୁ ସମର୍ପିତ। ସେଥିରେ ମଣିଷ ଓ ଦେବତା ମଧ୍ୟରେ କୌଣସି ପ୍ରଭେଦ ପରିଲକ୍ଷିତ ହୁଏନାହିଁ। ମାନବିକ ଚଳଣିର ସମତାଳରେ ତାଙ୍କର ପର୍ବପର୍ବାଣି ଓ ଉତ୍ସବ ସବୁ ଲାଗି ରହିଥାଏ। ନିଖିଳଜନବନ୍ଦ୍ୟ ଶ୍ରୀଜଗନ୍ନାଥ ହେଉଛନ୍ତି ଅକଳନ ଆଶ୍ଚର୍ଯ୍ୟର ଗନ୍ତାଘର। ତାଙ୍କର ଉତ୍ପତ୍ତି ଓ ଆକୃତିର ଦୃଶ୍ୟାବଳୀ ପାଖରେ ବିଶ୍ୱର ସମସ୍ତ ଆକଳନ, ସଙ୍କଳନ ଓ ସମୀକରଣ ହୁଏ ସମର୍ପିତ ଆଉ ପରାହତ। ବେଦର ମନ୍ତ୍ରଯୋଗ ଠାରୁ ବେଦାନ୍ତର ଦର୍ଶନ ଯୋଗ ଯାଏଁ, ଗୀତାର ବିଷାଦଯୋଗରୁ ଉପନିଷଦର ଜ୍ଞାନଯୋଗ ଯାଏଁ ସକଳ ମାର୍ମିକ ତତ୍ତ୍ୱ ଓ ମହତ୍ତ୍ୱ ସତେଯେମିତି ମିଳେଇ ଯାନ୍ତି ସେ ମହିମା ମଣ୍ଡିତ ମହାପ୍ରଭୁଙ୍କ ପାଖରେ। ସେ ଅପାଣି ଆପଦ ପୁଣି ମହାବାହେ ବହୁବାହୁରୁପାଦମ, ସେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ପୁଣି ଅନ୍ତର୍ବହି ଅବସ୍ଥିତମ୍। ସ୍କନ୍ଦ ପୁରାଣ ପ୍ରମାଣ କରନ୍ତି - 'ନେକାନୈକ ସ୍ଥୂଳସୂକ୍ଷ୍ମାଣୁ ମୂର୍ତ୍ତେଃ, ବ୍ୟୋମାତୀତଂ ବ୍ୟୋମରୂପଂ ପ୍ରକାଶଂ। ବ୍ୟୋମକାରଂ ବ୍ୟାପୀନୋ ବ୍ୟୋମସଷ୍ଟଂ, ବ୍ୟୋମରୂଢ଼ଂ ବ୍ୟୋମକେଶବଜ ଯୋନୋ' ଅର୍ଥାତ୍ ଦାରୁବ୍ରହ୍ମ, ନିର୍ଗୁଣ, ନିରାକାର, ନିର୍ବିକଳ୍ପ, ନିର୍ବିଶେଷ, ନିରୀହ ହେଲେ ମଧ୍ୟ ସ୍ଥଳ ବିଶେଷରେ ସଗୁଣ, ସାକାର, ସବିକଳ୍ପ ରୂପେ ପ୍ରଯୁଜ୍ୟ ଅଟନ୍ତି। ଏ ସବୁ ଆଶ୍ଚର୍ଯ୍ୟ ମଧ୍ୟରେ ରହସ୍ୟମୟ ହେଉଛି ଜଗନ୍ନାଥଙ୍କର ଶ୍ୱେତପଦ୍ମ ପରି ବିଲକ୍ଷଣ ଆୟତ ଡ଼ୋଳାର ମଧୁର ଆକର୍ଷଣ। ସତେଯେପରି ମହାପ୍ରଭୁ ଅପଲକ ନେତ୍ରସୁଧା ଢ଼ାଳି ବିଶାଳ ଚକାଡ଼ୋଳାକୁ ବିସ୍ତାର ପୂର୍ବକ ଅପେକ୍ଷା କରିଛନ୍ତି। ମାୟାକ୍ଲିଷ୍ଟ ମାୟିକ ମଣିଷକୁ ନିଜର ଆପଣା ପଣରେ ଆପଣେଇ ନେବା ପାଇଁ। ସେ ଅନ୍ତର୍ଭେଦୀ ବିକଟ ସରୋଜନୟନ ସହିତ ଯେ ନିଜର ଚର୍ମ ନୟନକୁ ମିଶେଇ ଦେଇପାରିଛି ସେ ହିଁ ବୁଝି ପାରିଛି ଜୀବନର ସାରସତ୍ତାକୁ ଓ ରାଧା ସରସ ରସଧାରାକୁ। ସେଥିପାଇଁ ତ ଭକ୍ତ ଠାରୁ ଆରମ୍ଭ କରି କବି, କଥାକାର, ଗବେଷକ ପର୍ଯ୍ୟନ୍ତ କେତେ ନାମରେ ନାମିତ କରିଛନ୍ତି ଜଗନ୍ନାଥ ମହାପ୍ରଭୁଙ୍କୁ। ଆମ ହୃଦୟର ଜଗନ୍ନାଥ। ଆମ ଜୀବନ ଚେତନାର ଜଗନ୍ନାଥ। ନୀଳ ସରଗର ମୁଣ୍ଡ ଉପରେ ନୀଳ ଲହରି ନିକାଞ୍ଚନ ବେଳା ଭୂମିରେ ସାଗର କୂଳରେ ବିରାଜିତ ଶ୍ରୀମନ୍ଦିରର ସେହି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେହି କେହି ଶବର ଦେବତା ବୋଲି କହିଥାନ୍ତି। ସେ ହେଉଛନ୍ତି କୋଟି ଓଡ଼ିଆଙ୍କ ହୃଦୟେଶ୍ୱର। କୋଟି ଓଡ଼ିଆଙ୍କ ମଉଡମଣି। ତାଙ୍କରି ଜୀବନ ଚେତନା ହେଉଛି ଆମ ଜୀବନ, ପ୍ରାଣ ଓ ସଂସ୍କୃତି। ଶ୍ରୀଜଗନ୍ନାଥ ସଂସ୍କୃତିରେ ସର୍ବ ସଂସ୍କୃତିର ସମନ୍ୱୟ ହୋଇଥିବାରୁ ଓଡ଼ିଶାର ସବୁ ଧର୍ମର ଜନତା ଶ୍ରୀଜଗନ୍ନାଥଙ୍କୁ ଅତ୍ୟନ୍ତ ଭାବପୂର୍ଣ୍ଣ ଦୃଷ୍ଟିରେ ଦେଖିଥାନ୍ତି। ଓଡ଼ିଶାର ମାଟି, ପାଣି, ପବନରେ ମିଶି ରହିଛି ଶ୍ରୀଜଗନ୍ନାଥ ଚେତନା।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ମୋବାଇଲ୍: ୯୪୩୭୨୨୫୬୮୯**


# ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧ: ପ୍ରଭାବିତ ହେବ କେଉଁ କେଉଁ ବ୍ୟବସାୟ ?




**ସୁବାସ ଷଡଙ୍ଗୀ**


ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିଷଦୃଷ୍ଟିରେ ଭାରତ। ପ୍ରଥମେ ୨୫ ଭାଗ ଏବଂ ତା ଉପରେ ପୁଣି ୨୫ଭାଗ ଶୁଳ୍କ ଜାରି କରାଗଲା ବୋଲି ଘୋଷଣା କରିଛନ୍ତି ରାଷ୍ଟ୍ରପତି। ଅବଶ୍ୟ ଏହା ଆସନ୍ତା ଅଗଷ୍ଟ ୨୭ ତାରିଖରୁ ଲାଗୁ ହେବ। ଭାରତୀୟ ରପ୍ତାନୀ ସଂସ୍ଥାଗୁଡ଼ିକର ସଂଗଠନ ଇତିମଧ୍ୟରେ ପ୍ରକାଶ କରିଛନ୍ତି ଯେ ଟ୍ରମ୍ପଙ୍କ ଏଇ ନୂତନ ଶୁଳ୍କ ବ୍ୟବସ୍ଥା ଯୋଗୁଁ ଆମ ଦେଶରୁ ଆମେରିକା ରପ୍ତାନୀ କରାଯାଉଥିବା ସାମଗ୍ରୀ ଉପରେ ୫୫ ଶତାଂଶ ପ୍ରଭାବ ପଡ଼ିବ। ଯେଉଁ ସବୁ ଦେଶ ଆମେରିକାକୁ ପଣ୍ୟ ରପ୍ତାନୀ କରନ୍ତି, ସେମାନଙ୍କ ସହିତ କଡ଼ା ପ୍ରତିଯୋଗିତାର ଶିକାର ହେବାକୁ ପଡ଼ିବ। ସେମାନଙ୍କ ଣ୍ୟ ଉପରେ କମ ଶୁଳ୍କ ଥିବାରୁ ଦାମ କମ ହେବ। ଯାହାଫଳରେ ଭାରତର ରପ୍ତାନୀର ପରିମାଣ କମିଯିବ। ଫେଡେରେସନ ଅଫ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେସନର ସଭାପତି ରାଲହନ ପ୍ରକାଶ କରିଛନ୍ତି, ଏଇ ବର୍ଦ୍ଧିତ ଶୁଳକ୍ ଆମେ ଗ୍ରହଣ କରିବା କଷ୍ଟକର। ଆମ ଓଡ଼ିଶାର ମୁଖ୍ୟ ଚିଙ୍ଗୁଡ଼ି ରପ୍ତାନୀକାରୀ ଫାଲକନ ଗ୍ରୁପର ଅଧ୍ୟକ୍ଷ ତାରା ପଟନାୟକ ମଧ୍ୟ କିପରି ଚିଙ୍ଗୁଡ଼ି ରପ୍ତାନୀ ଉପରେ ପ୍ରଭାବ ପଡ଼ିବ, ତାହା ପ୍ରକାଶ କରିଛନ୍ତି। ଆମେରିକା ଭାରତରୁ ଗହଣା, ଲୁଗାପଟା, ସାମୁଦ୍ରିକ ମାଛ ଓ ଗାଡ଼ିର ଯନ୍ତ୍ରାଂଶ ରପ୍ତାନୀ କରିଥାଏ। ଏଣୁ ଏଇସବୁ ବ୍ୟବସାୟ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି। ବଙ୍ଗଳାଦେଶ, ଭିଏତନାମ ଭଳି ଦେଶରୁ ଆମଦାନୀ କରାଯାଉଥିବା ପଣ୍ୟ ଉପରେ ଶୁଳ୍କ ପରିମାଣ କମ ଥିବାରୁ ଏଇ ସବୁଦେଶର ପଣ୍ୟ ଆମେରିକାରେ କମ ଦାମରେ ମିଳିବ। ଏଣୁ ଭାରି ଏଇସବୁ ଦେଶ ତୁଳନାରେ ପଛକୁ ଚାଲିଯିବ। ଆମେରିକାର ସେନସସ ବ୍ୟୁରୋର ପରିସଂଖ୍ୟାନ କହେ, ୨୦୨୪ ମସିହାରେ ଆମେରିକାକୁ ଭାରତ ଯେତେ ପଣ୍ୟ ରପ୍ତାନୀ କରିଥିଲା, ତାଠାରୁ ଅଧିକ ଆମଦାନୀ କରିଥିଲା। ଅର୍ଥାତ ଭାରତ ସହିତ ଆମେରିକାର ବାଣିଜ୍ୟ ଘଟତିର ପରିମାଣ ଥିଲା୪୮୫ କୋଟି ଆମେରିକାନ ଡଲାର। ଭାରତୀୟ ମୁଦ୍ରାରେ ହିସାବ କଲେ ଏହି ପରିମାଣ ହେବ ଚାରି ଲକ୍ଷ କୋଟି ଟଙ୍କା।

ମନେ ରଖିବାକୁ ହେବ, ଏଇ ଘୋଷିତ ନୂତନ ଶୁଳ୍କ ବ୍ୟବସ୍ଥା ଅଗଷ୍ଟ ୨୭ ତାରିଖରୁ ଲାଗୁ ହେବ। ସ୍ୱସ୍ତିକା ଇନଭେଷ୍ଟମେଣ୍ଟ ନାମରେ ଏକ ବିନିଯୋଗକାରୀ ସଂସ୍ଥାର ଗବେଷଣା ବିଭାଗର ମୁଖ୍ୟ ସନ୍ତୋଷ ମୀନା ପ୍ରକାଶ କରିଛନ୍ତି, ଟ୍ରମ୍ପ ଯେଉଁ ଶୁଳ୍କ ବୃଦ୍ଧି କଥା ଘୋଷଣା କରିଛନ୍ତି, ତାହା ଅପ୍ରତ୍ୟାଶିତ। ତାଙ୍କ ମତରେ ଶୁଳ୍କନୀତି କାର୍ଯ୍ୟକାରୀ ହେବା ପୂର୍ବରୁ ଆଲୋଚନା ହେବା ଦରକାର। ଏଥିପାଇଁ ସମୟ ଅଛି। ଆସନ୍ତା ଅଗଷ୍ଟ ୨୪ ତାରିଖରେ ଆମେରିକାର ଏକ ବାଣିଜ୍ୟ ସଂକ୍ରାନ୍ତୀୟ କମିଟି ଭାରତ ଆସିବାର କଥା। ଏଣୁ ଟ୍ରମ୍ପଙ୍କ ଏଭଳି ଘୋଷଣା କେବଳ ଭାରତ ଉପରେ ଚାପ ସୃଷ୍ଟି କରିବା ପାଇଁ। ତାଙ୍କ ମତରେ ଭାରତୀୟ ଅର୍ଥନୀତିକୁ ଗତିଶୀଳ କରାଏ ଦେଶର ଆଭ୍ୟନ୍ତରୀଣ ଚାହିଦା।



ଏଥିରେ ଆମେରିକାର କୌଣସି ଯୋଗଦାନ ନାହିଁ। କେବଳ ଫରକ ହେଉଛି ତଥ୍ୟପ୍ରଯୁକ୍ତି, ଔଷଧ ଓ ବୈଦ୍ୟୁତିକ ଯନ୍ତ୍ରାଂଶ। ଆଶା କରିବାର କଥା, ଏହା ଉପରେ ନୂତନ ଶୁଳ୍କ ଲାଗୁ ହେବା କଥା କୁହାଯାଇ ନାହିଁ। ତେବେ କପଡ଼ା, ଗହଣା, ସାମୁଦ୍ରିକ ମାଛ ରପ୍ତାନୀ ଉପରେ ଚାପ ପଡ଼ିବ। ଏଠାରେ ପ୍ରଶ୍ନ ଉଠିପାରେ କେଉଁ କେଉଁ ବ୍ୟବସାୟ ଉପରେ ଅଧିକ ପ୍ରଭାବ ପଡ଼ିବ? ଓଡ଼ିଶାର ମୁଖ୍ୟ ଚିଙ୍ଗୁଡ଼ି ରପ୍ତାନୀକାରୀ ଫାଲକନ ଗ୍ରୁପର ତାରା ପଟନାୟକଙ୍କ ମତରେ ଚିଙ୍ଗୁଡ଼ି ରପ୍ତାନୀ ଉପରେ ଗଭୀର ପ୍ରଭାବ ପଡ଼ିବ। ସାମୁଦ୍ରିକ ମାଛ ରପ୍ତାନୀ ଧିକ କ୍ଷତିଗ୍ରସ୍ତ ହେବ। ଭାରତ ଯେତିକି 'ସିଫୁଡ' ରପ୍ତାନୀ କରେ, ତାର ଚାଳିଶ ଶତାଂଶ ଯାଏ ଆମେରିକାକୁ। ପ୍ରାୟ ୬୦ ହଜାର କୋଟି ଟଙ୍କାର ସାମୁଦ୍ରିକ ମାଛ ଭାରତ ଆମେରିକାକୁ ରପ୍ତାନୀ କରେ। ସବୁଠାରୁ ଅଧିକ ରପ୍ତାନୀ ହୁଏ ଚିଙ୍ଗୁଡ଼ି। ଏଣୁ ଏଇ ଚାଷ ସହିତ ସମ୍ପୃକ୍ତ ଚାଷୀମାନେ କ୍ଷତିଗ୍ରସ୍ତ ହେବେ।

ସେଇ ଭଳି ଆଉ ଏକ ଉଦ୍ୟୋଗ ହେଲା ଲୁଗାପଟା। ଆମ ଓଡ଼ିଶାକୁ ଏକ 'ଟେକ୍ସଟାଇଲ ହବ'ରେ ପରିଣତ କରିବା କଥା ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। କିନ୍ତୁ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରି ହୋଇପାରି ନାହିଁ। ଏବେ କିନ୍ତୁ ନୋଏଡା, ସୁରଟ ଓ ତିରପୁରରୁ ଲୁଗାପଟା ଆମେରିକାକୁ ରପ୍ତାନୀ କରାଯାଉଛି। ଏଣୁ ସିଧାସଳଖ ଏଇ ବ୍ୟବସାୟ ଉପରେ ପ୍ରଭାବ ପଡ଼ିବ। କନଫେଡେରେସନ ଅଫ ଇଣ୍ଡିଆନ ଟେକ୍ସଟାଇଲର ସଭାପତି ସଞ୍ଜୟ ଜୈନ ପ୍ରକାଶ କରିଛନ୍ତି, ନୂଆ ବରାଦ ମିଳିବ ନାହିଁ। ପୁରୁଣା ବରାଦ ଯାହା ମିଳିଛି, ତାକୁ କ୍ଷତିରେ ସହି ରପ୍ତାନୀ କରିବାକୁ ହେବ। ଆମେରିକାର କପଡ଼ା ବଜାରରେ ବଙ୍ଗଳାଦେଶ, ଭିଏତନାମ ଭଳି ଦେଶର ପ୍ରଭାବ ବଢ଼ିବ।

ଏହାପରେ ଆସେ ଗହଣା। ୨୦୨୪- ୨୫ ଆର୍ଥିକ ବର୍ଷରେ ଆମେରିକାକୁ ୮୩ ହଜାର କୋଟି ଟଙ୍କାର ବିଭିନ୍ନ ଗହଣା ରପ୍ତାନୀ କରିଥିଲା ଭାରତ। ଭାରତର ଗହଣା ଆମେରିକାରେ ଅଧିକ ପସନ୍ଦ। ଜେମ୍ସ ଏଣ୍ଡ ଜୁଏଲାରି ପମୋସନ କାଉନସିଲର ଅଧ୍ୟକ୍ଷ କୀରିଟ ଭନସାଲିଙ୍କ ମତରେ ଆମେରିକା ପରିବର୍ତ୍ତେ ଆମକୁ ବିକଳ୍ପ ଦେଶର ସନ୍ଧାନ କରିବାକୁ ହେବ। ବିଶେଷ କରି ଦୁବାଇ, ମେକସିକୋରେ ଭାରତୀୟ ଗହଣାର ଚାହିଦା ଅଧିକ।

ଗାଡ଼ିର ଯନ୍ତ୍ରାଂଶ ଅଧିକ ରପ୍ତାନୀ ହୁଏ ଭାରତରୁ। ବର୍ଷକୁ ପ୍ରାୟ ୬୧ ହଜାର କୋଟି ଟଙ୍କାର ଗାଡ଼ି ଯନ୍ତ୍ରାଂଶ ଭାରତ ଆମେରିକାକୁ ରପ୍ତାନୀ କରେ। ଗାଡ଼ି କିନ୍ତୁ ରପ୍ତାନୀ ହୁଏନା। ବିଶାରଦମାନଙ୍କର ମତ ହେଉଛି, ଏଇ ସବୁ ଶିଳ୍ପ ଉପରେ ପ୍ରଭାବ ପଡ଼ିବ। ଉତ୍ପାଦନ କମ ହେବ। ଏଣୁ ଛଟେଇ ହେବେ କର୍ମଚାରୀ। ଯାହାର ପ୍ରଭାବ ଆମ ଅର୍ଥନୀତି ଉପରେ ପଡ଼ିବ।

ତେବେ ଏବେବି ସମୟ ଅଛି। ହୁଏତ ଭାରତ ସହିତ ଆଲୋଚନା କରିବା ପୂର୍ବରୁ ଟ୍ରମ୍ପ ଏପରି ଧମ୍କ ଦେଇଥାଇପାରନ୍ତି। କାରଣ ଭାରତ ସହିତ ଆଲୋଚନା ପାଇଁ ଆମେରିକା ଯେତେ ଅଧିକ ଆଗ୍ରହୀ, ଭାରତ କିନ୍ତୁ ସେତେ ଆଗ୍ରହ ପ୍ରକାଶ କରୁନାହିଁ। କାରଣ ରୁଷରୁ ଶସ୍ତାରେ ତେଲ ମିଳୁଛି। ଯଦି ଭାରତ ଆମେରିକା ସହିତ ସାଲିସ ନ କରେ, ତେବେ ରୁଷ ସହିତ ବନ୍ଧୁତା ସହିତ ଚୀନ ଓ ଅନ୍ୟ ଆମେରିକା ବିରୋଧୀ ସହିତ ବନ୍ଧୁତା ବଢେଇବାକୁ ହେବ। ଇତି ମଧ୍ୟରେ ଭାରତ ବ୍ରାଜିଲ ସହିତ କଥାବାର୍ତ୍ତା କରିଛି।

ଅଗଷ୍ଟ ୨୭ ତାରିଖ ଆହୁରି ଅନେକ ଦିନ ଅଛି। ରୁଷର ରାଷ୍ଟ୍ରପତି ମଧ୍ୟ ଭାରତ ଗସ୍ତରେ ଆସିବେ ବୋଲି ଅଜିତ ଡୋଭାଲ ରୁଷ ଗସ୍ତରୁ ଫେରିବା ପରେ କହିଛନ୍ତି। ତେଣୁ ଭାରତ ପାଇଁ ଅନେକ ବାଟ ରହିଛି। କିନ୍ତୁ ଟ୍ରମ୍ପଙ୍କ ଗତି କେତେଦୂର ତାହା ଦେଖିବାର କଥା।

# ଝୁଲଣ ଯାତ୍ରା




**ଅଲେଖ ଚନ୍ଦ୍ର ସାମଲ**


ଭାରତବର୍ଷର ଅଧିକାଂଶ ପର୍ବ ପୁରାଣ ବର୍ଣ୍ଣିତ ଓ କିମ୍ବଦନ୍ତୀ ଅନ୍ତରାଳରେ ସମ୍ବଳିତ ହୋଇଥିବା ହେତୁ ପ୍ରତ୍ୟେକ ଉତ୍ସବର କିଛି ଆଧାତ୍ମିକ ତଥା ଧାର୍ମିକ ଗୁରୁତ୍ୱ ରହିଛି। ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାଭୂମି ବ୍ରଜଭୂମି ବୃନ୍ଦାବନରେ ଏହି ଝୁଲଣ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୁଏ। କୁହାଯାଏ ଆଜକୁ ପାଞ୍ଚ ହଜାର ବର୍ଷ ଧରି ବୃନ୍ଦାବନରେ ଶ୍ରୀରାଧାକୃଷ୍ଣଙ୍କର ପବିତ୍ର ଝୁଲଣ ଯାତ୍ରା ଉତ୍ସବ ଖୁବ ଜାକଜମକରେ ପାରମ୍ପରିକ ରୀତି ନୀତିରେ ପାଳିତ ହେବା ଲକ୍ଷ୍ୟ କରାଯାଏ। ବୃନ୍ଦାବନରେ ଏହି ପ୍ରସିଦ୍ଧ ଝୁଲଣ ଯାତ୍ରା ଦୀର୍ଘ ତେର ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ବୃନ୍ଦାବନ ଓ ତାହାର ଆଖପାଖ ଅଞ୍ଚଳରେ ଭାରତ ତଥା ବିଶ୍ୱର ବିଭିନ୍ନ ଦେଶରୁ ପର୍ଯ୍ୟଟକମାନେ ଏହି ଝୁଲଣ ଯାତ୍ରାକୁ ଆସି ବେଶ୍ ଉପଭୋଗ ମଧ୍ୟ କରିଥାନ୍ତି। ବୃନ୍ଦାବନରେ ଠାକୁରମାନେ ଝୁଲୁଥିବା ଦୋଳି ଗୁଡ଼ିକ କେଉଁଠାରେ ବିଭିନ୍ନ ପୁଷ୍ପ ଦ୍ୱାରା ତ କିଛି ମନ୍ଦିରରେ ଦୋଳି ଗୁଡ଼ିକ ରୂପା ଓ ସୁନାରେ ନିର୍ମିତ ହୋଇଥାଏ। ବୃନ୍ଦାବନରେ ଥିବା ପ୍ରସିଦ୍ଧ ଶ୍ରୀବାଙ୍କେବିହାରୀ ମନ୍ଦିର, ଶ୍ରୀରାଧାରମଣ ମନ୍ଦିର, ମଥୁରାର ଶ୍ରୀଦ୍ୱାରକାଧିଶୀ ମନ୍ଦିର, ଲାଡ଼ଲୀଲାଲ ଏବଂ ପୁରୀ ଶ୍ରୀମନ୍ଦିରରେ ଶ୍ରାବଣର ଏହି ପବିତ୍ର ଝୁଲଣଯାତ୍ରା ଦେଖିବାକୁ ଭକ୍ତ ମାନଙ୍କ ପ୍ରବଳ ଜନସମାଗମ ହୁଏ। ବୃନ୍ଦାବନର ଘଞ୍ଚ କୁଞ୍ଜବନର ବର୍ଷା ଭିଜା ଆକାଶ ଶ୍ରାବଣରେ ଏକ ରୋମାଞ୍ଚକର ପରିବେଶ ସୃଷ୍ଟି କରୁଥାଏ। ଭରା ଯମୁନାର କୂଳେ କୂଳେ ବର୍ଷ ଦିନିଆ ଫୁଲମାନେ ଜୁଇ, ଜାଇ, ଚମେଲୀ, ମାଧବୀ ଫୁଲ ମଧ୍ୟରେ ଛାଇ ଯାଇଥାନ୍ତି। ସମଗ୍ର ପରିବେଶ ଜୀବନ୍ତ ହୋଇଉଠେ ଯେତେବେଳେ ବୃନ୍ଦାବନର ପ୍ରତ୍ୟେକ ମଠରେ, ଘରେ, ମନ୍ଦିରରେ ଓ କୁଞ୍ଜବନରେ ରାଧାରାଣୀ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ସହିତ ଆକର୍ଷଣୀୟ ଝୁଲଣରେ ଦୋଳି ଖେଳନ୍ତି। ବୃନ୍ଦାବନର ସାରା ପରିବେଶ ରାଧେ ରାଧେ ଅମୃତ ନାମାମୃତରେ ପବିତ୍ର ହୋଇଉଠେ ଝୁଲଣ ଯାତ୍ରାର ଏହି ତେର ଦିନ। ଶ୍ରାବଣ ମାସର ପୂର୍ଣ୍ଣିମା ହେଉଛି ଗହ୍ମା ପୂର୍ଣ୍ଣିମା। ଏହାକୁ ବଳରାମଙ୍କ ଜନ୍ମ ତିଥି ଭାବେ ଗ୍ରହଣ କରାଯାଇଛି। ସେ ଚାଷୀ କୁଳର ପ୍ରତୀକ ତଥା ଗୋ ଜାତିର ପାଳନ କର୍ତ୍ତା। ତେଣୁ ଏହି ଦିନରେ ଗାଈଗୋରୁଙ୍କୁ ମଧ୍ୟ ପୂଜା କରାଯାଏ। ଏକମତ ଅନୁଯାୟୀ, ଗୋପୂର୍ଣ୍ଣିମାର ଅପଭ୍ରଂଶ ହେଉଛି ଗହ୍ମା ପୂର୍ଣ୍ଣିମା। ପୁଣି ଏହାକୁ ରାଖୀ ପୂର୍ଣ୍ଣିମା ମଧ୍ୟ କୁହାଯାଏ। କିମ୍ବଦନ୍ତୀ କହେ, କୁନ୍ତୀ ମାତା, ଏହି ଦିନରେ ପଞ୍ଚପୁତ୍ରଙ୍କୁ କୌରବଙ୍କ ବିଷ ଦୃଷ୍ଟିରୁ ରକ୍ଷା କରିବା ଉଦ୍ଦେଶ୍ୟରେ, ଶ୍ରୀକୃଷ୍ଣଙ୍କ ହାତରେ ରାଖି ବାନ୍ଧି, ତାଙ୍କ ଅନୁଗ୍ରହ ଭିକ୍ଷା କରିଥିଲେ। ଏହି ଦିନର ଅନ୍ୟ ଏକ ଆକର୍ଷଣ ହେଉଛି ଝୁଲଣ ଯାତ୍ରା। ଶ୍ରାବଣ ଶୁକ୍ଳ ପକ୍ଷ ଏକାଦଶୀରେ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ଗହ୍ମା ପୂର୍ଣ୍ଣିମାରେ ଶେଷ ହୁଏ। ଆମ ରାଜ୍ୟର କ୍ଷତ୍ରିୟମାନେ ଏହି ଦିନରେ ଯଜ୍ଞ ଉପବୀତ ବଦଳାନ୍ତି। ଆଗ କାଳରେ ପାଇକମାନେ ଏହି ଦିନକୁ ଅତି ଶୁଭ ମନେକରି, ପିଲାଙ୍କର ଯୁଦ୍ଧବିଦ୍ୟା ଶିକ୍ଷା ଆରମ୍ଭ କରୁଥିଲେ। ଏହି ଅବସରରେ ପାଇକ ପିଲାମାନେ ପ୍ରଥମେ ଉଚ୍ଚ ସ୍ଥାନରୁ ତଳକୁ ଡେଉଁଥିଲେ। ସୁଉଚ୍ଚ ସ୍ଥାନକୁ ତଳକୁ ଡେଇଁବାକୁ ଗହ୍ମା ଡିଆଁ। ଯେଉଁମାନେ କୃତକାର୍ଯ୍ୟ ହେଉଥିଲେ, ସେମାନଙ୍କୁ ପାଇକ ହେବା ପାଇଁ ତାଲିମ ଦିଆଯାଉଥିଲା। ଓଡ଼ିଶାର କୋଣ ଅନୁକୋଣରେ ଥିବା ପ୍ରାୟ ସମସ୍ତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଝୁଲଣ ଉତ୍ସବ ମହାସମାରୋହରେ ପାଳିତ ହୋଇଥାଏ। ପ୍ରତ୍ୟେକ ମନ୍ଦିର ପରିସରରେ ସୁସଜ୍ଜିତ ଦୋଳି ନିର୍ମାଣ କରାଯାଇ ଠାକୁର ମାନଙ୍କୁ ରୀତିନୀତିରେ ଭକ୍ତମାନେ ଝୁଲାଇ ଥାଆନ୍ତି। ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ରରେ ଥିବା ମଠଗୁଡ଼ିକ ବ୍ୟତୀତ କଣ୍ଟିଲୋର ନୀଳମାଧବ ମନ୍ଦିର, ରେମୁଣାର କ୍ଷୀରଚୋରା ଗୋପୀନାଥ ମନ୍ଦିର, ପୁରୀ ନିକଟସ୍ଥ ସାକ୍ଷୀଗୋପାଳ ଜୀଉଙ୍କ ମନ୍ଦିର ଏବଂ ଭୁବନେଶ୍ୱରସ୍ଥ ଇସ୍କନ ଶ୍ରୀକୃଷ୍ଣ ମନ୍ଦିରରେ ଝୁଲଣ ଯାତ୍ରା ମହାସମାରୋହରେ ସାତ ଦିନ ବ୍ୟାପୀ ଭକ୍ତମାନଙ୍କ ଦ୍ୱାରା ପାଳିତ ହୋଇଥାଏ। ଶ୍ରାବଣ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରୁ ଭାଦ୍ରବ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥି ପର୍ଯ୍ୟନ୍ତ ସାତ ଦିନ ଧରି ଶ୍ରୀମନ୍ଦିରରେ ପାଳନ କରାଯାଏ। ମୁକ୍ତି ମଣ୍ଡପରେ ହୋଇଥିବା ସୁସଜ୍ଜିତ ଝୁଲଣ କୁଞ୍ଜରେ ମଦନ ମୋହନ, ଲକ୍ଷ୍ମୀ, ସରସ୍ୱତୀ ଦୋଳି ଉପରେ ବିଜେ କରନ୍ତି। ଏହା ଦ୍ୱାଦଶ ଯାତ୍ରା ଅନ୍ତର୍ଗତ ନ ହେଲେ ସୁଦ୍ଧା ଏ ଯାତ୍ରାର ଲୋକପ୍ରିୟତା ଖୁବ୍ ବେଶି। ଶ୍ରୀମନ୍ଦିରର କୁଞ୍ଜବନରେ ଅନୁଷ୍ଠିତ ଝୁଲଣ ଯାତ୍ରାରେ କିନ୍ତୁ ସ୍ୱକୀୟା ପ୍ରେମକୁ ପ୍ରାଧାନ୍ୟ ଦେଇ ପତି ପତ୍ନୀଙ୍କ ପ୍ରେମ ପ୍ରଣୟ ଏହି ପର୍ବରେ ପ୍ରତିଫଳିତ ହୋଇଥାଏ। ପୁରୀ ମନ୍ଦିରରେ ଝୁଲଣ ପରମ୍ପରା ଅଷ୍ଟାଦଶ ଶତକର ଶେଷ ଭାଗରୁ ଅଦ୍ୟାବଧି ଚଳି ଆସୁଥିବାର ବିଭିନ୍ନ ଲିଖିତ ବିବରଣୀରୁ ମିଳିଥାଏ। ପୁରୀର ଶୋଲ ଶିଳ୍ପୀ ମାନଙ୍କର କରାମତି ସବୁଠୁ ଅଧିକ ଫୁଟି ଉଠେ ଝୁଲଣ କୁଞ୍ଜରେ। ଶ୍ରୀମନ୍ଦିର କୁଞ୍ଜବନର ଅନ୍ୟତମ ବିଶେଷତ୍ୱ ହେଲା ଯେ, ଏହାର ଦୁଇ ପାର୍ଶ୍ୱରେ ପ୍ରକାଣ୍ଡକାୟ ଦୁଇ ଜଣ ଦ୍ୱାରପାଳ ରହନ୍ତି। ଏ ଦୁଇଟି ଦ୍ୱାରପାଳଙ୍କ ଉଚ୍ଚତା ପ୍ରାୟ ଚଉଦ ଫୁଟ। ମୂର୍ତ୍ତି ଦ୍ୱୟର ଗୋଟେ ଲେଖାଏଁ ହାତ ଉତ୍ତୋଳିତ ହୋଇଥାଏ ଏବଂ ସେଥିରେ ସେମାନେ ଧରିଥାଆନ୍ତି ଗୋଟିଏ ଗୋଟିଏ ଗଦା। ଏହି ପ୍ରକାଣ୍ଡକାୟ ମୂର୍ତ୍ତିଗୁଡ଼ିକ ଶୋଲରେ ହିଁ ତିଆରି ହୋଇଥାଏ। ସାତଦିନ ଯାଏଁ ଝୁଲଣ କୁଞ୍ଜରେ ଦେବତାମାନେ ଝୁଲନ୍ତି। ଅବଶ୍ୟ ରତ୍ନସିଂହାସନରେ ବିରାଜୁଥିବା ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଏହି ଝୁଲଣରେ ଶୋଭା ନପାଇଲେ ମଧ୍ୟ ଅଷ୍ଟଧାତୁରେ ନିର୍ମିତ ହୋଇଥିବା ତାଙ୍କର ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଲକ୍ଷ୍ମୀ ସାଆନ୍ତାଣୀ ତଥା ମା'ସରସ୍ୱତୀଙ୍କ ପିତୁଳା ଦ୍ୱୟ ଝୁଲଣରେ ଝୁଲିଥାନ୍ତି। ପ୍ରତି ଝୁଲଣରେ ସୁନ୍ଦର ଭାବେ ବିଗ୍ରହ ଗୁଡ଼ିକୁ ବିଶେଷ ବେଶରେ ସଜାଇ ଦିଆଯାଏ। ଯଥାରୀତି ଭୋଗ ଅର୍ପଣ କରିବା ପରେ ସେବାୟତ ବସିରହି ଧିରେ ଧିରେ ଦଉଡ଼ି ଟାଣି ଦୋଳିକୁ ଝୁଲାନ୍ତି। ଏହି ଝୁଲଣ ଯାତ୍ରା ଯେ, କେବଳ ଶ୍ରୀମନ୍ଦିରରେ ନୁହେଁ ବରଂ ଶ୍ରୀମନ୍ଦିରକୁ ବେଢ଼ି ରହିଥିବା କୋଡିଏରୁ ଅଧିକ ମଠରେ।


**ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର**
**ମୋବାଇଲ୍: ୯୪୩୭୨୫୭୧୨୩**


# ଆମ ପରମ୍ପରାରେ ପବିତ୍ର ରକ୍ଷା ବନ୍ଧନ ଓ ତା'ର ଇତିହାସ




**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**


ରକ୍ଷା ବନ୍ଧନ! ଭାଇ ଓ ଭଉଣୀଙ୍କ ମଧ୍ୟରେ ଏକ ପବିତ୍ର ସଂପର୍କର ବନ୍ଧନ ହେଉଛି ରାକ୍ଷୀ। ନିଜର ସୁରକ୍ଷା ପାଇଁ ଭାଇ ହାତରେ ରାକ୍ଷୀଟିଏ ବାନ୍ଧିଦିଏ ଭଉଣୀ। ତାହା ସହ ଭଉଣୀ ନିଜ ଅଲିଅଳ ଭାଇକୁ ସ୍ନେହରେଞ୍ଚା ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଏକ ଜନପ୍ରିୟ ପାରମ୍ପରିକ ହିନ୍ଦୁ ପର୍ବ ଓ ଏହା ଦକ୍ଷିଣ ଏସିଆରେ ପାଳନ କରାଯାଏ। ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ବନ୍ଧୁତ୍ୱକୁ ଦୃଢ଼ କରିଥାଏ। ଏହି ଦିନ ଭଉଣୀ, ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ, ବଦଳରେ ଭାଇ, ତା'ର ଭଉଣୀକୁ ରକ୍ଷା କରିବାର ସଂକଳ୍ପ ନେଇଥାଏ। ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମୀ ଦିନ ପାଳନ କରାଯାଇଥାଏ। ତେବେ ଅନ୍ୟ ରାଜ୍ୟମାନଙ୍କରେ ଏହି ଶ୍ରାବଣ ପୂର୍ଣ୍ଣିମାର ପର୍ବ ଭିନ୍ନ ରୀତିରେ ପାଳିତ ହେଇଆସୁଛି। ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ ଆଦି ସ୍ଥାନରେ ଶ୍ରାବଣ ପୂର୍ଣ୍ଣିମା ନାରିକେଳ ପୂର୍ଣ୍ଣିମା ଭାବେ ପାଳିତ ହେଇଥାଏ। ଏହି ଦିନ ସମୁଦ୍ର ଦେବତା ବରୁଣଙ୍କୁ ନାରିକେଳ ବା ନଡ଼ିଆ ପ୍ରଦାନ କରାଯାଏ। ଉପକୂଳବର୍ତ୍ତୀ ଅଞ୍ଚଳ, ବିଶେଷ କରି ଯେଉଁମାନେ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ସମୁଦ୍ର ଉପରେ ନିର୍ଭର କରିଥାନ୍ତି ସେମାଙ୍କ ପାଇଁ ଏହି ପର୍ବ ଯଥେଷ୍ଟ ମହତ୍ତ୍ୱ ରଖେ। ଗୁଜରାଟରେ ଏହି ଦିନ ପବିତ୍ରୋପନ ମଧ୍ୟ ପାଳିତ ହୋଇଥାଏ। ଶ୍ରାବଣର ପ୍ରତି ସୋମବାର ଶିବ ମନ୍ଦିରରେ ଜଳଲାଗି ସହ ପୂର୍ଣ୍ଣମୀରେ ଏହି ପର୍ବ ବହୁତ ଆଡ଼ମ୍ବର ସହିତ ପାଳିତ ହେଇଥାଏ। ଉତ୍ତର ଭାରତରେ ଏହି ପର୍ବ କାଜରି ପୂର୍ଣ୍ଣିମା ଭାବେ ଜଣାଶୁଣା। ଭଲ ଫସଲ ଉତ୍ପାଦନ ପାଇଁ ଏହି ଦିନ ଦେବୀଙ୍କୁ ପୂଜା କରାଯାଇଥାଏ। ତେବେ ଏହା ସବୁ ସ୍ଥାନରେ ନୁହେଁ, ସ୍ଥାନୀୟ ଭାବେ ପାଳିତ ହୋଇଥାଏ। ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ଛତିଶଗଡ଼ର କେତେକ ସ୍ଥାନରେ ଏହା ପାଳିତ ହେଇଥାଏ। ତେବେ ଦକ୍ଷିଣ ଭାରତରେ ଏହି ତିଥିକୁ ଅବନୀ ଅୱିଟ୍ଟମ୍ ପାଳନ କରାଯାଇଥାଏ। ଏହାକୁ ଓଡ଼ିଶାର ବ୍ରାହ୍ମଣଶାସନରେ ଶ୍ରାବଣୀ ବେଦଉପାକର୍ମ ମଧ୍ୟ କୁହାଯାଏ। ବ୍ରାହ୍ମଣମାନେ ଏହିଦିନ ପବିତ୍ର ବୁଡ଼ ପକାଇ ଶ୍ଳୋକ ଉଚ୍ଚାରଣ ସହ ଯଜ୍ଞୋପବୀତ ଧାରଣ କରିଥାନ୍ତି। ବ୍ରାହ୍ମଣଙ୍କଦ୍ୱାରା କରାଯାଉଥିବା ଉତ୍ସବକୁ ବ୍ରହ୍ମଯଜ୍ଞ ମଧ୍ୟ କୁହାଯାଏ।

ପୁରାଣ ଓ ଇତିହାସରେ ରହିଛି ରକ୍ଷାବନ୍ଧନର ଅନେକ ଘଟଣା। ପୁରାଣରେ ଅସୁର ରାଜାବଳିଠାରୁ ମୋଗଲ ସମ୍ରାଟ ହୁମାୟୁନଙ୍କ ଯାଏଁ ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି।ଭାଗବତ ପୁରାଣ ଏବଂ ବିଷ୍ଣୁ ପୁରାଣ ଅନୁଯାୟୀ ଯେତେବେଳେ ଭଗବାନ ବିଷ୍ଣୁ ଭୂତ ରାଜା ବଳିଙ୍କଠାରୁ ତିନୋଟି ଜଗତ ମାନେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଜିତିଥିଲେ, ସେତେବେଳେ ସେ ଭୂତ ରାଜାଙ୍କୁ ରାଜପ୍ରାସାଦରେ ତାଙ୍କ ପାଖରେ ରହିବାକୁ କହିଥିଲେ। ପ୍ରଭୁ ଅନୁରୋଧ ଗ୍ରହଣ କଲେ ଏବଂ ଭୂତ ରାଜାଙ୍କ ସହିତ ରହିବାକୁ ଲାଗିଲେ। ତେବେ ଭଗବାନ ବିଷ୍ଣୁଙ୍କ ପତ୍ନୀ ଦେବୀ ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କୁ ସେଠାରୁ ଫେରି ଆଣିବାକୁ ଚାହୁଁଥିଲେ। ସେତେବେଳେ ନାରଦ ମା'ଲକ୍ଷ୍ମୀଙ୍କୁ ଏହି ସମସ୍ୟାର ସମାଧାନର ବାଟ କହିଥିଲେ ତେଣୁ, ସେ ରାକ୍ଷୀକୁ ଭୂତ ରାଜା ବଳିଙ୍କ ହାତରେ ବାନ୍ଧି ତାଙ୍କୁ ନିଜର ଭାଇ କଲେ। ଫେରସ୍ତ ଉପହାର ବିଷୟରେ ପଚାରିବାରୁ ଦେବୀ ଲକ୍ଷ୍ମୀ ବଳିଙ୍କୁ ତାଙ୍କ ସ୍ୱାମୀଙ୍କୁ ଶପଥରୁ ମୁକ୍ତ କରିବାକୁ ଏବଂ ତାଙ୍କୁ ବୈକୁଣ୍ଠକୁ ଫେରିବାକୁ କହିଥିଲେ। ବଳି ଏହି ଅନୁରୋଧରେ ରାଜି ହେଲେ ଏବଂ ଭଗବାନ ବିଷ୍ଣୁ ତାଙ୍କ ପତ୍ନୀ ଦେବୀ ଲକ୍ଷ୍ମୀଙ୍କ ସହ ତାଙ୍କ ସ୍ଥାନକୁ ଫେରିଯିବାକୁ କହିଥିଲେ। ଏହିଦିନ ଶ୍ରାବଣ ମାସର ପୂର୍ଣ୍ଣିମା ଥିଲା। କୁହାଯାଏ ସେବେଠାରୁ ରାକ୍ଷୀ ପୂର୍ଣ୍ଣିମା ପାଳନ କରାଯାଏ।ଆଉ ମଧ୍ୟ କୃଷ୍ଣ ଭଗବାନ ରାଜା ଶିଶୁପାଳଙ୍କୁ ହତ୍ୟା କରିଥିଲେ। ଯୁଦ୍ଧ ସମୟରେ କୃଷ୍ଣଙ୍କ



ବାମ ହାତର ଆଙ୍ଗୁଠି କ୍ଷତାକ୍ତ ହୋଇ ରକ୍ତସ୍ରାବ ହେଉଥିବା ଦେଖି ଦ୍ରୋପଦୀ ଅତ୍ୟନ୍ତ ଦୁଃଖି ହୋଇଥିଲେ ଏବଂ ସେ ତାଙ୍କ ଶାଢ଼ୀର କାନି ଚିରି କରି କୃଷ୍ଣଙ୍କ ଆଙ୍ଗୁଠିରେ ବାନ୍ଧି ଦେଇଥିଲେ। ଏହା ଦ୍ୱାରା ତାଙ୍କ ରକ୍ତସ୍ରାବ ବନ୍ଦ ହୋଇଥିଲା। କୁହାଯାଏ ଯେ ସେବେଠାରୁ କୃଷ୍ଣ ଦ୍ରୋପଦୀଙ୍କୁ ତାଙ୍କ ଭଉଣୀ ଭାବରେ ଗ୍ରହଣ କରିଥିଲେ। ବହୁ ବର୍ଷ ପରେ, ଯେତେବେଳେ ପାଣ୍ଡବମାନେ ପଶା ଖେଳରେ ଦ୍ରୌପଦୀଙ୍କୁ ହରାଇଥିଲେ ଏବଂ ଏକ ଜନସମାଗମ ସଭାରେ ତାଙ୍କ ବସ୍ତ୍ରହରଣ ହୋଇଥିଲେ, ସେତେବେଳେ ଭଗବାନ କୃଷ୍ଣ ଭାଇର କର୍ତ୍ତବ୍ୟ ପାଳନ କରି ଭଉଣୀ ଦୌପଦୀଙ୍କ ଲଜ୍ଜା ରକ୍ଷା କରିଥିଲେ। ମହାଭାରତରେ ମଧ୍ୟ ଏପରି ଏକ ପୌରାଣିକ କାହାଣୀ ରହିଛି।କାହାଣୀଟି କୃଷ୍ଣ ଓ ଦ୍ରୌପଦୀଙ୍କୁ ନେଇ। ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା। ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ଚିରି ସେଥିରେ ଗୁଡ଼ାଇ ଦେଇଥିଲେ, ଫଳରେ ରକ୍ତ ବନ୍ଦ ହେଇଯାଇଥିଲା। ଦ୍ରୌପଦୀଙ୍କ ମଧ୍ୟରେ ଶ୍ରୀକୃଷ୍ଣ ଭଉଣୀର ସ୍ନେହ ପାଇଥିଲେ। ଯେତେବେଳେ କୁରୁସଭାରେ ଦ୍ରୌପଦୀଙ୍କୁ କୌରବମାନେ ବିବସନା କରିବାକୁ ଉଦ୍ୟତ ହେଲେ ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ରଦାନକରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ। ଇତିହାସରେ ମଧ୍ୟ ରହିଛି ରକ୍ଷାବନ୍ଧନ। ଯଦିଓ ଏହାପଛରେ ରହିଛି ରାଜନୈତିକ ଅଭିସନ୍ଧି, ତେବେ ବି ରାକ୍ଷୀ ବାନ୍ଧିଥିବା ଭଉଣୀର ସମ୍ମାନ ରକ୍ଷା ପାଇଁ ଭାଇ ପଛଘୁଞ୍ଚା ଦେଇନାହିଁ। ପ୍ରଥମ ଘଟଣାଟି ହେଲା ଖ୍ରୀଷ୍ଟପୂର୍ବ ୩ ୦୦ ବର୍ଷ ତଳର। ମାସିଡୋନିଆର ସମ୍ରାଟ ଆଲେକଜାଣ୍ଡାର ଭାରତ ଉପରେ ବିଜୟ ଲାଭ ପାଇଁ ଅଗ୍ରସର ହେଉଥିବା ବେଳେ ରାଜା ପୁରୁଙ୍କ ସମ୍ମୁଖୀନ ହେଇଥିଲେ। ପ୍ରଥମ ଥର ପୁରୁଙ୍କଠାରୁ ଆଲେକଜାଣ୍ଡାର ପରାସ୍ତ ହେଲେ, ସେତେବେଳେ ଆଲେକଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ନିକଟକୁ ଏକ ରାକ୍ଷୀ ପ୍ରେରଣ କରିଥିଲେ। ପୁରୁ ତାଙ୍କୁ ନିଜର ଭଉଣୀ ଭାବେ ଗ୍ରହଣ କରିଥିଲେ। ଅନ୍ୟ ଘଟଣାଟି ହେଲା ରାଣୀ କର୍ଣ୍ଣାବତୀ ଓ ସମ୍ରାଟ ହୁମାୟୁନଙ୍କୁ ନେଇ। ମଧ୍ୟ ଯୁଗର ରାଜପୁତ ଯୋଦ୍ଧମାନେ ପରାକ୍ରମୀ ଥିଲେ। ସେମାନେ କୈଣସି ଆକ୍ରମଣକାରୀ ସତ ପ୍ରାଣ ଦେଇ ଲଢୁଥିଲେ। ଏମିତି ଏକ ଯୁଦ୍ଧରେ ଚିତୋରର ରାଣୀ କର୍ଣ୍ଣାବତୀ ସ୍ୱାମୀଙ୍କୁ ହରାଇବାପରେ ଯେତେବେଳେ ଅନୁଭବ କଲେ ଯେ, ସୁଲତାନ ବାହାଦୁରଶାହାଙ୍କୁ ପ୍ରତିହତ କରାଯାଇପାରିବ ନାହିଁ, ସେତେ ବେଳେ ସେ ଉପାୟଟିଏ ଚିନ୍ତାକଲେ। ମୋଗଲ ସମ୍ରାଟ ହୁମାୟୁନଙ୍କ ନିକଟକୁ ଏକ ରାକ୍ଷୀ ପଠେଇ ଦେଲେ। ହୁମାୟୁନ ମଧ୍ୟ ଏହାକୁ ଭଉଣୀର ସ୍ନେହ ମନେ କରି ଚିତୋରର ସୁରକ୍ଷାପାଇଁ ତୁରନ୍ତ ତାଙ୍କର ସୈନ୍ୟବାହିନୀ ପଠେଇଦେଇଥିଲେ।

ଏହି ଦିନରେ ପାଳନ କରାଯାଉଥିବା ଅନ୍ୟାନ୍ୟ ପର୍ବ ପର୍ବାଣି ମଧ୍ୟରୁ ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମାକୁ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ତିଥିଭାବେ ଗ୍ରହଣ କରାଯାଏ। ହଳମୂଷଳ ଧାରଣ କରିଥିବା ବଳଭଦ୍ରଙ୍କୁ ସମ୍ମାନ ଜଣାଇ ଏହିଦିନ ଗୋମାତାଙ୍କୁ ପୂଜା କରାଯାଏ। ସେମାନଙ୍କୁ ଗାଧୋଇ ଦିଆଯାଇ ତାଙ୍କ ଶିଙ୍ଗରେ ରାକ୍ଷୀ ବାନ୍ଧିବା ଏବଂ ପିଠା ଖାଇବାକୁ ଦେବାର ପରମ୍ପରା ରହିଛି। ବ୍ରାହ୍ମଣମାନେ ଏହି ଦିନ ମନ୍ତୁରା ପଇତା ମଧ୍ୟ ପ୍ରଦାନ କରିଥାନ୍ତି, ଏହି ପଇତା ପିନ୍ଧିଲେ ବ୍ରହ୍ମରାକ୍ଷସ କବଳରୁ ମୁକ୍ତି ମିଳେ ବୋଲି ମଧ୍ୟ ବିଶ୍ୱାସ ରହିଛି। କୃଷ୍ଣଙ୍କ ବଡ଼ ଭାଇ ଭଗବାନ ବଳରାମ ଏହି ଦିନ ଅବତୀର୍ଣ୍ଣ ହୋଇଥିଲେ, ତେଣୁ ଏହି ଦିନଟିକୁ ବଳରାମ ଜୟନ୍ତୀ ରୂପେ ପାଳନ କରାଯାଏ। ଏହି ଦିନ ସବୁ ପାଳିତ ପଶୁ ଗାଈ, ଗୋରୁ ଆଦିଙ୍କୁ ସଜାଯାଏ ଏବଂ ପୂଜା କରାଯାଏ। ବିଭିନ୍ନ ପ୍ରକାରର ପିଠା ଓ ମିଠା ତିଆରି କରାଯାଏ ଏବଂ ପରିବାର, ବନ୍ଧୁ ବାନ୍ଧବମାନଙ୍କ ମଧ୍ୟରେ ବଣ୍ଟାଯାଏ। ଶ୍ରାବଣ ମାସରେ ଶୁକ୍ଳ ପକ୍ଷ ଦଶମୀଠାରୁ ଭାଦ୍ରବ ପ୍ରତିପଦ ପର୍ଯ୍ୟନ୍ତ ୭ଦିନ ଏହି ଝୁଲଣ ଯାତ୍ରା ପର୍ବ ପାଳନ କରାଯାଏ। ଭଗବାନ କୃଷ୍ଣ ଏବଂ ରାଧା ଏହି ବର୍ଷା ଋତୁରେ ଦୋଳି ଖେଳି ଆନନ୍ଦ ନେଇଥାନ୍ତି। ରାଧା କୃଷ୍ଣଙ୍କୁ ଝୁଲଣରେ ସଜାଯାଇ ଦୋଳି ଖେଳା ଯାଇଥାଏ।


**ଅରଙ୍ଗାବାଦ ବରୀ ଯାଜପୁର, ମୋବାଇଲ: ୯୯୩୮୯୦୬୦୭୦**




# ରାକ୍ଷୀ ପାଳିଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୯।୮:** ଆଜି ହିନ୍ଦୁମାନଙ୍କ ପବିତ୍ର ପର୍ବ ରାକ୍ଷୀ ପୂର୍ଣ୍ଣିମା ସମଗ୍ର ଦେଶରେ ପାଳିତ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ଏହି ପର୍ବ ପାଳନ କରିଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଅଫିସିଆଲ୍ 'ଏକ୍ସ' ହ୍ୟାଣ୍ଡଲ୍‌ରେ ଏହି ପର୍ବ ପାଳନ ସମୟର ଫଟୋ ଶେୟାର୍ ହୋଇଛି। ବିଭିନ୍ନ ସ୍କୁଲ୍‌ର ଛାତ୍ରୀ ଓ ସଙ୍ଗଠନର ସଦସ୍ୟ ସେମାନଙ୍କ ହାତରେ ରାକ୍ଷୀ ବାନ୍ଧିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଶ୍ରୀ ମୋଦି ଓ ଶ୍ରୀମତୀ ମୁର୍ମୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ କୁନି କୁନି ପିଲାମାନଙ୍କୁ ଶୁଭାଶୀର୍ବାଦ ପ୍ରଦାନ କରିଛନ୍ତି। ଆଜି ସକାଳେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତାଙ୍କ ନୂଆଦିଲ୍ଲୀ ୭, ଲୋକ କଲ୍ୟାଣ ମାର୍ଗସ୍ଥିତ ବାସଭବନରେ ସ୍କୁଲ୍ ପିଲାମାନଙ୍କ ହାତରୁ ରାକ୍ଷୀ ବାନ୍ଧିଥିଲେ। ଏହାଛଡ଼ା ବ୍ରହ୍ମାକୁମାରୀମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ରାକ୍ଷୀ ପିନ୍ଧାଇବା ସହ ମିଠା ଖୁଆଇ ପର୍ବର ବଧେଇ ଜଣାଇଥିଲେ। ଏନେଇ ପ୍ରଧାନମନ୍ତ୍ରୀ ତାଙ୍କ 'ଏକ୍ସ' ଆକାଉଣ୍ଟ୍‌ରେ ଦେଶର ନାରୀ ଶକ୍ତିକୁ ବଧେଇ ଜଣାଇବା ସହ ସେମାନେ ନିୟମିତ ଭାବେ ସେମାନଙ୍କ ସ୍ନେହ ଓ ଭରସା ଦେଖାଇ ଆସିଥିବା ଦର୍ଶାଇଛନ୍ତି। ଏଥିପାଇଁ ଶ୍ରୀ ମୋଦି ଦେଶର ନାରୀ ସମାଜ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମଧ୍ୟ ରାଷ୍ଟ୍ରପତି ଭବନରେ ବିଭିନ୍ନ ସ୍କୁଲ୍‌ର ଛାତ୍ରୀ ଓ କେତେକ ସଙ୍ଗଠନର ସଦସ୍ୟମାନଙ୍କ ସହ ରାକ୍ଷୀ ପର୍ବ ପାଳନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ସ୍କୁଲ୍ ଛାତ୍ରଙ୍କ ହାତରେ ରାକ୍ଷୀ ବାନ୍ଧିବା ସହ ଦେଶର ଏହି ମହାନ୍ ପର୍ବ ଭାଇ-ଭଉଣୀଙ୍କ ସମ୍ପର୍କକୁ ଦୃଢ଼ କରୁଥିବା କହିଛନ୍ତି। ଏହାଛଡ଼ା କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ୍‌ଙ୍କ ହାତରେ ବ୍ରହ୍ମାକୁମାରୀ ଓ ସ୍କୁଲ୍ ଛାତ୍ରୀମାନେ ବାଣିଜ୍ୟ ଭବନଠାରେ ରାକ୍ଷୀ ବାନ୍ଧିଛନ୍ତି। ଏହି ଅବସରରେ ଶ୍ରୀ ଗୋୟଲ୍ ପିଲାମାନଙ୍କୁ ଉପହାର ଦେଇଥିଲେ। ଥିବା ବେଳେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମଧ୍ୟ ରାକ୍ଷୀ ପାଳିଛନ୍ତି। ଆହୁରି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗଛରେ ରାକ୍ଷୀ ବାନ୍ଧି ପ୍ରକୃତି ପ୍ରତି ତାଙ୍କର ଭଲ ପାଇବାକୁ ଦର୍ଶାଇବା ସହ ପରିବେଶ ସୁରକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

'ଅପରେସନ୍ ସିନ୍ଦୂର' ନେଇ ନୂଆ ତଥ୍ୟ ଦେଲେ ଏୟାର ଚିଫ୍ ମାର୍ଶାଲ

# ଭାରତ ଖସାଇଛି ୫ ପାକିସ୍ତାନୀ ଯୁଦ୍ଧ ବିମାନ

**ବେଙ୍ଗାଲୁରୁ,୯।୮:** ପହଲଗାମ୍ ହମ୍‌ଲାର ପ୍ରତିଶୋଧ ନେବାକୁ ଯାଇ ଭାରତୀୟ ସେନା ପକ୍ଷରୁ ହୋଇଥିବା 'ଅପରେସନ୍ ସିନ୍ଦୂର'ରେ ପାକିସ୍ତାନର ୫ ଯୁଦ୍ଧ ବିମାନ ମାଟି କାମୁଡ଼ିଥିଲା। ଏହାଛଡ଼ା ପାକ୍ ସେନାର ଆଉ ଏକ ବଡ଼ ଏୟାର କ୍ରାଫଟକୁ ମଧ୍ୟ ଖସାଇ ଦିଆଯାଇଥିଲା ବୋଲି କହିଛନ୍ତି ଭାରତୀୟ ବାୟୁସେନା ମୁଖ୍ୟ ତଥା ଚିଫ୍ ଅଫ୍ ଏୟାର ଷ୍ଟାଫ୍ ମାର୍ଶାଲ ଏପି ସିଂ। ଆଜି ଏଠାରେ ଆୟୋଜିତ ଷୋଡ଼ଶ ଏୟାର ଚିଫ୍ ମାର୍ଶାଲ ଏଲ୍ଏମ୍ କାତ୍ରେ ମେମୋରିଆଲ ଲେକ୍ଚର କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଶ୍ରୀ ସିଂ ଏହି କଥା କହିଛନ୍ତି। ଏଥିସହ 'ଅପରେସନ୍ ସିନ୍ଦୂର' ପରେ ପାକିସ୍ତାନୀ ସେନାର ଯୁଦ୍ଧ ବିମାନକୁ ଭାରତୀୟ ମାଟିରେ ଖସାଇ ଦିଆଯିବା ନେଇ ଭାରତୀୟ ସେନା ପକ୍ଷରୁ କୌଣସି ଉଚ୍ଚ ଅଧିକାରୀଙ୍କ ଏହା ପ୍ରଥମ ସରକାରୀ ବୟାନ ବୋଲି କୁହାଯାଉଛି। ଏହି ଅବସରରେ ଶ୍ରୀ ସିଂ କହିଛନ୍ତି ଯେ ଭାରତୀୟ ସେନା ଅତି କମରେ ୫ଟି ଯୁଦ୍ଧ ବିମାନ ଓ ଗୋଟିଏ ବିରାଟ ଏୟାରକ୍ରାଫ୍ଟକୁ ନଷ୍ଟ କରିଥିଲା। ଉକ୍ତ ବିରାଟ ଏୟାରକ୍ରାଫ୍ଟଟି ବୋଧହୁଏ ଇଏଲଆଇଏନଟି ବିମାନ କିମ୍ବା ଆୱାକସ ବିମାନ ହୋଇପାରେ। ୩୦୦ କିମି ଦୂରରୁ



ଏହାକୁ ନଷ୍ଟ କରିବାରେ ଆମ ସେନାର ଯବାନମାନେ ସକ୍ଷମ ହୋଇଥିଲେ। ସେହିପରି 'ଅପରେସନ୍ ସିନ୍ଦୂର' ବାସ୍ତବରେ ସ୍ଥଳ ଭାଗରୁ ଆକାଶ ପଥରେ କରାଯାଇଥିବା ସବୁଠାରୁ ବଡ଼ ଅପରେସନ ବୋଲି ଶ୍ରୀ ସିଂ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଅପରେସନ୍ ସମୟରେ ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ଶାହବାଜ୍ ଜାକୋବାବାଦ ବିମାନବନ୍ଦରସ୍ଥିତ ଏଫ୍-୧୬ ହାଙ୍ଗର୍‌ର ମଧ୍ୟ ଅର୍ଦ୍ଧାଧିକ ଭାଗ ନଷ୍ଟ ହୋଇଯାଇଛି। ସେଥି ମଧ୍ୟରେ ଥିବା କେତେକ ବିମାନ ମଧ୍ୟ ନଷ୍ଟବିନଷ୍ଟ ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ନଷ୍ଟ ହୋଇଥିବା ବିମାନଗୁଡ଼ିକର ଧ୍ୱଂସାବଶେଷ ଆମେ ସଂଗ୍ରହ କରିପାରୁନାହିଁ। କାରଣ ପାକିସ୍ତାନ ଏୟାରଫୋର୍ସ (ପିଏଏଫ୍)ର ଉକ୍ତ ବିମାନଗୁଡ଼ିକ ଭାରତୀୟ ବାୟୁସୀମାରେ ପ୍ରବେଶ କରିବାର ଅନୁମତି ପାଇନଥିଲେ। କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ 'ଅପରେସନ୍ ସିନ୍ଦୂର'ର ଯୋଜନା ପ୍ରସ୍ତୁତି ସହ କାର୍ଯ୍ୟକାରୀ ସମ୍ପର୍କରେ ସବିଶେଷ ବିବରଣୀ ଦେବା ସମୟରେ ଶ୍ରୀ ସିଂ ଉପରୋକ୍ତ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ପାଖାପାଖି ୯୦ ଘଣ୍ଟା ଧରି ଚାଲିଥିବା ସମ୍ମୁଖ ଯୁଦ୍ଧରେ ଭାରତ ପାକିସ୍ତାନ ସେନାର ବ୍ୟାପକ କ୍ଷୟକ୍ଷତି ଘଟାଇବାରୁ ପାକିସ୍ତାନ ବାଧ୍ୟ ହୋଇ ଯୁଦ୍ଧରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲା। କାରଣ ଭାରତ ବିପକ୍ଷରେ ବେଶୀ ସମୟ ଯୁଦ୍ଧ ଜାରି ରଖିଲେ, କ୍ଷୟକ୍ଷତି ପରିମାଣ ଅପୂରଣୀୟ ହେବ ବୋଲି ପାକିସ୍ତାନ ହୃଦ୍‌ବୋଧ କରି ପଛକୁ ଫେରିଯାଇଥିବା ଶ୍ରୀ ସିଂ କହିଛନ୍ତି।

ଏହି ଅବସରରେ ଶ୍ରୀ ସିଂ 'ଅପରେସନ ସିନ୍ଦୂର' ପୂର୍ବରୁ ଓ ପରେ ଆତଙ୍କବାଦୀଙ୍କ ଆଡ୍ଡାଗୁଡ଼ିକର ଅବସ୍ଥା କ'ଣ ହୋଇଥିଲା, ସେନେଇ ମଧ୍ୟ ସ୍ୟାଟେଲାଇଟ ଚିତ୍ର ଜାରି କରିଛନ୍ତି। ପାକିସ୍ତାନର ବାହାବଲପୁରରେ ଥିବା ପ୍ରମୁଖ ଆତଙ୍କୀ ସଂଗଠନ ଜୈଶ-ଇ-ମହମ୍ମଦର ମୁଖ୍ୟାଳୟ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ଛବିରୁ କ୍ଷୟକ୍ଷତିର ପରିଣାମ ବେଶ୍ ସ୍ପଷ୍ଟ ହୋଇଛି। କିନ୍ତୁ ଟାର୍ଗେଟର ଆଖପାଖ ବିଲଡିଂରେ କୌଣସି ଆଞ୍ଚ୍ ଆସିନାହିଁ। କେବଳ ସ୍ୟାଟେଲାଇଟ ଚିତ୍ର ନୁହେଁ, ବରଂ ସ୍ଥାନୀୟ ମିଡିଆ ମଧ୍ୟ ଏହି ଖବରର ପୁଷ୍ଟି କରିସାରିଛି। ସ୍ଥାନୀୟ ମିଡିଆ ଦ୍ୱାରା ଭିତରର ଛବି ବି ହାସଲ କରାଯାଇପାରିଛି ବୋଲି ଏୟାର ଚିଫ ମାର୍ଶାଲ ଶ୍ରୀ ସିଂ କହିଛନ୍ତି।

'ଅପରେସନ୍ ଅଖଲ'ର ନବମ ଦିନ

# ଜଣେ ଆତଙ୍କବାଦୀ ନିପାତ, ଦୁଇ ଯବାନ ସହିଦ

**ଶ୍ରୀନଗର,୯।୮:** ଜମ୍ମୁ-କଶ୍ମୀରର କୁଲଗାମରେ ଲସ୍କର ଆତଙ୍କବାଦୀଙ୍କ ବିରୋଧରେ ଭାରତୀୟ ସେନା ପକ୍ଷରୁ ଚାଲିଥିବା 'ଅପରେସନ୍ ଅଖଲ'ର ନବମ ଦିନରେ ଜଣେ ଆତଙ୍କୀ ନିପାତ ହୋଇଛି। ସେହିପରି ଆତଙ୍କୀଙ୍କ ଗୁଳିରେ ୨ ଜଣ ଯବାନ ସହିଦ ହୋଇଥିବା ବେଳେ ୪ ଜଣ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ସହିଦ ହୋଇଥିବା ଯବାନଦ୍ୱୟ ଚିନାର କର୍ପ୍ସର ହେଲେ ଲାନ୍ସନାଏକ ପ୍ରୀତପାଲ୍ ସିଂହ ଓ ସିପାହୀ ହରମିନ୍ଦର ସିଂହ। ଗତକାଲି ବିଳମ୍ବିତ ରାତିରେ ବି ଅନେକ ଆତଙ୍କବାଦୀ ଜଙ୍ଗଲରେ ଲୁଚି ରହିଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ଯେ ଅଖଲ ଦକ୍ଷିଣ କଶ୍ମୀରର କୁଲଗାମରେ ଥିବା ଏକ ପାହାଡ଼ିଆ ଜଙ୍ଗଲ, ଯେଉଁଠାରେ ସେପରି




● ୪ ଯବାନ ଗୁରୁତର

ଏହି ଏନ୍‌କାଉଣ୍ଟର୍ ହୋଇଥିବା ବେଳେ ଉକ୍ତ ଆତଙ୍କବାଦୀର ମୃତଦେହ ଉଦ୍ଧାର କରାଯାଇଛି। ଉକ୍ତ ଅଞ୍ଚଳରେ ଘନ ଜଙ୍ଗଲ ଭିତରେ ଅନେକ ଆତଙ୍କବାଦୀ ଲୁଚିଥିବା ସନ୍ଦେହ କରି ସେନାବାହିନୀ ପକ୍ଷରୁ ତଲାସୀ ଅଭିଯାନ ଜାରି ରହିଛି।

କୁଲଗାମ୍‌ରେ ଗତ ୧ରୁ ଆରମ୍ଭ ହୋଇଥିବା ଏହି ଅପରେସନ୍‌ରେ ଗତକାଲି ବିଳମ୍ବିତ ରାତିରେ ଗୁଇନ୍ଦା ସୂଚନା ଆଧାରରେ ସେନା, ଜମ୍ମୁ-କଶ୍ମୀର ପୁଲିସ୍ ଓ ଅର୍ଦ୍ଧସାମରିକ ବାହିନୀ ପକ୍ଷରୁ ମିଳିତ ଭାବେ ଅଖଲର ଜଙ୍ଗଲକୁ ଘେରାବନ୍ଦୀ କରାଯିବା ସହ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଏହି ଅପରେସନ୍‌ରେ ଅଦ୍ୟାବଧି ୫ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିବା ବେଳେ ଏବେ କୌଣସି ରାସ୍ତା ନାହିଁ। ସୁରକ୍ଷା ବାହିନୀକୁ ଏହି ଅଞ୍ଚଳରେ ସେମାନଙ୍କ ତାଲିମ ଓ ବୁଦ୍ଧିମତା ଆଧାରରେ ଘେରାବନ୍ଦୀ କରିବାକୁ ପଡ଼ିଥାଏ। ଏପରି ସ୍ଥିତିରେ ଯଦି କୌଣସି ଗୁଳିମାଡ଼ ହୁଏ, ସେତେବେଳେ ଉକ୍ତ ଗୁଳି କେଉଁ ଦିଗରୁ ଆସୁଛି, ତାହା ବି ଜାଣିବା କଷ୍ଟକର ହୋଇଥାଏ। ଉକ୍ତ ଅଞ୍ଚଳରେ ଶବ୍ଦ ମଧ୍ୟ ପ୍ରତିଧ୍ୱନି କରୁଥିବାରୁ ଶବ୍ଦ ଅନୁସରଣ ମାଧ୍ୟମରେ ଲୋକେସନ ଜାଣିବା ମଧ୍ୟ ବେଶ୍ କଷ୍ଟକର ହୋଇଥାଏ। କିନ୍ତୁ ଭାରତୀୟ ସେନା ନିଜ ତାଲିମ ଦମରେ ଉକ୍ତ ଅଞ୍ଚଳର ସମସ୍ତ ଆହ୍ୱାନର ମୁକାବିଲା କରି ଆତଙ୍କବାଦୀଙ୍କ ସହ ଲଢ଼େଇ ଚଳାଇଛି। ସେନା ପକ୍ଷରୁ ଦିଆଯାଇଥିବା ସୂଚନାନୁଯାୟୀ, ଉକ୍ତ ଅଞ୍ଚଳରେ ଏବେ ବି ଅତି କମରେ ୩ ଜଣ ଆତଙ୍କବାଦୀ ଘନ ଜଙ୍ଗଲରେ ଲୁଚି ରହିଛନ୍ତି। ସେମାନେ ଜଙ୍ଗଲରେ ପ୍ରାକୃତିକ ଗୁମ୍ଫାରେ ଲୁଚି ରହୁଥିବା ବେଳେ ସେମାନଙ୍କୁ କାବୁ କରିବା ସକାଶେ ସୁରକ୍ଷା ବାହିନୀ କଡ଼ା ଘେରାବନ୍ଦୀ କରିଛି। ସେହିପରି ଆତଙ୍କବାଦୀଙ୍କ ସମ୍ପର୍କରେ ସବିଶେଷ ସୂଚନା ପାଇବା ସକାଶେ ସୁରକ୍ଷା ବାହିନୀ ପକ୍ଷରୁ ଡ୍ରୋନ ଏବଂ ହେଲିକପ୍ଟର ମଧ୍ୟ ବ୍ୟବହାର କରାଯାଉଛି। ସେହିପରି ଏହି ଅପରେସନ୍ ଦ୍ୱାରା ଅଖଲ ଗ୍ରାମର ବାସିନ୍ଦାମାନେ ଯେପରି କ୍ଷତିଗ୍ରସ୍ତ ନ ହେବେ, ସେଥିସକାଶେ ସେମାନଙ୍କୁ ନିରାପଦ ସ୍ଥାନକୁ ନିଆଯାଉଛି। ଏଥିସକାଶେ ସ୍ଥାନୀୟ ପ୍ରଶାସନ ସଂଯୋଜକମାନଙ୍କୁ ନିଯୁକ୍ତି ଦେଇଛି, ଯେଉଁମାନେ ସ୍ଥାନାନ୍ତରରେ ସହଯୋଗ କରୁଛନ୍ତି।

# ଇରାନ୍ ଉପରେ ଇସ୍ରାଏଲ୍‌ର ହମ୍‌ଲା

ବାୟୁସୀମା ବନ୍ଦ କଲା ଇରାକ୍

**ତେହରାନ୍,୯।୮:** ଇରାନ୍ ଉପରେ ହମ୍‌ଲା କରିଛି ଇସ୍ରାଏଲ୍। ଗତ ଗୁରୁବାର ବିଳମ୍ବିତ ରାତିରେ ଏହି ହମ୍‌ଲା ହୋଇଥିବା ବେଳେ ଏହାର ପ୍ରତିକ୍ରିୟା ସ୍ୱରୂପ ଇରାକ୍ ଗତକାଲିଠାରୁ ଏହାର ବାୟୁସୀମାକୁ ସିଲ୍ କରିଦେଇଛି। ଏଥିସହ ଦେଶର ପ୍ରମୁଖ ବିମାନବନ୍ଦରରେ ବିମାନ ଚଳାଚଳକୁ ମଧ୍ୟ ବନ୍ଦ କରାଯାଇଥିବା ନେଇ ଇରାକ୍ ନ୍ୟୁଜ୍ ଏଜେନ୍ସି ପକ୍ଷରୁ ସୂଚନା ଦିଆଯାଇଛି। ଇସ୍ରାଏଲ୍ ପକ୍ଷରୁ ଇରାନ୍ ରାଜଧାନୀ ତେହରାନ୍‌ଠାରେ ବିସ୍ଫୋରଣ କରାଯାଇଥିବା ନେଇ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ କହିଛନ୍ତି। ଏଥିସହ ଏହି ଆକ୍ରମଣରେ ଇରାନ୍‌ର ଆଣବିକ ପ୍ରତିଷ୍ଠାନ ଓ ସାମରିକ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ୍ କରାଯାଇଛି। ଇସ୍ରାଏଲ୍‌ର ଏପରି ଆକ୍ରମଣକୁ ଶ୍ରୀ ନେତାନ୍ୟାହୁ 'ରାଇଜିଂ ଲାୟନ୍' ନାମ ଦେବା ସହ ଇରାନ୍‌ର



କୌଣସି ପ୍ରକାର ଆକ୍ରମଣ ଆଶଙ୍କାକୁ ଶେଷ କରିବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସେ ଜାରି ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ସେହିପରି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇଜ୍ରାଏଲ୍ କାଜ୍ କହିଛନ୍ତି ଯେ ଇରାନ୍‌ର ଆଣବିକ ଅସ୍ତ୍ରଶସ୍ତ୍ର ବିକାଶ ଇସ୍ରାଏଲ୍ ପାଇଁ ବିପଦ ସୃଷ୍ଟି କରୁଥିବାରୁ ଏହି ଦେଶକୁ ବାରମ୍ବାର ଚେତାବନୀ ସତ୍ତ୍ୱେ ଏଥିରେ ରୋକ ଲାଗିପାରୁନାହିଁ। ଇରାନ୍ ନିୟମିତ ଭାବେ ଆଣବିକ ଅସ୍ତ୍ରଶସ୍ତ୍ର ବିକାଶ ପାଇଁ ବିପୁଳ ପରିମାଣର ୟୁରାନିୟମ୍ ଠୁଳ କରୁଥିବା ନେଇ ଅନ୍ତର୍ଜାତୀୟ ସମୂହ ମଧ୍ୟ ଅଭିଯୋଗ କରିଆସିଛି। ତେଣୁ ଇରାନ୍ ଉପରେ ଇସ୍ରାଏଲ୍‌ର ଏପରି ଆକ୍ରମଣ ଧାରା ଜାରି ରହିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ଆକ୍ରମଣ ପଛରେ ଆମେରିକାର କୌଣସି ହାତ ନଥିବା ଦେଶର ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି। ଏଥିସହ ଏହି ଆକ୍ରମଣ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ଇସ୍ରାଏଲ୍‌ର ବୋଲି ସେ ସ୍ପଷ୍ଟ କରିଛନ୍ତି। ଇସ୍ରାଏଲ୍ ଓ ଆମେରିକା ମଧ୍ୟରେ ଇରାନ୍‌ର ଆଣବିକ ଶକ୍ତିକୁ ପରାହତ କରିବା ସକାଶେ ରଣନୀତି ଧାର୍ଯ୍ୟ କରିବା ପାଇଁ ଆଲୋଚନା ଜାରି ରହିଥିବାରୁ ଇସ୍ରାଏଲ୍‌ର ସଦ୍ୟ ଆକ୍ରମଣ ପଛରେ ଆମେରିକାର ଭୂମିକା ଥିବା କୁହାଯାଉଥିଲେ ହେଁ ରୁବିଓ ଏହାକୁ ଖାରଜ କରିଛନ୍ତି।

ଭାରୀ ପଡ଼ିଲା ବାୟୁ ସୀମା ବନ୍ଦ ନିଷ୍ପତ୍ତି

# ପାକିସ୍ତାନର ୪.୧ ବିଲିୟନ ଡଲାର କ୍ଷତି

**ଇସଲାମାବାଦ,୯।୮:** ଭାରତୀୟ ବିମାନ ଚଳାଚଳ ରୋକିବା ସକାଶେ ବାୟୁସୀମା ବନ୍ଦ କରିବା ପାକିସ୍ତାନ ପାଇଁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛି। ଏଥିପାଇଁ ପାକିସ୍ତାନକୁ ମୋଟ ୪.୧ ବିଲିୟନ ଡଲାରର କ୍ଷତି ସହିବାକୁ ପଡ଼ିଛି। ଏନେଇ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନ୍ୟାସନାଲ ଆସେମ୍ବ୍ଲିରେ ସୂଚନା ଦିଆଯାଇଛି। ସୂଚନାନୁସାରେ, ଏହି କ୍ଷତି ଗତ ଏପ୍ରିଲ୍ ୨୪ରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ କାଏମ ରହିଥିବା କଟକଣା ଯୋଗୁଁ ହୋଇଛି। ଏହି କ୍ଷତି ମଧ୍ୟ ଏବେ ବି ଜାରି ରହିଛି। କାରଣ ଭାରତ ଅଦ୍ୟାବଧି ପାକିସ୍ତାନ ବିମାନ ଚଳାଚଳ ପାଇଁ ଭାରତୀୟ ବାୟୁସେନାକୁ ମୁକ୍ତ କରିନାହିଁ। ବିମାନ କ୍ଷେତ୍ରରେ କଟକଣା ଲଗାଇବା ଫଳରେ ପ୍ରତିଦିନ ୧୦୦ରୁ ୧୫୦ ଭାରତୀୟ ବିମାନ ଚଳାଚଳ ପ୍ରଭାବିତ ହୋଇଛି। ଏହି କାରଣରୁ ପାକିସ୍ତାନ ବିମାନ ଯାତାୟାତ ପ୍ରାୟ ୨୦ ପ୍ରତିଶତ ହ୍ରାସ ପାଇଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖାଜ୍ୱା ଆସିଫ ଏନେଇ ନ୍ୟାସନାଲ ଆସେମ୍ବ୍ଲିରେ କହିଛନ୍ତି ଯେ ଏହି କଟକଣା ଦ୍ୱାରା ଆମର ଆର୍ଥିକ କ୍ଷତି ହୋଇଛି।

# ସୁଶୀଲାବେନ୍: ଭଉଣୀ ନଂ.୧

ଭାଇଙ୍କୁ ଦେଇଛନ୍ତି ନୂଆ ଜୀବନ

**ଅହମ୍ମଦାବାଦ,୯।୮:** ଆଜି ପବିତ୍ର ରକ୍ଷା ବନ୍ଧନ। ଏହି ଦିନରେ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ତା'ର ସୁଖ ମନାସୁଥିବା ବେଳେ ଭାଇ ମଧ୍ୟ ଭଉଣୀକୁ ଆଜୀବନ ସୁରକ୍ଷା ପ୍ରତିଶ୍ରୁତି ଦେଇଥାଏ। କିନ୍ତୁ ଆଜିକାର ସ୍ୱାର୍ଥପର ଦୁନିଆରେ ଅନେକ ସ୍ଥାନରେ ଭାଇଭଉଣୀ ସମ୍ପର୍କ କେବଳ ଲୋକଦେଖାଣିଆ ହୋଇ ରହିଛି। କିନ୍ତୁ ଗୁଜରାଟର ସୁଶୀଲାବେନ୍‌ଙ୍କ କ୍ଷେତ୍ରରେ ଏପରି କୌଣସି ଯୁକ୍ତି ଲାଗୁ ହେଉନାହିଁ। କାରଣ ୫୮ ବର୍ଷୀୟା ସୁଶୀଲାବେନ୍ ପିଲାଟି ଦିନରୁ ଯେଉଁ ଭାଇ ହାତରେ ରାକ୍ଷୀ ବାନ୍ଧି ଆସୁଥିଲେ, ତାଙ୍କ ଜୀବନ ବଞ୍ଚାଇବାକୁ ପାଇଁ କିଡ୍‌ନୀ ଦାନ କରିବାକୁ ବି ପଛାଇଲେନାହିଁ। ଅର୍ଥାତ୍ ଭାଇର ଜୀବନରେ ଅମାଅନ୍ଧାର ଘୋଟି ଆସିବା ପୂର୍ବରୁ ସେ ନିଜ କଥା ନ ଭାବି ଭାଇଙ୍କ ଜୀବନରେ ପୁଣିଥରେ ଆଲୋକ ଭରିଦେଲେ। ଏହା ବୋଧହୁଏ ଅତିରଞ୍ଜିତ ଲାଗୁଥାଇପାରେ। କିନ୍ତୁ ବାସ୍ତବରେ ଗୁଜରାଟର ସୁଶୀଲାବେନ୍‌ଙ୍କ କ୍ଷେତ୍ରରେ ଏହା ହିଁ ଘଟିଛି। ଅର୍ଥାତ୍ ରକ୍ଷା ବନ୍ଧନର ଅସଲ ମହତ୍ତ୍ୱ ପ୍ରତିପାଦିତ କରିଛନ୍ତି ସୁଶୀଲାବେନ୍। ସୂଚନାନୁସାରେ, ଗୁଜରାଟ ଗାନ୍ଧିନଗର ନିବାସୀ କିରନ୍‌ଭାଇ ପଟେଲ୍ ଭରୁଚ୍‌ର ଏକ ସାର କାରଖାନାରେ କାମ କରୁଥିଲେ। କିନ୍ତୁ ଦୁଇ ବର୍ଷ ତଳେ ଅଚାନକ ତାଙ୍କର ଦୁଇଟିଯାକ କିଡ୍‌ନୀ ନଷ୍ଟ ହୋଇଯାଇଛି ବୋଲି ଜଣାପଡ଼ିଲା। ଫଳରେ ଅଷ୍ଟ୍ରେଲିଆରେ ରହୁଥିବା ଦୁଇ ପିଲା ଓ ପତ୍ନୀ ଚିନ୍ତାରେ ପଡ଼ିଯାଇଥିଲେ। ପାଖରେ ଟଙ୍କାର ଅଭାବ ନଥିଲା। କିନ୍ତୁ କିଏ ବା ନିଜ ଜୀବନ ବିପନ୍ନ କରି କିଡ୍‌ନୀ ଦେବ? ତେଣୁ ପରିବାର କେବଳ ଭଗବାନଙ୍କୁ ହିଁ ପ୍ରାର୍ଥନା କରୁଥିଲେ। କିନ୍ତୁ ଏହି ସମୟରେ ଏପରି କିଛି ଘଟିଲା ଯାହା ବୋଧହୁଏ କେହି ଆଶା କରିନଥିଲେ। କିରନ୍‌ଭାଇଙ୍କ ୪ ଭଉଣୀ ସମସ୍ତେ



କିଡ୍‌ନୀ ଦେବାକୁ ଆଗେଇ ଆସିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ କେବଳ କାନାଡ଼ାରେ ରହୁଥିବା ସୁଶୀଲାବେନ୍‌ଙ୍କ କିଡ୍‌ନୀ ମ୍ୟାଚ୍ କରୁଥିଲା। ଶେଷରେ କିରନ୍‌ଭାଇ ସୁଶୀଲାବେନ୍‌ଙ୍କ କିଡ୍‌ନୀରେ ତାଙ୍କ ସୁଖୀ ଜୀବନ କାଏମ ରଖିଥିଲେ। ସୁଶୀଲାବେନ୍‌ଙ୍କ ସ୍ୱାମୀ ମଧ୍ୟ ଏଥିରେ ଭରପୂର ସହଯୋଗ କରିଥିବା କିରନ୍‌ଭାଇ କହିଛନ୍ତି। ତେଣୁ ସୁଶୀଲାବେନ୍ ହେଉଛନ୍ତି ଭଉଣୀ ନଂ.୧।

ଏନ୍‌ଇପିକୁ ଚ୍ୟାଲେଞ୍ଜ, ହିନ୍ଦୀକୁ ବିରୋଧ

# ଏସ୍‌ଇପି କାର୍ଯ୍ୟକାରୀ କଲା ତାମିଲନାଡୁ

**ଚେନ୍ନାଇ,୯।୮:** କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)-୨୦୨୦ ବିରୋଧରେ ଆଜି ତାମିଲାନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ରାଜ୍ୟର ନିଜସ୍ୱ ଶିକ୍ଷା ନୀତି ଉନ୍ମୋଚନ କରିଛନ୍ତି। ଏନ୍‌ଇପି ସାମାଜିକ ନ୍ୟାୟ ବିରୋଧୀ ଓ ଏହା ରାଜ୍ୟରେ ହିନ୍ଦୀ ଭାଷାକୁ ଜୋରଜବରଦସ୍ତି ଲଦିଦେବା ପାଇଁ ଉଦ୍ଦିଷ୍ଟ ଥିବା ଷ୍ଟାଲିନ୍ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ମାତୃଭାଷା ତାମିଲ ଆମ ପରିଚୟ ଓ ଗର୍ବ। ରାଜ୍ୟରେ କେବଳ ତାମିଲ ଓ ଇଂଲିଶ ଦ୍ୱିଭାଷୀ ନୀତି କାର୍ଯ୍ୟକାରୀ ହେବ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ନୂଆ ରାଜ୍ୟ ଶିକ୍ଷା ନୀତି (ଏସ୍‌ଇପି) ଅଣାଯାଇଛି। ଏଥିରେ ବିଜ୍ଞାନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଇଂଲିଶକୁ ପ୍ରାଧାନ୍ୟ ଦିଆଯାଇଛି ବୋଲି ଶ୍ରୀ ଷ୍ଟାଲିନ୍ କହିଛନ୍ତି। ଏସ୍‌ଇପି ପ୍ରସ୍ତୁତି ସକାଶେ ଗତ ୨୦୨୨ରେ ତାମିଲନାଡୁ ସରକାର ଅବସରପ୍ରାପ୍ତ ବିଚାରପତି ମୁରୁଗେସନଙ୍କ ଅଧ୍ୟକ୍ଷତାରେ ଏକ ୧୪ଜଣିଆ କମିଟି ଗଠନ କରିଥିଲେ। କମିଟି ଗତ ମାସରେ ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ସୁପାରିସ୍ କରିଥିବା ବେଳେ କୋଟ୍ଟୁରପୁରମ୍‌ସ୍ଥିତ ଆନ୍ନା ସେଣ୍ଟେନାରି ଲାଇବ୍ରେରି ଅଡିଟୋରିୟମ୍‌ରେ ଉକ୍ତ ଶିକ୍ଷାନୀତି ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଛି। କେନ୍ଦ୍ର ସରକାରଙ୍କ ଏନ୍‌ଇପିରେ ଥିବା ତ୍ରିଭାଷୀ ସୂତ୍ରକୁ ଏସ୍‌ଇପିରେ ପ୍ରତ୍ୟାଖ୍ୟାନ କରାଯାଇଛି। ସେହିପରି ସାଧାରଣ ପ୍ରବେଶିକା ପରୀକ୍ଷା ପରିବର୍ତ୍ତେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ମିଳିତ ନମ୍ବର ଆଧାରରେ କଳା ଓ ବିଜ୍ଞାନ ଅଣ୍ଡରଗ୍ରାଜୁଏଟ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଏଥିରେ ସୁପାରିସ ରହିଛି। ଶିକ୍ଷାକୁ ଯୁଗ୍ମ ତାଲିକାରୁ ରାଜ୍ୟ ତାଲିକାକୁ ଫେରାଇ ଆଣିବାକୁ ବି କମିଟି ସୁପାରିସ କରିଛି।

ଅନ୍ତିମ ସଂସ୍କାର ସାରି ଫେରୁଥିଲେ

# ବସ୍ ଓଲଟିବାରୁ ଚାଲିଗଲା ୨୫ ଜୀବନ



**ନାଇରୋବି,୯।୮:** ଅନ୍ତିମ ସଂସ୍କାର ସାରି ପରିବାର ଲୋକେ ଓ ସମ୍ପର୍କୀୟ ଫେରୁଥିବା ସମୟରେ ସେମାନଙ୍କ ମଧ୍ୟରୁ ୨୫ ଜଣ ଶବ ପାଲଟିଯାଇଛନ୍ତି। କାରଣ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨୫ ଜଣଙ୍କ ମୃତ୍ୟୁ ଘଟିଛି। ଫଳତଃ ହାତ ଧରାଧରି ହୋଇ ଏକକାଳୀନ ୨୫ ଜଣ ଆରପାରିକୁ ଚାଲିଯାଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ କେନିଆର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଏପରି ଏକ ଅଘଟଣ ଘଟିଛି। ଏହି ମର୍ମନ୍ତୁଦ ଦୁର୍ଘଟଣା ସମଗ୍ର ଦେଶକୁ ଥରାଇ ଦେଇଛି। କାକାମେଗା ସହରରୁ କିସୁମୁ ଯାଉଥିବା ଉକ୍ତ ବସ୍‌ଟି ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଥିବା ଏକ ଗଭୀର ଖାତକୁ ଖସିପଡ଼ିଥିଲା। ଫଳତଃ ୨୫ ଜଣଙ୍କ ଜୀବନ ଯିବା ସହ ଅନେକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ୧୦ ବର୍ଷୀୟା ନାବାଳିକା ମଧ୍ୟ ଅଛନ୍ତି। ଏହି ଦୁର୍ଘଟଣା ସମ୍ପର୍କରେ ନ୍ୟାସା ପ୍ରଦେଶର ଆଞ୍ଚଳିକ ଟ୍ରାଫିକ୍ ଅଧିକାରୀ ପିଟର ମାଇନା କହିଛନ୍ତି ଯେ ବସ୍‌ଟି ଦ୍ରୁତ ଗତିରେ ଯାଉଥିବା ସମୟରେ ଚାଳକ ନିୟନ୍ତ୍ରଣ ହରାଇଥିଲେ। ଫଳରେ ବସ୍‌ଟି କିସୁମୁର ଏକ ଗୋଲେଇ ନିକଟରେ ଏକ ଖାଲରେ ଖସିପଡ଼ିଥିଲା। ତେବେ ଦୁର୍ଘଟଣାର ମାତ୍ରା ଏତେ ଭୟଙ୍କର ଥିଲା ଯେ ବସ୍‌ଟି ପୂରା ଚୂରମାର୍ ହୋଇଯାଇଛି। ସୂଚନାଯୋଗ୍ୟ ଯେ ଗତ ଗୁରୁବାର ମଧ୍ୟ ନାକୁରୁ କାଉଣ୍ଟିର ନୈଭାସା ସହରରେ ଆଉ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଯେଉଁଥିରେ ୯ ଜଣ ଶ୍ରମିକ ପ୍ରାଣ ହରାଇଥିଲେ।

# ସୈଫ୍‌ଙ୍କ ପରିବାରକୁ ଆଶ୍ୱସ୍ତି

● ଏମ୍‌ପି ହାଇକୋର୍ଟଙ୍କ ଆଦେଶ ଖାରଜ

**ନୂଆଦିଲ୍ଲୀ,୯।୮:** ବଲିଉଡ୍ ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କ ପରିବାର ଲୋକଙ୍କୁ ଆଜି ସୁପ୍ରିମ୍‌କୋର୍ଟ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ସୁପ୍ରିମକୋର୍ଟ ପୂର୍ବରୁ ମଧ୍ୟପ୍ରଦେଶ ହାଇକୋର୍ଟ ଦେଇଥିବା ଆଦେଶକୁ ସ୍ଥଗିତ ରଖିଛନ୍ତି। ଉକ୍ତ ଆଦେଶରେ ସୈଫ୍ ଓ ତାଙ୍କ ପରିବାରକୁ ୧୫ ହଜାର କୋଟି ମୂଲ୍ୟର ରାଜକୀୟ ସମ୍ପତ୍ତିର ଉତ୍ତରାଧିକାରୀ ଘୋଷଣା କରାଯାଇଥିବା ନିଷ୍ପତ୍ତିକୁ ରଦ୍ଦ କରାଯାଇଥିଲା। କିନ୍ତୁ ଆଜି ଏହି ଆଦେଶକୁ ସୁପ୍ରିମ୍‌କୋର୍ଟ ଖାରଜ କରିଦେଇଛନ୍ତି। ଏହି ମାମଲା ଭୋପାଳର ଶେଷ ନବାବ ହମିଦୁଲ୍ଲା ଖାନଙ୍କ ସମ୍ପତ୍ତି ସମ୍ପର୍କିତ ପାଖାପାଖି ଏକ ଦଶନ୍ଧି ପୁରୁଣା ବିବାଦ ସହ ଜଡ଼ିତ। ଏହି ସମ୍ପତ୍ତିର ମୂଲ୍ୟ ପ୍ରାୟ ୧୫ ହଜାର କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଏଥିରେ ମଧ୍ୟପ୍ରଦେଶରେ ଥିବା ମହଲ, ଜମି ଓ ଅନ୍ୟାନ୍ୟ ମୂଲ୍ୟବାନ ସମ୍ପତ୍ତି ଅନ୍ତର୍ଭୁକ୍ତ। ସେହିପରି ସୁପ୍ରିମ୍‌କୋର୍ଟଙ୍କ ସ୍ଥଗିତାଦେଶ ଯୋଗୁଁ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଆଦେଶ ଅନୁଯାୟୀ ଟ୍ରାୟଲ କୋର୍ଟରେ ପୁନଃ ବିଚାର ଆଉ ଆରମ୍ଭ ହେବ ନାହିଁ। ଏହା ସୈଫ୍ ଓ ତାଙ୍କ ପରିବାର ପାଇଁ ସାମୟିକ ଆଶ୍ୱସ୍ତି ଆଣିଦେଇଛି। ଏଥିସହ ସୁପ୍ରିମ୍‌କୋର୍ଟ ଏବେ ଏହି ମାମଲାର ମୂଳ ବିଷୟଗୁଡ଼ିକ ଉପରେ ହିଁ ଶୁଣାଣି କରିବେ। ଏଥିରେ ହାଇକୋର୍ଟ ନିଜେ ମାମଲାର ମୀମାଂସା କରିବା ଉଚିତ ଥିଲା କି ନାହିଁ କିମ୍ବା ଏହାକୁ ଟ୍ରାୟଲ କୋର୍ଟକୁ ଫେରାଇବା ଆବଶ୍ୟକ ଥିଲା କି ନାହିଁ, ସେ ସଂକ୍ରାନ୍ତରେ ନିଷ୍ପତ୍ତି ହେବ ବୋଲି ଜଣାପଡ଼ିଛି।

ଆରଜି କର ଦୁଷ୍କର୍ମ-ହତ୍ୟା ମାମଲାକୁ ବର୍ଷେ

# ବିକ୍ଷୋଭ ବେଳେ ଲାଠିମାଡ଼, ବର୍ଷିଲେ ପୀଡ଼ିତାଙ୍କ ବାପା-ମା'

**କୋଲକାତା,୯।୮:** କୋଲକାତାର ବହୁଚର୍ଚ୍ଚିତ ଆରଜି କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ମହିଳା ଡାକ୍ତରଙ୍କ ସହ ହୋଇଥିବା ଦୁଷ୍କର୍ମ ଓ ହତ୍ୟା ମାମଲାକୁ ଆଜି ବର୍ଷେ ପୂରିଛି। ଏହି ପରିପ୍ରେକ୍ଷୀରେ ଆଜି ପୀଡ଼ିତାଙ୍କ ପରିବାର ପକ୍ଷରୁ ମାମଲାର ସିବିଆଇ ଯାଞ୍ଚ ଉପରେ ସଙ୍ଗୀନ ଅଭିଯୋଗ ଅଣାଯାଇଛି। ଏଥିସହ ସେମାନେ ଏଜେନ୍ସିକୁ ବନ୍ଦ କରିବା ସକାଶେ ମଧ୍ୟ ଦାବି କରିଛନ୍ତି। ସେହିପରି ବିଜେପି ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ତା'ର ଅଭିଯାନ ମଧ୍ୟ ଆରମ୍ଭ କରିଛି।

ଏହି ଘଟଣାର ବର୍ଷ ପୂର୍ତ୍ତି ଅବସରରେ ଆଜି ରାଜ୍ୟ ସଚିବାଳୟ ନବାନ୍ନ ଅଭିମୁଖେ ବିକ୍ଷୋଭକାରୀମାନେ ଏକ ଶୋଭାଯାତ୍ରା ଆରମ୍ଭ କରିଥିବା ବେଳେ ଏହାକୁ ଭଣ୍ଡୁର କରିବା ସକାଶେ ପୁଲିସ୍ ପକ୍ଷରୁ ଲାଠିଚାର୍ଜ କରାଯାଇଥିଲା। ପ୍ରଦର୍ଶନକାରୀ ରାଜ୍ୟ ସଚିବାଳୟ ଅଭିମୁଖେ ବାହାରିଥିଲେ ହେଁ ପୁଲିସ ଚେତାବନୀ ପରେ ବି ସେମାନେ ରାନୀ ରାସମୋନି ରୋଡରୁ ଆଗକୁ ଆସି ବିଦ୍ୟାସାଗର ସେତୁ ଆଡ଼କୁ ଯିବା ସକାଶେ ଉଦ୍ୟମ କରିଥିଲେ। ଫଳତଃ ପୁଲିସ୍ ଓ ପ୍ରଦର୍ଶନକାରୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା।



ବିକ୍ଷୋଭକାରୀମାନଙ୍କୁ ଘଉଡ଼ାଇବା ସକାଶେ ପୁଲିସ୍ ଲାଠିଚାର୍ଜ କରିଥିଲା। ଏଥିରେ ପୀଡ଼ିତାଙ୍କ ବାପା-ମା'ଙ୍କ ସହ ୧୦୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀ ଆହତ ହୋଇଛନ୍ତି। ଏନେଇ ପୀଡିତାଙ୍କ ମା' କହିଛନ୍ତି ଯେ ମମତା ବାନାର୍ଜୀଙ୍କ ପୁଲିସ ତାଙ୍କୁ ଆକ୍ରମଣ କରି ତାଙ୍କ ମୁଣ୍ଡ ଫଟାଇ ଦେଇଛି। ଏହାଛଡ଼ା ତାଙ୍କ ହାତରେ ଥିବା ଚୂଡ଼ି ଭାଙ୍ଗିଯିବା ଫଳରେ ହାତରେ ବି କ୍ଷତ ଲାଗିଛି। ଏହାଛଡ଼ା ପୀଡ଼ିତାଙ୍କ ବାପା ମଧ୍ୟ ପୁଲିସ୍ ଲାଠି ମାଡ଼ରେ ଆହତ ହୋଇଥିବାରୁ ସ୍ୱାମୀ-ସ୍ତ୍ରୀ ପୁଲିସ୍ ଉପରେ ବର୍ଷିଛନ୍ତି। ଏଥିସହ ଏହି ମାମଲାରେ ସେମାନେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ମଧ୍ୟ କଡ଼ା ସମାଲୋଚନା କରିଛନ୍ତି। ବିଧାନସଭାରେ ବିରୋଧୀ ବିଜେପିର ବିଧାୟକ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ପୁଲିସ୍‌ର ଲାଠିମାଡ଼ରେ ଆହତଙ୍କ ମଧ୍ୟରୁ ୧୮ ଜଣ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିବା ଶ୍ରୀ ଅଧିକାରୀ ଅଭିଯୋଗ କରିଛନ୍ତି। ସହସ୍ରାଧିକ ବିକ୍ଷୋଭକାରୀମାନେ ହାତରେ ବିଭିନ୍ନ ସ୍ଲୋଗାନ୍ ଲେଖା ଥିବା ପୋଷ୍ଟର୍ ସହ ଜାତୀୟ ପତାକା ଧରି ଏହି ଆନ୍ଦୋଳନରେ ସାମିଲ୍ ହେବା ସହ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ଦାବି କରିଥିଲେ। ଏହି ଆନ୍ଦୋଳନକୁ ଭଣ୍ଡୁର କରିବା ସକାଶେ ପୁଲିସ୍ ସହ ଆରଏଏଫ୍ ଅଧିକାରୀମାନେ ମହଜୁଦ ଥିଲେ। ସୂଚନାଯୋଗ୍ୟ ଯେ ଗତ ବର୍ଷ ଅଗଷ୍ଟ ୯ ତାରିଖରେ ନାଇଟ୍ ଡ୍ୟୁଟି ସମୟରେ ସମ୍ପୃକ୍ତ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ସହ ହତ୍ୟା କରାଯାଇଥିଲା। ଏହି ମାମଲାରେ ଗତ ଜାନୁଆରୀରେ ଜଣେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ ହୋଇଛି। କିନ୍ତୁ ପୀଡ଼ିତାଙ୍କ ବାପା-ମା' ଏଥିରେ ଅସନ୍ତୋଷ ପ୍ରକାଶ କରିବା ସହ ସିବିଆଇ ଅସଲ ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବାକୁ ପ୍ରୟାସ କରୁଥିବା ଅଭିଯୋଗ କରିଛନ୍ତି।

# ନ୍ୟୁଜିଲାଣ୍ଡ ନାମରେ ୩ୟ ସର୍ବଶ୍ରେଷ୍ଠ ଟେଷ୍ଟ ବିଜୟ ରେକର୍ଡ




**ବୁଲବାୟୋ, ୯।୮:** ଟେଷ୍ଟ କ୍ରିକେଟ ଇତିହାସରେ ୩ୟ ସବୁଠାରୁ ବଡ଼ ବିଜୟ ହାସଲ କରିଛି ନ୍ୟୁଜିଲାଣ୍ଡ। ଜିମ୍ବାଓ୍ୱେକୁ ଗୋଟିଏ ପାଳି ଓ ୩୫୯ ରନରେ ପରାସ୍ତ କରି ନ୍ୟୁଜିଲାଣ୍ଡ ଏହି ସଫଳତା ହାସଲ କରିଛି। ଏହା ସହିତ ୨ ଟିକିଆ ଟେଷ୍ଟ ସିରିଜକୁ ୨-୦ରେ ହାତେଇଛି ନ୍ୟୁଜିଲାଣ୍ଡ। ସ୍ଥାନୀୟ କ୍ୱିନ୍ସ ସ୍ପୋର୍ଟ୍ସ କ୍ଲବଠାରେ ଖେଳାଯାଇଥିବା ଏହି ମ୍ୟାଚରେ ଜିମ୍ବାଓ୍ୱେ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। କିନ୍ତୁ ଦଳ ନିଜର ପ୍ରଥମ ଇନିଂସରେ ମାତ୍ର ୧୨୫ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବ୍ରେଣ୍ଡନ ଟେଲର ସର୍ବାଧିକ ୪୪ ରନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମାଟ୍ ହେନେରି ୫ଟି ଓ ଜାକାରି ଫୋଲକେସ ୪ଟି ଓ୍ୱିକେଟ ନେଇଥିଲେ। ଟେଷ୍ଟ ଇତିହାସର ସବୁଠାରୁ ବଡ଼ ବିଜୟ ଇଂଲଣ୍ଡ ନାମରେ ରହିଛି। ୧୯୩୮ରେ ଇଂଲଣ୍ଡ ଅଷ୍ଟ୍ରେଲିଆକୁ ଇନିଂସ ଓ ୫୭୯ ରନରେ ପରାସ୍ତ କରିଥିଲା। ସେହିପରି ୨ୟ ବଡ଼ ବିଜୟ ଅଷ୍ଟ୍ରେଲିଆ ନାମରେ ରହିଛି। ୨୦୦୨ରେ ଏହି ଦଳ ଦକ୍ଷିଣ ଆଫ୍ରିକାକୁ ଇନିଂସ ଓ ୩୬୦ ରନରେ ପରାସ୍ତ କରିଥିଲା। ଅର୍ଥାତ ୨ୟ ଓ ୩ୟ ବଡ଼ ବିଜୟ ମଧ୍ୟରେ ମାତ୍ର ୧ ରନର ବ୍ୟବଧାନ ରହିଛି। ଏହାର ଜବାବରେ ନ୍ୟୁଜିଲାଣ୍ଡ ନିଜର ପ୍ରଥମ ଇନିଂସରେ ୬୦୧ ରନ କରିଥିଲା। ଦଳ ପକ୍ଷରୁ ଦେଓ୍ୱନ କନଓ୍ୱେ, ହେନରୀ ନିକୋଲ୍ସ ଓ ରାଚିନ ରବୀନ୍ଦ୍ର ୧୫୦ରୁ ଅଧିକ ଲେଖାଏଁ ରନର ଇନିଂସ ଖେଳିଥିଲେ। ୨ୟ ଇନିଂସରେ ମଧ ଜିମ୍ବାଓ୍ୱେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୧୭ ରନରେ ଅଲଆଉଟ ହୋଇଯାଇଥିଲା। ଫଳରେ ନ୍ୟୁଜିଲାଣ୍ଡ ଇନିଂସ ଓ ୩୫୯ ରନରେ ମ୍ୟାଚ ଜିତିନେଇଥିଲା। ଟେଷ୍ଟ ଇତିହାସର ସବୁଠାରୁ ବଡ଼ ବିଜୟ ଇଂଲଣ୍ଡ ନାମରେ ରହିଛି। ୧୯୩୮ରେ ଇଂଲଣ୍ଡ ଅଷ୍ଟ୍ରେଲିଆକୁ ଇନିଂସ ଓ ୫୭୯ ରନରେ ପରାସ୍ତ କରିଥିଲା। ସେହିପରି ୨ୟ ବଡ଼ ବିଜୟ ଅଷ୍ଟ୍ରେଲିଆ ନାମରେ ରହିଛି। ୨୦୦୨ରେ ଏହି ଦଳ ଦକ୍ଷିଣ ଆଫ୍ରିକାକୁ ଇନିଂସ ଓ ୩୬୦ ରନରେ ପରାସ୍ତ କରିଥିଲା। ଅର୍ଥାତ ୨ୟ ଓ ୩ୟ ବଡ଼ ବିଜୟ ମଧ୍ୟରେ ମାତ୍ର ୧ ରନର ବ୍ୟବଧାନ ରହିଛି।

# ଓହରିଲେ ଆନ୍ସି



**ଭୁବନେଶ୍ୱର, ୯।୮ (ସଂଚାର ବ୍ୟୁରୋ):** ଭାରତୀୟ ଲଙ୍ଗ୍ ଜମ୍ପର୍ ଆନ୍ସି ସୋଜାନ ପ୍ରଥମ ଇଣ୍ଡିଆନ୍ ଓପନ୍ ବିଶ୍ୱ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତାରୁ ଓହରି ଯାଇଛନ୍ତି। ଏସୀୟ କ୍ରୀଡ଼ା ରୌପ୍ୟ ବିଜୟିନୀ ମାଂସପେଶୀ ଜନିତ ଆହତ ସମସ୍ୟା ଦେଖାଯିବାରୁ ସେ ଏହି ପ୍ରତିଯୋଗିତାରୁ ଓହରିବାକୁ ନିଷ୍ପତ୍ତି ନେଇଛନ୍ତି। ଗତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ତାଙ୍କ ମାଂସପେଶୀରେ ଆଘାତ ଲାଗିଥିଲା। ସେ କହିଛନ୍ତି ଯେ, ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସମୟରେ ମୋ ଟେକ୍ଅଫ୍‌ରେ ଗୋଡ଼ ମାଂସପେଶୀ ଟାଣି ହୋଇଯାଇଥିଲା। ମୁଁ ସେତେବେଳେ ଭାବିଲି ଏହା ସାମାନ୍ୟ। କିନ୍ତୁ ଗତ ସୋମବାର ଅଭ୍ୟାସ ବେଳେ ଏହି ସମସ୍ୟା ପୁଣି ଦେଖାଦେଲା। ଯଦି ଏହା ଉପରେ ଅଧିକ ଜୋର୍ ଦେବି ଆଗକୁ ବେଶୀ ଅସୁବିଧା ହେବ। ପୂରାଠିକ୍ ହୋଇ ନଥିବାରୁ ମୁଁ ଏହି ପ୍ରତିଯୋଗିତାରୁ ଓହରିବାକୁ ନିଷ୍ପତ୍ତି ନେଇଛି ବୋଲି ୨୪ ବର୍ଷୀୟା ଆନ୍ସି କହିଛନ୍ତି।

**ଜୟନ୍ତ ମହାପାତ୍ର ସ୍ମାରକୀ ଅନ୍ତଃସ୍କୁଲ୍ ଫୁଟ୍‌ବଲ୍**

# ମଦର୍ସ ଓ ବିକାଶର ଏକତରଫା ବିଜୟ







**ଭୁବନେଶ୍ୱର, ୯।୮ (ସଂଚର ବ୍ୟୁରୋ):** ୟୁନିଟ୍-୬ ଆଥ୍ଲେଟିକ୍ ଆସୋସିଏସନ୍ ପକ୍ଷରୁ ୟୁନିଟ୍-୧ କ୍ୟାପିଟାଲ୍ ଫୁଟ୍‌ବଲ୍ ଏକାଡେମି ଗ୍ରାଉଣ୍ଡ୍‌ରେ ୩୪ତମ ଜୟନ୍ତ ମହାପାତ୍ର ସ୍ମାରକୀ ଭୁବନେଶ୍ୱର ଅନ୍ତଃବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ଦୁଇ ମ୍ୟାଚ୍‌ରେ ମଦର୍ସ ପବ୍ଲିକ ସ୍କୁଲ୍ ଓ ବିକାଶ ରେସିଡେନ୍‌ସିଆଲ୍ ସ୍କୁଲ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ମଦର୍ସ ପବ୍ଲିକ ସ୍କୁଲ୍ ୩-୧ ଗୋଲ୍‌ରେ ସାଇ ଇଣ୍ଟରନ୍ୟାସନାଲ୍‌କୁ ପରାସ୍ତ କରିଥିଲା। ଆରଶିଷ ବେହେରା ୨ଟି ଏବଂ ବେଦ ପଟ୍ଟନାୟକ ଗୋଟିଏ ଗୋଲ୍ ଦେଇଥିଲେ। ପ୍ରତିପକ୍ଷର ଏକମାତ୍ର ଗୋଲ୍ ଦେଇଥିଲେ ଆଦିତ୍ୟ। ଦ୍ୱିତୀୟ ମ୍ୟାଚ୍‌ରେ ବିକାଶ ୮-୦ରେ ଓଡ଼ିଏମ୍ ପବ୍ଲିକ ସ୍କୁଲ୍‌କୁ ପରାସ୍ତ କରିଥିଲା। ଆର୍ଯ୍ୟନ ଏକାକୀ ୫ ଗୋଲ୍ ଦେଇଥିବା ବେଳେ ପ୍ରିୟାଂଶୁ, ରିଷି, ରଶ୍ମି ପ୍ରତ୍ୟେକ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ବିଏଏର ଦୁଇ ବରିଷ୍ଠ କର୍ମକର୍ତ୍ତା ରଘୁନାଥ ପଣ୍ଡା ଓ ପ୍ରିୟନାଥ ମିଶ୍ର ଯଥାକ୍ରମେ ଅରଶିଷ ଓ ଆରୟନ୍‌ଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଶେଖାଓ୍ୱତ ଅଲୀ, ଏମ୍ଏସ୍ ବେଗ୍, ସୁନିଲ ବେହେରା, ସୁଜିତ ପାତ୍ର, ଆରତୀ ନାୟକ ଏହି ଦୁଇ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାକୁ ବିଧାୟକ ଅନନ୍ତ ନାରାୟଣ ଜେନା, ବିଏଏ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ଡକ୍ଟର ସୌର୍ଯ୍ୟରଂଜନ ପରିଜା, ୟୁନିଟ୍-୬ ଦୌଡ଼କୁଦ ସଂଘ ସଭାପତି ତପନ ମହାନ୍ତି, ସମ୍ପାଦକ ଦିଲୀପ ଦାସ, ଜୟନ୍ତ ମହାପାତ୍ରଙ୍କ ସୁପୁତ୍ର ଜିତେନ ମହାପାତ୍ର ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଅଶୋକ ମହାନ୍ତି, ଭାଗ୍ୟଧର ଜଗଦେବ, ରାଧାନାଥ ମହାପାତ୍ର, ଆର୍‌କେ ମଣ୍ଡଳ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ଶନିବାର ସାଇ ଇଣ୍ଟରନ୍ୟାସନାଲ୍-ୟୁନିଟ୍-୩ ସରକାରୀ ହାଇସ୍କୁଲ୍ ଏବଂ କିଟ୍-ଡିଏଭି ପୋଖରୀପୁଟ ମଧ୍ୟରେ ମୁକାବିଲା ହେବ।



# ସୂର୍ଯ୍ୟବଂଶୀଙ୍କ ମାଡ଼ରେ କ୍ୟାମେରା କ୍ରିଉ ଭୟଭୀତ

ନୂଆଦିଲ୍ଲୀ, ୯।୮ଃ 'ବଲ୍ ଦେଖ, ବଲ୍ ମାର' ହେଉଛି ୧୪ ବର୍ଷୀୟ ଭାରତୀୟ ବ୍ୟାଟର୍ ବୈଭବ ସୂର୍ଯ୍ୟବଂଶୀଙ୍କ ମନ୍ତ୍ର। ହାର୍ଡ ହିଟର୍ ଭାବେ ପରିଚିତ ବିହାର ସମସ୍ତିପୁରର ଏହି ବାଳକ ଘରୋଇ କ୍ରିକେଟ୍‌ରେ ଚମତ୍କାର ପ୍ରଦର୍ଶନ ପରେ ଭାରତୀୟ ୧୯ ବର୍ଷରୁ କମ୍ ଦଳ ସହ ଆଇପିଏଲ୍‌ର ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିବାର ସୌଭାଗ୍ୟ ପାଇଛନ୍ତି। ଏଥିରେ ମଧ ସେ ନିଜର ବ୍ୟାଟିଂ ପାରଦର୍ଶିତା ଦେଖାଇ ସାରିଛନ୍ତି। ନିକଟରେ ସେ ତାଙ୍କ ବିସ୍ଫୋରକ ବ୍ୟାଟିଂ ଷ୍ଟାଇଲ୍ ପାଇଁ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ସୂର୍ଯ୍ୟବଂଶୀଙ୍କୁ ନେଇ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଏକ ପ୍ରମୋସନାଲ୍ ଭିଡିଓ ସୁଟିଂ ଆରମ୍ଭ ହୋଇଛି। ଏହି ଭିଡିଓ ସୁଟିଂ ବେଳେ ସୂର୍ଯ୍ୟବଂଶୀ ନିଜେ ବ୍ୟାଟିଂ କରୁଥିଲେ। ବୋଲିଂ ଏଣ୍ଡ୍‌ରେ ୫ ଜଣ କ୍ୟାମେରା କ୍ରିଉ କ୍ୟାମେରା ଧରି ସୁଟିଂ କରୁଥିଲେ। ଏହି ସମୟରେ ବୋଲର ବଲ୍ ପକାଉ ପକାଉ ସୂର୍ଯ୍ୟବଂଶୀ ଏକ ପ୍ରଚଣ୍ଡ ଷ୍ଟ୍ରେଟ୍‌ଡ୍ରାଇଭ୍ ମାରିଥିଲେ। ଏହା ମିଜାଇଲ୍ ଗଲା ପରି ବୋଲର୍‌କୁ ପଛରେ ପକାଇ କ୍ୟାମେରା କ୍ରିଉ ଆଡ଼େ ମାଡ଼ିଯାଇଥିଲା। ଏହା ଦେଖି କ୍ରିଉମାନେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ସୌଭାଗ୍ୟବଶତଃ କେହି ଆହତ ହୋଇ ନଥିଲେ। ଏହାପରେ ସୂର୍ଯ୍ୟବଂଶୀ କ୍ରିଉମାନଙ୍କ ପାଖକୁ ଆସି କ୍ଷମା ମାଗିଥିଲେ।

# ଘାନା ବ୍ୟାଡ୍‌ମିଣ୍ଟନ୍‌ରେ ଭାଗନେବେ ଅବିନାଶ



**ଭୁବନେଶ୍ୱର, ୯।୮ (ସଂଚାର ବ୍ୟୁରୋ):** ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କାଂସ୍ୟ ପଦକ ଜିତିଥିବା ଓଡ଼ିଆ ପୁଅ ଅବିନାଶ ମହାନ୍ତି ଆଗାମୀ ଜେଇ ଓ୍ୱିଲସନ୍ ଘାନା ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଖେଳିବାକୁ ଯାଉଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଘୋଷିତ ଭାରତୀୟ ଦଳରେ ସେ ସ୍ଥାନ ପାଇଛନ୍ତି। ଅବିନାଶ ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ପଢୁଛନ୍ତି। ଏହି ପ୍ରତିଯୋଗିତା ଘାନାର ଆକ୍ରାସ୍ଥିତ ବୋର୍ଟେମାନ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚଳିତ ମାସ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଅବିନାଶଙ୍କୁ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇବା ସହ ତାଙ୍କ ସଫଳତା କାମନା କରିଛନ୍ତି। ସବୁପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଇଥିବାରୁ କିଟ୍ ବିଶ୍ୱବିଦ୍ୟାଳୟକୁ ମଧ କୃତଜ୍ଞତା ଜଣାଇଛନ୍ତି ଅବିନାଶ।

## ଅଷ୍ଟ୍ରେଲିଆ ଯୁବ ଦଳରେ ଦୁଇ ଭାରତୀୟ ବଂଶୋଦ୍ଭବ

ସିଡ୍‌ନି, ୯।୮ଃ ଭାରତ ବିପକ୍ଷ ଘରୋଇ ଶୃଙ୍ଖଳା ଲାଗି ୧୫ ଜଣିଆ ଅଷ୍ଟ୍ରେଲିଆ ଯୁବ (୧୯ ବର୍ଷରୁ କମ୍) ଦଳ ଘୋଷିତ ହୋଇଛି। ଏହି ଦଳରେ ଦୁଇ ଭାରତୀୟ ବଂଶୋଦ୍ଭବ କ୍ରିକେଟର୍ ଆର୍ଯ୍ୟନ ଶର୍ମା ଓ ଯଶ ଦେଶମୁଖ ସ୍ଥାନ ପାଇଛନ୍ତି। ଭିକ୍ଟୋରିଆରୁ ଆର୍ଯ୍ୟନ ଏବଂ ନିୟୁ ସାଉଥ୍ ୱେଲ୍ସରୁ ଯଶ୍ ପ୍ରତିନିଧିତ୍ୱ କରୁଛନ୍ତି। ଉଭୟ ଦଳ ୩ଟି ଏକଦିବସୀୟ ଏବଂ ୨ଟି ଚାରିଦିନିଆ ମ୍ୟାଚ୍ ଖେଳିବେ।

# ଏସିଆ କପ୍‌ରେ ଭାରତ-ପାକିସ୍ତାନ ଖେଳିବା ନେଇ ଦ୍ୱନ୍ଦ୍ୱ ନାହିଁ

**ନୂଆଦିଲ୍ଲୀ, ୯।୮:** ସେପ୍ଟେମ୍ବର ୯ରୁ ୨୮ ତାରିଖ ପର୍ଯ୍ୟନ୍ତ ଏସିଆ କପ୍ ଟ୍ୱେଣ୍ଟି-୨୦ ପ୍ରତିଯୋଗିତା ୟୁଏଇର ଦୁବାଇ ଓ ଆବୁଧାବିରେ ଖେଳାଯିବ। ଏହାର ମୁଖ୍ୟ ଆକର୍ଷଣ ହେଉଛନ୍ତି ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଦଳ ଭାରତ ଓ ପାକିସ୍ତାନ। ପହଲଗାମ ଆତଙ୍କବାଦ ଆକ୍ରମଣ ପରେ ଭାରତ ଏହାର ଜବାବ ପାକିସ୍ତାନକୁ ଦେଇଥିଲା। ଅପରେସନ୍ ସିନ୍ଦୂର ନାମରେ ପାକିସ୍ତାନ ଉପରେ ଆକ୍ରମଣ କରିଥିଲା। ଏହାପରଠୁ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଭଲ ନାହିଁ। ନିକଟରେ ଶେଷ ହୋଇଥିବା ବିଶ୍ୱ ଲିଜେଣ୍ଡ୍ସ ଲିଗ୍ ପ୍ରତିଯୋଗିତାରେ ଉଭୟ ଦଳ ଅଂଶଗ୍ରହଣ କରିଥିଲେ। ହେଲେ ଭାରତୀୟ ଖେଳାଳି ପାକିସ୍ତାନ ବିପକ୍ଷରେ ଖେଳିବାକୁ ମନା କରିଦେବାରୁ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ବାତିଲ ହୋଇଥିଲା। ଏହାପରେ ଉଭୟ ଦଳ ସେମିଫାଇନାଲ୍‌ରେ ମୁହାଁମୁହିଁ ହେବାର ସୂଚୀ ଚୂଡ଼ାନ୍ତ ହେଲା। ଭାରତୀୟ ଲିଜେଣ୍ଡ୍ସ 'ଦେଶ ଆଗ' କହି ଏହି ମ୍ୟାଚ୍ ମଧ ଖେଳିଲେନି। ଫଳରେ ପାକିସ୍ତାନ ସହଜରେ ଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲା। ଭାରତରେ ଆୟୋଜିତ ଏସିଆ କପ୍ ହକିରେ ପାକିସ୍ତାନ ସୁରକ୍ଷା କାରଣ ଦର୍ଶାଇ ଓହରିଯାଇଛି। ଏସବୁ ଭିତରେ ସେପ୍ଟେମ୍ବରରେ ହେବାକୁ ଥିବା ଏସିଆ କପ୍ କ୍ରିକେଟ୍ କପ୍‌ରେ ଉଭୟ ଦଳ ଖେଳିବା ନେଇ ସନ୍ଦେହ ଉପୁଜିଛି। ଏମିରେଟ୍ସ କ୍ରିକେଟ୍ ବୋର୍ଡ ସିଓଓ ସୁଭାନ ଅହମଦ କହିଛନ୍ତି, ଏସିଆ କପ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍ ଖେଳାଯିବା ନେଇ ମୁଁ ଗ୍ୟାରେଣ୍ଟି ଦେଇପାରୁନି। ବିଶ୍ୱ ଲିଜେଣ୍ଡ୍ସ ଲିଗ୍ ପରି ଏସିଆ କପ୍ ଘରୋଇ ପ୍ରତିଯୋଗିତା ନୁହେଁ, ତେଣୁ ଉଭୟ ଦେଶ ଖେଳିବା ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ। ଦୁବାଇରେ ଭାରତ ସେପ୍ଟେମ୍ବର ୧୦ ଓ ୧୪ ତାରିଖରେ ଯଥାକ୍ରମେ ୟୁଏଇ ଓ ପାକିସ୍ତାନକୁ ଭେଟିବା ସୂଚୀ ରହିଛି। ପାକିସ୍ତାନ ଖେଳିବା ସ୍ଥିର ହେଲେ ଏହି ପ୍ରତିଯୋଗିତାରେ ଉଭୟ ଦେଶ ୩ ଥର ମୁକାବିଲା କରିବା ସମ୍ଭାବନା ବି ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩୩୪...

କରିଦେଇଛନ୍ତି। ଦେଶର ନିର୍ବାଚନ ବ୍ୟବସ୍ଥାକୁ ସଫାସୁତୁରା ରଖିବାକୁ ଏହା ବଡ ପଦକ୍ଷେପ ମନେ କରାଯାଉଛି। ଭାରତର ନିର୍ବାଚନ କମିସନ ଶନିବାର ଏକ ବଡ଼ ପଦକ୍ଷେପ ନେଇ ୩୩୪ଟି ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଅଥବା ଆରୟୁପିପିର ପଞ୍ଜୀକରଣ ବାତିଲ କରିଛନ୍ତି। ଏହି ଦଳଗୁଡ଼ିକ ୨୦୧୯ ପରଠାରୁ ଗୋଟିଏ ବି ନିର୍ବାଚନ ଲଢ଼ି ନଥିଲେ ଏବଂ ସେମାନଙ୍କ କାର୍ଯ୍ୟାଳୟର କୌଣସି ଠିକଣା ମଧ୍ୟ ମିଳିପାରିନଥିଲା। ଏପରି ପରିସ୍ଥିତିରେ, ଏହି ଦଳଗୁଡ଼ିକ ଏକ ପଞ୍ଜିକୃତ ଅଣପଞ୍ଜିକୃତ ରାଜନୈତିକ ଦଳ ଭାବରେ ରହିବା ପାଇଁ ବାଧ୍ୟତାମୂଳକ ସର୍ତ୍ତାବଳୀ ପୂରଣ କରି ନଥିଲେ। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ କମିସନଙ୍କ ଏହି ପଦକ୍ଷେପକୁ ରାଜନୈତିକ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଆରୟୁପିପିର ଅର୍ଥ ହେଉଛି ଯେଉଁ ଦଳଗୁଡ଼ିକ ନିର୍ବାଚନ କମିସନଙ୍କ ନିକଟରେ ପଞ୍ଜିକୃତ ହୋଇଛନ୍ତି ମାତ୍ର ସେଗୁଡ଼ିକୁ ରାଜ୍ୟ କିମ୍ବା ଜାତୀୟ ସ୍ତରରେ ମାନ୍ୟତା ମିଳିନାହିଁ । ଏହି ଦଳଗୁଡ଼ିକ ଭାରତୀୟ ଜନପ୍ରତିନିଧି ଆଇନ ୧୯୫୧ ଅନୁସାରେ ପଂଜିକୃତ ହୋଇଥାନ୍ତି । ରାଜନୈତିକ ଦଳଭାବେ ପଂଜୀକରଣ କରିବାପରେ କେତେକ ଟିକସ ରିହାତି ମିଳୁଥିବାରୁ ଏପରି ଦଳଙ୍କ ସଂଖ୍ୟା ବଢ଼ିଚାଲିଛି । ଫଳରେ କମିସନ ଏମାନଙ୍କ ଉପରେ କଡ଼ା ନଜର ରଖିଛନ୍ତି ଓ ଆବଶ୍ୟକ ପଡ଼ିଲେ ପଂଜୀକରଣ ରଦ୍ଦ କରୁଛନ୍ତି ।

### ୧ କୋଟି...

ଅଭାବରୁ ଯେଉଁ ମା' ମାନେ ନିଜ ସ୍ୱପ୍ନକୁ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି, ସେମାନଙ୍କ ପାଇଁ ଆଶାର କିରଣ ସାଜିଛି 'ସୁଭଦ୍ରା'। ସରକାରଙ୍କ ଲକ୍ଷ୍ୟ ସେହି ସମସ୍ତ ମହିଳାଙ୍କୁ ସଶକ୍ତ କରି ଆତ୍ମନିର୍ଭର କରିବା ଓ ଆତ୍ମନିର୍ଭର ଭାରତ ଗଢ଼ିବାରେ ସାମିଲ ହେବା। ଏହି ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ମା' ମାନେ ନିଜ ନିଜ ଛୋଟ ବଡ ବ୍ୟବସାୟ ଆରମ୍ଭ କରିପାରିଛନ୍ତି, ଆଉ କିଛି ଅଧିକ ପୁଞ୍ଜି ବିନିଯୋଗ କରି ନିଜ ନିଜର କ୍ଷୁଦ୍ର ବ୍ୟବସାୟକୁ ବୃଦ୍ଧି କରିଛନ୍ତି। ଆମ ସରକାର ନିଜର ଆନ୍ତରିକ ପ୍ରଚେଷ୍ଟାରେ କୋଟିଆ ଗ୍ରାମ ପଞ୍ଚାୟତରେ ବସବାସ କରୁଥିବା ମହିଳାମାନଙ୍କୁ ସଫଳ ଭାବେ 'ସୁଭଦ୍ରା' ଯୋଜନା ସହ ଯୋଡି ପାରିଛନ୍ତି । କୋଟିଆ ଗ୍ରାମ ପଞ୍ଚାୟତରେ ମୋଟ ୨୦୭୮ଟି ଆବେଦନ ମଧ୍ୟରୁ ୧୭୯୭ ଜଣ ପ୍ରଥମ କିସ୍ତି ଓ ୧୭୯୫ ଜଣ ଦ୍ୱିତୀୟ କିସ୍ତି ଅର୍ଥ ରାଶି ପାଇଛନ୍ତି । ଆଜି ତୃତୀୟ କିସ୍ତି ବାବଦରେ କୋଟିଆର ୧୭୮୩ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଏହି ସହାୟତା ରାଶି ସିଧାସଳଖ ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେ, ଆମ ସରକାରଙ୍କ ପାଇଁ ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ, ସେମାନେ କେବଳ ଏକ ଭୋଟ ବ୍ୟାଙ୍କ ନୁହନ୍ତି। ପ୍ରାୟ ଦୁଇ ଦଶନ୍ଧି ଧରି ମହିଳା ସଶକ୍ତିକରଣ ନାଁ ରେ ରାଜ୍ୟର କୋଟି କୋଟି ମହିଳାଙ୍କୁ କେବଳ ରାଜନୈତିକ ପଶାପାଲିରେ ଗୋଟିଭାବେ ବ୍ୟବହାର କରାଯାଉଥିଲା। ଏହା ସମଗ୍ର ନାରୀ ସମାଜ ପାଇଁ ଅପମାନ। ଆମ ସରକାର ଆସିବାର ପ୍ରାୟ ଏକ ବର୍ଷ ମଧ୍ୟରେ ମହିଳା ସଶକ୍ତିକରଣକୁ ଏକ ନୂତନ ଦିଗନ୍ତ ଦେବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏହାର ଉଦାହରଣ ହେଉଛି, 'ଲକ୍ଷପତି ଦିଦି'। ମାନନୀୟ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ପରିକଳ୍ପିତ ଏହି ସଶକ୍ତିକରଣ କାର୍ଯ୍ୟକ୍ରମରେ ଆଜି ପର୍ଯ୍ୟନ୍ତ ଆମ ଓଡ଼ିଶାରେ ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି। ସୁଭଦ୍ରା ଯୋଜନା ଅଧୀନରେ ଆମର ମା'ମାନଙ୍କୁ ସଶକ୍ତ କରିବା ପାଇଁ ସୁଭଦ୍ରା ପ୍ଲସ, ଉଦ୍ୟୋଗୀ କରିବା ପାଇଁ ସୁଭଦ୍ରା ଶକ୍ତି ମେଳା କାର୍ଯ୍ୟକାରୀ କରାଯାଇଥିବା ବେଳେ କିଶୋରୀମାନଙ୍କ ପାଇଁ ସୁଭଦ୍ରା କିଶୋରୀ, ସଞ୍ଚୟ ପାଇଁ ସୁଭଦ୍ରା ସଞ୍ଚୟ, ସୁରକ୍ଷା ପାଇଁ ସୁଭଦ୍ରା ସୁରକ୍ଷା ଏବଂ ସାମୂହିକ ନେତୃତ୍ୱର ବିକାଶ ପାଇଁ ସୁଭଦ୍ରା ସଖୀ ଯୋଜନା କାର୍ଯ୍ୟକାରୀ କରାଯାଇଛି। ସୁଭଦ୍ରା ମାଧ୍ୟମରେ ଆମେ କେବଳ ଆର୍ଥିକ ସ୍ୱାଧୀନତା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରୁନାହୁଁ ବରଂ ଶିକ୍ଷା, ଦକ୍ଷତା, ଏବଂ ରୋଜଗାରର ସୁଯୋଗ ମଧ୍ୟରେ ଥିବା ବ୍ୟବଧାନକୁ ମଧ୍ୟ ଦୂର କରୁଛୁ । ସୁଭଦ୍ରା ଯୋଜନାରେ ପ୍ରଦାନ କରାଯାଉଥିବା ସହାୟତାକୁ ପୁଞ୍ଜି ଭାବେ ବ୍ୟବହାର କରି ଆଜି ରାଜ୍ୟର ଲକ୍ଷ ଲକ୍ଷ ମା' ଓ ଭଉଣୀମାନେ ଛୋଟ ବଡ ବ୍ୟବସାୟ ଆରମ୍ଭ କରି ନିଜ ପରିବାରର ଆର୍ଥିକ ସ୍ଥିତିକୁ ବଦଳାଇ ପାରିଛନ୍ତି ବୋଲି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ନିଜ ଅଭିଭାଷଣରେ କହିଛନ୍ତି। ଗୋଟିଏ ବର୍ଷ ତଳେ ମହିଳାଙ୍କ ଆଖିରେ ଯେଉଁ ବିଶ୍ୱାସ ଆମେ ଦେଖିଥିଲୁ, ସେ ବିଶ୍ୱାସ ଆଜି ଫଳପ୍ରଦ। ସରକାରଙ୍କ ଲକ୍ଷ୍ୟ ସେହି ସମସ୍ତ ମହିଳାଙ୍କୁ ସଶକ୍ତ କରି ଆତ୍ମନିର୍ଭର କରିବା । ଏହି ଯୋଜନା ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନର ଏକାଧିକ ଦିଗରୁ ଉନ୍ନତ କରିବାର ଲକ୍ଷ୍ୟ ରଖିଛନ୍ତି ଏବଂ ଏହା ସେମାନଙ୍କ ସାମାଜିକ ଅବସ୍ଥାକୁ ମଜବୁତ କରିବା, ସଫଳତା ପାଇଁ ସାଧନ ଓ ସୁଯୋଗ ଆଦି ଯୋଗାଇବା ଦିଗରେ ସରକାରଙ୍କ ଦୃଢ଼ ସଂକଳ୍ପକୁ ପ୍ରତିପାଦନ କରୁଅଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଅବସରରେ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟମନ୍ତ୍ରୀଙ୍କ ହାତରେ ସୁଭଦ୍ରା ରାକ୍ଷୀ ବାନ୍ଧିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଏକ କୋଟି ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଭଦ୍ରା ସହାୟତା ରାଶି ପ୍ରଦାନ କରିଥିଲେ। ଏଥି ସହିତ ମଞ୍ଚ ଉପରେ ସୁଭଦ୍ରା ଯୋଜନାରୁ ସଫଳତା ପାଇଥିବା ମହିଳାଙ୍କୁ ଓ ଏହି ଯୋଜନାକୁ ସଫଳ କରାଉଥିବା ମହିଳାଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଣି ଓ ଷ୍ଟିଲ ମନ୍ତ୍ରୀ ବିଭୂତି ଭୂଷଣ ନାୟକ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି, ବିଧାୟକ ରଘୁରାମ ମାଛ, ନରସିଂହ ମାଡକାମୀ, ଗୌରୀ ଶଙ୍କର ମାଝୀ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ସ୍ୱାଗତ ଭାଷଣ ଦେଇଥିବା ବେଳେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଧନ୍ୟବାଦ ଦେଇଥିଲେ।

### ଗବେଷଣା...

କେନ୍ଦ୍ରସ୍ଥଳୀ ଗଞ୍ଜାମ ଜିଲ୍ଲା ଜନଜାତି ମାନଙ୍କର ମୂଳ ପେଣ୍ଠସ୍ଥଳ। ବୀର ଚକରା ବିଶୋୟୀ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ ଓ ବିଶ୍ୱନାଥ ଦାଶଙ୍କ ପରି ମହାପୁରୁଷମାନେ ଏହି ମାଟିରେ ଜନ୍ମନେଇ ଗଞ୍ଜାମ ମାଟିକୁ ପବିତ୍ର କରିଛନ୍ତି। ଓଡ଼ିଶାର ଭାଷା ଆନ୍ଦୋଳନ, ସାହିତ୍ୟ ଆନ୍ଦୋଳନ ସହ ଶ୍ରମଜୀବୀଙ୍କ କ୍ଷେତ୍ରରେ ନୂଆ ବେଞ୍ଚମାର୍କ ତିଆରି କରିବାରେ ଗଞ୍ଜାମର ଅବଦାନ ବହୁତ ଅଧିକ। ଜିଲ୍ଲାର ପରିଶ୍ରମୀ ଲୋକଙ୍କ ହାତରେ ଗୁଜୁରାଟର ସୁରତ ସମେତ ଆମ ରାଜ୍ୟ ଓ ଦେଶର ଅର୍ଥନୀତି ମଜଭୂତ୍ ହୋଇଛି। ତେଣୁ ଏଠାରେ ଲୋକମାନଙ୍କୁ ବାହାରକୁ ନହେଁ ବରଂ ସେମାନଙ୍କର ରୋଜଗାର ବ୍ୟବସ୍ଥା କରାଇବା ପାଇଁ ଦାୟିତ୍ୱ ନେବା ଦରକାର। ଓଡ଼ିଆ ଯୁବକଙ୍କୁ ସୁଯୋଗ ଦେଲେ ସେମାନେ ସବୁ କାମ କରିପାରିବେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ସହ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଡବଲ ଇଞ୍ଜିନ ସରକାର ପିଏମ୍ ଉଷା ଯୋଜନାରେ ୧୦୦ କୋଟି ଟଙ୍କା ସମେତ ରାଜ୍ୟ ବଜେଟରୁ ୭୫ କୋଟି ଟଙ୍କା ଦେଇଛନ୍ତି। ସବୁ ଯୋଜନାକୁ ମିଶାଇଲେ ପ୍ରାୟ ୨୦୦ କୋଟି ଟଙ୍କା ଏହି ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରାଯାଇଛି, ଯାହା ଖୁସିର ବିଷୟ। ସେ କହିଛନ୍ତି ଯେ, ଦେଶରେ ଜାତୀୟ ଶିକ୍ଷା ନୀତି -୨୦୨୦ ଲାଗୁ ହୋଇଛି ଏବଂ ଏହି ଶିକ୍ଷା ନୀତି କାର୍ଯ୍ୟକାରୀ ହେବାର ୫ ବର୍ଷ ପୂର୍ତ୍ତି ହୋଇଛି। ବ୍ରହ୍ମପୁର ଓ ଏହାର ଆଖପାଖ ଅଞ୍ଚଳରେ ଗୁଣାତ୍ମକ ଉଚ୍ଚ ଶିକ୍ଷାନୁଷ୍ଠାନ ସବୁ ରହିଛି। ଆଇଜର ବ୍ରହ୍ମପୁର, ଏମକେସିଜି ମେଡିକାଲ କଲେଜ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ୍, ଖଲ୍ଲିକୋଟ, ଆର୍ମି ଡିଫେନ୍ସ କଲେଜ, କଲେଜ ଅଫ ଫିସରିଜ ଭଳି ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକ ରହିଛି। ଏଠାରେ ବିରଳ ମୃତ୍ତିକାର ଖଣିଜ ପଦାର୍ଥ ଓ ଗୋପାଳପୁର ଭଳି ବନ୍ଦର ଅଛି। ପର୍ଯ୍ୟଟନର ଅପାର ସମ୍ଭାବନା ମଧ୍ୟ ରହିଛି। ଏ ଅଞ୍ଚଳର ସମ୍ଭାବନାକୁ ଆଧାର କରି ବ୍ରହ୍ମପୁରକୁ ନ୍ୟୁ ଏଜ୍ ଇକୋନୋମୀ ବା ନୂଆ ସମୟର ଅର୍ଥନୀତି କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି। ଏହାସହ ବିକଶିତ ଗଞ୍ଜାମ ଓ ବିକଶିତ ଓଡ଼ିଶାର ସ୍ୱପ୍ନକୁ ପୂରଣ କରିବା ଏବଂ ବ୍ରହ୍ମପୁରକୁ ଅର୍ଥନୈତିକ ଓ ଜ୍ଞାନର ପେଣ୍ଠସ୍ଥଳ କରିବା ଦିଗରେ ସହଯୋଗୀ ହେବ ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଆଜିର ଶୁଭ ଅବସରରେ ଦେଶର ବିଶିଷ୍ଟ ବୈଜ୍ଞାନିକ ତଥା ଭାରତର କ୍ଷେପଣାସ୍ତ୍ର ମହିଳା ଡକ୍ଟର ଟେସୀ ଥୋମସ, ମିଲେଟ୍ ରାଣୀ ରାଇମତି ଘିଉରିଆ ଏବଂ ବୈଜ୍ଞାନିକ ଡକ୍ଟର ଅଜିତ୍ କୁମାର ମହାନ୍ତି ସମ୍ମାନିତ ହୋଇଥିବାରୁ ଅଭିନନ୍ଦନ। ଏହି ବ୍ୟକ୍ତିବିଶେଷମାନେ ଆମ ଦେଶକୁ ଗର୍ବିତ କରିଛନ୍ତି। ପିଏଚଡ଼ି ଓ ସ୍ନାତକଧାରୀ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ଏହି ସମାବର୍ତ୍ତନ ଉତ୍ସବ ନୂତନ ଯାତ୍ରାର ଅୟମାରମ୍ଭ ଏବଂ ଡିଗ୍ରି ଲାଭ କରୁଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ ହେଉଛନ୍ତି ଜଣେ ପରିବର୍ତ୍ତନର ବାହକ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଶିକ୍ଷାତ୍ମକ ଭବନ -୧ର ଉଦଘାଟନ କରିଥିଲେ। ଏହାସହ ବହୁମୁଖୀ ଶିକ୍ଷା ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ (ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ) ଯୋଜନା ଅନ୍ତର୍ଭୁକ୍ତ ପ୍ରକଳ୍ପ ସମୂହ ଯଥା ଗବେଷକ ଓ ଗବେଷିକା ଛାତ୍ରାବାସ, ସ୍ନାତକୋତ୍ତର ଛାତ୍ରାବାସ ଓ ଛାତ୍ରୀ ନିବାସ, ଦକ୍ଷିଣ ଓଡ଼ିଶା ସାଂସ୍କୃତିକ ସଂଗ୍ରହାଳୟ ପାଇଁ ବହୁଉଦ୍ଦେଶ୍ୟ ସାଧନ କେନ୍ଦ୍ର, କେନ୍ଦ୍ରୀୟ କମ୍ପ୍ୟୁଟର ପରୀକ୍ଷାଗାର, ନୂତନ ସାମାଜିକ ବିଜ୍ଞାନ ଏବଂ ମାନସିକ ବିଷୟ ସମୂହ ଶିକ୍ଷାତ୍ମକ ଭବନ, ନୂତନ ବିଜ୍ଞାନ ଶିକ୍ଷାତ୍ମକ ଭବନ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସବୁ ପ୍ରକଳ୍ପ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ପୂରଣ କରିବା ସହ ବିଶ୍ୱବିଦ୍ୟାଳୟର ପରିଚୟକୁ ଆଗେଇ ନେବ। ଏହି ସମାବର୍ତ୍ତନ କାର୍ଯ୍ୟକ୍ରମରେ ଓଡ଼ିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ।

### ୧୪...

ରୋକିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅପରେସନ ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ବେଆଇନ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ କ୍ଷେତ୍ରରେ ଗଞ୍ଜାମ ପୋଲିସ ଜିଲ୍ଲା ୧୦ ଟି ବନ୍ଧୁକ ଜବତ କରିବା ସହ ୧୩ ଜଣଙ୍କୁ ଗିରଫ କରିଛି। ସେହିପରି ରାଉରକେଲା ପୋଲିସ ଜିଲ୍ଲା ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ତା' ନିକଟରୁ ଏକକାଳୀନ ୧୦ ଟି ବନ୍ଧୁକ ଜବତ କରିଛି। ଏନଡିପିଏସ୍ ମାମଲାରେ କନ୍ଧମାଳ ପୋଲିସ ୫୩୫ କେଜି ଜବତ କରିବା ସହ ୧୫ ଜଣଙ୍କୁ ଗିରଫ କରିଛି। ଅବକାରୀ ମାମଲାରେ କେନ୍ଦୁଝର ପୋଲିସ ଜିଲ୍ଲା ସର୍ବାଧିକ ୧୦୭ ଟି ମାମଲା ରୁଜୁ କରିଥିବା ବେଳେ ୧୫୦୯ ଲିଟର ମଦ ଜବତ କରିଛି। ସେହିପରି ଜୁଆ ଆଡ୍ଡା ଉପରେ ଚଢ଼ାଉ କ୍ଷେତ୍ରରେ ରାଉରକେଲା ଜିଲ୍ଲା ପୋଲିସ 3 ଟି ମାମଲା ରୁଜୁ କରି ୧,୪୮,୩୩୦ ଟଙ୍କା ଜବତ କରିବା ସହ ୧୭ ଜଣଙ୍କୁ ଗିରଫ କରିଛି। ସାଧାରଣ ଲୋକଙ୍କୁ ସେବା ଓ ସୁରକ୍ଷା ଯୋଗାଇ ଦେବାକୁ ଓଡିଶା ପୋଲିସ ପ୍ରତିଶ୍ରୁତିବଦ୍ଧ। ଆଗାମୀ ଦିନରେ ମଧ୍ୟ ଅପରାଧ ଏବଂ ଅପରାଧୀମାନଙ୍କ ବିରୁଦ୍ଧରେ ଏହିପରି ଅଭିଯାନ ଜାରି ରହିବ ବୋଲି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଂଜୟ କୁମାର କହିଛନ୍ତି।

### କ୍ରାନ୍ତିକାରୀଙ୍କୁ...

ଆରମ୍ଭ ହୋଇଛି । ଦଳରି କିଛି ଛାମୁଆ ନେତାଙ୍କ ଉପରେ କର୍ମୀମାନେ ରକ୍ତଚାଉଳ ଚୋବାଉଛନ୍ତି । ତେଣୁ ଏସବୁ ପରିସ୍ଥିତିରୁ ବର୍ତ୍ତିବା ପାଇଁ ଦଳର ଛାମୁଆ ନେତାମାନେ ଆଭାସୀକୁ ଉପଯୁକ୍ତ ମଣିଛନ୍ତି । ଯେଉଁମାନେ ରାଜଧାନୀ ବାହାରେ ଥିଲେ ସେମାନେ ଆଭାସୀରେ ଯୋଗ ଦେଲେ। ହେଲେ ଯେଉଁମାନେ ରାଜଧାନୀରେ ଥିଲେ ସେମାନେ ଶଙ୍ଖଭବନ ଆସିବରେ କିଛି ଅସୁବିଧା ନଥିବା କର୍ମୀମାନେ ମତ ଦେଉଛନ୍ତି । କରୋନା ସମୟରେ ସବୁକିଛି ଆଭାସୀରେ ଚାଲିଥିଲା । ଏହି ଆଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ବିଧାନସଭାକୁ ନଆସି ଆଭାସୀରେ ଘରେ ବସି ହାଜିରା ପକାଉଥିଲେ । କାଳେ କିଏ କ'ଣ କହିବ ସେଥିପାଇଁ ଆଉ କିଛି ନେତା ବି ନିଜ ନିଜ ଜିଲ୍ଲାରେ ସ୍ଥାପିତ ଆଭାସୀ କେନ୍ଦ୍ରରୁ ମୁହଁ ଦେଖାଉଥିଲେ । ତେବେ କରୋନା ଯିବାର ଇତି ମଧ୍ୟରେ ତିନିବର୍ଷ ବିତିଲାଣି । ଏଭଳି ସ୍ଥିତିରେ ହଠାତ୍ ବିଜେଡିର ଯୁବନେତାମାନେ ଆଭାସୀ ଜରିଆରେ କ୍ରାନ୍ତିକାରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଅନେକଙ୍କୁ କେବଳ ଆଶ୍ଚର୍ଯ୍ୟଚକିତ କରିନାହିଁ ଆଲୋଚନା ପାଇଁ ଖୋରାକ ବି ଯୋଗାଇଛି ।

### କାନ୍ଥ...

୯.୧୫ ମିନିଟ୍ ସମୟରେ ହୋଇଥିବା ଜଣାପଡିଛି । ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ତୁରନ୍ତ ପୋଲିସ ପହଞ୍ଚିଥିଲା । ଏହା ସହିତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଉଦ୍ଧାର କାର୍ଯ୍ୟ ସମୟରେ ଭୁଶୁଡ଼ି ଯାଇଥିବା କାନ୍ଥ ତଳେ ଚାପି ହୋଇ ରହିଥିବା ୮ଜଣ ଲୋକଙ୍କ ଭଗ୍ନାବଶେଷ ରହିଥିଲା । ତୁରନ୍ତ ସେହି ୮ ଜଣଙ୍କ ଚିକିତ୍ସା ପାଇଁ AIIMS ଏବଂ ସଫଦରଜଙ୍ଗ ହସ୍ପିଟାଲକୁ ପଠାଯାଇଥିଲା । ଏମାନଙ୍କ ମଧ୍ୟରେ ୪ ଜଣ ପୁରୁଷ, ୨ ଜଣ ମହିଳାଙ୍କ ସମେତ ୨ ଜଣ ଶିଶୁ ଥିଲେ । ବର୍ତ୍ତମାନ ସୁଦ୍ଧା ଏମାନଙ୍କ ମଧ୍ୟରୁ ୭ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି ।

### ସବୁ...

କାର୍ଯ୍ୟକ୍ରମ ଆୟୋଜିତ କରିବ । ଏହି ସେଲ୍‌ର ଉଦ୍ଦେଶ୍ୟ ହେଉଛି ସୁରକ୍ଷା, ସଶକ୍ତ କରିବା ସହ ସୁରକ୍ଷିତ ପରିବେଶ ଯୋଗାଇବା । ଏହା ବ୍ୟତୀତ ଶକ୍ତିଶ୍ରୀ ସାଥୀରେ ପୀୟର୍ସ ଲିଡର ଚୟନ କରାଯିବା ପାଇଁ ନିର୍ଦ୍ଦେଶ ହୋଇଛି ।

### ଭାଇ...

ରଣା (୨୮) ନିଜର ଭଉଣୀ ଘର ନର୍ଲା ବ୍ଲକ୍ ଭାନପୁର୍ ଗ୍ରାମପଞ୍ଚାୟତ ଅଧୀନ ବାଲିପଡ଼ାକୁ ରାଖୀ ପାଇଁ ଆସୁଥିଲେ। ଉଭୟେ ନିଜ ଘରେ ରାଖୀ ପୂର୍ଣ୍ଣିମା ପାଳନ କରି ଭଉଣୀ ଘରକୁ ଆସୁଥିବା ବେଳେ ବାଲିପଡାକୁ ପହଞ୍ଚିବା ପୂର୍ବରୁ ତିନି କିଲୋମିଟର ଦୂରରେ ଭଟାଖମାର ଛକରେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇ ରାସ୍ତା ପାର୍ଶ୍ୱରେ ଥିବା ପମ୍ପ୍ ହାଉସ୍ ଗେଟରେ ଜୋରରେ ବାଡେଇ ହୋଇଥିଲେ। ଘଟଣାସ୍ଥଳରେ ଗୋବିନ୍ଦ ରଣାଙ୍କ ପୁଅ ଦୀପକଙ୍କ ମୃତ୍ୟୁ ଘଟିଥିଲା। ମହେଶ ରଣାଙ୍କୁ ଗୁରୁତର ଭାବେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣାଗ୍ରସ୍ତ ବାଇକ ତଥା ମୃତ୍ୟୁବରଣ କରିଥିବା ଦୀପକଙ୍କ ଶବକୁ ପୁଲିସ ଜବତ କରିଛି। ଶବ ବ୍ୟବଚ୍ଛେଦ ନିମନ୍ତେ କେସିଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବା ସହ ଗୁରୁତର ଆହତ ହୋଇଥିବା ମହେଶଙ୍କୁ ଚିକିତ୍ସା ନିମନ୍ତେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିବା ପୁଲିସ ଫାଣ୍ଡି ଅଧିକାରୀ ସୁବୋଧ ଫୁଲ ସୂଚନା ଦେଇଛନ୍ତି। ତେବେ ରାଖି ପୂର୍ଣ୍ଣିମାରେ ଏହି ଅଘଟଣ ପାଇଁ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି।

## ଘରଭଡ଼ା ବିବାଦରୁ ଜଣଙ୍କୁ ହତ୍ୟା

**ବ୍ରହ୍ମପୁର,୯।୮ (ସଂଚାର ବ୍ୟୁରୋ):** ସହରରେ ପୁଣି ହତ୍ୟାକାଣ୍ଡ ଘଟିଛି। ଘର ଭଡାକୁ ନେଇ ବିବାଦ ପରେ ଜଣଙ୍କୁ ହତ୍ୟା କରାଯାଇଥିବା ଜଣାପଡିଛି। ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି ଜଣକ ବଡ ବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ଗୌଡ ସାହିର ଶିବ ଶଙ୍କର ମାଝୀ। ଗୌର ବେହେରା ନାମକ ଜଣେ ବ୍ୟକ୍ତି ତାଙ୍କୁ ହତ୍ୟା କରିଥିବା ପୁଲିସ ତଦନ୍ତରେ ଜଣାପଡ଼ିଛି। ଶୁକ୍ରବାର ରାତିରେ ବକେୟା ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଶିବ ଶଙ୍କରଙ୍କୁ କୌଣସି ଏକ ମରଣାସ୍ତ୍ରରେ ପିଟି ରକ୍ତାକ୍ତ କରି ଘର ବାହାର ପଟେ ତାଲା ପକାଇ ପଳାଇଥିଲେ ଆକ୍ରମଣକାରୀ। ଘରୁ ଚିତ୍କାର ବାହାରୁଥିବା ଜାଣି ସାହି ବାସିନ୍ଦା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ଘଟଣା ସ୍ଥଳରେ ପହଂଚି ତାଲା ଭାଙ୍ଗି ଗୁରୁତର ଅବସ୍ଥାରେ ଶଙ୍କରଙ୍କୁ ଉଦ୍ଧାର କରି ଏମକେସିଜିରେ ଭର୍ତ୍ତି କରିଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ଅନଲାଇନ ନିବେଶ ନାଁରେ ମହିଳାଙ୍କ ଠାରୁ ୩.୬୧ ଲକ୍ଷ ଠକେଇ

**ବ୍ରହ୍ମପୁର,୯।୮ (ସଂଚାର ବ୍ୟୁରୋ):** ଅନଲାଇନ ନିବେଶ ନାଁରେ ଜଣେ ମହିଳା ୩ ଲକ୍ଷ ୬୧ ହଜାର ଟଙ୍କା ଠକେଇର ଶିକାର ହୋଇଛନ୍ତି। ଏନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାପ୍ରକାରେ, ହଳଦିଆପଦର ବାପୁଜୀନଗର ୨ୟ ଲାଇନରେ ରହୁଥିବା ଜଣେ ୩୯ ବର୍ଷୀୟ ମହିଳାଙ୍କ ନିକଟକୁ କିଛି ଦିନ ତଳେ ଏକ ଅଜଣା ନମ୍ବରରୁ ମେସେଜ ଆସିଥିଲା। ଅନଲାଇନରେ ଟଙ୍କା ନିବେଶ କଲେ ମୋଟା ଅଙ୍କର କମିଶନ ମିଳିବ ବୋଲି ସେଥିରେ ଉଲ୍ଲେଖ ରହିଥିଲା। ମହିଳା ଜଣଙ୍କ ମେସେଜ ସହ ଆସିଥିବା ଲିଙ୍କରେ କ୍ଲିକ କରିବାର ପରେ ଏକ ଅନଲାଇନ ଇନଭେଷ୍ଟମେଣ୍ଟ ଆପ୍ ଡଉନଲୋଡ କରିବାକୁ କୁହାଯାଇଥିଲା। ଏହାପରେ ସଂପୃକ୍ତ କମ୍ପାନୀର କର୍ମଚାରୀମାନେ ମହିଳାଙ୍କୁ ଫୋନ କରି ବିଭିନ୍ନ ସ୍କିମ ବିଷୟରେ କହିଥିଲେ।ଅନଲାଇନରେ ଇନଭେଷ୍ଟ କରି ଅନେକ ଲୋକ ଲକ୍ଷପତି ହୋଇଥିବା ଜଣାଇଥିଲେ। ସେହି କ୍ରମରେ ମହିଳା ଜଣଙ୍କ ପ୍ରଥମେ କିଛି ଟଙ୍କା ଇନଭେଷ୍ଟ କରିଥିଲ। ଏହା ବଦଳରେ ତାଙ୍କୁ କିଛି କମିଶନ ମଧ ମିଳିଥିଲା। ପରେ ମହିଳାଙ୍କ ଲୋଭ ବଢ଼ି ଯାଇଥିଲା। ଫଳରେ ସେ ପର୍ଯ୍ୟାୟ କ୍ରମେ ୩ ଲକ୍ଷ ୬୧ ହଜାର ଟଙ୍କା ଇନଭେଷ୍ଟ କରିଥିଲେ। ଯେତେବେଳେ ସେ ତାଙ୍କ ମୂଳ ଓ ଲାଭ ଟଙ୍କା ଉଠାଇବାକୁ ଚାହିଁଲେ ତାହା ସମ୍ଭବ ହୋଇନଥିଲା। କମ୍ପାନୀ କର୍ମଚାରୀଙ୍କୁ ବାରମ୍ବାର ଯୋଗାଯୋଗ ପରେ ମଧ କୌଣସି ସୁଫଳ ମିଳିନଥିଲା। ଏହାପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ମହିଳା ଜଣକ ସାଇବର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ କରାଯାଇଥିବା ସାଇବର ଥାନା ଅଧିକାରୀ ଶଙ୍କର ପଣ୍ଡା କହିଛନ୍ତି।

## ଯୁବତୀଙ୍କୁ ବ୍ଲାକମେଲ୍ ଅଭିଯୋଗ

**ବ୍ରହ୍ମପୁର,୯।୮ (ସଂଚାର ବ୍ୟୁରୋ):** ନିମଖଣ୍ଡି ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କୁ ଫଟୋ ପଠାଇ ବ୍ଲାକମେଲ କରାଯାଇଥିବା ଅଭିଯୋଗ ହୋଇଛି। ବ୍ରଜନଗର ୨ୟ ଲାଇନରେ ରହୁଥିବା ଏହି ଯୁବତୀଙ୍କ ନିକଟକୁ କିଛି ଦିନ ତଳେ ଏକ ବେନାମୀ ଚିଠି ଆସିଥିଲା। ସେହି ଚିଠି ଖୋଲିବା ପରେ ସଂପୃକ୍ତ ଯୁବତୀ ଓ ଜଣେ ଯୁବକଙ୍କ ମିଳିତ ଫଟୋ ରହିଥିଲା । ସେହି ଯୁବକଙ୍କ କାରବାର ବିଷୟରେ ସମସ୍ତ ତଥ୍ୟ ପ୍ରଦାନ କରିବାକୁ ଚିଠିରେ ଉଲ୍ଲେଖ ରହିଥିଲା। ତଥ୍ୟ ପ୍ରଦାନ ନକଲେ ଅଭିଯୋଗକାରୀ ଯୁବତୀ ଓ ଯୁବକଙ୍କ ମିଳିତ ଫଟୋ ବିଭିନ୍ନ ସ୍ଥାନରେ ଭାଇରାଲ କରାଯିବ ବୋଲି ସେହି ଚିଠିରେ ଲେଖା ହୋଇଥିଲା। ଏନେଇ ଯୁବତୀ ଜଣକ ନିମଖଣ୍ଡି ଥାନାରେ ଅଭିଯୋଗ କରିବା ସହ ଏଭଳି ଚିଠି ପଠାଇଥିବା ଅଭିଯୁକ୍ତଙ୍କୁ ଠାବ କରିବାକୁ ପୁଲିସକୁ ଅନୁରୋଧ କରିଛନ୍ତି।

## ଲୁହରେ ଭିଜିଲା ସୁନ୍ଦର ଗାଁ

# ସହିଦ ସ୍ୱରାଜ୍ୟ ସାହୁଙ୍କୁ ଅଶ୍ରୁଳ ବିଦାୟ

**କାକଟପୁର/ଅସ୍ତରଙ୍ଗ,୯।୮ (ସଂଚାର ବ୍ୟୁରୋ):** ସ୍ୱରାଜ୍ୟ ଭାଇ ଅମର ରହେ, ବୀର ଯବାନ ଅମର ରହେ। ଆମ ଅସ୍ତରଙ୍ଗ ମାଟିର ଗର୍ବ ଗୌରବ ସ୍ୱରାଜ୍ୟ ଭାଇ.... ଏଭଳି ଏକ ସ୍ଲୋଗାନରେ ଶନିବାର ଦିନ ଫାଟି ପଡିଥିଲା ଅସ୍ତରଙ୍ଗରୁ ସୁନ୍ଦର ଗାଁ ପର୍ଯ୍ୟନ୍ତ। ସମସ୍ତଙ୍କ ଆଖିରେ ଥିଲା ଲୁହ। ଏକ ଶୋକାକୁଳ ପରିବେଶ ମଧ୍ୟରେ ବୀର ସହିଦ ଯବାନ ସ୍ୱରାଜ୍ୟ

### ଗାଁ ଶ୍ମଶାନରେ ଶେଷକୃତ୍ୟ, ତୋପ ସଲାମୀ

ସାହୁଙ୍କୁ ଦିଆଯାଇଛି ଅଶ୍ରୁଳ ବିଦାୟ। ଗାଁ ଶ୍ମଶାନରେ ସହିଦଙ୍କ ଶେଷକୃତ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ବାୟୁସେନା ପକ୍ଷରୁ ସହିଦଙ୍କୁ ୨୧ତୋପ ସଲାମୀ ଦିଆଯାଇଥିଲା। ହଜାର ହଜାର ଲୋକ ବିଶାଳ ଶୋଭାଯାତ୍ରାରେ ସହିଦଙ୍କୁ ଶ୍ମଶାନ ପର୍ଯ୍ୟନ୍ତ ନେଇଯାଇଥିଲେ।

ଖବର ମୁତାବକ, ଆଗ୍ରା ଠାରେ ଗତ ଜୁନ ୪, ୨୦୨୫ତାରିଖ ସକାଳ ୮ଘଟିକା ସମୟରେ କାର୍ଯ୍ୟରତ ଥିବା ବେଳେ ବିଷାକ୍ତ ଗ୍ୟାସ ଦୁର୍ଘଟଣା ହୋଇଥିବା ବେଳେ ୩ ଜଣ ଯବାନ ଏକ ଘରୁ



ନିଜକୁ ରକ୍ଷା କରିବାକୁ ଝରକା ବାଟରେ ବାହାରୁଥିବା ବେଳେ ଶକ୍ତ ଆଘାତ ଲାଗିଥିଲା ସ୍ୱରାଜ୍ୟ ସାହୁଙ୍କ ମୁଣ୍ଡରେ। ଏହା ସହ ବିଷାକ୍ତ ଗ୍ୟାସ ପ୍ରଭାବରେ ମଧ ଆକ୍ରାନ୍ତ ହୋଇଥିଲେ। ଯାହାକି ଆଗ୍ରା ସ୍ଥିତ ମେଡିକାଲରେ ଦୀର୍ଘ ୨ମାସ ହେଲା ଚିକିତ୍ସାଧୀନ ଥିଲେ।। କିନ୍ତୁ ଅଗଷ୍ଟ ୭, ୨୦୨୫ରେ ଦିନ ୧ଘ ୩୦ମିନିଟ ସମୟରେ ଜୀବନ ଦୀପ ଲିଭିଯାଇଥିଲା।

ଶନିବାର ପୂର୍ବାହ୍ନ ସମୟରେ ସହିଦ ଯବାନ ସ୍ୱରାଜ୍ୟ ସାହୁଙ୍କ ମରଶରୀର ଅସ୍ତରଙ୍ଗରେ ପହଞ୍ଚିବା ପରେ ଉକୁଳେଇ ସ୍ଥିତ ପୂର୍ବତନ ସାମରିକ କର୍ମଚାରୀ ସଙ୍ଘ, ଅସ୍ତରଙ୍ଗ ସଭାପତି ସୁରେଶ ଚନ୍ଦ୍ର ସ୍ୱାଇଁ, କୋଷାଧକ୍ଷ ଦ୍ୱାରିକା ନାୟକ, ସମ୍ପାଦକ ନରେନ୍ଦ୍ର ସ୍ୱାଇଁଙ୍କ ସମେତ ଶତାଧିକ ପୂର୍ବତନ ସେନା କର୍ମଚାରୀ ଶେଷ ସମ୍ମାନ ଦେଇଥିଲେ। ପରେ ଅସ୍ତରଙ୍ଗ କୁହୁଡି ଛକ ଠାରେ ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସୁନ୍ଦର ସ୍ଥିତ ସୁରେନ୍ଦ୍ର ନାଥ ବିଦ୍ୟାପୀଠରେ ସ୍ୱରାଜ୍ୟ ଅଧ୍ୟୟନ କରିଥିବାରୁ ବିଦ୍ୟାଳୟ ପରିସରରେ ଶିକ୍ଷକମାନେ ଶେଷ ସମ୍ମାନ ଜଣାଇଥିଲେ। ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ବିଜେଡି ନେତା ସୁବ୍ରତ ଛାଟୋଇ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବେହେରା, ସାଂସଦଙ୍କ ପ୍ରତିନିଧି ଦିବାକର ଛାଟୋଇ ପ୍ରମୁଖ ମରଶରୀରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଅପରାହ୍ନ ପ୍ରାୟ ୧ଘ ୩୫ମିନିଟ ସମୟରେ ନିଜ ଗ୍ରାମ ଶ୍ମଶାନ ନିକଟରେ ୨୧ତୋପ ସଲାମୀ ଦିଆଯାଇଥିଲା। ସହିଦ ଯବାନ ସ୍ୱରାଜ୍ୟ ସାହୁଙ୍କ ପାର୍ଥିବ ଶରୀର ଅପରାହ୍ନ ୧ଘ ୪୫ମିନିଟ ସମୟରେ ପଞ୍ଚଭୂତରେ ଲୀନ ହୋଇଥିଲେ। ସାନ ଭାଇ ସ୍ୱାଗତ ସାହୁ ମୁଖାଗ୍ନି ଦେଇଥିଲେ।

## ଗଞ୍ଜାମ ବିଜେଡି ପକ୍ଷରୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ




**ବ୍ରହ୍ମପୁର,୯।୮ (ସଂଚାର ବ୍ୟୁରୋ):** ସ୍ଥାନୀୟ ଗଜପତି ନଗର ଠାରେ ବିଜୁ ଜନତା ଦଳ ଗଞ୍ଜାମ ଜିଲ୍ଲା ପକ୍ଷରୁ ପବିତ୍ର ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳା ବିଜେଡିର ବହୁ ନେତ୍ରୀ ଓ କାର୍ଯ୍ୟକର୍ତା ସାମିଲ ହୋଇ ରାକ୍ଷୀ ବାନ୍ଧି ମିଠା ଖୁଆଇ ପର୍ବକୁ ଖୁବ୍ ଧୁମଧାମର ସହ ପାଳନ କରିଥିଲେ। ଏହି ଅବସରରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ସୁବାସ ମହାରଣା,ସୁବାଷ ବେହେରା, ସୂର୍ଯ୍ୟମଣି ବୈଦ୍ୟ, ଲାତିକା ପ୍ରଧାନ, ଇ. ବିବେକ୍ ରେଡ୍ଡିଙ୍କ ସମେତ ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳର ସମସ୍ତ ସଦସ୍ୟ ସଦସ୍ୟା ପ୍ରମୁଖ ଯୋଗ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷା ବନ୍ଧନ



**ନୟାଗଡ଼,୯।୮ (ସଂଚାର ବ୍ୟୁରୋ):** ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ପାଳନ ହୋଇ ଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି କେଶବଚନ୍ଦ୍ର ରାଉତରାୟ ଉପସ୍ଥିତ ରହି ରକ୍ଷା ବନ୍ଧନର ମହତ୍ତ୍ୱ ବର୍ଣ୍ଣନା କରିଥିଲେ ଏବଂ ବର୍ତ୍ତମାନ ସମାଜରେ ସଂସ୍କୃତିର ଉତଥାନ କରି କଳୁଷିତ ସମାଜକୁ ଶୃଙ୍ଖଳିତ କରିବାର ଦାୟିତ୍ୱ ଶିଶୁଙ୍କ ଉପରେ ନ୍ୟସ୍ତ ବୋଲି ମାର୍ଗଦର୍ଶନ ଦେଇଥିଲେ। ସଂପାଦକ ଭାସ୍କର ଚନ୍ଦ୍ର ସାହୁ, ପ୍ରଧାନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ୫୦୦ ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ, ଆଚାର୍ଯ୍ୟ ଆଚାର୍ଯ୍ୟା, ଅଭିଭାବକ ଭାଇ ଭଉଣୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ସୁନ୍ଦର କରିଥିଲେ। ପରେ ଲେଖନପୁର ଗ୍ରାମରେ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଥିଲା।

# ପ୍ରଶାସନିକ ଅଧିକାରିଣୀଙ୍କ ସ୍ୱାମୀଙ୍କୁ ଆକ୍ରମଣ, ୨ ଗିରଫ

### ନିମାପଡା ଥାନାଧିକାରୀଙ୍କ ସମ୍ପର୍କୀୟ ହେତୁ ଆଉ ୬ ଅଭିଯୁକ୍ତଙ୍କୁ ଧରୁନି ପୁଲିସ

**ଗୋପ,୯।୮ (ସଂଚାର ବ୍ୟୁରୋ):** ନିମାପଡ଼ାରେ ଅପରାଧୀମାନେ ଆତଙ୍କରାଜ ଖେଳାଇଥିବା ନିମାପଡାରେ ଏକ ଭୟରେ ବାତାବରଣ ଖେଳି ଯାଇଛି। ଦୁଇଦିନ ତଳେ ଜଣେ ପ୍ରଶାସନିକ ଅଧିକାରିଣୀ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ କରି ସୁନା ଚେନ୍ ଲୁଟି ନେବା ଘଟଣାରେ ନିମାପଡ଼ା ଥାନା ପୁଲିସ ଦୁଇଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ୍ ନାମଞ୍ଜୁର ହେବାରୁ ସଂପୃକ୍ତ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି ।

ଘଟଣାରେ ଅନ୍ୟ ୬ ଅଭିଯୁକ୍ତ ପୁଲିସ ଏପର୍ଯ୍ୟନ୍ତ ଧରିନଥିବା କାରଣରୁ ଏତଲାକାରୀ ଏବଂ ଅଞ୍ଚଳବାସୀ ଏବେବି ଭୟରେ ଅଛନ୍ତି। ଫେରାର ହୋଇଥିବା ଅଭିଯୁକ୍ତ ମାନେ ନିମାପଡା ଥାନା ଅଧିକାରୀଙ୍କ ସମ୍ପର୍କୀୟ ବୋଲି ଚର୍ଚ୍ଚା ହେଉଥିବା ବେଳେ ୬ଜଣ ଅଭିଯୁକ୍ତ ନିମାପଡା ଥାନା ଅଧିକାରୀ ଗିରଫ କରୁନାହାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋଧରିଛି ।

ପ୍ରକାଶ ଥାଉକି, ତଳଅଣ୍ଟିଆ କେନାଲ ପୋଲ ନିକଟରେ ପ୍ରତ୍ୟେକ ଦିନ କେତେକ ଅସମାଜିକ ବ୍ୟକ୍ତି ଏକତ୍ରିତ ହୋଇ କୋଣାର୍କ ପୁରୀ ଓ ଭୁବନେଶ୍ୱର ଯାତାୟାତ କରୁଥିବା ପର୍ଯ୍ୟଟକ ମାନଙ୍କୁ ଦୀର୍ଘଦିନ ହେବ ରାତ୍ରରେ ଲୁଟପାଟ ଓ ଗାଳିଗୁଲଜ କରି ଆସୁଛନ୍ତି ବୋଲି ଦେଖିବାକୁ ମିଳିଛି । ପୋଲିସର ପେଟ୍ରୋଲିଙ୍ଗ ନଥିବା ହେତୁ ଏପରି ଘଟଣା ଘଟୁଛିବୋଲି ନିମାପଡାର ବୁଦ୍ଧିଜୀବୀ ମାନେ ମତ ଦିଅନ୍ତି। ଏହି ଘଟଣା ପ୍ରତି ପେଲିସ ଦୃଷ୍ଟି ଦେଇ ଅସାମାଜିକଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ପାଇଁ ଜନସଧାରଣ ଦାବୀ କରିଛନ୍ତି ।

# ସୁଭଦ୍ରାର ତୃତୀୟ କିସ୍ତି ପ୍ରଦାନ ସମାରୋହ

**ଖୋର୍ଦ୍ଧା,୯।୮ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ଖୋର୍ଦ୍ଧା ସଦର ମହକୁମା ଜୟୀରାଜଗୁରୁ ଟାଉନ୍ ହଲ ଠାରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ସଂଯୋଜନାରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜଙ୍କଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ମାନ୍ୟବର ସମବାୟ, ବୟନ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ତଥା ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦ୍ଘାଟନ କରିଥିଲେ । ନିଜ ଅଭିଭାଷଣରେ ମାନ୍ୟବର ମନ୍ତ୍ରୀ କହିଲେ ଯେ ସୁଭଦ୍ରା ରାଜ୍ୟ ସରକାରଙ୍କ ଏକ ମହତକାଙ୍କ୍ଷୀ ଯୋଜନା ଯାହା ନାରୀ ଶକ୍ତିର ଜୟଯାତ୍ରାର ପରିଚୟ । ନାରୀର ସ୍ୱାଭିମାନକୁ ସମ୍ମାନଦେବା ଓ ସେମାନଙ୍କୁ ସ୍ୱାବଲମ୍ବି କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କ ପରିବାର ମୁହଁରେ ହସ ଫୁଟାଇ ଆର୍ଥିକ ମାନଦଣ୍ଡକୁ ସୁଦୃଢ କରିବା ସୁଭଦ୍ରା




ଯୋଜନାର ମୂଳ ଲକ୍ଷ୍ୟ ଅଟେ ।

କାର୍ଯ୍ୟକ୍ରମ ଅବସରରେ ଅଗଷ୍ଟ ୮ତାରିଖରୁ ୧୫ତାରିଖ ହର ଘର ତିରଙ୍ଗା କାର୍ଯ୍ୟକ୍ରମକୁ ମାନ୍ୟବର ଜିଲ୍ଲା ପ୍ରଭାରୀ ମନ୍ତ୍ରୀ, ଜିଲ୍ଲାପାଳ ଓ ସମସ୍ତ ସୁଭଦ୍ରା ମା ମାନେ ନିଜ ହାତରେ ତିରଙ୍ଗା ଧରି ଉଦ୍ଘାଟନ କରିଥିଲେ । ସଫଳ ସୁଭଦ୍ରା ଭଉଣୀ ରିତାରାଣି ବେହେରା, ଖୋର୍ଦ୍ଧା,ସୁମିତ୍ରା ମୁଦୁଲି, ବେଗୁନିଆ, ଗାୟତ୍ରୀ ବୋଷ, ଖୋର୍ଦ୍ଧା, ମମତା ପଟ୍ଟନାୟକ ପ୍ରମୁଖ ସୁଭଦ୍ରା ଯୋଜନା ଦ୍ୱାରା ସେମାନେ କିପରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିଛନ୍ତି ନିଜ ଅଭିଜ୍ଞତା ପ୍ରକାଶ କରିଥିଲେ। ସମାରୋହରେ ମୁଖ୍ୟଅତିଥି ମାନ୍ୟବର ମନ୍ତ୍ରୀ ଏବଂ ସମ୍ମାନିତ ଅତିଥି ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଅନୁଷ୍ଠିତ ଓଡ଼ିଆ ପ୍ରବନ୍ଧ, ଚିତ୍ରାଙ୍କନ,କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୋରାପୁଟ, ଜୟପୁର ସଭା ମଞ୍ଚରୁ ଏହି ତୃତୀୟ ସୁଭଦ୍ରା ତୃତୀୟ କିସ୍ତି ବଣ୍ଟନ ଉଦ୍ଘାଟନ କାର୍ଯ୍ୟକ୍ରମ ଆଭାଷିରେ ସିଧାପ୍ରସାରଣ କରାଯାଇଥିଲା । ଶେଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ରକ୍ଷା ବନ୍ଧନ ଉତ୍ସବ ପାଳିତ



**ନାଉଗାଁ,୯।୮ (ସଂଚାର ବ୍ୟୁରୋ):** ଆଜି ହେଉଛି ପବିତ୍ର ରାକ୍ଷୀ ପୂର୍ଣ୍ଣିମା। ଗାଁ ଠୁ ଆରମ୍ଭ କରି ସହର ସବୁ ଚଳଚଞ୍ଚଳ। ସବୁଠି ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଭାଇ ଭଉଣୀ ମାନଙ୍କ ସ୍ନେହ ଶ୍ରଦ୍ଧା ଓ ଭଲପାଇବା କୁ ଅତୁଟ ରଖିବା ପାଇଁ ରାକ୍ଷୀ ବନ୍ଧା ଯାଉଚି। ସମାଜସେବୀଙ୍କୁ ଠାରୁ ଆରମ୍ଭ ରାଜନେତା ସମସ୍ତେ ରାକ୍ଷୀ ବାନ୍ଧି ଭାଇ ଭଉଣୀର ଅତୁଟ ବନ୍ଧନ କୁ ଉଦ୍ଜୀବିତ କରିଛନ୍ତି। ଆଜି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦା ବଜାରରେ ସାମାଜ ସେବୀ ଦୀପକ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ପାଳନ କରାଯାଇଛି। ଆୟୋଜିତ ଏହ କାର୍ଯ୍ୟକ୍ରମରେ ସମାଜସେବୀ ଦୀପକ ବିଶ୍ୱାଳଙ୍କ ସମେତ ନିତ୍ୟାନନ୍ଦ ବିଶ୍ୱାଳ ଦୀପକ ଜେନାଙ୍କ ହାତରେ ରାକ୍ଷୀବାନ୍ଧି ମଙ୍ଗଳ ମନାସିଛନ୍ତି।

## ମଦନମୋହନ ମଠରେ ମହାପ୍ରଭୁଙ୍କ ଝୁଲଣ ଯାତ୍ରା



**ନାଉଗାଁ,୯।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ପ୍ରାଚୀନ ପୀଠ ମଦନମୋହନ ମଠ ଗୋଠଦା ପରିସରରେ ଭାଦ୍ର ଶୁକ୍ଳ ଏକାଦଶୀ ଠାରୁ ବଳଭଦ୍ର ଜନ୍ମ ପବିତ୍ର ଗହ୍ମା ପୂର୍ଣ୍ଣିମା ପର୍ଯ୍ୟନ୍ତ ପଞ୍ଚଦିବସ ବ୍ୟାପି ପ୍ରଭୁ ଶ୍ରୀମଦନମୋହନ ତଥା ମା' ରାଧାରାଣୀଙ୍କ ପବିତ୍ର ଗହ୍ମା ଝୁଲଣ ପର୍ବ ସହ ପ୍ରଭୁ ବଳଭଦ୍ରଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଠଦା ଗ୍ରାମ ସଂକୀର୍ତ୍ତନ ମଣ୍ଡଳୀ ସହିତ ଅଞ୍ଚଳର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ସୁସଜ୍ଜିତ ଝୁଲଣ ବିମାନରେ ପ୍ରଭୁଙ୍କ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥିଲା

# ହିଞ୍ଜିଳିରେ ରାକ୍ଷୀ ପୂର୍ଣ୍ଣିମା ପାଳିତ

**ହିଞ୍ଜିଳିକାଟୁ,୯।୮ (ସଂଚାର ବ୍ୟୁରୋ):** ଆଜି ପବିତ୍ର ରାକ୍ଷୀ ପୂର୍ଣ୍ଣିମା। ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ବନ୍ଧୁତ୍ୱକୁ ଦୃଢ଼ କରିଥାଏ। ଏହି ଦିନ ଭଉଣୀ, ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ, ବଦଳରେ ଭାଇ, ତା'ର ଭଉଣୀକୁ ରକ୍ଷା କରିବାର ସଂକଳ୍ପ ନେଇଥାଏ। ଶ୍ରାବଣ ପୂର୍ଣ୍ଣିମାରେ ପ୍ରଭୁ ବଳରାମ ଏହି ଦିନ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଥିଲେ, ତେଣୁ ଏହି ଦିନଟିକୁ ବଳଭଦ୍ରଙ୍କ ଜନ୍ମ ତିଥିଭାବେ ପାଳନ କରାଯାଏ । ଏହି ପରିପ୍ରେକ୍ଷୀରେ ହିଞ୍ଜିଳିକାଟୁ ସହର ସମେତ ଏହାର ଆଖପାଖରେ ଧୁମଧାମରେ ରକ୍ଷା ବନ୍ଧନ ପାଳିତ ହୋଇଯାଇଛି । ଭଉଣୀ ମାନେ ଥାଳିରେ ବିଭିନ୍ନ ସୁଆଦିଆ ମିଠା ବ୍ୟଜନ ସହ ସିନ୍ଦୁର, ହଳଦୀ, ଦୀପ ସହ ରାକ୍ଷୀ ରଖି ବନ୍ଦାପନା କରି ଭାଇ ହାତରେ



ରାକ୍ଷୀ ବାନ୍ଧିଥିଲେ ଭଉଣୀ । ଭାଇବି ନିଜ ଭଉଣୀର ସୁଖଦୁଃଖରେ ସହଭାଗୀ ହେବା ପାଇଁ ପ୍ରତିଶ୍ରୁତି ଦେଇଥାଏ। ସହର ସମେତ ବ୍ଲକର ବିଭିନ୍ନ ଗ୍ରାମର ଶିଶୁମନ୍ଦିରରେ ରାକ୍ଷୀ ପୂର୍ଣ୍ଣିମା ପାଳିତ ହୋଇଯାଇଛି।

ପୂର୍ବେ ପ୍ରତ୍ୟେକ ସାହି ସାହିରେ ଗହ୍ମା ଡ଼ିଆଁ ପର୍ବ ହେଉଥିବା ବେଳେ ବର୍ତ୍ତମାନ ଏହା କିଛି ହାତଗଣତି ସ୍ଥାନରେ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ଏହି ପର୍ବ ଆୟୋଜନ କରିବା ଏବଂ ଏଥିରେ ଭାଗନେବାକୁ ଆଗଭଳି ଆଉ ଲୋକେ ଉତ୍ସାହ ଦେଖାଉନାହାନ୍ତି । ବର୍ତ୍ତମାନର ଯୁବପିଢ଼ି ମୋବାଇଲ କିମ୍ବା ସିନେମା ଦେଖି ସମୟ ନଷ୍ଟ କରୁଥିବା ବେଳେ ଶାରୀରିକ କଷ୍ଟ କରିବାକୁ ପଡୁଥିବାରୁ ଏହି ଖେଳ ପ୍ରତି ଆଉ ଆଗ୍ରହ ପ୍ରକାଶ କରୁନଥିବା କହିଛନ୍ତି ବୁଦ୍ଧିଜୀବୀ ।

## ସୁରକ୍ଷା କବଚ ଭାବେ ପୁଲିସ ହାତରେ ରାକ୍ଷୀ ବାନ୍ଧିଲେ ଛାତ୍ରୀ

- ଗଛ ଆମର ଭାଇ, ମହିଳା ବାନ୍ଧିଲେ ରାକ୍ଷୀ
- ରାକ୍ଷୀ ପୂର୍ଣ୍ଣିମା ପାଇଁ ଉତ୍ସବମୁଖର ଅସ୍ତରଙ୍ଗ

**କାକଟପୁର/ଅସ୍ତରଙ୍ଗ,୯।୮ (ସଂଚାର ବ୍ୟୁରୋ):** ଶନିବାର ପବିତ୍ର ରକ୍ଷା ବନ୍ଧନରେ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟର ଛାତ୍ରୀମାନଙ୍କ ସହ ଅସ୍ତରଙ୍ଗ ସାଧନ ସଂଯୋଜକ ସନ୍ତୋଷ ସ୍ୱାଇଁ, ଗୁରୁଜୀ ନିରଞ୍ଜନ ବେହେରା, ରବୀନ୍ଦ୍ର ବିଶ୍ୱାଳ, ଗୁରୁମାମାନେ ଅସ୍ତରଙ୍ଗ ପୁଲିସ ଷ୍ଟେସନରେ ପହଂଚି ପୁଲିସ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଅନ୍ୟ ପଟେ ଦୀର୍ଘ ବର୍ଷ ହେବ ଗୁଣ୍ଡଳବା ପୀର ଜାହାନିଆ ମହିଳା ବନସୁରକ୍ଷା ସମିତିର ମହିଳାମାନେ ପରିବେଶ ସହ ପରିସଂସ୍ଥା ସନ୍ତୁଳନ ବଜାୟ ରଖୁଥିବା ଗଛକୁ ପୂଜାର୍ଚ୍ଚନା କରି ଗଛରେ ରାକ୍ଷୀ ବାନ୍ଧିଥିଲେ ମହିଳାମାନେ। ଲୁଣା ଜଙ୍ଗଲ ବା ହେନ୍ତାଳ ବଣ ପ୍ରାକୃତିକ ବିପର୍ଯ୍ୟୟ ତଥା ବନ୍ୟା, ବାତ୍ୟାରୁ ସୁରକ୍ଷା ଦେଇଥାଏ। ଏହି ମହିଳାମାନଙ୍କ ମଧରେ ଚାରୁଲତା ବିଶ୍ୱାଳଙ୍କ ସହ ଅନ୍ୟ ମହିଳାମାନେ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଆଶ୍ରମ ଭଉଣୀ ମାନଙ୍କ ତରଫରୁ ରକ୍ଷା ବନ୍ଧନ ଶହ ବିଭିନ୍ନ ସଚେତନ ବାର୍ତ୍ତା ବଣ୍ଟନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଶ୍ରମ ଭଉଣୀ ବି କେ ପ୍ରଭାତୀ, ବି କେ ପୁଷ୍ପ, ସମାଜ ସେବୀ ଦୁଷ୍ମନ୍ତ କୁମାର ପରିଡା, ସତ୍ୟବ୍ରତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦିନ ବେଶ ଗୁରୁତ୍ୱ ବହନ କରେ। ଭାଇ ଭଉଣୀର ପବିତ୍ର ସମ୍ପର୍କକୁ ନେଇ ପାଳିତ ହେଉଥିବା ଏହି ପର୍ବରେ ରହିଥାଏ ଏହି ପ୍ରତିଶୃତି। ପ୍ରତ୍ୟେକ ସମୟରେ ଭଉଣୀର ରକ୍ଷା କବଚ ପାଲଟିବ ଭାଇ।

# ସମ୍ଭ୍ରମ୍‌ରେ ହାଡ଼ ଓ ଗଣ୍ଠିର ଅତ୍ୟାଧୁନିକ ଚିକିତ୍ସା ସଂକ୍ରାନ୍ତ ସିଏମଇ

**ଭୁବନେଶ୍ୱର,୯।୮ (ସଂଚାର ବ୍ୟୁରୋ):** ବୟସ୍କଙ୍କ କ୍ଷେତ୍ରରେ ହାଡର ଶକ୍ତି ବୃଦ୍ଧି, ଭଙ୍ଗାହାଡ଼ର ଚିକିତ୍ସା ଓ ଆଣ୍ଠୁ ପ୍ରତ୍ୟାରୋପଣ ଭଳି ବିଭିନ୍ନ ହାଡ଼ ଓ ଗଣ୍ଠି ଜନିତ ଅତ୍ୟାଧୁନିକ ଚିକିତ୍ସାକୁ ନେଇ ସମ୍ ଅଲ୍ଟିମେଟ ମେଡିକେୟାରରେ ଶୁକ୍ରବାର ଏକ ସିଏମ୍ଇ ଆୟୋଜିତ ହୋଇଯାଇଛି।

'ଓଲ୍ଡ ଇଜ୍ ଗୋଲ୍ଡ-୩୬୦ ଡିଗ୍ରୀ କେୟାର ଫର୍ ଦ ଏଲ୍ଡର୍ଲି: ଏନ୍ସ୍ୟୁରିଙ୍ଗ ମୋବିଲିଟି, ଡିଗ୍ନିଟି ଆଣ୍ଡ ଲଙ୍ଗଜିଭିଟି' ପ୍ରସଙ୍ଗ ଭିତ୍ତିକ ଏହି ସିଏମ୍ଇକୁ ହସ୍ପିଟାଲ୍‌ର ଅର୍ଥୋପେଡ଼ିକ୍ସ ବିଭାଗ ପକ୍ଷରୁ ଆୟୋଜନ କରାଯାଇଥିଲା। ଇଣ୍ଡିଆନ୍ ଅର୍ଥୋ ପେଡ଼ିକ୍ ଆସୋସିଏସନ୍‌ର ବୋନ୍ ଏବଂ ଜଏଂଟ ୱିକ୍ ପାଳନ ପରିପ୍ରେକ୍ଷୀରେ ଏହି ସିଏମ୍ଇ ଆୟୋଜିତ ହୋଇଥିଲା।

ସିଏମ୍ଇର ବିଭିନ୍ନ ପର୍ଯ୍ୟାୟରେ ହସ୍ପିଟାଲ୍‌ର ସିନିୟର କନ୍ସଲ୍‌ଟାଂଟ




ଡାକ୍ତର ବୁଧେଶ୍ୱର ମାଝି, ଡାକ୍ତର ସିଦ୍ଧାର୍ଥ ସାମଲ, କନ୍‌ସଲଟାଂଟ ଡାକ୍ତର ଚନ୍ଦନ ପଣ୍ଡା ଏବଂ ଆସୋସିଏଟ୍ କନ୍‌ସଲ୍‌ଟାଂଟ ଡାକ୍ତର ସୂର୍ଯ୍ୟ କାନ୍ତ ସାହୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କର ହାଡ଼ର ସ୍ୱାସ୍ଥ୍ୟ ଓ ଅତ୍ୟାଧୁନିକ ବୈଜ୍ଞାନିକ ପଦ୍ଧତିରେ ଚିକିତ୍ସା ସମ୍ପର୍କରେ ଆଲୋକପାତ କରିଥିଲେ।

ସିଏମଇରେ ସମ୍ଭ୍ରମର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶ ବକ୍ତବ୍ୟ ରଖି ସୁସ୍ଥ ହାଡ଼ ଏବଂ ଗଣ୍ଠି ମଣିଷ ଜୀବନ ନିମନ୍ତେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ହସ୍ପିଟାଲ୍‌ର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ ବ୍ରିଗେଡ଼ିୟର (ଡାକ୍ତର) ବିରାଜ ମୋହନ ମିଶ୍ର ଯେ କୌଣସି ବୟସର ବ୍ୟକ୍ତିଙ୍କ କ୍ଷେତ୍ରରେ ହାଡ଼ ଏବଂ ଗଣ୍ଠିର ଚିକିତ୍ସା ଏବଂ ସୁସ୍ଥତା ଦ୍ୱାରା ହିଁ ଉନ୍ନତ ଜୀବନ ଶୈଳୀ ମିଳିଥାଏ ବୋଲି କହିଥିଲେ।

ଏକ ବାର୍ତା ମାଧମରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ କହିଥିଲେ ଯେ ସମାଜର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବା ସହ ବୟସ୍କ ବ୍ୟକ୍ତିଙ୍କର ସେବା ମଧ ଏକ ବଡ଼ ଦାୟିତ୍ୱ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ଉତ୍କର୍ଷ ମାନର ଡାକ୍ତରୀ ଚିକିତ୍ସା ପ୍ରଦାନ କରିବା ନେଇ ସମ୍ଭ୍ରମ୍‌ର ମିଶନକୁ ପ୍ରତିପାଦିତ କରୁଛି ବୋଲି ପ୍ରଫେସର ନାୟକ କହିଥିଲେ।

## ଶିଶୁକନ୍ୟାଙ୍କ ସୁରକ୍ଷା ଉପରେ ଜିଲ୍ଲାସ୍ତରୀୟ ସମ୍ମିଳନୀ

**ନୟାଗଡ଼,୯।୮ (ସଂଚାର ବ୍ୟୁରୋ):** ଉଚ୍ଚ ନ୍ୟାୟାଳୟ କଟକଙ୍କ ନିର୍ଦ୍ଦେଶରେ ଜିଲ୍ଲା ଜଜ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଶୁକନ୍ୟା ମାନଙ୍କ ସୁରକ୍ଷା ଉପରେ କୋର୍ଟର ସମ୍ମିଳନୀ ଗୃହ ଠାରେ ଶିଶୁ ସୁରକ୍ଷା ଉପରେ କାର୍ଯ୍ୟ କରୁଥିବା ସମସ୍ତ ବିଭାଗର ଶତାଧିକ କର୍ମଚାରୀ ମାନଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଦୌରା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଆନନ୍ଦ ନାରାୟଣ ମହାରଣା ଆନୁଷ୍ଠାନିକ ଭାବେ ଉଦଘାଟନ କରି ନିଜ ବକ୍ତବ୍ୟରେ ଶିଶୁକନ୍ୟା ମାନଙ୍କ ଅଧିକାର ଓ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ପୋକ୍ସୋ ବିଚାରପତି ମାନସ କୁମାର ପଣ୍ଡା ପୋକ୍ସୋ ଆଇନ ଓ ଶିଶୁକନ୍ୟା ମାନଙ୍କ ସୁରକ୍ଷା ଉପରେ ବିଶେଷ ଆଲୋଚନା କରିଥିଲେ ତତ ସହିତ ପରିବାର ଅଦାଲତ ବିଚାରପତି, ଡକ୍ଟର ଇନ୍ଦୁ ଶର୍ମା ଶିଶୁ ବିବାହ ନିରୋଧ ଆଇନ ଉପରେ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ, ଅଞ୍ଜଳି ମଛଖଣ୍ଡ ପୋଷୋ ଆଇନ ଓ ଇଣ୍ଟର୍ଣାଲ କମିଟି ଗଢ଼ିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟ ମାନଙ୍କ ମଧରେ, ଏ.ଡି.ମ.ରୋଜିନା ଦାସ, ମହିଳା କୋର୍ଟ ବିଚାରପତି, ସ୍ୱୟଂପ୍ରଭା ଆଚାର୍ଯ୍ୟ, ବରିଷ୍ଠ ଦେୱାନି ଅଦାଲତ ବିଚାରପତି, ସତ୍ୟବ୍ରତ ରଣା,ବରିଷ୍ଠ ଦେୱାନି ଅଦାଲତ ବିଚାରପତି, (ଏଲ୍ଆର୍ଏଲ୍‌ଟି) ରବି ନାରାୟଣ ବେହେରା, ରେଜିଷ୍ଟର ସୋନାଲି ସରିତା, (ଜେଏମ୍ଏଫ୍‌ସି) ଲଳିତା ପାତ୍ର, ସୁଶ୍ରିତା ମିଶ୍ର, (ଏଡିଇଓ)ନୟାଗଡ଼, ଜିଲ୍ଲା ଉପଶ୍ରମ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ,(ସିଡବ୍ଲୁସି) ଚେୟାରମ୍ୟାନ କିଶୋର ମହାପାତ୍ର, ପବ୍ଲିକ ପ୍ରୋଷିକ୍ୟୁଟର, ସମାଜ ସେବୀ, ଅରୁଣ କୁମାର ମହାନ୍ତି, ନୟାଗଡ଼ ଓକିଲ ସଂଘ ସଭାପତି, ରଣଜିତ୍ ଦାସ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ।

**AFFIDAVIT**

By Virtue of an Affidavit sworn before the Executive Magistrate, Bhubaneswar, CFN, No. 54, Dt 08/08/2025, I Chandrakanta Panda Ro At/ Po- Sisilo, PS Balianta, Dist-Khorda, Odisha, PIN-752100, declare that I have changed my name from C K Panda to Chandrakanta Panda. Henceforth, I will be known as Chandrakanta Panda for all Purposes.

**AFFIDAVIT**

I Alisha Subudhi W/O Suraj Kumar Subudhi, R/O Plot no 1448/1447/2718, Lane 3A, New Forest Park, Bhubaneswar,751009, by this affidavit no 110 dated 01/08/2025 that now onwards I shall be known as Alisa Subudhi for all future purposes.

## ଆଇଜର ସମାବର୍ତ୍ତନ ସମାରୋହ

# ଉତ୍ତମ ଭବିଷ୍ୟତ ପାଇଁ ଶିକ୍ଷା ଓ ବିଜ୍ଞାନ ଗୁରୁତ୍ୱପୂର୍ଣ୍ଣ: ଧର୍ମେନ୍ଦ୍ର

- ସିଏଆଇଏଫ୍ ସୁବିଧା, ରିସର୍ଚ୍ଚ ବ୍ଲକ୍, ଲାଇବ୍ରେରୀ ଏବଂ କର୍ମଚାରୀ ଆବାସ ଉଦ୍‌ଘାଟିତ
- ଆଇଜର ବ୍ରହ୍ମପୁର କ୍ୟାମ୍ପସର ଭିତ୍ତିଭୂମି ଓ ଅନ୍ୟାନ୍ୟ କାର୍ଯ୍ୟର ସମୀକ୍ଷା କଲେ
- ଚାକିରି ଅନ୍ୱେଷଣରେ ନରହି ଚାକିରିଦାତା ହେବାକୁ ଆହ୍ୱାନ



ବ୍ରହ୍ମପୁର, ୯।୮(ସଂଚାର ବ୍ୟୁରୋ): ବିଶ୍ୱରେ ବଢ଼ିବ ଭୂ-ରାଜନୈତିକ ପରିବର୍ତ୍ତନର ଦୃଷ୍ଟିପଥରେ ଶିକ୍ଷା ଏବଂ ବିଜ୍ଞାନ ହେଉଛି ଉତ୍ତମ ଭବିଷ୍ୟତ ଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍। ଏହା ଆମ ପାଇଁ ସମୃଦ୍ଧି ଏବଂ ଖୁସିକୁ ସୁରକ୍ଷିତ କରେ ବୋଲି ଶନିବାର ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ(ଆଇଜର) ବ୍ରହ୍ମପୁରର ପଞ୍ଚମ ସମାବର୍ତ୍ତନ ସମାରୋହରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ସହ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସ୍ନାତକୋତ୍ତର ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ, ଆଇଜର ବ୍ରହ୍ମପୁର ଦେଶର ଏକ ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ ଭାବେ ପରିଣତ ହୋଇଛି। ୨୦୧୬ରେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆଇଜର ବ୍ରହ୍ମପୁର ଧୀରେ ଧୀରେ ଏକ ପୂର୍ଣ୍ଣାଙ୍ଗ ରୂପ ନେଉଛି। ଏହା ଅତ୍ୟାଧୁନିକ ଜ୍ଞାନର ସରସ୍ୱତୀ ମନ୍ଦିର ଭାବେ ଗଢ଼ିଉଠିଛି। ଗତବର୍ଷ ଫେବୃୟାରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କ୍ୟାମ୍ପସର ୧୫ଟି ନୂତନ କୋଠା ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଏହା କେବଳ ଫେବୃୟାରୀରେ ପାଇଁ ନୁହେଁ ବରଂ ଶିକ୍ଷା-କେନ୍ଦ୍ରୀଭୂତ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ। ଭାରତର ବୈଜ୍ଞାନିକ କ୍ଷମତାକୁ ସୁଦୃଢ଼ କରିବା ପାଇଁ ସେଥିଲେ ଆଇଜରରେ ଅଧିକ ନିବେଶ କରିବାକୁ ହେବ ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଆଇଜର ବ୍ରହ୍ମପୁର ଜ୍ଞାନ ପରମ୍ପରାର ମହାନ ଐତିହ୍ୟକୁ ଆଗକୁ ବହନ କରୁଛି। ପ୍ରତିଷ୍ଠା ପର ଠାରୁ ଏହି ଅନୁଷ୍ଠାନର ଛାତ୍ରଛାତ୍ରୀ ବିଶ୍ୱର ପ୍ରମୁଖ ଗବେଷଣା ପ୍ରତିଷ୍ଠାନ ଓ ନବସୃଜନ ପରିସଂସ୍ଥାନରେ ଯୋଗଦାନ ଦେଉଛନ୍ତି। ଏହି ଅନୁଷ୍ଠାନରେ ବିଭିନ୍ନ ବିଷୟରେ ୧,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଶିକ୍ଷାଗତ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ମହିଳା। କ୍ୱାଣ୍ଟମ ସାଇନ୍ସ, ସଷ୍ଟେନେବଲ ମ୍ୟାଟେରିଆଲ, ସ୍ୱାସ୍ଥ୍ୟସେବାରେ ଏଆଇ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ଆଇଜର ବ୍ରହ୍ମପୁର ପ୍ରତିଷ୍ଠାନର ଅଗ୍ରଣୀ କାର୍ଯ୍ୟ ଭାରତର ରଣନୈତିକ ଲକ୍ଷ୍ୟ ସହିତ ଜଡ଼ିତ ହୋଇଅଛି।

ଅନ୍ୟପକ୍ଷରେ ଦେଶରେ ଜାତୀୟ ଶିକ୍ଷା ନୀତିକୁ ପାଞ୍ଚ ବର୍ଷ ପୂର୍ତ୍ତି ହୋଇଛି। ଏହି ଶିକ୍ଷା ନୀତି ଶିକ୍ଷା କ୍ଷେତ୍ରରେ କେବଳ ଏକ ସଂସ୍କାର ନୁହେଁ, ବରଂ ଏକ ନବଜାଗରଣ। ଏହା ଏକବିଂଶ ଶତାବ୍ଦୀର ବିଦ୍ୟାର୍ଥୀଙ୍କ ଆବଶ୍ୟକତାକୁ ପୂରଣ କରିବ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ମସିହାରେ ବିକଶିତ ଭାରତ ପାଇଁ ଏକ ସ୍ପଷ୍ଟ ଆହ୍ୱାନ ଦେଇଛନ୍ତି। ତେବେ ଏହା ଏକ ସ୍ଲୋଗାନ ନୁହେଁ ବରଂ ଏକ ମିଶନ। ଗବେଷଣା, ପ୍ରତିଭା ଏବଂ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ଏକ ଆତ୍ମବିଶ୍ୱାସୀ, ଆତ୍ମନିର୍ଭର ଭାରତ ପାଇଁ ଏକ ରୋଡମ୍ୟାପ୍। ଆଗାମୀ ଦିନରେ ଏହି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଲୋକ କଲ୍ୟାଣ ସହ ବିକଶିତ ଭାରତ ଏବଂ ରାଷ୍ଟ୍ରୀୟ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଆଗଭର ହେବେ। ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଚାକିରି ଅନ୍ୱେଷଣରେ ନରହି ଚାକିରିଦାତା ହେବା ପାଇଁ ଆହ୍ୱାନ କରିଥିଲେ। ଏହାସହ ଆଇଜର ବ୍ରହ୍ମପୁର ଛାତ୍ରଛାତ୍ରୀଙ୍କୁ ପଖାଳ, ଗିରିଜା ରେଷ୍ଟୁରାଣ୍ଟର ସ୍ନାକ୍ସର ସ୍ୱାଦ ଚାଖିବା ସହ ବ୍ରହ୍ମପୁର ଏବଂ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ବୁଲିବା ପାଇଁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଶ୍ରୀ ପ୍ରଧାନ ଶିକ୍ଷାନୁଷ୍ଠାନ ପରିସରରେ ସେଣ୍ଟ୍ରାଲ୍ ଆଡଭାନ୍ସଡ଼ ଇନଷ୍ଟ୍ରୁମେଣ୍ଟେସନ (ସିଏଆଇଏଫ) ସୁବିଧା, ରିସର୍ଚ୍ଚ ବ୍ଲକ, ଲାଇବ୍ରେରୀ ଏବଂ କର୍ମଚାରୀ ଆବାସର ଉଦଘାଟନ କରିବା ସହ ବୃକ୍ଷରୋପଣ କରିଥିଲେ। ଏକ ସମୀକ୍ଷା ବୈଠକରେ ଯୋଗଦେଇ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ଆଇଜର ବ୍ରହ୍ମପୁରର ନିର୍ଦ୍ଦେଶକ ଅଶୋକ କୁମାର ଗାଙ୍ଗୁଲି, ଚେୟାରମ୍ୟାନ ତଥା ବୋର୍ଡ ଅଫ୍ ଗଭର୍ଣ୍ଣର ପ୍ରଫେସର ଅରବିନ୍ଦ ଏ ନାଟୁ ପ୍ରମୁଖ ଉପସ୍ଥିତ ଥିଲେ।



ଜୟପୁର ଠାରେ ପୂର୍ବତନ ରାଜନେତା ସ୍ୱର୍ଗତ ହରିଶ ଚନ୍ଦ୍ର ବକ୍ସିପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଶର୍ଟସର୍କିଟ୍‌ରୁ ଜଳିଗଲା ସ୍କୁଲ ବସ୍

ଝାରସୁଗୁଡ଼ା, ୯।୮(ସଂଚାର ବ୍ୟୁରୋ): ଚଳନ୍ତା ବସ୍‌ରେ ହଠାତ୍ ଲାଗିଲା ନିଆଁ। ନିଆଁକୁ ଆୟତ୍ତ କଲା ଅଗ୍ନିଶମ ବାହିନୀ। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଝାରସୁଗୁଡ଼ା ବୃନ୍ଦାବନ କଲୋନୀରେ ଘଟିଛି ଏଭଳି ଘଟଣା। ସୂଚନାଯୋଗ୍ୟ ଯେ, ଶନିବାର ଛୁଟି ଥିବାରୁ 'ଗୁଡ଼ିଆ ଟ୍ରାଭେଲ୍ସ' ନାମକ ବସ୍‌ର ଚାଳକ ବୃନ୍ଦାବନ କଲୋନୀରେ ରହୁଥିବା ମାଲିକଙ୍କ ଘର ନିକଟକୁ ବସ୍ ନେଇ ଯାଉଥିଲେ। ହଠାତ ବସ୍‌ରେ ନିଆଁ ଲାଗିଯାଇଥିଲା। ବସ୍‌ରେ ନିଆଁ ଲାଗିଥିବା ଦେଖି ଚାଳକ ଜୀବନ ବଞ୍ଚାଇ ଗାଡ଼ିରୁ ଡେଇଁ ପଡ଼ିଥିଲେ। ପରେ ବସ୍‌ଟି ହୁତୁ ହୁତୁ ହୋଇ ଜଳିଯାଇଥିଲା। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ଗାଡ଼ି ଜଳିବାର ସଠିକ୍ କାରଣ ସ୍ପଷ୍ଟ ହୋଇନାହିଁ। ବସ୍‌ରେ କେହି ଯାତ୍ରୀ ନଥିବାରୁ ବଡ଼ ଅଘଟଣ ଟଳିଯାଇଛି। ତେବେ ସର୍ଟ ସର୍କିଟ୍‌ରୁ ବସ୍‌ରେ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

## ବାପା-ମା' ଭଲ ନପାଇବାରୁ ସାନକୁ ହତ୍ୟା କଲା ବଡ଼ଭାଇ



ଟିଟିଲାଗଡ଼, ୯।୮(ସଂଚାର ବ୍ୟୁରୋ): ସାନ ଭାଇକୁ ହତ୍ୟା କରିଛି ବଡ଼ଭାଇ। ଗୁପ୍ତଧନ ପାଇଁ ନୁହେଁ, ମାତା ପିତାଙ୍କ ଅନାଦର ପାଇଁ ହତ୍ୟା ଷଡ଼ଯନ୍ତ୍ର ରଚିଥିଲା ଭାଇ। ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ହାଟପଦା ପଡ଼ା ସ୍ଥିତ ଗୋରୁବଜାରରେ ଅଞ୍ଚଳରେ ଘଟିଛି ଲୋମହର୍ଷଣକାରୀ ଭଳି ଘଟଣା। ବାପାମାଆ ଅନାଦର କରିବାରୁ ସାନ ଭାଇକୁ ହତ୍ୟା କରି ପୋତିଦେଇଥିଲା ବଡ଼ ଭାଇ। ଜୁନ ୨୮ରେ ନାବାଳକ ନିଖୋଜ ନେଇ ଟିଟିଲାଗଡ଼ ପୋଲିସ ପାଖରେ ଅଭିଯୋଗ କରିବା ସହ ୨୯ ତାରିଖରେ ମାମଲା ରୁଜୁ କରିଥିଲେ ପରିବାର ଲୋକ। ଏପରିକି ପରିବାର ସହ ହତ୍ୟାକାରୀ ନାବାଳକ ମଧ୍ୟ ଆସି ନିଜ ସାନଭାଇ ନିଖୋଜର କାହାଣୀ ରଚିଥିଲା। ଘଟଣାକୁ ନେଇ ତଦନ୍ତ କରିବା ପରେ ପୋଲିସ କୌଣସି ସୁରାକ ନ ପାଇବାରୁ ପୁଣି ଥରେ ମୃତ ନାବାଳକଙ୍କ ମାଆଙ୍କୁ ଡାକି ତଦନ୍ତ କରିଥିଲା। ଏହା ପରେ ଘଟଣାର ଖିଅ ପାଇଥିଲା ପୋଲିସ। ପରିବାରରେ ମାଆ-ବାପା ସାନ ପୁଅକୁ ଅଧିକ ଆଦର କରୁଥିବାରୁ ସାନ ଭାଇକୁ ହତ୍ୟା କରି ଯମୁନା ନାଳରେ ପୋତି ଦେଇଥିଲା ହତ୍ୟାକାରୀ ନାବାଳକ ବଡ଼ ଭାଇ। ଏନେଇ ପ୍ରେସମିଟରେ ସୂଚନା ଦେଇଛନ୍ତି ବଲାଙ୍ଗିର ଏସପି।

## ରାଜ୍ୟସ୍ତରୀୟ ସମାରୋହରେ ଅଗଷ୍ଟ କ୍ରାନ୍ତିର ବୀରଙ୍କୁ ଶ୍ରଦ୍ଧାଞ୍ଜଳି

# ସ୍ୱାଧୀନତାର ମୂଲ୍ୟ ଆମେ ସୁରକ୍ଷିତ ରଖିବା: ବାଚସ୍ପତି



ଭୁବନେଶ୍ୱର, ୯।୮(ସଂଚାର ବ୍ୟୁରୋ): ଭାରତବର୍ଷକୁ ସହଜରେ ସ୍ୱାଧୀନତା ମିଳିନାହିଁ। ଆମେ ଏକ କଷ୍ଟକର ସ୍ୱାଧୀନତା ପାଇଛେ। ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ଓ ତ୍ୟାଗ ଫଳରେ ଆମକୁ ସ୍ୱାଧୀନତା ମିଳିଛି। ସେହି ସ୍ୱାଧୀନତାର ମୂଲ୍ୟକୁ ଆମକୁ ସୁରକ୍ଷିତ ରଖିବାକୁ ହେବ ବୋଲି ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ କହିଛନ୍ତି।

ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଅଗଷ୍ଟ କ୍ରାନ୍ତି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଚସ୍ପତି ଅମର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ୧୯୪୨ ଅଗଷ୍ଟ ୮ ଓ ୯ ତାରିଖର ଇତିହାସକୁ ଅବଲୋକନ କରି ସେଦିନର ଦେଶ ଭାରତ ଛାଡ଼ ଆହ୍ୱାନ ଶେଷରେ ଇଂରେଜ ସରକାରଙ୍କୁ ଦେଶ ଛାଡ଼ି ଚାଲିଯିବାକୁ ବାଧ୍ୟ କରିଥିଲା ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଦେଶ ପାଇଁ ତ୍ୟାଗ ଓ ବଳିଦାନ ଆମ ସମସ୍ତଙ୍କର ପ୍ରେରଣା ବୋଲି କହିଥିଲେ। ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ଅମର ପ୍ରସାଦ ଶତପଥୀ, ବିଜେପିର ବରିଷ୍ଠ ନେତା କୃଷ୍ଣ ଜଗଦେବ, ସମୀର ମହାନ୍ତି, ଗାନ୍ଧିବାଦୀ ଲେଖକ ପ୍ରହ୍ଲାଦ ସିଂ, ସମାଜସେବୀ ପ୍ରଦ୍ୟୁମ୍ନ ଶତପଥୀ, ଶୋଭନୀୟ ଆନ୍ଦୋଳନର ଅଧ୍ୟକ୍ଷା ଡ. ଅରୁନ୍ଧତୀ ଦେବୀ, ସମାଜସେବୀ ମଧୁ ଭାଇ, କର୍ଣ୍ଣେଲ ଶରତ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଉଦବୋଧନ ଦେଇଥିଲେ।

ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତିର ସଭାପତି ବିମ୍ବାଧର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶହୀଦ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ସମିତିର ସଂଯୋଜକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ଓ ବିପ୍ଳବ ତ୍ରିପାଠୀ ସଂଯୋଜନା କରିଥିବା ବେଳେ ଅଭୟ ବଡ଼ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଅତିଥିମାନେ ଜାତୀୟ ପତାକା ଉତ୍ତୋଳନ କରି ସେହି ସ୍ତମ୍ଭରେ ରକ୍ଷାବନ୍ଧନ ରାକ୍ଷୀ ବାନ୍ଧିଥିଲେ। ଶାନ୍ତ୍ରୀ ଅନୁଷ୍ଠାନ ପକ୍ଷରୁ ତନୟା ଗୋସ୍ୱାମୀଙ୍କ ନିର୍ଦ୍ଦେଶନାରେ ରାମଧୂନ ଏବଂ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବାଦ୍ୟଧ୍ୱନି ପରିବେଷଣ କରାଯାଇଥିଲା।

## ଭାଲୁ ଆକ୍ରମଣରେ ମହିଳା ମୃତ

ଘଟଗାଁ, ୯।୮(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ବଣ୍ଟେକୁଳିଆ ଗ୍ରାମରେ ଘଟିଛି ଏକ ଦୁଃଖଦ ଘଟଣା। ଭାଲୁ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ବଣ୍ଟେକୁଳିଆ ଗ୍ରାମର ଶର୍ମି ମୁଣ୍ଡା। ଶନିବାର ସକାଳୁ ଜଙ୍ଗଲ ନିକଟସ୍ଥ ବିଲକୁ ଉଭୟ ସ୍ୱାମୀ-ସ୍ତ୍ରୀ ଯାଇଥିବା ସମୟରେ ତିନୋଟି ଭାଲୁ ସେମାନଙ୍କୁ ଆକ୍ରମଣ କରିଥିଲେ। ଗୋଟିଏ ଭାଲୁ ତାଙ୍କ ସ୍ୱାମୀଙ୍କୁ ଗୋଡ଼ାଇବାରୁ ସେ ନିକଟରେ ଥିବା ଏକ ପଥର ଚଢ଼ି ଉପରକୁ ଚାଲିଯାଇଥିଲେ। କିନ୍ତୁ ମହିଳାଙ୍କ ମୁଣ୍ଡ ଓ ଅଣ୍ଟାକୁ ଆକ୍ରମଣ କରିଥିଲେ ଭାଲୁ। ଫଳରେ ମହିଳା ଜଣଙ୍କ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନେ ଆସିବାରୁ ଭାଲୁମାନେ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ଗ୍ରାମବାସୀ ଓ ପରିବାର ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଆହତ ମହିଳାଙ୍କୁ ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ହୋଇଛି। ଖବର ପାଇ ଘଟଗାଁ ବନ ବିଭାଗର ଅଧିକାରୀମାନେ ପହଞ୍ଚି ମୃତକଙ୍କ ପରିବାରକୁ ନଗଦ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିଥିବା ବେଳେ ପୋଲିସ ଶବକୁ ଜବତ କରି ଅଧିକ ତଦନ୍ତ କରାଉଛି।

## ବାପଛେଉଣ୍ଡ ହୋଇଗଲେ ପୁଅ-ଝିଅ

ଆଠଗଡ଼,୯।୮(ସଂଚାର ବ୍ୟୁରୋ): ସବୁଦିନ ପାଇଁ ଚାଲିଗଲା ସାରା ଜୀବନର ଖୁସି। କାହିଁକି ନା ବାପ ଛେଉଣ୍ଡ ହୋଇଗଲେ ଦୁଇ ପିଲା। ରାକ୍ଷୀ ପାଇଁ ସବୁଆଡ଼େ ଖୁସିର ମାହୋଲ ଥିବାବେଳେ ଏ ପରିବାର ଉପରେ ଦୁଃଖର କଳା ବାଦଲ ଘେରିଯାଇଛି। କେତେ ଖୁସିରେ ଘରକୁ ଫେରୁଥିଲେ ସୁଦାମ ସାହୁ। ପିଲା ଛୁଆଙ୍କ ପାଇଁ ରାକ୍ଷୀ, ମିଠା, ପେନ୍, ମିକ୍ସର ଜେତେ କଣ ଖାଇବା ଜିନିଷ ବ୍ୟାଗରେ ଧରି ଘରକୁ ଫେରୁଥିଲେ। ଏପଟେ ଦୁଇ ପିଲା ବାପାର ଫେରିବା ବାଟକୁ ଅନାଇ ବସିଥିଲି। କିନ୍ତୁ ଏମାନଙ୍କ ଖୁସି ଉପରେ ଯେମିତି କାହା ନଜର ଲାଗିଗଲା। ଘରକୁ ଫେରି ପାରିଲେନି ସୁଦାମ। ଅଧା ରାସ୍ତାରେ ଘଟିଲା ବଡ଼ ଅଘଟଣ। ଆଉ ରାସ୍ତା ମଝିରେ ହିଁ ଦୁର୍ଘଟଣାଗ୍ରସ୍ତ ହୋଇ ସୁଦାମଙ୍କ ପ୍ରାଣ ବାୟୁ ଉଡ଼ିଗଲା। କଟକରୁ ନିଜ ଘରକୁ ଫେରୁଥିବା ବେଳେ ଅଧା ବାଟରେ ହେଲା ଦୁର୍ଘଟଣା, ଆଉ କ୍ଷଣକରେ ଚାଲିଗଲା ସୁଦାମ ସାହୁଙ୍କ ଜୀବନ। ପୁଅ ଝିଅଙ୍କ ପାଇଁ ମିଠା ରାକ୍ଷୀ ଧରି ଫେରୁଥିବା ବେଳେ ଏକ ପଥର ବୋଝେଇ ଟ୍ରକ ସୁଦାମଙ୍କ ଉପରେ ଓଲଟି ପଡ଼ିଥିଲା। ଆଉ ଟ୍ରକ ତଳେ ଚାପି ହୋଇ ବାଇକ ଆରୋହୀଙ୍କ ଜୀବନ ଚାଲିଗଲା। ଆଠଗଡ଼ ଥାନା ଅନ୍ତର୍ଗତ ବନଖଣ୍ଡି ସ୍ଥିତ ଲକ୍ଷ୍ମ ଲ୍ୟାଣ୍ଡ ହୋଟେଲ ସାମ୍ନାରେ ଏହି ଘଟଣା ଘଟିଥିବା ବେଳେ ମୃତକ ସୁଦାମ ସାହୁଙ୍କ ଘର ଢେଙ୍କାନାଳ ଗାଇସୋଲ ନୂଆପାଟଣା ଅଞ୍ଚଳର ବୋଲି ଜଣାପଡ଼ିଛି। ଘରର ଏକମାତ୍ର ରୋଜଗାରିଆ ପୁଅ ଥିଲେ ସୁଦାମ। ସୁଦାମଙ୍କ ମୃତ୍ୟୁ ଉପରେ ୭୫ ବର୍ଷୀୟ ବୁଢ଼ା ବାପା ସହ ଦୁଇ ଛୁଆ ଓ ପତ୍ନୀଙ୍କ ଦାୟିତ୍ୱ ଥିଲା। କିନ୍ତୁ ସମସ୍ତଙ୍କୁ ଏକାକୀ ପରଘାଟିକୁ ଚାଲିଗଲେ ସୁଦାମ। ସ୍ୱାମୀର ମୃତ୍ୟୁ ଖବର ପାଇବା ପରେ ଆଠଗଡ଼ ମେଡିକାଲ୍ କୁ ଧାଇଁ ଆସିଥିଲେ ପରିବାର ଲୋକେ ଓ ବନ୍ଧୁ ପରିଜନ। ଖବର ପାଇ ଘଟଣା ସ୍ଥଳରେ ଆଠଗଡ଼ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଆଠଗଡ଼ ମେଡିକାଲରେ ଭର୍ତ୍ତି କରିଛି। ଘଟଣା ସ୍ଥଳରୁ ପଥର ଟ୍ରକଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି ଆଠଗଡ଼ ପୋଲିସ।

## ସ୍କୁଲ ବାରଣ୍ଡାରେ ମାତାଲ ସାର୍

ଘଟଗାଁ,୯।୮(ସଂଚାର ବ୍ୟୁରୋ): ପିଲାଙ୍କୁ ଭଲ ଶିକ୍ଷା ଦେବା ସହ ଭଲ ମଣିଷଟିଏ ହେବା ପାଇଁ ପଥ ଦେଖାଉଥିବା ଗୋଟେ ମଣିଷ ଏଭଳି ପଶୁଙ୍କ ଭଳି ପିଲାଙ୍କ ଆଗରେ ମାଲ୍ ପିଇ ପଡ଼ିବ କେହିକେବେ କଳ୍ପନା କରିନଥିଲେ। ମାଲ ପିଇ ମାତାଲ ହୋଇଯାଇଛନ୍ତି ସାର୍। ହୋସ ହରାଇ ସ୍କୁଲ ବାରଣ୍ଡାରେ ଶୋଇଛନ୍ତି ଶିକ୍ଷକ। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବାଉଁଶୁଳି ପଞ୍ଚାୟତରେ ଥିବା ଭୁଲୁଡା ଉଚ୍ଚପାଟ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଏପରି ଦୃଶ୍ୟ। ବିଜ୍ଞାନ ଶିକ୍ଷକ ମଦ ନିଶାରେ ସ୍କୁଲ ବାରଣ୍ଡାରେ ଶୋଇଥିବା ଏକ ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଶିକ୍ଷକ ଜଣକ ମଦପିଇ ଶୋଇପଡ଼ିଥିବା ବେଳେ ଛାତ୍ରଛାତ୍ରୀମାନେ ଉଠାଇବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ସେପଟେ ଉଠାଇଲେ ନିଶାରେ ବୁଡ଼ ଶିକ୍ଷକ ଉଠୁ ନାହାନ୍ତି।



## ଆମ୍ବୁଲାନ୍ସ ଚାଳକ ଓ କର୍ମଚାରୀଙ୍କୁ ମାଡ଼ ମାରି ଟଙ୍କା ଛଡ଼ାଇନେଲେ ଦୁର୍ବୃତ୍ତ

ଆନନ୍ଦପୁର, ୯।୮ (ସଂଚାର ବ୍ୟୁରୋ): ଆମ୍ବୁଲାନ୍ସ ଚାଳକ ଓ କର୍ମଚାରୀଙ୍କୁ ମାଡ଼ ମାରି ଟଙ୍କା ଛଡ଼ାଇ ନେଲେ ଦୁର୍ବୃତ୍ତ। ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ଖଲଣା ଛକ ନିକଟରେ ଆମ୍ବୁଲାନ୍ସ ଚାଳକଙ୍କୁ ମାଡ଼ ମାରି ଟଙ୍କା ଛଡ଼ାଇ ନେଇଛନ୍ତି ଦୁର୍ବୃତ୍ତ। ଯାଜପୁର ସ୍ୱାସ୍ଥ୍ୟ କେନ୍ଦ୍ରର ଏକ ୧୦୮ ଆମ୍ବୁଲାନ୍ସ ଜଣେ ରୋଗୀଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଛାଡ଼ି ୨୦ ନମ୍ବର ଜାତୀୟ ରାଜପଥ ଦେଇ ଫେରୁଥିବା ସମୟରେ ରାମଚନ୍ଦ୍ରପୁର ଥାନା ଖଲଣା ଛକ ନିକଟରେ ଗାଡ଼ିର ଯାନ୍ତ୍ରିକ ତ୍ରୁଟି ବାହାରିବାରୁ ଗାଡ଼ିକୁ ସେଠିଠାରେ ଅଟକ ରଖିଥିଲେ। ହଠାତ ଖଲଣା ଗ୍ରାମର ୨ ଜଣ ଯୁବକ ଆସି ୧୦୮ କର୍ମଚାରୀଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଆମ୍ବୁଲାନ୍ସ ଚାଳକ ଅକ୍ଷୟ ସାହୁ ଓ ହେଲ୍ଥ ଉତ୍ତାକର ବେହେରାଙ୍କୁ ଆକ୍ରମଣ କରି ପାଖରେ ଥିବା ଟଙ୍କା ଛଡ଼ାଇ ନେବା ସହ ଆମ୍ବୁଲାନ୍ସ ଚାବି କାଢ଼ିକୁ ଏକ ବିଲ ଭିତରକୁ ଫିଙ୍ଗି ଦେଇଥିଲେ। ହାତାହାତି ସମୟରେ ଆମ୍ବୁଲାନ୍ସର କାଚକୁ ଭାଙ୍ଗି ଦେଇଥିଲେ। ଆମ୍ବୁଲାନ୍ସର କର୍ମଚାରୀ ରାମଚନ୍ଦ୍ରପୁର ଥାନାରେ ପହଞ୍ଚି ଦୁଇ ଯୁବକଙ୍କ ନାଁରେ ଏକ ଏତଲା ଦାଏର କରିଛନ୍ତି। ପୋଲିସ ଉକ୍ତ ଘଟଣାରେ ଅଧିକ ଖୋଳତାଡ଼ ଜାରି ରଖିଥିବା ଜଣାପଡ଼ିଛି।

## ହୃଦ୍‌ଘାତରେ ନବରଙ୍ଗପୁର ତହସିଲଦାର ମୃତ

ନବରଙ୍ଗପୁର,୯।୮(ସଂଚାର ବ୍ୟୁରୋ): ନବରଙ୍ଗପୁର ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀଙ୍କର ହୃଦଘାତରେ ମୃତ୍ୟୁ ଘଟିଛି। ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ ହେବା ପରେ ସେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରୁ ତାଙ୍କୁ ବିଶାଖାପାଟଣାକୁ ସ୍ଥାନାନ୍ତର କରିବା ବେଳେ ଜୟପୁର ନିକଟରେ ତାଙ୍କର ମୃତ୍ୟୁ ଘଟିଛି। ତହସିଲଦାରଙ୍କ ମୃତ୍ୟୁରେ ନବରଙ୍ଗପୁରରେ ଶୋକର ଛାୟା ଖେଳିଯାଇଛି।



## ଲୁଟେରା ଗ୍ୟାଙ୍ଗ ଗିରଫ, ୧୫ ବାଇକ ଜବତ



ଭୁବନେଶ୍ୱର, ୯।୮ (ସଂଚାର ବ୍ୟୁରୋ): କମିଶନରେଟ ପୋଲିସ କବଜାରେ ବାଇକ ଲୁଟେରା ଗ୍ୟାଙ୍ଗ। ୧୫ଟି ବାଇକ ଜବତ କରିଛି ପୋଲିସ। ଦୁଇଟି ଥାନା ଅଞ୍ଚଳରୁ ୫ ବାଇକ ଲୁଟେରା ଗ୍ୟାଙ୍ଗକୁ ଗିରଫ କରିଛି ପୋଲିସ। ଆଜି ମଧ୍ୟ ଚୋରା ବାଇକକୁ ମାଲିକଙ୍କୁ ଫେରାଇଛି ପୋଲିସ। ଏହାସହ ଚୋରା ବାଇକ ରିସିଭରଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଶୁତୋଷ ବାଇଧର, ଜଗନ୍ନାଥ ବେହେରା, ରାଜେନ୍ଦ୍ର ବେହେରା, ପ୍ରତ୍ୟୁଷ କୁମାର ସିଂ, ରଞ୍ଜିତ କୁମାର ବେହେରା।

# ୧୦ ଲକ୍ଷର ନିଶାଦ୍ରବ୍ୟ ଜବତ ; ୬ ଗିରଫ

ଝାରସୁଗୁଡ଼ା,୯।୮(ସଂଚାର ବ୍ୟୁରୋ): ଝାରସୁଗୁଡ଼ାରେ ନିଶା ବେପାରୀମାନେ କାୟା ବିସ୍ତାର କରିଛନ୍ତି। ଯୁବବର୍ଗଙ୍କୁ ଟାର୍ଗେଟ କରି ନିଶା ବେପାରୀମାନେ ଏଭଳି ବେଆଇନ କାମରେ ଲିପ୍ତ ରହୁଛନ୍ତି। ଜିଲ୍ଲାରେ ବ୍ୟାପକ ପରିମାଣର ନିଶା କାରବାର ଚାଲିଛି। କିଛି ଲୋକ ପୁଲିସ କବଜାରେ ପହଞ୍ଚିବା ବେଳେ ଆହୁରି ଅନେକ ଖସି ଯାଉଛନ୍ତି। ପୁଲିସ ଏକ ବ୍ୟାପକ ଚଢ଼ଉ ଅଭିଯାନ ବଳରେ ବିପୁଳ ପରିମାଣର ନିଶା ଦ୍ରବ୍ୟ ଜବତ କରିବା ସହିତ ୬ ଜଣ ଅଭିଯୁକ୍ତଙ୍କୁ ବାନ୍ଧିଛି। ଗିରଫ ଅଭିଯୁକ୍ତମାନେ ବ୍ରଜରାଜନଗର ଥାନା ଅଞ୍ଚଳର ବିଜୟ ଅଗ୍ରୱାଲ, ବିଜୟ ସାହା, ଉମେଶ ଚୌହାନ, ପୁଷ୍ପୋମ ବାଗଛୋର, କରନ କଲେଜ, ଅମିତ ବାଗ୍ ବ୍ରଜରାଜନଗର ଥାନା ଅନ୍ତର୍ଗତ ଓପିଏମ ସ୍କୁଲ ପଡ଼ିଆରେ ୬ ଜଣିଆ ଡ୍ରଗ୍ସ ଚାଲାଣକାରୀ ବ୍ୟବସାୟ ସଂପର୍କିତ ଯୋଜନା କରୁଥିଲେ। ଏନେଇ ପୁଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏହି କ୍ରମରେ ପୁଲିସ ଅତର୍କିତ ଭାବେ ଚଢ଼ଉ କରିଥିଲା। ବ୍ରଜରାଜନଗର ଥାନା ଅନ୍ତର୍ଗତ ଓପିଏମ ସ୍କୁଲ ପଡ଼ିଆରେ ଅଭିଯୁକ୍ତମାନେ ଯୁବ ଗୋଷ୍ଠୀଙ୍କୁ ଟାର୍ଗେଟ କରି ଏହି ନିଶା ଦ୍ରବ୍ୟ କାରବାର କରୁଥିଲେ। ଏବଂ ଚାଲାଣ କରିବା ପୂର୍ବରୁ ବ୍ରଜରାଜନଗର ଓପିଏମ ସ୍କୁଲ ପଡ଼ିଆରେ ଅଭିଯୁକ୍ତମାନେ ପେକିଙ୍ଗ କରୁଥିବା ସମୟରେ ପୁଲିସ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ପୁଲିସ କହିଛି ଅଭିଯୁକ୍ତମାନଙ୍କ ଠାରୁ ୩୨ ଗ୍ରାମ ବ୍ରାଉନସୁଗାର, ୧ଶହ ପୋଟଳି ଲେଟେକ ଇଞ୍ଜେକସନ, ୫ଟି ଡିଷ୍ଟୋଭେନ ସିରିଞ୍ଜ, ୧୫ ଷ୍ଟ୍ରିପ ନାଇଟ୍ରାଜେପାମ ଟେବଲେଟ ଏବଂ ୨ ହଜାର ଟଙ୍କା ଜବତ କରିଛି। ଜବତ ନିଶା ଦ୍ରବ୍ୟର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏହି ଯୁବ ଗୋଷ୍ଠୀଙ୍କୁ ଟାର୍ଗେଟ କରି ଏହି ନିଶା ଦ୍ରବ୍ୟ କାରବାର କରୁଥିଲେ ଏହାକୁ ଚାଲାଣ କରିବା ପୂର୍ବରୁ ବ୍ରଜରାଜନଗର ଓପିଏମ ସ୍କୁଲ ପଡ଼ିଆରେ ଅଭିଯୁକ୍ତମାନେ ପେକିଙ୍ଗ କରୁଥିବା ସମୟରେ ପୁଲିସ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ ଗିରଫ କରିବାସହ ସେମାନଙ୍କୁ କୋର୍ଟ ଚାଲାଣ କରିଛି।



## ଦୁଇ ଚୋରା ବନ୍ଧୁକ ବେପାରୀ ଗିରଫ

ଭଞ୍ଜନଗର, ୯।୮(ସଂଚାର ବ୍ୟୁରୋ): ଗଞ୍ଜାମ ପୋଲିସକୁ ମିଳିଛି ବଡ଼ ସଫଳତା। ଦୁଇ ଚୋରା ବନ୍ଧୁକ ବେପାରୀ ଗିରଫ ହୋଇଛନ୍ତି। ରୁଦ୍ରପଦର - ଦଶପଲ୍ଲା ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ଦୁଇ ଜଣଙ୍କୁ ସନ୍ଦେହରେ ଯାଞ୍ଚ କରିଥିଲା ଚାରାଗିଙ୍ଗ ଥାନା ପୋଲିସ। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ଗୋଟିଏ ମାଉଜର, ଦୁଇଟି ଗୁଳି ଗୋଟିଏ ମାଗାଜିନ୍ ଏବଂ ଗୋଟିଏ ବାଇକ ଜବତ ହୋଇଛି। ଏମାନେ ବାହାର ରାଜ୍ୟରୁ ବନ୍ଧୁକ ଆଣି ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିଲେ।



ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଜମାକାରୀଙ୍କୁ ବଡ ଝଟକା ଦେଲା ଆଇସିଆଇସିଆଇ ବ୍ୟାଙ୍କ

# ଆକାଉଣ୍ଟରେ ୧୦ ହଜାର ନୁହେଁ, ରଖିବାକୁ ପଡିବ ୫୦ ହଜାର

**ନୂଆଦିଲ୍ଲୀ, ୯।୮:** ଘରୋଇ ବ୍ୟାଙ୍କ ଆଇସିଆଇସିଆଇ ବ୍ୟାଙ୍କ ଗ୍ରାହକମାନଙ୍କୁ ଏକ ବଡ଼ ଝଟକା ଦେଇଛି। ବ୍ୟାଙ୍କ ତାର ସର୍ବନିମ୍ନ ହାରାହାରି ମାସିକ ବାଲାନ୍ସ (ଏମଏଏମବି) ସମ୍ପର୍କରେ ଏକ ନୂତନ ନିୟମ ଜାରି କରିଛି। ବ୍ୟାଙ୍କ ୧ ଅଗଷ୍ଟ, ୨୦୨୫ କିମ୍ବା ତା'ପରେ ଖୋଲାଯାଇଥିବା ସଞ୍ଚୟ ଖାତା ପାଇଁ ପୂର୍ବରୁ ଥିବା ମାସିକ ବାଲାନ୍ସକୁ ସିଧାସଳଖ ୧୦,୦୦୦ ଟଙ୍କାରୁ ୫୦,୦୦୦ ଟଙ୍କାକୁ ବୃଦ୍ଧି କରିଛି। ଏହି ନିୟମ କେବଳ ମେଟ୍ରୋ ସହର ଏବଂ ସହରଗୁଡ଼ିକ ପାଇଁ ପ୍ରଯୁଜ୍ୟ। ଅର୍ଥାତ୍, ଏଠାରେ ରହୁଥିବା ବ୍ୟାଙ୍କ ଗ୍ରାହକମାନଙ୍କୁ ଏକ ମାସ ମଧ୍ୟରେ ସେମାନଙ୍କ ସଞ୍ଚୟ ଖାତାରେ ଅତି କମରେ ୫୦,୦୦୦ ଟଙ୍କା ହାରାହାରି ବାଲାନ୍ସ ବଜାୟ ରଖିବାକୁ ପଡିବ। ଯେଉଁଠାରେ ପୂର୍ବରୁ କେବଳ ୧୦,୦୦୦ ଟଙ୍କା ରଖିବାକୁ ପଡୁଥିଲା। ସାମଗ୍ରିକ ଭାବରେ, ବ୍ୟାଙ୍କ ତାର ସର୍ବନିମ୍ନ ହାରାହାରି ମାସିକ ବାଲାନ୍ସକୁ ୫ ଗୁଣ ବୃଦ୍ଧି କରିଛି। ସେହି ସମୟରେ, ଅର୍ଦ୍ଧ-ସହରାଞ୍ଚଳ ଶାଖାଗୁଡ଼ିକରେ, ଗ୍ରାହକମାନଙ୍କୁ ଏବେ ମାସ ମଧ୍ୟରେ ୫,୦୦୦ ଟଙ୍କା ପରିବର୍ତ୍ତେ ୨୫,୦୦୦ ଟଙ୍କା ସର୍ବନିମ୍ନ ହାରାହାରି ବାଲାନ୍ସ ବଜାୟ ରଖିବାକୁ ପଡିବ। ସେହି ସମୟରେ, ଗ୍ରାମାଞ୍ଚଳ ଶାଖାଗୁଡ଼ିକରେ ସର୍ବନିମ୍ନ ହାରାହାରି ବାଲାନ୍ସ ୫,୦୦୦ ରୁ ୧୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ବ୍ୟାଙ୍କର ଏହି ଅପଡେଟ୍ ହୋଇଥିବା ନିୟମ ଏବଂ ସର୍ତ୍ତାବଳୀ କାର୍ଯ୍ୟକାରୀ ତାରିଖରୁ କେବଳ ନୂତନ ଭାବରେ ଖୋଲାଯାଇଥିବା ସଞ୍ଚୟ ଖାତା ଉପରେ ଲାଗୁ ହେବ, ଯେଉଁ ଆଇଆସିଆଇସି ବ୍ୟାଙ୍କ ଗ୍ରାହକମାନେ ଅଗଷ୍ଟ ୧ ରୁ ସେମାନଙ୍କ ଆକାଉଣ୍ଟରେ ସଂଶୋଧିତ ସର୍ବନିମ୍ନ ବାଲାନ୍ସ ବଜାୟ ରଖି ପାରିବେ ନାହିଁ ସେମାନଙ୍କୁ ଅପଡେଟ୍ ହୋଇଥିବା ଶୁଳ୍କ ସୂଚୀ ଅନୁଯାୟୀ ଜରିମାନା ଭୋଗିବାକୁ ପଡିବ। ଏହା ବ୍ୟତୀତ, ବ୍ୟାଙ୍କ ନଗଦ କାରବାର ପାଇଁ ଚାର୍ଜ ମଧ୍ୟ ପରିବର୍ତ୍ତନ କରିଛି। ଗ୍ରାହକମାନେ ଏବେ ଶାଖା ଏବଂ କ୍ୟାସ୍ ରିସାଇକ୍ଲର ମେସିନରେ ପ୍ରତି ମାସରେ ତିନୋଟି ମାଗଣା ନଗଦ ଜମା କାରବାରର ସୁବିଧା ପାଇବେ। ଏହା ପରେ, ପ୍ରତ୍ୟେକ ଅତିରିକ୍ତ କାରବାର ପାଇଁ ୧୫୦ ଟଙ୍କା ଶୁଳ୍କ ନିଆଯିବ। ପ୍ରତି ମାସରେ ଆପଣ ଏକ ସମୟରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା କରିପାରିବେ। ଏହା ପରେ, ପ୍ରତି ୧୦୦୦ ଟଙ୍କା ପାଇଁ ୩.୫ ପ୍ରତିଶତ କିମ୍ବା ୧୫୦ ଟଙ୍କା ଶୁଳ୍କ ନିଆଯିବ।




## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୩, ୦୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୪ ,୪୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୩,୦୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୪, ୪୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୩,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୪ ହଜାର ୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୩,୧୯୦ ଟଙ୍କା ଓ ୨୨ କ୍ୟାରେଟ୍ ୯୪, ୬୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୩,୦୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୪ ହଜାର,୪୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୩,୦୪୦ ଓ ୯୪,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୭,୦୦୦ ଟଙ୍କା ହୋଇଛି।

# ଅଦାଲତକୁ ଟ୍ରମ୍ପଙ୍କ ମାନ୍ଦାବସ୍ଥା ଚେତାବନୀ

**ୱାସିଂଟନ, ୯।୮:** ବିଶ୍ୱର ୬୦ରୁ ଅଧିକ ଦେଶ ଉପରେ ପାଲଟା ଶୁଳ୍କ ଲାଗୁ ହେବାର କିଛି ଘଣ୍ଟା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଦେଶର ଅଦାଲତଗୁଡ଼ିକୁ ଏକପ୍ରକାର ଚେତାବନୀ ଦେଇଛନ୍ତି। ଉଗ୍ର ବାମପନ୍ଥୀ ଅଦାଲତ ଯଦି ତାଙ୍କର ନିଷ୍ପତ୍ତିକୁ ବଦଳାଇ ଦିଅନ୍ତି ତା'ହେଲେ ୧୯୨୯ ମସିହା ଭଳି ଅର୍ଥନୀତିରେ ମହା ମାନ୍ଦାବସ୍ଥା ପୁନର୍ବାର ଦେଖିବାକୁ ମିଳିବ। ଟ୍ରମ୍ପ କହିଛନ୍ତି, ଷ୍ଟକ୍ ମାର୍କେଟ ଉପରେ ଶୁଳ୍କର ବଡ଼ ସକାରାତ୍ମକ ପ୍ରଭାବ ପଡ଼ିଛି। ପ୍ରତିଦିନ ସେୟାର ବଜାର ନୂଆ ରେକର୍ଡ କରୁଛି। ଆମେରିକାର ରାଜକୋଷକୁ ଶତାଧିକ ବିଲିଅନ ଡଲାର ଆଗମନ ହେଉଛି । ଟ୍ରମ୍ପ ତାଙ୍କ ସାମାଜିକ ଗଣମାଧମ ଟ୍ରୁଥ୍ ସୋସିଆଲର ପୋଷ୍ଟରେ ଯୁକ୍ତି ବାଢ଼ିଛନ୍ତି ଯେ ଆମେରିକାର ସଂପତ୍ତି ଏବଂ ଶକ୍ତିକୁ ସୁରକ୍ଷିତ କରି ରଖିବାକୁ ହେଲେ ଶୁଳ୍କ ଅପରିହାର୍ଯ୍ୟ ଥିଲା। ଯଦି ବିରୋଧୀମାନେ ଏହାକୁ ବିରୋଧ କରିବାର ଥିଲା ତା'ହେଲେ ପୂର୍ବରୁ ଏହା କରିପାରିଥାନ୍ତେ। କିନ୍ତୁ ଏଥିରୁ ଅର୍ଥନୈତିକ ଲାଭ ମିଳିବା ପରେ ବିରୋଧ କରିବା ଉଚିତ ନୁହେଁ। ଆମ ଦେଶ ସଫଳତା ଏବଂ ମହାନତାର ହକ୍‌ଦାର ବୋଲି ଟ୍ରମ୍ପ ତାଙ୍କ ପୋଷ୍ଟରେ କହିଛନ୍ତି। ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ଏହାଦ୍ୱାରା ଦରଦାମ ବଢ଼ିବ, ନିଯୁକ୍ତି ମନ୍ଥର ହେବ ଏବଂ ଆମେରିକା ସହିତ ବାଣିଜ୍ୟ ସଂପର୍କ ଖରାପ ହେବ ବୋଲି କୁହାଯାଉଥିବାବେଳେ ଟ୍ରମ୍ପ ଏଭଳି ମନ୍ତବ୍ୟ ଦେଇଛନ୍ତି।



# ଥାଇଲ୍ୟାଣ୍ଡ ଅନ୍ତର୍ଜାତୀୟ ଶପିଙ୍ଗ୍ ଫେଷ୍ଟିଭାଲ୍ ଆରମ୍ଭ

**ଭୁବନେଶ୍ୱର, ୯।୮:** କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍-୧୩ ସ୍ଥିତ ବିଜୁ ପଟ୍ଟନାୟକ ବହୁବିଧ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଥାଇଲ୍ୟାଣ୍ଡ ଅନ୍ତର୍ଜାତୀୟ ସପିଂ ଫେଷ୍ଟିଭାଲ୍ ଆରମ୍ଭ ହୋଇଛି ଯାହା ଚଳିତ ମାସ ୧୭ ପର୍ଯ୍ୟନ୍ତ ଚାଲିବ। ପରିଦର୍ଶକମାନେ ଏହି ଫେଷ୍ଟିଭାଲ୍‌ରେ ଥାଇଲ୍ୟାଣ୍ଡର ପୋଷାକ ଓ ଗ୍ଲୋଭ୍, ସିଲ୍କ ଶାଲ, ପର୍ଲ ଗହଣା ଏବଂ ହର୍ବାଲ୍ ତୈଳ, ସିଙ୍ଗାପୁର ଓ କୋରିଆର ହାଣ୍ଡବ୍ୟାଗ୍ ଓ ଆସେସୋରି, ଦୁବାଇର ପ୍ରିମିୟମ୍ ପରଫ୍ୟୁମ୍ ଓ ଚକୋଲେଟ୍, ଆଫଗାନିସ୍ତାନର ଡ୍ରାଏ ଫ୍ରୁଟ୍ସ, ଇରାନର ଗହଣା ଓ ଚକୋଲେଟ୍, ଲେବାନନ୍‌ର ବକ୍‌ଲାଭା ଓ ମାଲେସିଆର ଆସବାବପତ୍ର ପାଇପାରିବେ। ସୁଲଭ ମୂଲ୍ୟ, ସ୍ୱତନ୍ତ୍ର ରିହାତି ଓ କେବଳ କାର୍ଯ୍ୟକ୍ରମ ସ୍ୱତନ୍ତ୍ର ଡିଲ୍ ଏହାକୁ ବେଶ୍ ଆକର୍ଷଣୀୟ କରିପାରିଛି। ଏହି ଫେଷ୍ଟିଭାଲ୍ ସହ ସମାନ୍ତରାଳ ଭାବେ ଆସବାବପତ୍ର ମେଳା ୨୦୨୫ ଆୟୋଜନ କରାଯାଇଛି। ସେଥିରେ ସୋଫା, ଡାଇନିଂ ଟେବୁଲ୍, ବେଡ୍‌ରୁମ୍ ୟୁନିଟ୍, ମଡ୍ୟୁଲାର୍ କିଚେନ୍, ରିକ୍ଲାଇନର୍ ସେଟ୍ ଓ କାର୍ଯ୍ୟାଳୟ ଆସବାବପତ୍ର ଆଦି ରହିଛି। ଏହା ସହିତ କାର୍ପେଟ୍, ରଗ୍, ଶେଯ, କମ୍ବଳ, ଚିତ୍ରକଳା, ୱାଟର ଫାଉଣ୍ଟେନ୍ ଭଳି ସାଜସଜ୍ଜା ଜିନିଷ ମଧ ରହିଛି। ଏକ୍ସପୋରେ ପ୍ରବେଶ ମୂଲ୍ୟ ୫୦ ଟଙ୍କା ଥିବା ବେଳେ ତାହା ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲାରହୁଛି।



### ଆସବାବପତ୍ର ମେଳା ୨୦୨୫ ଆୟୋଜିତ

# ଇଲେକ୍ଟ୍ରିକ୍ ଗାଡ଼ି ଉପରେ ୨୦୨୮ ଯାଏଁ ମିଳିବ ସବ୍‌ସିଡି

**ନୂଆଦିଲ୍ଲୀ, ୯।୮:** କେନ୍ଦ୍ର ସରକାର ପିଏମ୍ ଇ-ଡ୍ରାଇଭ୍ ଯୋଜନାକୁ ଦୁଇ ବର୍ଷ ପାଇଁ ବଢାଇଛନ୍ତି। ଇଲେକ୍ଟ୍ରିକ୍ ଗାଡ଼ି କ୍ରୟକୁ ସୁଲଭ କରାଇବା ଉଦ୍ଦେଶ୍ୟରେ ସରକାରଙ୍କ ଦ୍ୱାରା ପିଏମ୍ ଇ-ଡ୍ରାଇଭ୍ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଭାରୀ ଉଦ୍ୟୋଗ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀ ଇଲେକ୍ଟ୍ରିକ୍ ଡ୍ରାଇଭ୍ ରିଭୋଲ୍ୟୁସନ ଇନ୍ ଇନୋଭେଟିଭ୍ ଭେଇକଲ୍ ଏନହାନ୍ସମେଣ୍ଟ ଯୋଜନାକୁ ୨୦୨୮ ମାର୍ଚ୍ଚ ୩୧ ଯାଏ ବଢାଇବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ଯୋଜନା ପାଇଁ ଆବଣ୍ଟିତ ଅର୍ଥ ରାଶିରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଏହି ଅର୍ଥରାଶିକୁ ପୂର୍ବପରି ୧୦,୯୦୦ କୋଟି ଟଙ୍କା ରଖାଯାଇଛି। କେନ୍ଦ୍ର ସରକାର ୨୦୨୪ ଅକ୍ଟୋବର ୧ରେ ପିଏମ ଇ-ଡ୍ରାଇଭ ଯୋଜନା ଆରମ୍ଭ କରିଥିଲେ। ୧୦,୯୦୦ କୋଟି ଟଙ୍କାର ଏହି ଯୋଜନା ୨୦୨୬ ମାର୍ଚ୍ଚରେ ଶେଷ ହୋଇଥାନ୍ତା। ଏବେ ଏହି ଯୋଜନାକୁ ୨୦୨୮ ଯାଏ ବଢାଯାଇଛି, ଯାହା ଲାଭ ଇଲେକ୍ଟ୍ରିକ୍ ଗାଡ଼ି କ୍ରେତାଙ୍କୁ ମିଳିବ। ଉଲ୍ଲେଖଯୋଗ୍ୟ ଯେ ପିଏମ ଇ-ଡ୍ରାଇଭ ଯୋଜନା କେବଳ ଗାଡ଼ି କିଣିବା ସମୟରେ ସବସିଡି ପ୍ରଦାନ କରେ ନାହିଁ, ବରଂ ପବ୍ଲିକ୍ ଚାର୍ଜିଂ ଭିତ୍ତିଭୂମି, ଟେଷ୍ଟିଂ ଫେସିଲିଟି ଓ ଇଲେକ୍ଟ୍ରିକ୍ ଭେଇକଲ୍ ଟେକ୍ନୋଲୋଜିର ସ୍ଥାନୀୟକରଣକୁ ବି ପ୍ରୋତ୍ସାହିତ କରୁଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ଅଧିସୂଚନା ଅନୁସାରେ, ଇଲେକ୍ଟ୍ରିକ୍ ମୋବିଲିଟି ପ୍ରମୋସନ ସ୍କିମ୍ ୨୦୨୪କୁ ବି ପିଏମ୍-ଡ୍ରାଇଭ୍ ଯୋଜନାରେ ସାମିଲ କରାଯାଇଛି। ଏହି ଯୋଜନାର ଉଦ୍ଦେଶ୍ୟ ୪୦ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୯ଟି ପ୍ରମୁଖ ସହରରେ ପ୍ରାୟ ୨୪.୮ ଲକ୍ଷ ଇକ୍ଟ୍ରେଲିକ୍ ଦୁଇ ଚକିଆ ଯାନ, ୩.୨ ଲକ୍ଷ ଇଲେକ୍ଟ୍ରିଲ୍ ତିନି ଚକିଆ ଗାଡ଼ି ଓ ୧୪,୦୦୦ରୁ ଅଧିକ ଇଲେକ୍ଟ୍ରିକ୍ ବସକୁ ସବ୍‌ସିଡି ପ୍ରଦାନ କରିବା।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଆସିବ ୨୦ ହଜାର କୋଟିର ରପ୍ତାନି ପ୍ରୋତ୍ସାହନ ଯୋଜନା

ଆସିବ ୨୦,୦୦୦ କୋଟିର ରପ୍ତାନି ପ୍ରୋତ୍ସାହନ ଯୋଜନା, ଅଗଷ୍ଟରେ ଚୂଡ଼ାନ୍ତ ସେପ୍ଟେମ୍ବର ସୁଦ୍ଧା ଆରମ୍ଭନୂଆଦିଲ୍ଲୀ,୯।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ବାଣରେ ବଡ଼ ମାତ୍ରାରେ ପ୍ରଭାବିତ ହେବ ଭାରତ। ୩ ସପ୍ତାହ ମଧରେ ଦୁଇ ଦେଶ ମଧରେ ବାଣିଜ୍ୟ ଚୁକ୍ତି ନ ହେଲେ ଆମେରିକାରେ ଭାରତୀୟ ସାମଗ୍ରୀ ଉପରେ ଲାଗିବ ୫୦% ଶୁଳ୍କ। ସେଠାରେ ଭାରତୀୟ ସାମଗ୍ରୀ ଚାହିଦା ଖସିବ। ତେବେ ଏଭଳି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ହେଉଛି ଭାରତ। ବିଭିନ୍ନ ବିକଳ୍ପ ଅନୁଧ୍ୟାନ କରୁଛନ୍ତି ନରେନ୍ଦ୍ର ମୋଦି ସରକାର। ପ୍ରଥମତଃ ଭାରତ ସରକାର ଏକ ୨୦,୦୦୦ କୋଟି ଟଙ୍କାର ରପ୍ତାନି ପ୍ରୋତ୍ସାହନ ମିଶନ୍ ଆରମ୍ଭ କରିବା ପାଇଁ ଯାଉଛନ୍ତି। ବିଶ୍ୱ ବାଣିଜ୍ୟିକ ଅନିଶ୍ଚିତତା ମଧରେ ଏହା ରପ୍ତାନିକାରୀଙ୍କୁ ସୁରକ୍ଷା ଦେବ। ଅଗଷ୍ଟ ସୁଦ୍ଧା ଏହି ଯୋଜନା ଚୂଡ଼ାନ୍ତ ହେବ ଏବଂ ସେପ୍ଟେମ୍ବର ସୁଦ୍ଧା ଆରମ୍ଭ ହୋଇପାରେ। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟ, ଏମ୍‌ଏସ୍‌ଏମ୍‌ଇ ଏବଂ ଅର୍ଥ ମନ୍ତ୍ରାଳୟ ମିଳିତ ଭାବେ ଏହି ମିଶନ୍‌କୁ ବିକଶିତ କରୁଛନ୍ତି। ଏ ମିଶନ୍ ୫ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ଧ୍ୟାନ ଦେବ। ତାହା ହେଲା ଟ୍ରେଡ୍ ଫାଇନାନ୍ସ, ନନ୍-ଟ୍ରେଡ୍ ଫାଇନାନ୍ସ, ବ୍ରାଣ୍ଡ ଇଣ୍ଡିଆର ବିଶ୍ୱସ୍ତରୀୟ ମାନ୍ୟତା ବୃଦ୍ଧି, ଇ-କମର୍ସ ହବ୍ ଏବଂ ୱେର୍‌ହାଉସ୍ ସ୍ଥାପନ ଓ ବାଣିଜ୍ୟିକ ସୁବିଧାକୁ ବ୍ୟବସ୍ଥିତ କରିବା।ଭାରତୀୟ ରପ୍ତାନି ମହାସଂଘ(ଫିଓ)ର ମହାନିର୍ଦ୍ଦେଶକ ତଥା ସିଇଓ ଅଜୟ ସହାୟ କହିଛନ୍ତି ଯେ, ଏହି ମିଶନ୍‌କୁ ପ୍ରଥମେ ଚଳିତବର୍ଷ ବଜେଟ୍‌ରେ ଘୋଷଣା କରାଯାଇଥିଲା। ଏହା ରପ୍ତାନି ଋଣକୁ ପହଞ୍ଚ ବଢ଼ାଇବ। ସ୍ଥିତିର ମୁକାବିଲା ପାଇଁ ଅନ୍ୟାନ୍ୟ ଦିଗ ଉପରେ ବି ଜୋର ଦେଉଛି ଭାରତ। କିଛି ଦିନ ତଳେ ଆମେରିକା ସହ ବାଣିଜ୍ୟ ଚୁକ୍ତି କରିବା ଦୌଡ଼ରେ ଭାରତ ଆଗରେ ରହିଥିଲା। ୫ଟି ପର୍ଯ୍ୟାୟ କଥାବାର୍ତ୍ତା ପରେ ଏହା ବିଫଳ ହେଲା। ବିଶେଷ କରି ଭାରତ ଏହାର କୃଷି ଏବଂ ଡାଏରୀ କ୍ଷେତ୍ରକୁ ଆମେରିକା ପାଇଁ ଖୋଲା କରିବାକୁ ଚାହେଁନାହିଁ। ବାଣିଜ୍ୟ ଚୁକ୍ତି ନିମନ୍ତେ ଭାରତ ଚାଷୀଙ୍କ ହିତ ସହ କୌଣସି ପ୍ରକାର ସାଲିସ କରିବ ନାହିଁ। କାରଣ ଭାରତକୁ ଯଦି ଆମେରିକୀୟ କୃଷି ଏବଂ ଡାଏରି ଉତ୍ପାଦ ଆସିବ ତେବେ ଭାରତୀୟ ଚାଷୀ ବଡ଼ ମାତ୍ରାରେ କ୍ଷତି ସହିବେ।

ଅନ୍ୟପକ୍ଷରେ, ଆମେରିକା ଚାହେଁ, ଭାରତ ଏହାର କୃଷି ଏବଂ ଡାଏରି କ୍ଷେତ୍ରକୁ ଆମେରିକା ପାଇଁ ସମ୍ପୂର୍ଣ୍ଣ ଖୋଲିଦେଉ। ଏସବୁ ମତଭେଦ ମଧରେ ଦୁଇ ଦେଶ ବାଣିଜ୍ୟ ଚୁକ୍ତିରୁ ବର୍ତ୍ତମାନ ପାଇଁ ଦୂରେଇ ଯାଇଛନ୍ତି। ଭାରତର ରୁଷ ତେଲ କ୍ରୟ ଉପରେ ଆପତ୍ତି କରିଆସୁଛି ଟ୍ରମ୍ପ ପ୍ରଶାସନ।ସ୍ଥିତିକୁ ସୁଧାରିବା ପାଇଁ ଭାରତ ଆଗକୁ ଆମେରିକା ସହ ନୂଆ ଭାବେ ଆଲୋଚନା ଆରମ୍ଭ କରିବା ପାଇଁ ଆଶାବାଦୀ ରହିଛି। ଦୁଇ ଦେଶ ମଧରେ ବାଣିଜ୍ୟ ଚୁକ୍ତି ପାଇଁ ଏବେ ବି ସମ୍ଭାବନା ରହିଛି। ଚଳିତ ମାସ ଶେଷ ଭାଗରେ ଆମେରିକାର ଏକ ବାଣିଜ୍ୟ ପ୍ରତିନିଧି ଟିମ୍ ଭାରତ ଗସ୍ତରେ ଆସିବେ। ଏ ଅବସରରେ ଦୁଇ ଦେଶ ମଧରେ କାରବାର ଉପରେ ଆଲୋଚନା କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୋଲାଖୋଲି ଭାବେ କହିଛନ୍ତି ଯେ, ଭାରତ ମୋଟା ଟାରିଫ୍ ଦେବାକୁ ରାଜି ଅଛି କିନ୍ତୁ କୃଷକ, ଦୁଗ୍ଧ ଚାଷୀ ଏବଂ ମତ୍ସ୍ୟଜୀବୀମାନଙ୍କ ହିତକୁ ହାନି ପହଞ୍ଚାଉଥିବା କୌଣସି ନିଷ୍ପତ୍ତି ନେବ ନାହିଁ।



ଅଗଷ୍ଟରେ ଚୂଡ଼ାନ୍ତ, ସେପ୍ଟେମ୍ବର ସୁଦ୍ଧା ଆରମ୍ଭ

# କାନାରା ବ୍ୟାଙ୍କର ଋଣ ମେଳା




ଭୁବନେଶ୍ୱର, ୯।୮: କାନାରା ବ୍ୟାଙ୍କ ପକ୍ଷରରୁ ବିବେକାନନ୍ଦ କେନ୍ଦ୍ରରେ ଏକ ମେଗା ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ସେଥିରେ କଟକ ଓ ଭୁବନେଶ୍ୱରର ବିଲ୍‌ଡର୍ ଓ ଗାଡ଼ି ଡିଲରସିପ୍‌ଗୁଡ଼ିକ ଅଂଶଗ୍ରହଣ କରିଥିଲେ। ଏହାକୁ ବ୍ୟାଙ୍କର ମହାପ୍ରବନ୍ଧକ (ଡି) ସୁମନ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ବ୍ୟାଙ୍କ ତରଫରୁ ୩୪.୧୬ କୋଟି ଟଙ୍କାର ୬୮ଟି ଗୃହ ଋଣ ଓ ୩.୭୬ କୋଟି ଟଙ୍କାର ୩୩ ଗାଡ଼ି ଋଣ ମଞ୍ଜୁର କରାଯାଇଥିଲା। ଏହା ବ୍ୟତୀତ ୮.୫୪ କୋଟି ଟଙ୍କାର ୯୨ ଶିକ୍ଷା ଋଣ, ୫.୮୮ କୋଟି ଟଙ୍କାର ୨୨ ଖୁଚୁରା ଋଣ ମଞ୍ଜୁର କରାଯାଇଛି। ମୋଟ୍ ଉପରେ ଏହି ମେଳାରେ ୫୨.୩୪ କୋଟି ଟଙ୍କାର ଋଣ ମଞ୍ଜୁର ହୋଇଥିଲା।

# ଥାପର ଇନ୍‌ଷ୍ଟିଚ୍ୟୁଟ୍-କ୍ୱିନ୍‌ସଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟ ଏମ୍‌ଓୟୁ



**ପଟିଆଲା, ୯।୮:** ଏକ ଯୁଗ୍ମ ପିଏଚ୍‌ଡି ପାଠ୍ୟକ୍ରମ ଆରମ୍ଭ କରିବା ଲାଗି ଥାପର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି (ଟିଆଇଇଟି) ଓ କ୍ୱିନ୍‌ସଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟ (ୟୁକ୍ୟୁ) ମଧରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଡାଟା ସାଇନ୍ସ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉପରେ ଟିଆଇଇଟି-ୟୁକ୍ୟୁ ଉତ୍କର୍ଷ କେନ୍ଦ୍ର ଜରିଆରେ ତାହା ପ୍ରଦାନ କରାଯିବ। ଟିଆଇଟିର ପ୍ରଫେସର ଇନ୍ଦରବୀର ଚନା ଓ ୟୁକ୍ୟୁର ପ୍ରଫେସର ଟିମ୍ ମିଲର୍ ଏହାର ନେତୃତ୍ୱ ନେବେ। ଏହି ଯୁଗ୍ମ ପିଏଚ୍‌ଡି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଟିଆଇଇଟିରେ ତିନି ବର୍ଷ ଓ ୟୁକ୍ୟୁରେ ଗୋଟିଏ ବର୍ଷ ଗବେଷଣା କରିପାରିବେ। ଏହି ଅବସରରେ ଟିଆଇଇଟିର କୁଳାଧିପତି ଡ. ରାଜୀବ ରଞ୍ଜନ, କୁଳପତି ପ୍ରଫେସର ପଦ୍ମକୁମାର ନାୟାର, ପ୍ରୋ ଭାଇସ୍ ଚାନ୍‌ସେଲର୍ ପ୍ରଫେସର ଅଜୟ ବଟିଶ ଏବଂ ୟୁକ୍ୟୁ ତରଫରୁ କୁଳାଧିପତି ପିଟର ଭର୍ଗିଜ୍, କୁଳପତି ପ୍ରଫେସର ଦେବୋରା ଟେରି, ଉପ କୁଳପତି ପ୍ରଫେସର ସୁସାନ ହାରିସନ୍ ଉପସ୍ଥିତ ଥିଲେ।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସ୍କୁଲ୍ ବସ୍ ସେବା

**ଭୁବନେଶ୍ୱର, ୯।୮(ସଂଚାର ବ୍ୟୁରୋ):** ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ 'ପଢ଼େଗା ଭାରତ' ସିଏସ୍‌ଆର୍ ଅଭିଯାନ ଅଧୀନରେ କେନ୍ଦୁଝରର ବଡ଼ବିଲ୍‌ରେ ନୂଆ ବସ୍ ସେବା ଆରମ୍ଭ କରାଯାଇଛି। ଠାକୁରାଣୀ ଖଣି ନିକଟସ୍ଥ ଗ୍ରାମ ଡାଲ୍‌କି, ସେଡିଂ ଓ ଠାକୁରାଣୀର ୧୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ତାହା ସୁରକ୍ଷିତ ଓ ଭରସାଯୋଗ୍ୟ ଗମନାଗମନ ମାଧମ ପ୍ରଦାନ କରିବ। ଏହି ସ୍କୁଲ୍ ବସ୍ ଛାତ୍ରଛାତ୍ରୀଙ୍କୁ ସେଣ୍ଟ୍ ମେରିସ୍ ଓଡ଼ିଆ ସ୍କୁଲ୍, ଗୁରୁ ନାନକ ସ୍କୁଲ୍, ସରକାରୀ ବାଳିକା ସ୍କୁଲ୍, ମୁନିସପାଲିଟି ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ବଡ଼ବିଲ କଲେଜ ପର୍ଯ୍ୟନ୍ତ ସେବା ପ୍ରଦାନ କରୁଛି। ଏହି ସେବା ଶୁଭାରମ୍ଭ ଅବସରରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଖଣି ମୁଖ୍ୟ ଶରଣପା କମ୍ବାଲି, ଠାକୁରାଣୀ ଲୁହାପଥର ଖଣିର ଖଣି ପ୍ରବନ୍ଧକ ଇନ୍ଦ୍ରକାନ୍ତ ଶାହ ଓ ଅନ୍ୟମାନେ ଉପସ୍ଥିତ ଥିଲେ।




# ଟ୍ରେନ ଟିକେଟରେ ୨୦% ରିହାତି

**ନୂଆଦିଲ୍ଲୀ, ୯।୮:** ପାର୍ବଣ ସମୟରେ ଯାତ୍ରୀଙ୍କ ଯିବାଆସିବା ଭିଡକୁ ଦେଖି ରେଳ ମନ୍ତ୍ରାଳୟ ଶନିବାର ଏକ ବଡ଼ ଘୋଷଣା କରିଛି। ଏହି ଘୋଷଣା ଅଧୀନରେ ଅକ୍ଟୋବର ୧୩ରୁ ଅକ୍ଟୋବର ୨୬ ମଧରେ ଯାତ୍ରା କରୁଥିବା ଏବଂ ନଭେମ୍ବର ୧୭ ରୁ ଡିସେମ୍ବର ୧ ମଧରେ ସମାନ ଟ୍ରେନରେ ଫେରିବା ଯାତ୍ରୀମାନଙ୍କୁ ଫେରିବା ଟିକେଟ ଭଡ଼ା ଉପରେ ୨୦% ରିହାତି ଦିଆଯିବ। ଏହି ରିହାତି ଅଗଷ୍ଟ ୧୪ ରୁ ବୁକ୍ ହୋଇଥିବା ଟିକେଟ ଉପରେ ପ୍ରଯୁଜ୍ୟ ହେବ। କିନ୍ତୁ ଏହି ରିହାତି ରାଜଧାନୀ, ଶତାବ୍ଦୀ, ଦୂରନ୍ତୋ ଭଳି ଟ୍ରେନ ପାଇଁ ପ୍ରଯୁଜ୍ୟ ହେବ ନାହିଁ। ରେଳ ମନ୍ତ୍ରାଳୟର ପ୍ରେସ୍ ରିଲିଜ୍ ଅନୁଯାୟୀ, ଯାତ୍ରୀଙ୍କ ପାଇଁ ଏଭଳି ସ୍ୱତନ୍ତ୍ର ଟିକେଟ ବୁକିଂ ୨୦୨୫ ଅଗଷ୍ଟ ୧୪ରୁ ଆରମ୍ଭ ହେବ। ଏହି ଟିକେଟ ଜରିଆରେ ଯାତ୍ରୀମାନେ ୨୦୨୫ ଅକ୍ଟୋବର ୧୩ରୁ ଅକ୍ଟୋବର ୨୩ ମଧରେ ଯାତ୍ରା କରି ପାରିବେ। ଏହାପରେ ନଭେମ୍ବର ୧୭ରୁ ଡିସେମ୍ବର ୧ ତାରିଖ ପାଇଁ 'କନେକ୍ଟିଂ ଜର୍ନି ଫିଚର୍' ମାଧମରେ ଫେରିବା ଟିକେଟ ବୁକ୍ କରି ପାରିବେ। ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଯାତ୍ରୀମାନେ ଫେରିବା ଟିକେଟକୁ ଆଗୁଆ କାଟି ପାରିବେ ନାହିଁ। ଏହି ଯୋଜନା ଅନୁଯାୟୀ ରିହାତି କେବଳ ସେତେବେଳେ ଉପଲବ୍ଧ ହେବ ଯେତେବେଳେ ଯିବା ଓ ଆସିବା ଯାତ୍ରା ଉଭୟ ସମାନ ଯାତ୍ରୀଙ୍କ ପାଇଁ ବୁକ୍ କରାଯିବ।



# ଅର୍ଦ୍ଧେନ୍ଦୁଙ୍କ ଦଶହରା ଭେଟି 'ଚ୍ୟାଲେଞ୍ଜ'

ଭୁବନେଶ୍ୱର,୯।୮(ସଂଚାର ବ୍ୟୁର): ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ଚର୍ଚ୍ଚିତ ନାଁ । ଅଭିନୟ ସହିତ ପ୍ରଯୋଜନା କ୍ଷେତ୍ରରେ ପାଦ ରଖି ଓଡ଼ିଆ ଚଳଚ୍ଚିତ୍ର ଜଗତର ଗାରିମାକୁ ସେ ବଢ଼େଇବାରେ ସହାୟ ହୋଇଛନ୍ତି । ପୂର୍ବରୁ ବ୍ଲାକମେଲ, ଅ ଆ ହର୍ଷଇ ସହିତ ଭିଲେନ୍ ଭଳି ଆକ୍ସନ୍ ଚଳଚ୍ଚିତ୍ର ନିର୍ମାଣ କରି ଓଡ଼ିଆ ଦର୍ଶକଙ୍କୁ ବହୁତ ମନୋରଞ୍ଜନ ଯୋଗାଇଛନ୍ତି । ଗତକାଲି ଅର୍ଦ୍ଧେନ୍ଦୁ ଙ୍କର ଆଗାମୀ ଚଳଚ୍ଚିତ୍ର ଚ୍ୟାଲେଞ୍ଜର ଫାଷ୍ଟ ଲୁକ୍ ମୁକ୍ତିଲାଭ କରିଛି । ଚ୍ୟାଲେଞ୍ଜ ଚଳଚ୍ଚିତ୍ରରେ ଆକ୍ସନ ସହିତ ଫ୍ୟାମିଲି ଡ୍ରାମା ମଧ୍ୟ ଭରି ରହିଛି । ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହା ହେଉଛି ୬ଷ୍ଠ ଅବଦାନ । ସବୁବେଳେ କିଛି ନୂଆ କରିବା ପାଇଁ ଚେଷ୍ଟା କରଥାନ୍ତି ଅର୍ଦ୍ଧେନ୍ଦୁ । ଚ୍ୟାଲେଞ୍ଜରେ ମଧ୍ୟ କିଛି ନୂଆ କରିବା ପାଇଁ ମହାଭାରତର ସେଇ ନାମୀ ଦାମୀ ଚରିତ୍ରରେ ଅଭିନୟ କରିଥିବା ପୁନିତ ଇସାର ଓରଫ ଦୁର୍ଯ୍ୟୋଧନଙ୍କୁ ଏକ ବଳିଷ୍ଠ ଚରିତ୍ରରେ ଦେଖିବାକୁ ମିଳିବ । ଅଭିନେତ୍ରୀ ଚୁଲବୁଲି ନାୟିକା ଏଲିନା ସାମନ୍ତରାୟଙ୍କୁ ଦର୍ଶକେ ଚ୍ୟାଲଞ୍ଜରେ ଦେଖିବାକୁ ପାଇବେ । ନୂଆ କଥା ମ୍ୟୁଜିକ୍ ଭିଡିଓ ଜାଇଫୁଲର ସଫଳ ଯୋଡ଼ି ଲିପି ଓ ପୁପିନ୍ଦର ସିଂହଙ୍କୁ ଏକ ବିଶେଷ ଭୂମିକାରେ ଦେଖିବାକୁ ମିଳିବ। ଯୁବ ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜ ଏହି ଚ୍ୟାଲେଞ୍ଜ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ନେଇଥିବା ବେଳେ, ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ । ଚିତ୍ର ଉତ୍ତୋଳନ କରିଛନ୍ତି ପ୍ରତାପ ରାଉତ, ପ୍ରଚାର ପ୍ରସାର ଓ କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ । ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ୍ ନାୟକ। ଚଳଚ୍ଚିତ୍ରଟି ଆସନ୍ତା ଦଶହରାରେ ସାରା ଓଡ଼ିଶାରେ ପ୍ରକାଶ ଫିଲ୍ମସ ଡିଷ୍ଟ୍ରିବ୍ୟୁସନ ବ୍ୟାନରରେ ମୁକ୍ତିଲାଭ କରିବ।

### ପୁଲିସ ପାଟ୍ରୋଲିଂ ଶିଥିଳ, ସହରରେ ବଢୁଛି ଅସାମାଜିକ କାର୍ଯ୍ୟ

# ସାମାନ୍ୟ ବଚସାରୁ ଛୁରାମାଡ଼, ଯୁବକ ମୃତ

କଳାହାଣ୍ଡି, ୯।୮(ସଂଚାର ବ୍ୟୁରୋ):ଭବାନୀପାଟଣା ଘୋଡାଘାଟ ଛକ ନିକଟ ପୌରପରିଷଦ କାର୍ଯ୍ୟାଳୟ ନିକଟରେ ଗୁରୁବାର ରାତିରେ ଅଘଟଣ ଘଟିଛି। ସାମାନ୍ୟ ବଚସାରୁ ଛୁରାମାଡ଼ ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଭବାନୀପାଟଣା ସହରସ୍ଥିତ ବିବିସି ପଡାର ସତ୍ୟନାରାୟଣ ରାଏ(୨୪)।ଏ ନେଇ ମୃତକଙ୍କ ଭାଇ ଶିବମ ଶୁକ୍ରବାର ସକାଳେ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଟାଉନ ଥାନା ପୁଲିସ ତଦନ୍ତ କରି ଏହି ଘଟଣାରେ ସଂପୃକ୍ତ ଥିବା ୨ ଜଣ ଯୁବକଙ୍କୁ ଗିରଫ



କରିଛି। ଏଥି ସହ ଜଣେ ନାବାଳକ ମଧ ଧରା ପଡ଼ିଛି। ଗିରଫ ୨ ଯୁବକ

**ନାବାଳକ ମୁଖ୍ୟ ଅଭିଯୁକ୍ତ, ୨ ଗିରଫ**

ହେଲେ ଭବାନୀପାଟଣା ହରରର ଶିବାନନ୍ଦ ଗୌଡ଼ (୨୮) ଓ ରୋଶନ ଲାଲ ବାଗ (୨୪)।ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋଡର୍‌ରେ ହାଜର କରାଯାଇଛି। ତେବେ ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ନାବାଳକ ବୋଲି ଟାଉନ ଥାନା ଆଇଆଇସି ପ୍ରକାଶ କରିଛନ୍ତି। ଭବାନୀପାଟଣା ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ପୁଲିସ ହସ୍ତାନ୍ତର କରିଛି। ଭବାନୀପାଟଣା ପୌରପାଳିକା ଛକ ନିକଟରେ ଥିବା ଏକ ଚା ଦୋକାନକୁ ସତ୍ୟନାରାୟଣ ଓ ତାଙ୍କ କିଛି ସାଙ୍ଗ ଚା ପିଇବାକୁ ରାତିରେ ଯାଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତଙ୍କ ସହ କୌଣସି କଥାକୁ ନେଇ ବଚସା ଆରମ୍ଭହୋଇଥିଲା। ଶେଷରେ ନାବାଳକ ଜଣକ ଉତକ୍ଷିପ୍ତ ହୋଇ ଛୁରାମାଡ଼ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା ଓ ସତ୍ୟନାରାୟଣଙ୍କ ସହ ଥିବା ଦୁଇ ଜଣ ସଙ୍ଗେ ସଙ୍ଗେ ମେଡ଼ିକାଲ ନେବା ସମୟରେ ଅଧା ରାସ୍ତାରେ ହିଁ ଜୀବନ ଚାଲିଯାଇଥିଲା। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା ଓ ତେବେ ପୁଲିସର ରାତ୍ରୀକାଳୀନ ପାଟ୍ରୋଲିଂ ଢ଼ିଲା କାରଣରୁ ଏଭଳି ଏକ ହତ୍ୟାକାଣ୍ଡ ସହରର ଛାତି ଉପରେ ଘଟିଗଲା ଓ ପୁଲିସ ଅସାମାଜିକଙ୍କ ଗତିବିଧି ପ୍ରତି ସଜାଗ ନ ହେଲେ ଅପରାଧ ବୃଦ୍ଧିହେବା ନିଶ୍ଚିତ। ପୁଲିସର ଶୀଥିଳତା ନୀତି ଯୋଗୁଁ ମାରଣାସ୍ତ୍ର ଧରି ରାତିରେ ବୁଲିବାକୁ ଯୁବକମାନେ ସାହାସ କରୁଛନ୍ତି।

## ଶିଶୁମନ୍ଦିର ଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କ ବାନ୍ଧିଲେ ରାକ୍ଷୀ

ଜୟପୁର, ୯।୮(ସଂଚାର ବ୍ୟୁରୋ): ପବିତ୍ର ରକ୍ଷା ବନ୍ଧନ ଅବସର ରେ ଓଡିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଯୁକ୍ତ ମୋହନ ଚରଣ ମାଝୀ ଏବଂ ଦୁଇ ଉପ ମୁଖ୍ୟମନ୍ତ୍ରୀ ଆଜି କୋରାପୁଟ ଜିଲ୍ଲା ଜୟପୁର ଶିଶୁ ମନ୍ଦିର ଠାରେ ଗସ୍ତ କରି ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ବିଦ୍ୟାଳୟ ର ଛାତ୍ରୀ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ହାତରେ ରାକ୍ଷୀ ବାନ୍ଧିବା ସହ ଉପସ୍ଥିତ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ଯୁକ୍ତ କନକ ବର୍ଦ୍ଧନ ସିଂହଦେଓ, ଶ୍ରୀ ମତି ପ୍ରଭାତୀ ପରିଡା, ଗଣ ଶିକ୍ଷା ଓ ବିଦ୍ୟାଳୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉପସ୍ଥିତ ରହିଥିଲେ ।



## ବାଳାଶ୍ରମରେ ରାକ୍ଷୀ ବନ୍ଧନ ପାଳିଲେ ଜିଲ୍ଲାପାଳ



ସୁବର୍ଣ୍ଣପୁର,୯।୮(ସଂଚାର ବ୍ୟୁର): ସୁବର୍ଣ୍ଣପୁର ଜିଲ୍ଲପାଳ, ଡ.ନୃପରାଜ ସାହୁ ତାଙ୍କ ପରିବାର ସହିତ ସୋନପୁର ସହର ସ୍ଥିତ ଉତ୍କଳ ବାଳାଶ୍ରମ ଠାରେ ପହଞ୍ଚିଥିଲେ। ବାଳାଶ୍ରମ ର ଅନ୍ତେବାସୀ ତଥା ଅନାଥ ଝିଅମାନେ ଜିଲ୍ଲାପାଳ ଓ ତାଙ୍କ ପୁଅଙ୍କୁ ରାକ୍ଷୀ ବାନ୍ଧିଥିଲେ, ଅନ୍ୟ ପକ୍ଷରେ ଜିଲ୍ଲାପାଳଙ୍କ ଝିଅମାନେ ବାଳାଶ୍ରମର ଅନାଥ ପିଲାମାନଙ୍କୁ ରାକ୍ଷୀ ବାନ୍ଧିଥିଲେ ଓ ପରସ୍ପରଙ୍କୁ ମିଠା ଖୁଆଇଥିଲେ। ଏହି ଅବସରରେ ଜିଲ୍ଲାପାଳ ସମସ୍ତ ଅନ୍ତେବାସୀଙ୍କ ସହିତ କଥାବାର୍ତ୍ତା କରିବା ସହିତ ସେମାନଙ୍କ ସୁବିଧା ଓ ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଜିଲ୍ଲାପାଳ ଛୋଟ ଛୋଟ ଶିଶୁମାନଙ୍କର ସୁବିଧା ଅସୁବିଧା ସରକାରୀ ସ୍ତରରେ ସବୁପ୍ରକାର ସୁବିଧା ଯୋଗାଇଦେବା ପାଇଁ ଘୋଷଣା କରିଥଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଙ୍କ ସହିତ ବାଳଶ୍ରମ ସମସ୍ତ ସେବାକାରୀ ଯୋଗଦେଇଥିଲେ।

## ନର୍ସିଂ ଛାତ୍ରୀଙ୍କ ସଡ଼କ ସୁରକ୍ଷା ସଚେତନତା ସହିତ ରାକ୍ଷୀ ବନ୍ଧନ



ସୁବର୍ଣ୍ଣପୁର,୯।୮(ସଂଚାର ବ୍ୟୁର): ସୁବର୍ଣ୍ଣପୁର ଜିଲ୍ଲା ବ୍ଲକ ଛକ ଠାରେ ସୁବର୍ଣ୍ଣପୁର ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଅଭିନବ ପଦ୍ଧତିରେ ସୋନପୁର ନର୍ସିଂ ବିଦ୍ୟାଳୟର ଛାତ୍ରୀ ମାନଙ୍କ ସହାୟତାରେ ସଡ଼କ ସୁରକ୍ଷା ସଚେତନତା ସହିତ ସମସ୍ତ ଦୁଇଚାକିଆ ଯାନ ଚାଳକ ମାନଙ୍କୁ ହେଲମେଟ ପିନ୍ଧିବା, ମଦପିଇ ଗାଡ଼ି ନଚଳାଇବା ଦ୍ରୁତ ଗତିରେ ନଯିବା ପାଇଁ ଓଚାରି ଚକିଆ ଓ ଭାରି ଯାନ ଗୁଡ଼ିକର ଚାଳକ ମାନଙ୍କୁ ନିଜ ପାଖରେ ଗାଡ଼ିର କାଗଜାତ ସହିତ ମୋଟର ଯାନ ସମ୍ବନ୍ଧୀୟ ଆଇନ ଓ ନିୟମ ପାଳନ କରିବା ସହିତ ଚାଳକ ନର୍ସିଂ ବିଦ୍ୟାଳୟର ଛାତ୍ରୀ ମାନେଚାଳକ ମାନଙ୍କୁ ବୁଝାଇ ରାକ୍ଷୀ ବନ୍ଧନ କରିଥିଲେ। ଆଞ୍ଚଳିକ ପରିବହନ ବିଭାଗ ତରଫରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସୁଭଦ୍ରା ତୃତୀୟ କିସ୍ତି ବଣ୍ଟନ



ସୁନ୍ଦରଗଡ଼,୯।୮(ସଂଚାର ବ୍ୟୁର): ଯୁଗାନ୍ତକାରୀ ଯୋଜନା 'ସୁଭଦ୍ରା' ଅଗଷ୍ଟ ୯ ତାରିଖ ସମଗ୍ର ରାଜ୍ୟର ହିତାଧିକାରୀ ମାନଙ୍କୁ ତୃତୀୟ କିସ୍ତି ପ୍ରଦାନ କରାଯାଇଅଛି। କୋରାପୁଟ ଜିଲ୍ଲାସ୍ଥିତ ଜୟପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀ ମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧା ସଳଖ ଏହି ତୃତୀୟ କିସ୍ତି ହସ୍ତାନ୍ତର କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର, ରାଜଗାଙ୍ଗପୁର ପୌର ପରିଷଦ ଉପାଧ୍ୟକ୍ଷ ଏମ ଡି ଇରଫାନ ଅତିଥି ଭାବେ ଯୋଗ ଦେଇଥିଲେ। ରକ୍ଷା ବନ୍ଧନର ଶୁଭ ଅବସରରେ ସମସ୍ତ ଅତିଥି ମାନଙ୍କୁ ସୁଭଦ୍ରା ମା ମାନେ ତ୍ରିରଙ୍ଗା ରାକ୍ଷୀ ବାନ୍ଧି ଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ଼ା ମହାପାତ୍ର ନିଜ ଅଭିଭାଷଣରେ କହିଥିଲେ ଭଉଣୀ ମାନଙ୍କ ବିକାଶ ରେ ସମଗ୍ର ସମାଜର ବିକାଶ ହୋଇଥାଏ। ମହିଳାମାନେ ସୁଭଦ୍ରା ଯୋଜନା ମାଧ୍ୟମରେ ଆର୍ଥିକ ଭାବେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏହି ସହାୟତା ସମସ୍ତଙ୍କ ଆଶା ପୁରାଣ କରିବାରେ ସହାୟକ ହେବ। ଏହି ଅବସରରେ ମୁଖ୍ୟ ଅତିଥି ଉପ ବାଚସ୍ପତି ଶ୍ରୀ ଭୋଇ ରକ୍ଷା ବନ୍ଧନର ଶୁଭକାମନା ଜଣାଇଥିଲେ ଏବଂ ନିଜ ବକ୍ତବ୍ୟରେ କହିଥିଲେ ଯେ, ' ସୁଭଦ୍ରା ଯୋଜନା ମା ମାନଙ୍କୁ ଆଗକୁ ବଢିବାର ବରିଷ୍ଠ ସୁଯୋଗ ଦେଇଛି। ସୁଭଦ୍ରା ଯୋଜନା ମହିଳା ସଶକ୍ତିକରଣରେ ମଧ୍ୟ ସହାୟକ ହୋଇଛି। ଏହି ସହାୟତାକୁ ମା ମାନେ ବିଭିନ୍ନ କାର୍ଯ୍ୟରେ ଉପଯୋଗ କରିଥାନ୍ତି ସେ ଗୃହ କାର୍ଯ୍ୟ ହେଉ ଅବା ଚାଷ କାମ କିମ୍ବା ପିଲାଙ୍କ ପାଠ ପଢା ତଥା ନିଜ ପରିବାରକୁ ମଧ୍ୟ ଆର୍ଥିକ ଭାବେ ସ୍ୱଚ୍ଛଳ କରିଥାନ୍ତି'।

# ଛାତ୍ରୀଙ୍କୁ ଅପହରଣ ବେଳେ ଯାଜପୁର ରୋଡ୍ ପୁଲିସର ବଡ଼ ସଫଳତା

ଯାଜପୁର ରୋଡ୍, ୯।୮(ସଂଚାର ବ୍ୟୁରୋ): ରାଜ୍ୟରେ ନାରୀ ଓ ଛାତ୍ରୀ ମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ଓ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଉଦବେଗଜନକ ହୋଇପଡ଼ିଛି ବୋଲି ବିରୋଧୀ ଦଳ ରାଜ୍ୟସାରା ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଏହି ସମୟରେ ଯାଜପୁର ଜିଲ୍ଲାର ବ୍ୟାସନଗର ପୌରାଅଞ୍ଚଳ ସହରର ଏକ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲରେ ପଢୁଥିବା ଅଷ୍ଟମ ଶ୍ରେଣୀ ଛାତ୍ରୀକୁ ହୋଇଥିବା ଅପହରଣ ଉଦ୍ୟମକୁ ଯାଜପୁର ରୋଡ଼ ଥାନା ଅଧିକାରୀ ଶ୍ରୀ ଆଶିଷ କୁମାର ସାହୁ'ଙ୍କ ଦ୍ୱାରା ଗଠିତ ପୋଲିସ୍ ଟିମ୍ ବିଫଳ କରାଇବାରେ ସଫଳ ହୋଇଛନ୍ତି। ଏପରି ଘଟଣାର ଚର୍ଚ୍ଚା ଆରମ୍ଭ ହେବା ପୂର୍ବରୁ ପୋଲିସ୍ ଛାତ୍ରୀକୁ ଉଦ୍ଧାର କରିବା ସହ ଅପହରଣରେ ବ୍ୟବହୃତ କାରକୁ ଜବଦ କରି ଅଭିଯୁକ୍ତକୁ ଗିରଫ କରିଛି। ଖବରର ଆଧାରରୁ ପ୍ରକାଶ'ଯେ ସୁକିନ୍ଦା ଅଞ୍ଚଳର ସ୍ୱର୍ଗତ ରତିକାନ୍ତ ବିଶ୍ୱାଳଙ୍କ



ପୁଅ ଦିପକ(୨୬) ବ୍ୟାସନଗର ଅଞ୍ଚଳର ଏକ ଇଂରାଜୀ ମାଧ୍ୟମ ସ୍କୁଲ ବସରୁ ଓହ୍ଲାଇ ସ୍କୁଲକୁ ଯାଉଥିବା ଛାତ୍ରୀକୁ ଡ଼ାକି ନେଇ କାରରେ ବସାଇ ଉକ୍ତ ସ୍ଥାନରୁ ଚାଲିଯାଇଥିଲା। ଏହି ସ୍କୁଲକୁ ଯାଉଥିବା ଛାତ୍ରୀର ସହପାଠୀ ଦେଖିବା ପରେ ବସ ଡ୍ରାଇଭରଙ୍କୁ ଜଣାଇଥିଲେ। ବସର ଡ୍ରାଇଭର ଛାତ୍ରୀର ପରିବାର ଲୋକଙ୍କୁ ଫୋନ କରିବା ପରେ, ପରିବାର ଲୋକେ ଝିଅକୁ ଖୋଜା ଖୋଜି କରି ନପାଇ କେହି ଅପହରଣ କରିନେଇଥିବା ସନ୍ଦେହରେ ଯାଜପୁର ରୋଡ଼ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ୍ ତୁରନ୍ତ ପୌରାଅଞ୍ଚଳର ବିଭିନ୍ନ ରାସ୍ତାକୁ ସିଲ୍ କରି ତଲାସୀ ଆରମ୍ଭ କରିଥିଲା। ଅଭିଯୁକ୍ତ ଏହା ଜାଣିବା ପରେ ଗାଡ଼ିସହ ଛାତ୍ରୀକୁ ସାପଗାଡ଼ିଆରେ ଛାଡ଼ି ଚମ୍ପଟ ମାରିଥିଲା। ପୁଲିସ ସାପଗାଡ଼ିଆରୁ ଛାତ୍ରୀକୁ ଉଦ୍ଧାର କରିବାର କିଛି ସମୟ ମଧ୍ୟରେ ସଂପୃକ୍ତ ଯୁବକକୁ କାବୁ କରିଥିଲା।

# ଆଦିବାସୀ ଏକତା ଘାଟି ଅଞ୍ଚଳ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳନ




ଲାଞ୍ଜିଗଡ଼,୯।୮(ସଂଚାର ବ୍ୟୋରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଆଦିବାସୀ ଏକତା ଘାଟି ଅଞ୍ଚଳ ପକ୍ଷରୁ ମହାସମାରୋହରେ ବେନଗାଁ ଖେଳ ପଡ଼ିଆ ଠାରେ ବିଶ୍ୱ ଆଦିବାସୀ ଦିବସ ପାଳନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଆଦିବାସୀ ଏକତା ଘାଟି ଅଞ୍ଚଳ ସଭାପତି ଘାଷି ମାଝୀଙ୍କ ତତ୍ୱାବଧାନରେ ଆୟୋଜିତ ହୋଇଥିଲା। ପ୍ରଥମେ ବେନଗାଁ ଧରଣୀ ଗୁଡ଼ିରେ ପୂଜାର୍ଚ୍ଚନା କଲା ପରେ ଗାଁ ପରିକ୍ରମା କରିଥିବା ବେଳେ ଜଳ ପୁରୁଷ କାର୍ଜି ମାଝୀ ଓ ରେଣ୍ଡୋ ମାଝୀଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ.ବଳଭଦ୍ର ମାଝୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଶିବାଜୀ ମାଝୀ ଯୋଗଦେଇ ଆଦିବାସୀଙ୍କ ସୁରକ୍ଷା ଓ ମୌଳିକ ଅଧିକାର ଜଳ, ଜମି, ଜଙ୍ଗଲ ସୁରକ୍ଷା ସମେତ ବିଭିନ୍ନ ବିଷୟରେ ମତ ବ୍ୟକ୍ତ ରଖିଥିଲେ।ଉକ୍ତ କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବ୍ଲକ ଆଦିବାସୀ ସଂଘ ସଭାପତି ଶୁକ୍ରୁ ମାଝୀ, ପ୍ରଦୀପ ମାଝୀ, ପୁରାଣା ମାଝୀ, ଲକ୍ଷ୍ମଣ ମାଝୀ, ପାଲିସି ମାଝୀ, ଲୋକନଥ ମାଝୀ, ଭରତ ମାଝୀ, ଟିକା ମାଝୀ,

**ଯୋଗ ଦେଲେ ଶହ ଶହ ଆଦିବାସୀ**

ରାମତୁ ମାଝୀ, ସୁଶାନ୍ତ ମାଝୀ, ପ୍ରଦାନ ମାଝୀ, ପୂର୍ଣ୍ଣି ମାଝୀ, ଲେଲି ମାଝୀ, ସିଙ୍ଗା ମାଝୀ, ପତି ମାଝୀ, ରାଣୁ ମାଝୀ, ବୈଶାଖୁ ମାଝୀ ଗୋବିନ୍ଦ ମାଝୀ, ଡମ୍ବରୁ ମାଝୀ, ରାଜେନ୍ଦ୍ର ମାଝୀ ବିଜେପୁର ଏସ୍.ଆଇ ଶ୍ୟାମ କୁଲସିକା ସମେତ ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ଗ୍ରାମରୁ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପବିତ୍ର ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ନିରଞ୍ଜନ ମାଝୀ।

## ରଗଡ଼ି ଉପ-କାରାଗାରରେ କଏଦୀଙ୍କୁ ରାକ୍ଷୀ ବାନ୍ଧିଲେ କିନ୍ନର

ଯାଜପୁର ରୋଡ୍,୯।୮(ସଂଚାର ବ୍ୟୁରୋ): ପବିତ୍ର ରକ୍ଷାବନ୍ଧନ ପର୍ବ ପାଳନ ଦିନ ଭଉଣି ମାନେ ସାଧାରଣତଃ ଭାଇ ମାନଙ୍କୁ ବନ୍ଦାପନା କରି ସେମାନଙ୍କ ହସ୍ତରେ ରାକ୍ଷୀ ବାନ୍ଧି ସେମାନଙ୍କର ଦିର୍ଘଜିବନ କାମନା କରନ୍ତି ପ୍ରତି ବଦଳରେ ଭାଇ ମାନେ ସେମାନଙ୍କୁ 'ସୁରକ୍ଷା' ପ୍ରଦାନ କରିବାକୁ ପ୍ରତିବଦ୍ଧ ହୁଅନ୍ତି। ଏହି ଅବସରରେ ଯାଜପୁର ଜିଲ୍ଲା କିନ୍ନର ସଂଘର ସଭାପତି କାଜଲ ନାୟକ'ଙ୍କ ନେତୃତ୍ୱରେ ଯାଜପୁର ରୋଡ଼ର ରଗଡ଼ି ଉପ-କାରଗାରରେ ରୁହୁଥିବା ଅନ୍ତେବାସୀ ମାନଙ୍କୁ କିନ୍ନର ମାନେ ରାକ୍ଷୀ ବାନ୍ଧିଥିଲେ। ଏହା ସହିତ ସେମାନଙ୍କ ଲାଗି କିଛି ଖେଳନା ସାମଗ୍ରୀ ତଥା ଚେସ୍, ଲୁଡୋ, କ୍ୟାରେମ୍ ବୋର୍ଡ ଇତ୍ୟାଦି ସାମଗ୍ରୀକୁ ପ୍ରଦାନ କରିଥିଲେ। ଏହି ଜେଲର ସୁପରଟେଣ୍ଡଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ଏହି ପବିତ୍ର ରକ୍ଷାବନ୍ଧନ ପର୍ବ କାର୍ଯ୍ୟକ୍ରମରେ ସଭାପତି କାଜଲ ନାୟକ, ମାନସୀ ବେହେରା, ସୋଫିଆ ସାହୁ, ଚିନୁ ବେହେରା, ସୁମନ ମଲ୍ଲିକ, ଶ୍ରଦ୍ଧା, ଡାୟେନ ଦିଗଲ, ସ୍ୱିଟି ରାଉଳ, କନିକା ମନ୍ନ ପ୍ରମୁଖ ସାମିଲ ହୋଇଥିଲେ।



## ଆରଏସଏସ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ



ସୁବର୍ଣ୍ଣପୁର,୯।୮(ସଂଚାର ବ୍ୟୁରୋ): ସୋନପୁର ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ (ଅରଏସଏସ) ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଛି। ସୋନପୁର ଗୋପାଳଜି ମନ୍ଦିର ରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ମହିଳା ସଭାପତି ସୁଶ୍ରୀ ସଞ୍ଜୁରାଣୀ ସିଂ ଯୋଗଦାନ ଦେଇଥିଲେ, ବୌଦ୍ଧିକ ଦେଇଥିଲେ ମାନନୀୟ ସଙ୍ଘଚାଳକ ଶ୍ରୀ ଶିବ ପ୍ରସାଦ ପାତ୍ର। ଏହି ପରିପେକ୍ଷୀରେ ଉପସ୍ଥିତ ଥିଲେ ମାନନୀୟ ସହଜିଲ୍ଲା ସଙ୍ଘଚାଳକ ଶ୍ରୀ ଜୟଦ୍ରତ ଜଗଦଲା, ସୁବର୍ଣ୍ଣପୁର ଜିଲ୍ଲା ଭାରତ ବିକାଶ ପରିଷଦର ସଭାପତି ଶ୍ରୀ ଦୁର୍ଯ୍ୟୋଧନ ସାହୁ, ସମ୍ପାଦକ ଶ୍ରୀ ଉମାକାନ୍ତ ନାଗ, ପ୍ରଶାଦୁ ପଧାନ, ରାଷ୍ଟ୍ରୀୟ ସେବିକା ସମିତି ର ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ମିଶ୍ର, ଶ୍ରୀମତୀ ପୁର୍ଣ୍ଣିମା ସା, ଶ୍ରୀମତୀ କେ.କୁମାରୀ, କବିତା ପଧାନ, ଏବଂ ଅନେକ ଭଉଣୀ ଭାଇ ଯୋଗଦାନ କରିଥିଲେ। କାର୍ଯ୍ୟବାହ ଶ୍ରୀ ଅଚୁତ ମହାନ୍ତି, ରାଜେଶ ସିଂ, ସଞ୍ଜୟ ମହାପାତ୍ର, ବିଶ୍ୱଜିତ ସିଂ, ସନ୍ତୋଷ ମହାପାତ୍ର, ତାରିଣୀ ପୂଝରୀ କାର୍ଯ୍ୟକ୍ରମକୁ ନିରଞ୍ଜନ ଦାସ, ମନୋଜ ଅଗ୍ରୱାଲ ପରିଚାଳନା କରିଥିଲେ। ସମସ୍ତେ ପ୍ରଥମେ ଧ୍ୱଜ କୁ ରାକ୍ଷୀ ବାନ୍ଧି ରାଷ୍ଟ୍ର ଏବଂ ଦେଶର ସଂସ୍କୃତି କୁ ରକ୍ଷା କରିବାପାଇଁ ସଂକଳ୍ପ ନେବା ସହ ଭାଇ ଭଉଣୀ ପରସ୍ପର ମଧ୍ୟରେ ରାକ୍ଷୀ ବାନ୍ଧିଥିଲେ। ପରେ ବସ୍ତି ଏବଂ ସୁଧାରଗୃହ ଜାଇ ରାକ୍ଷୀ ବନ୍ଧୀବା ସହ ମିଷ୍ଟାନ ଖୁଆଇଥିଲେ ।

## ଜବରଦଖଲ ଉଚ୍ଛେଦ ପାଇଁ ତାହସିଲଦାରଙ୍କ ଠାରେ ଦାବି

ବୈଶିଙ୍ଗା,୯।୮(ସଂଚାର ବ୍ୟୁରୋ): ବୈଶିଙ୍ଗା ଅଞ୍ଚଳରେ ଦିନକୁ ଦିନ ଚୋରୀ, ଛିନତାଇ, ରାହାଜାନୀ ଓ ଡକାୟତି ଆଦି ବଢ଼ିବା ପାଇଁ ବାହାର ଲୋକ ଜବର ଦଖଲ କରି ରହିଥିବା କିଛି ଜଣା/ ଅଜଣା ବ୍ୟକ୍ତିଙ୍କ ଜରିଆରେ ହେଉଥିବା ସୂତ୍ରରୁ ଜଣାଯାଇଛି। ସପ୍ତାହର ଦୁଇ ଦିନ ବୁଧବାର ଓ ଶନିବାର ସାପ୍ତାହିକ ହାଟ ପାଳିରେ ବାରମ୍ବାର ବାଇକ ଓ ମୋବାଇଲ ଚୋରୀ ଏକ ନିତି ଦିନିଆ ଘଟଣା ପାଇଟି ଯାଇଛି। ଦୃବୃତ୍ତ ମାନେ ଏହି ଜବର ଦଖଲ କାରୀଙ୍କ ଛୋଟ ଜରି ପଲା ଘରେ ରହି ଏଭଳି କାଣ୍ଡ ଘଟାଉଥିବା ବିଶ୍ୱସ୍ଥ ସୂତ୍ରରୁ ଜଣାଯାଇଛି।ଏହାକୁ ଭିତ୍ତି କରି ବୈଶିଙ୍ଗା ଓ କେନ୍ଦୁଆ ପଞ୍ଚାୟତର କିଛି ସଚେତନ ନାଗରିକ ତୁରନ୍ତ ଜବର ଦଖଲ ଉଚ୍ଛେଦ କରିବା ପାଇଁ ବେତନଟୀ ତହସିଲଦାର ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସମାଜସେବୀ ଶୁଭ୍ରାନ୍ତ ତିଆଡ଼ି, ମାନସ ପୁହାଣ, ବିବେକାନନ୍ଦ ପଣ୍ଡା, ରବୀନ୍ଦ୍ର ବିନ୍ଧାଣୀ, ସୁଦର୍ଶନ ମହାପାତ୍ର, ଭଗବାନ ମଣ୍ଡଳ, ସମୀର ପଣ୍ଡା, ରାଜେନ୍ଦ୍ର ପୁଥାଳ ଙ୍କ ସମେତ ଶତାଧିକ ଗ୍ରାମବାସୀ ଅଭିଯୋଗରେ ଜଣାଇଛନ୍ତି।

# ତିନି ମହଲା ଛାତରୁ ଡେଇଁ ନବମ ଛାତ୍ରୀ ଗୁରୁତର

● ପ୍ରଧାନ ଶିକ୍ଷୟତ୍ରୀ ଙ୍କ ନିର୍ଯ୍ୟାତନା ସହି ନପାରି ଆତ୍ମହତ୍ୟା ଅଭିଯୋଗ

ବେତନଟୀ,୯।୮(ସଂଚାର ବ୍ୟୁରୋ): ବେତନଟୀ ବ୍ଲକ ଅଧୀନ ଏସ ଏସ ନହଣ୍ଡା ଶୋଳ ତଥା ୧୮ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କସ୍ତୁରିବା ଗାନ୍ଧୀ ବାଳିକା ବିଦ୍ୟାଳୟ ( କେ ଜି ବି ଭି) ର ନବମ ଶ୍ରେଣୀର ଛାତ୍ରୀ ଗତ




ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ କାଞ୍ଚନବାଳା କରଙ୍କ ନିର୍ଯ୍ୟାତନା ସହିନପାରି ଆତ୍ମହତ୍ୟା ଉଦ୍ୟମ କରିଥିବା କଥା ଛାତ୍ରୀ ତାଙ୍କ ବାପାଙ୍କୁ ପ୍ରକାଶ କରିବାରୁ ଗତ ଗୁରୁବାର ଦିନ ଏଥିନେଇ ବାପା ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ରବିବାର ଦିନ ଛାତ୍ରୀ ନିବାସରେ ଥିବା ୩ମହଲା ବିଲଡିଂ ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ସେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ଛାତ୍ରୀ ଜଣକ ଡେଇଁ ପଡ଼ିବା ପରେ ପ୍ରାୟ ୩ ଘଣ୍ଟା ବିଳମ୍ବରେ ପ୍ରଥମେ ବେତନଟୀରେ ଥିବା ଏକ ଘରୋଇ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ଅଧିକ ସଂକଟପର୍ଣ୍ଣ ଥିବାରୁ ସଙ୍ଗେ ସଙ୍ଗେ ବାଲେଶ୍ୱର ସ୍ଥିତ ଏକା ଘରୋଇ ଡାକ୍ତରଖାନା ରେ ଚିକିତ୍ସା କରାଯାଉଥିବାର ଜଣାପଡ଼ିଛି। ଛାତ୍ରୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ଚେତାଶୂନ୍ୟ ହୋଇଥିବା ବେଳେ ଘଟଣାର ଚାରିଦିନ ପରେ ତାର ବାପା ସେକ ମେଜବୁଲକୁ ଘଟଣା ସମ୍ପର୍କରେ ସମସ୍ତ କଥା ଛାତ୍ରୀ। କେ ଜି ବି ଭି ଆଶ୍ରମ ବିଦ୍ୟାଳୟ ପରିସରରେ ଧନପୁର ଉଚ୍ଚ ପ୍ରାଥମିକ ଏହି ଅଭିଯୋଗକୁ ଭିତ୍ତି କରି ବେତନଟୀ ପୋଲିସ ୨୬୩/୨୨୫ରେ ମାମଲା ରୁଜୁ କରି ତଦନ୍ତ କରୁଥିବାର ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଛାତ୍ରୀ କେ ଜି ବି ଭି ଛାତ୍ରୀ ନିବାସରେ ସାଇନା ଖାତୁନ ରହି ନିକଟରେ ଥିବା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଧନପୁରରେ ନବମ ଶ୍ରେଣୀରେ ପାଠ ପଢୁଛନ୍ତି। ସେ ସେହି ଆଶ୍ରମରେ ରହି ଧନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ। ଅଷ୍ଟମ ବାର୍ଷିକ ପରୀକ୍ଷାରେ ସେହି ବିଦ୍ୟାଳୟରୁ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ପାଇବା ପାଇଁ ଯୋଗ୍ୟ ଥିବା ବେଳେ ସେଥିରୁ ତାଙ୍କୁ ପ୍ରଧାନଶିକ୍ଷୟତ୍ରୀ ଜଣକ କମ ନମ୍ବର ଦେଇ ଥିବା ବେଳେ ଏହିର ପ୍ରତିବାଦ ସେ କରିଥିଲେ।

# ନାଖରା ଫୋର୍ଡରେ ବୃକ୍ଷକୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ

ବୈଶିଙ୍ଗା,୯।୮(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ନାଖରା ଗ୍ରାମରେ ଗୋପୀନାଥ ଜୀଉ ମନ୍ଦିର ପଡ଼ିଆ ରେ ଓ ଫୋର୍ଡ ସହଯୋଗରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଅଛି। ଫୋର୍ଡ ର ପ୍ରିତମ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭଉଣୀ ଯେପରି ଭାଇ ହାତରେ ରାକ୍ଷୀ ବାନ୍ଧି ଦୀର୍ଘାୟୁ



କାମନା କରେ ସେହିଭଳି ବୃକ୍ଷକୁ ଭାଇ ବୋଲି ସମ୍ବୋଧନ କରି ପୂଜା କରି ରାକ୍ଷୀ ବାନ୍ଧିଥିଲେ। ସନ୍ତୋଷ ଦୁର୍ଗା ଅବସର ପ୍ରାପ୍ତ ଜେଲ ଅଧ୍ୟକ୍ଷ, ଅନିରୁଦ୍ଧ ରାଉତ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଓ ମହେଶ୍ୱର ମହାଳିକ ଯୁଗ୍ମ ସଂଯୋଜକ ଆକାଶ ବାଣୀ କଟକ ଯୋଗ ଦେଇଥିଲେ।ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷକୁ ମା ଭାବି ଯୁବକ ଯୁବତୀ, ଜନସାଧାରଣ ନିଜ ପରିବାରର ଜନ୍ମ ବିବାହ, ମୃତ୍ୟ ଓ ଅନାନ୍ୟ କାର୍ଯ୍ୟ ପାଇଁ ଗୋଟିଏ ଗୋଟିଏ ଗଛ ଲଗାଇବା ସହିତ ଭବିଷ୍ୟତ ର ପରିବେଶ ରକ୍ଷା ହୋଇପାରିବ ବୋଲି ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ ନିଜ ନିଜ ଜମିରେ ଆଜି ଦିନରେ ଗୋଟିଏ ଲେଖାଏଁ ଫଳ ଗଛ ରୋପଣ କରିବେ ବୋଲି ଶପଥ ନେଇଥିଲେ। ଏଥିରେ ରୂପା ନାୟକ, ଭାଗ୍ୟଶ୍ରୀ ନାୟକ, ପ୍ରିତିପ୍ରଜ୍ଞା ସାମଲ, ହାମାଏ ମାରାଣ୍ଡି, ସୁପାଇ ବେଶ୍ରା, ଗାନେ ମାରାଣ୍ଡି, ଜଗଦିଶ ସାମଲ, ଅଭିନାଶ ମହାର୍ଣ୍ଣା ଓ ଅନ୍ୟମାନେ ସହଯୋଗ କରିଥିଲେ। ସର୍ବଶେଷ ରେ ସବିତା ଖଣ୍ଡା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଡାୟଲିସିସ୍ ସମୟରେ ସତର୍କତା



ବୃକ୍‌କର କାମ ହେଉଛି ରକ୍ତ ସଫା କରିବା ସହ ଶରୀରର ବିଭିନ୍ନ ବର୍ଜ୍ୟକୁ ନିଷ୍କାସନ କରିବା। କୌଣସି କାରଣ ବଶତଃ ବୃକ୍‌କ୍ ଅଚଳ ବା କାର୍ଯ୍ୟକ୍ଷମ ନ ହେଲେ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥାରେ ନାନା ସମସ୍ୟା ଦେଖାଦିଏ। ଜୀବନ ଜିଇଁବା ଅସମ୍ଭବ ହୋଇପଡ଼େ। ସାଧାରଣତଃ ଅନ୍ୟ ଦିନ ତୁଳନାରେ ଥଣ୍ଡା ଦିନରେ ବୃକକଜନିତ ସମସ୍ୟା ଅତି ଜଟିଳ ପରିସ୍ଥିତି ସୃଷ୍ଟି କରେ। ତେଣୁ ଅସ୍ଥାୟୀ କିମ୍ବା ସ୍ଥାୟୀ ଭାବେ ବୃକ୍‌କ ଅଚଳ ହୋଇପଡ଼ିଲେ ଡାୟଲିସିସ୍ କରିବାକୁ ପଡ଼ିଥାଏ। ଏମିତକି ରକ୍ତରେ ଏସିଡ୍ ସଂକ୍ରମଣ କିମ୍ବା ଡେଙ୍ଗୁ, ମ୍ୟାଲେରିଆ ଆଦି ଅସ୍ଥାୟୀ ସଂକ୍ରମଣରେ ବୃକକ୍ ସଂକ୍ରମଣ ହେବାର ଆଶଙ୍କା ରହିଥିବାରୁ ଡାୟଲିସିସ୍ କରାଯାଏ। ଏହାବାଦ୍ ବୃକକ୍ କାର୍ଯ୍ୟକ୍ଷମ ଥାଇ ମଧ୍ୟ ଯଦି ପଟାସିୟମ ଓ ସୋଡ଼ିୟମ ମାତ୍ରା ବୃଦ୍ଧିପାଏ; ଏହାକୁ ନିୟନ୍ତ୍ରଣ କରିବାକୁ ଡାୟଲିସିସ କରାଯାଏ। ଏହି ପ୍ରଣାଳୀରେ ରକ୍ତରେ ଜମିଥିବା ଦୂଷିତ ବର୍ଜ୍ୟ, ବିଷାକ୍ତ ପଦାର୍ଥକୁ ବାହାରି କରିବା ତଥା ରକ୍ତକୁ ବିଶୁଦ୍ଧ କରିବାକୁ ସହଜ ହୁଏ। ଡାୟଲିସିସ୍ କରିବା ସମୟରେ ରୋଗୀଙ୍କ ଶରୀରରେ ଇଲେକ୍ଟ୍ରୋଲାଇଟ୍ ସ୍ତରକୁ ଧ୍ୟାନ ଦେବା ସହ ଆଉ କେଉଁ ଦିଗକୁ ଗୁରୁତ୍ୱ ଦେବେ ଜାଣିରଖନ୍ତୁ

ମଧୁମେହ ରୋଗୀ କିମ୍ବା ଉଚ୍ଚ ରକ୍ତଚାପ ସମସ୍ୟା ଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ବୃକକ୍ ଜନିତ ସମସ୍ୟାଅଧିକ ଦେଖିବାକୁ ମିଳେ। ବୃକକ ଅଚଳ ହେବା ଯୋଗୁଁ ଡାୟଲିସିସ କରିବାକୁ ପଡୁଥିବାରୁ ଡାୟଲିସିସ୍ କରିବା ସମୟରେ ରକ୍ତ ଚାପ ଏବଂ ସୁଗାର ପରୀକ୍ଷା କରାଇବା ଦରକାର।

❑ ଡାକ୍ତରଙ୍କ ପରାମର୍ଶ ଅନୁସାରେ ପାଣି ବା ତରଳପଦାର୍ଥ ପିଇବା ଆବଶ୍ୟକ। ଏହାବାଦ୍ ପଟାସିୟମ ଅଧିକ ହେଲେ ଡାକ୍ତର ଫଳମୂଳ କିମ୍ବା ଆମିଷ ଆଦି ଖାଇବାକୁ ବାରଣ କରିଥାନ୍ତି ତେଣୁ ଯେଉଁଥିରେ ଅଧିକ ମାତ୍ରାର ପଟାସିୟମ ରହିଛି ଯଥା- ଅଙ୍ଗୁର କମଳା, ଲେମ୍ବୁ ଖାଇବା ଅନୁଚିତ। ପ୍ରୋଟିନ୍ ଅଧିକ ଖାଇବ କାରଣରୁ ବୃକ୍‌କ ଉପରେ ପ୍ରଭାବ ପଡେ। ତେଣୁ ଯେତିକି ଆବଶ୍ୟକ ସେତିକି ପ୍ରୋଟିନ୍ ଖାଇବା ଜରୁରି। ସଂକ୍ରମଣ ରୋକିବାକୁ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ଦରକାର।

❑ ଆବଶ୍ୟକ ନ ଥିଲେ ପେନ କିଲର ଖାଆନ୍ତୁ ନାହିଁ।ଡାକ୍ତରଙ୍କ ପରାମର୍ଶରେ ବୃକକ୍ ଉପରେ ପ୍ରଭାବ ନପକାଉଥିବା ପେନ୍‌କିଲର ଖାଇପାରିବେ। ସେହିପରି ଆଣ୍ଟିବାୟୋଟିକ୍ ଖାଇବା ସମୟରେ ସତର୍କତା ଅବଲମ୍ବନ କରିବା ଜରୁରି। ଯେକୌଣସି ସଂକ୍ରମଣ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ଆରମ୍ଭ କରିବା ସହ ଶରୀରରେ ସୋଡିୟମ, ମ୍ୟାଗ୍ନେସିୟମ, ପଟାସିୟମ ଯଥା ଇଲେକ୍ଟ୍ରୋଲାଇଟ୍ ଅନୁପାତ ଜାଣିବାକୁ 'କିଡ୍‌ନି ଫଙ୍କସନ ଟେଷ୍ଟ' କରିପାରିବେ।

❑ ଯଦି ନିଶ୍ୱାସ ନେବାରେ ସମସ୍ୟା ହେଉଛି କିମ୍ବା ପରିସ୍ରା ଅତି ପରିମାଣରେ କମିଯାଉଛି, ଗୋଡ଼ ଫୁଲୁଛି ଏହା ଦ୍ୱାରା ଶରୀରରେ ପାଣି ମାତ୍ରା ଅଧିକ ରହୁଛି ବୋଲି ଜାଣି ରଖନ୍ତୁ। ଏଥିପାଇଁ ମୁହଁ ଫୁଲିବା, ଅଧିକ ଧଇଁସଇଁ ଲାଗିବା, ପାଦ ଫୁଲିବା ଆଦି ସମସ୍ୟା ଦେଖାଦିଏ। ତେଣୁ ରାତିରେ ଅଧିକ ଧଇଁସଇଁ ଲାଗିଲେ, ତୁରନ୍ତ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା ଆରମ୍ଭ କରିଦେବା ଭଲ।

❑ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମ ରାଜ୍ୟର ଏମିତି କିଛି ଅଞ୍ଚଳ ରହିଛି ସେଠାକାର ପାଣି ବ୍ୟବହାର କରି ଲୋକଙ୍କ ବୃକକ୍ ସମସ୍ୟା ହେଉଛି। ତେଣୁ ଗୋଟିଏ ଗାଁରେ ଅଚାନକ ବୃକକ୍ ଜନିତ ସମସ୍ୟା ଦେଖାଦେଲେ, ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣାନ୍ତୁ।

# ଫଳ ଜୁସ୍ ପିଉଥିଲେ...



ଫଳ ରସରୁ ଭିଟାମିନ୍-ସି, ଭିଟାମିନ୍ —ଏ, ଫୋଲେଟ୍, ପଟାସିୟମ, ମାଗ୍ନେସିୟମ, ପୌଷ୍ଟିକତତ୍ତ୍ୱ, କ୍ୟାଲସିୟମ, ଖଣିଜଲବଣ, ମାଙ୍ଗାନିଜ୍ ଆଦି ପ୍ରଚୁର ମାତ୍ରାର ମିଳିଥାଏ।ନିୟମିତ ଫଳରସ ପିଇବା ଦ୍ୱାରା ଜଣେ ବ୍ୟକ୍ତି ସୁସ୍ଥ ଓ ନୀରୋଗ ରହିଥାନ୍ତି। ଏହାଦ୍ୱାରା ଶରୀର ସତେଜଓଫୁର୍ତ୍ତିରହିଥାଏ।ଶରୀରକୁଫିଟ୍‌ରଖିବାରେ ବେଶ୍ ସହାୟକ ହୁଏ ଫଳ। ଫଳ ରସ ପିଉଥିଲେ କିଛି ଜରୁରି କଥାକୁ ଧ୍ୟାନ ଦେବା ଜରୁରି। ମଧୁମେହ ରୋଗୀ ବାହାରେପ୍ରସ୍ତୁତ କରାଯାଉଥିବାଜୁସ୍‌ଆଦୌପିଅନ୍ତୁନି।ଏହା ତାଙ୍କଶରୀରପାଇଁଘାତକସାଜିପାରେ।ରକ୍ତରେଶର୍କରାସ୍ତରଅଧିକବଢ଼ିଯିବାଆଶଙ୍କାରହୁଥିବାରୁରୋଗୀଙ୍କମୃତ୍ୟୁଘଟିପାରେ। ଏହାବାଦ୍ମିଜୁଲି, କମଳା, ମଧ୍ୟମସାଇଜର୧୦୦ଗ୍ରାମ ଖାଇପାରିବେ। ସର୍ବଦା ଜୁସ୍କୁ ଛାଣିକରି ପିଇବା ବଦଳରେ ଏହା ଖଦଡା ଅଂଶକୁ ପିଇବା ଉଚିତ। ମିକ୍ସଜୁସ୍କରୁଥିଲେ ସେଥିରେ କିଛି ପରିବାରସମିଶାଇବା ଲାଭପ୍ରଦ। ଫଳ ରସରେ ପ୍ରାକୃତିକ ମିଠା ମିଳିଥାଏ। କିନ୍ତୁ ଅଧିକ ମିଠା ଆଶାରେ ଅଧିକାଂଶଫଳ ରସରେ ଗ୍ଲୁକୋଜ କିମ୍ବା ଚିନି ମିଶାଇ ପିଇଥାନ୍ତି, ଏପରି ଅଭ୍ୟାସ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ।

# ପମ୍ପେ

ଏହା ଏକ ବିରଳ ଆନୁବଂଶିକ ରୋଗ। କୋଷିକା ମଧ୍ୟରେ ଥିବା ଏସିଡ଼ ଅଲ୍‌ଫା ଗ୍ଲୁକୋସିଡେଜ୍ ଏନ୍‌ଜାଇମ୍ (ଜିଏଏ) ଅଧିକ ଅଭାବ ହେବା ଦ୍ୱାରା ଏହି ସମସ୍ୟା ହୋଇଥାଏ। ଏହି ଏନ୍‌ଜାଇମ୍ ସାଧାରଣତଃ ଗ୍ଲାଇକୋଜେନ୍ ବିଘଟନ କରିବାରେ ସାହାଯ୍ୟ କରିଥାଏ। ତେଣୁ ଏହି ପ୍ରୋଟିନ୍‌ର ଅଭାବ ଯୋଗୁଁ ଗ୍ଲାଇକୋଜେନ୍ ବିଘଟନ ନହୋଇ ପାରି ଜମାଟ ବାନ୍ଧିଯାଏ। ତାହା ଧୀରେ ଧୀରେ ସମଗ୍ର ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ କ୍ଷତି ପହଞ୍ଚାଇବା ସହ ମାଂସପେଶୀ ତଥା ଅସ୍ଥିକୁ ପ୍ରଭାବିତ କରେ। ଦୁର୍ବଳ ମଧ୍ୟ କରାଏ। ପେମ୍ପ ରୋଗକୁ ଗ୍ଲାଇକୋଜେନ୍ ଷ୍ଟୋରେଜ୍ ଡିଜିଜ୍ ଟାଇପ୍ ୨ କୁହାଯାଏ। ଏହା ଏକ ବିରଳ ରୋଗ, ଯାହାକି ପ୍ରାୟ ଲକ୍ଷେ ଲୋକଙ୍କ ମଧ୍ୟରୁ ଜଣକୁ ଆକ୍ରମଣ କରିଥାଏ। ଶ୍ୱାସ ପ୍ରକ୍ରିୟାରେ ସମସ୍ୟା ହୋଇଥାଏ। ମାଂସପେଶୀ କମ୍‌ଜୋର ହେବା ସହ ଶୋଇବା ଓ ଶୁଣିବାରେ ସମସ୍ୟା ଅନୁଭବ କରିବା, ଶ୍ୱସନ ତନ୍ତ୍ର ସଂକ୍ରମଣ, ଓଜନ ନବଢ଼ିବା ଆଦି ସମସ୍ୟା ଦେଖାଯାଇଥାଏ। ଜଣେ ବ୍ୟକ୍ତି ଦୈନିକ କାମ କାର୍ଯ୍ୟ କରିବାରେ ନାନା ସମସ୍ୟାରେ ସମ୍ମୁଖୀନ ହୋଇଥାନ୍ତି। ଛୋଟ ଛୋଟ ପିଲାମାନେ ଚଲାବୁଲା ଓ ବସିବାରେ ନାନା ସମସ୍ୟା ସମ୍ମୁଖୀନ ହୁଅନ୍ତି। ହୃଦ୍ ସମସ୍ୟା ସୃଷ୍ଟି ହୋଇଥାଏ। ଯାହାଦ୍ୱାରା ହ୍ୱିଲଚେୟାରର ଆବଶ୍ୟକତା ହୋଇଥାଏ।




# ଶିଶୁଙ୍କ କାଶ କମାଏ ଘରୋଇ ଆୟୁର୍ବେଦ ଉପଚାର



ଭାଇରାଲ ସଂକ୍ରମଣ, ଆଲର୍ଜି, ଧୂଆଁ, ଧୂଳି-ମାଟି, ପ୍ରଦୂଷଣ ଇତ୍ୟାଦି କାରଣରୁ ପିଲାମାନଙ୍କୁ କାଶ ହୋଇଥାଏ। ପିଲାମାନଙ୍କଠାରେ ଲଗାତାର କାଶ ବେଶ୍ ଯନ୍ତ୍ରଣାଦାୟକ। ଶୀତଦିନେ ଏହି ସମସ୍ୟା ଅଧିକ ବୃଦ୍ଧିପାଏ। ଛୋଟ ପିଲାଙ୍କ ଶ୍ୱାସନଳୀ ବହୁତ ଛୋଟ ହୋଇଥିବାରୁ କାଶ ପ୍ରାୟ ୨-୩ ସପ୍ତାହ ପର୍ଯ୍ୟନ୍ତ ଲାଗି ରହିଲେ, ଏହା ଆଲର୍ଜିକ କଫ ବା ଶ୍ୱାସ (ଆଜମାଟିକ୍ ବ୍ରୋଙ୍କାଇଟିଓ)ର ରୂପ ନିଏ। ହୋଇଥାଏ। ଜନିତ ସମସ୍ୟା ସୃଷ୍ଟି କରେ। ତେଣୁ ଶିଶୁଙ୍କୁ ଲଗାତାର କାଶ ହେଉଥିଲେ କାଶ କମ୍ କରିବାକୁ ଘରୋଇ ଆୟୁର୍ବେଦ ଉପଚାର କରିପାରିବେ। ନିବୁଲାଇଜର ମେସିନ୍ ବା ଇନ୍ହେଲର ବ୍ୟବହାର କରିବା ପରେ ଯଦି ୫ରୁ ୭ଦିନ ମଧ୍ୟରେ ପିଲାଙ୍କ କାଶ ବନ୍ଦ ହେଉନାହିଁ, ତେବେ ଅଙ୍କରାନ୍ତି ଫୁଲ ଓ ପତ୍ରକୁ ବାଟି ଏକ ଚାମଚ ପିଲାଙ୍କୁ ଦିନରେ ଦୁଇଥର ଦେଇପାରିବେ। ସେହିପରି ବାସଙ୍ଗ ଓ ତୁଳସୀ ଆଦି ରସ ଦେଇପାରିବେ। ଜାଇଫଳ ଓ ମହୁ ମିଶାଇ ସେବନ କରିବା ଦ୍ୱାରା ଏହି ସମସ୍ୟା ଦୂର ହୁଏ। ଆଣ୍ଟି-ଇନ୍ଫ୍ଲେମେଟୋରୀ ଗୁଣରେ ଭରପୂର ଜାଇଫଳକୁ ମହୁରେ (ଆଣ୍ଟିବ୍ୟାକ୍ଟେରିଆଲ)ରେ ମିଶାଇ ଖାଇବା ଦ୍ୱାରା ଏହା ସଂକ୍ରମଣ ଗଳାର ଫୁଲା ସମସ୍ୟା ରୁହେ ନାହିଁ। କାଶରୁ ଆରାମ ମିଳିଥାଏ। ଜାଇଫଳ ପେଷ୍ଟ ମହୁକୁ ମିଶ୍ରଣ କରି ଦିନକୁ ୨-୩ ଥର ଏକ ଚାମଚ ସେବନ କରିବା ଦ୍ୱାରା କାଶରୁ ଆରାମ ମିଳିଥାଏ। ଥଣ୍ଡା ଏବଂ କାଶ ଯୋଗୁଁ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ତେଣୁ ଅଦାରେ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ରହିଥିବାରୁ ଏହାକୁ ଖାଇବା ଦ୍ୱାରା ଶରୀରର ଥଣ୍ଡା କାଟେ। ଲଗାତାର କାଶ କମାଇବା ପାଇଁ ମହୁ ସହିତ ଅଦା ରସ ମିଶାଇ ପିଲାକୁ ଚାଟିବାକୁ ଦେଇପାରିବେ। କିମ୍ବା ଚେନାଏ ଅଦା ସହିତ ଲୁଣ ମିଶାଇ ଏହାକୁ ଜାକି ପାରିବେ। ଜିରାକୁ ଫୁଟାଇ ପାଣି ଦେଇପାରିବେ। କିମ୍ବା ଜିରା ଓ ଗୁଡ ପିଲାଙ୍କୁ ଚଟାଇ ପାରିବେ। ଜଷ୍ଟିମଧୁର ଚେରକୁ ଜାକି ପାରିବେ। କେଫିନ ମୁକ୍ତ ଚା', ଆୟୂଷ କାଢ଼ା, ସୁପ୍ କିମ୍ବା ଲେମ୍ବୁ ମିଶାଇ ଅଳ୍ପ ଉଷୁମ ପାଣିରେ ଦିନରେ ଦୁଇରୁ ତିନି ଥର ପିଇବାକୁ ଦେଇପାରିବେ। ଚୁଟକି ଜୁଆଣି ନେଇ ତାୱାରେ ଏକ ମିନିଟ୍ ଗରମ କରି ଏହାକୁ ପିଲାଙ୍କ ପାଖେ ରଖିବା ଦ୍ୱାରା କାଶ ସମସ୍ୟା ଦୂର ହୁଏ।

# ଭାଇରାଲ ଜ୍ୱରପାଇଁ ଡାଏଟ୍ ଚାର୍ଟ୍

ପରିବର୍ତ୍ତିତ ଋତୁ ଅନୁଯାୟୀ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଦେଖାଯାଇଥାଏ। ସେଥିମଧ୍ୟରୁ ପ୍ରମୁଖ ସମସ୍ୟା ସୃଷ୍ଟି କରେ ଥଣ୍ଡାଦିନିଆ ଭାଇରାଲ ଜ୍ୱର (ଭାଇରାଲ ଫିବର)। ଏହି ଜ୍ୱର ଦ୍ୱାରା ଶରୀର କମ୍ଜୋର ହୁଏ। ଥକ୍କା ଲାଗିଥାଏ। ଫିଟ୍ ରହିବାକୁ ଡାକ୍ତର ଭିଟାମିନ୍, ଜିଙ୍କ୍, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଅନ୍ତି। ତେଣୁ ଶରୀରରୁ ଦୁର୍ବଳତା ଦୂର କରିବା ପାଇଁ ଡାଏଟ୍ରେ ଡ୍ରାଏଫ୍ରୁଟ୍ସ ସାମିଲ କରିବା ସ୍ୱାସ୍ଥ୍ୟପ୍ରଦ। ଏହାଦ୍ୱାରା ଶରୀର ସୁସ୍ଥ ରହିବା ସହ ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଏ। ତେଣୁ ଭାଇରାଲ ଜ୍ୱରରେ ପୀଡ଼ିତ ବ୍ୟକ୍ତି କମ୍ଜୋର୍ ଏବଂ ଥକ୍କାପଣ ଦୂର କରିବାକୁ ଡାଏଟ୍ରେ କ'ଣ ଖାଇବା ଜରୁରି ଜାଣିରଖନ୍ତୁ।

ଡ୍ରାଏ ଫ୍ରୁଟ୍ସ: ଡ୍ରାଏ ଫ୍ରୁଟ୍ସରେ ବିଭିନ୍ନ ପ୍ରକାର ଭିଟାମିନ୍, ଫାଇବର, ଜିଙ୍କ୍, ଆଇରନ, କ୍ୟାଲସିୟମ, ପଟାସିୟମ୍, ପ୍ରୋଟିନ୍ ଆଦି ଭରପୂର ମାତ୍ରାର ରହିଥାଏ। ତେଣୁ ଡାଏଟ୍ରେ ଡ୍ରାଏଫ୍ରୁଟ୍ସ ସାମିଲ କରିବା ସହ ବାଦାମ, କିସ୍ମିସ୍, କାଜୁ ଏବଂ ଅଖରୋଟ୍ ଆଦି ଡ୍ରାଏ ଫ୍ରୁଟ୍ସ ସାମିଲ କରିପାରିବେ।

ସବୁଜ ପନିପରିବା: ଖଣିଜ ପୋଷକତତ୍ତ୍ୱରେ ଭର୍ପୂର ସବୁଜ ପନିପରିବା ଶରୀରକୁ ଫିଟ୍ ଓ ସତେଜରଖିବାରେ ପ୍ରମୁଖଭୂମିକା ଗ୍ରହଣ କରେ। ତେଣୁ ଶୀତଦିନିଆ ଭାଇରାଲ ଜ୍ୱର ହୋଇଥିଲେ, ଡାଏଟ୍ରେ ସବୁଜ ପନିପରିବା ତଥା ପାଳଙ୍ଗ, କୋବି, ମଟର, ବଥୁଆ ଶାଗ, ମେଥିଶାଗ, ଗାଜର ଜୁସ୍ ଆଦି ସାମିଲ କରିପାରିବେ।

ଅଦା, ତୁଳସୀ, ଗିଲୋୟ କାଢ଼ା: ସାଧାରଣତଃ ଅଦା, ତୁଳସୀ, ଗିଲୋୟ ଆଦି ଅନେକ ରୋଗରୁ ରକ୍ଷା କରିଥାଏ। ଏହାକୁ ରୋଗପ୍ରତିରୋଧକ ବୁଷ୍ଟ କୁହାଯାଏ। ତେଣୁ ଭାଇରାଲ ଜ୍ୱରକୁ ପ୍ରତିହତ କରିବା ପାଇଁ ନିୟମିତ ସକାଳୁ ତୁଳସୀ, ଗିଲୋୟ ଏବଂ ଅଦାର କାଢ଼ା ସେବନ କରିପାରିବେ। ମଧ୍ୟାହ୍ନରେ ଚିକେନ୍ ସିଝା କିମ୍ବା ସୁପ୍ ପିଇପାରିବେ।

ତଟକା ଫଳ: ଭାଇରାଲ ଜ୍ୱର, ଡେଙ୍ଗୁ, ମଲେରିଆ କିମ୍ବା ଥଣ୍ଡା ଜନିତ ସମସ୍ୟାରୁ ତୁରନ୍ତ ଆରୋଗ୍ୟ ପାଇଁ ଡାକ୍ତର ତଟକା ଫଳ ସେବନ କରିବାକୁ ପରାମର୍ଶ ଦିଅନ୍ତି। ତେଣୁ ନିଜର ଡାଏଟ୍ରେ ନିୟମିତ ସେଓ, ଡାଳିମ୍ବ, କମଳା ଆଦି ଖାଇପାରିବେ। ଏହାଦ୍ୱାରାଶାରୀରିକ ଦୁର୍ବଳତା ରୁହେ ନାହିଁ। ସେହିପରି ଓଟ୍ସ, ଖିଚିଡି, ଦହି, ମଲ୍ଟିଗ୍ରେନ ଦଲିଆ, ଗହମ ଦଲିଆ ସେବନ କରିପାରିବେ। ସ୍ୱାସ୍ଥ୍ୟ ପାଇଁ ବେଶ୍ ଭଲ। ଏହା ଶରୀରକୁ ଶକ୍ତ ବନାଏ।



# ଏହି ସବୁ ଖାଦ୍ୟ ପରେ ପାଣି ପିଇବା ଅନୁଚିତ

ସୁସ୍ଥ ଓ ନୀରୋଗ ରହିବା ପାଇଁ ସନ୍ତୁଳିତ ଓ ପୌଷ୍ଟିକ ଖାଦ୍ୟ ଗ୍ରହଣ ସହ ପାଣି ପିଇବାର ଗୁରୁତ୍ୱ ରହିଛି। ଏହା ଶରୀରକୁ ହାଇଡ୍ରେଟ୍ ରଖେ। ପାଣି ପିଇବାବେଳେ କ'ଣ ଖାଉଛନ୍ତି ଏବଂ କେତେ ପାଣି ପିଉଛନ୍ତି, ତାହା ମଧ୍ୟ ଗୁରୁତ୍ୱ ବହନ କରେ। କାରଣ ଏମିତିକି ଅନେକ ଖାଦ୍ୟ ପଦାର୍ଥ ରହିଛି, ଯାହାକୁ ଖାଇବା ପରେ ତୁରନ୍ତ ପାଣି ପିଇବା ଦ୍ୱାରା ଏହା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ। ଗ୍ୟାସ୍ ସମସ୍ୟା, ପେଟ ଫୁଲିବା, ହଜମ ନ ହେବା, କୋଷ୍ଠକାଠିନ୍ୟ ସମସ୍ୟା, ଆଦି ସୃଷ୍ଟି ହୋଇଥାଏ। ତେଣୁ କେଉଁ ଖାଦ୍ୟ ଗ୍ରହଣ ପରେଆଦୌ ପାଣି ପିଇବା ଉଚିତ ନୁହେଁ, ତାହାକୁ ଧ୍ୟାନ ଦିଅନ୍ତୁ। ଖାଦ୍ୟ ହଜମ ପାଇଁ ପେଟରେ ଏସିଡ୍ ଏବଂ ଅନ୍ୟ ପାଚକ ରସର ଆବଶ୍ୟକତା ହୋଇଥାଏ। ପାଣି ପିଇବା ଦ୍ୱାରା ଏହି ରସ ପତଳା ହୋଇଥାଏ, ତେଣୁ ଖାଇବାର ସାଙ୍ଗେ ସାଙ୍ଗେ ପାଣି ପିଇବା ଅନୁଚିତ। ଏମିତି କିଛି ଖାଦ୍ୟ ପଦାର୍ଥ ରହିଛି, ଯାହାକୁ ଖାଇ ହଠାତ୍ ପାଣି ପିଇବା ଦ୍ୱାରା ଗ୍ୟାସ୍, ଅମ୍ଳତା, ପେଟ ସମ୍ବନ୍ଧୀୟ ସମସ୍ୟା ଆଦି ସୃଷ୍ଟି ହୋଇଥାଏ। ଯେପରି କଦଳୀ ଖାଇବା ପରେ ଆଦୌ ପାଣି ପିଅନ୍ତୁ ନାହିଁ। ଏହାଦ୍ୱାରା ପେଟରେ ଗ୍ୟାସ୍ ଏବଂ ଅମ୍ଳତା ସମସ୍ୟା ସୃଷ୍ଟି ହୁଏ। ହଜମ ପ୍ରକ୍ରିୟା ମଧ୍ୟ ଶୀଘ୍ର କାର୍ଯ୍ୟକ୍ଷମ ହୋଇପାରେନାହିଁ। ଯେଉଁ ଫଳରେ ଅଧିକ ମାତ୍ରାର ସାଇଟ୍ରିକ୍ ଏସିଡ୍ ବା ଖଟା ଅଂଶ ରହିଛି ଯଥା- କମଳା, ଅଙ୍ଗୁର ଏବଂ ଲେମ୍ବୁ ଖାଇବା ପରେ ପାଣି ପିଇବା ଅନୁଚିତ। ନଚେତ୍ ଏହା ପେଟ ଫୁଲିବା ପରି ଲାଗିବା ସହ ଗ୍ୟାସ୍ ସମସ୍ୟା ଦେଖାଦିଏ। ସେହିପରି ଦୁଗ୍ଧଜାତ ଦ୍ରବ୍ୟ ଦହି ହଜମ ପାଇଁ ଅତ୍ୟନ୍ତ ଲାଭଦାୟକ। ଏଥିରେ ପ୍ରଚୁର ପରିମାଣରେ ପ୍ରୋବୋଟିକ୍ସ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ତେଣୁ ଦହି ଖାଇବା ପରେ କେବେ ବି ପାଣି ପିଅନ୍ତୁ ନାହିଁ। କେବଳ ସେତିକି ନୁହେଁ, ମସଲାଯୁକ୍ତ ଖାଦ୍ୟ ଖାଇବା ପରେ କିମ୍ବା ଖାଦ୍ୟ ଗ୍ରହଣର ଏକ ଘଣ୍ଟା ପରେ ପାଣି ପିଇବା ଅନୁଚିତ। ଏହାଦ୍ୱାରା ପେଟ ଜଳାପୋଡ଼ା ହୋଇଥାଏ।



### ଅବ୍ୟବସ୍ଥା ମଧ୍ୟରେ ଚାଲିଛି ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ

# ଛାତରେ ଜରି ପାଲ ଘୋଡ଼ାଇ ହେଉଛି ଚିକିତ୍ସା

- ସିଲିଂରୁ ଖସୁଛି ସିମେଣ୍ଟ କଂକ୍ରିଟ
- ଓଦାକାନ୍ଥରେ ବିଦ୍ୟୁତ ଚାର୍ଜ

**ଫୁଲବାଣୀ,୯।୮ (ସଂଚାର ବ୍ୟୁରୋ):** ସରକାରଙ୍କ ତରଫରୁ ବର୍ତ୍ତମାନ ଆୟୁର୍ବେଦିକ ଚିକିତ୍ସା କୁ ଗୁରୁତ୍ୱ ଦିଆ ଯାଉଥିବା ବେଳେ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ତାହା ବର୍ତ୍ତମାନ କୋମା ରେ ଥିବା ଭଳି ବହୁ ଅବ୍ୟବସ୍ଥା ଦେଇ ଗତି କରୁଛି। କେଉଁଠି ଭଙ୍ଗା ଘରେ ଆୟୁର୍ବେଦିକ ଚିକିତ୍ସା ଚାଲିଛି ତ କେଉଁଠି ଡାକ୍ତର ଥିଲେ ମଧ୍ୟ ଠିକ ଭାବରେ ଚିକିତ୍ସାଳୟ ଖୋଲୁ ନଥିବାରୁ ଆୟୁର୍ବେଦିକ ଚିକିତ୍ସା ବର୍ତ୍ତମାନ ଅବ୍ୟବସ୍ଥା ଦେଇ ଗତି କରୁଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛା ପଡ଼ା ଠାରେ ଥିବା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, (ଆୟୁଷ)ରେ ବର୍ତ୍ତମାନ ଜଣେ ଡାକ୍ତର ଙ୍କ ସହ ୩ ଜଣ କର୍ମଚାରୀ ଅଛନ୍ତି ପ୍ରତିଦିନ ଚିକିତ୍ସା ଯୋଗାଇବା ସହ ଲୋକଙ୍କ ଉପଯୁକ୍ତ ଚିକିତ୍ସା ମଧ୍ୟ ଦେଉଛନ୍ତି। ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରେ ଡାକ୍ତର ସୁପ୍ରଭା ନାୟକ ଅଛନ୍ତି ଉପଯୁକ୍ତ ଚିକିତ୍ସା ମଧ୍ୟ ଦିଆ ଯାଉଛି କିନ୍ତୁ ଦୀର୍ଘ ବର୍ଷର ବିପଦ ସଂକୁଳ କୋଠା ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ବର୍ଷାରେ ଛାତରୁ ପାଣି ଗଳୁଛି। ଛାତ ମଧ୍ୟ ଦବି ଯାଇଥିବା ବେଳେ ଛାତ ସିଲିଂରୁ ଖଣ୍ଡ ଖଣ୍ଡ ହୋଇ କଂକ୍ରିଟ ଖଣ୍ଡ ପଡୁଥିବା ବେଳେ ଭିତରେ ଥିବା ବିଭିନ୍ନ କାଗଜ ପତ୍ର ସହ ବହୁ ଜିନିଷ ନଷ୍ଟ ହେଉଛି ଏମିତି କି କଂକ୍ରିଟ ଖଣ୍ଡ ପଡ଼ି କାହାର



ଜୀବନ ଚାଲିଯିବ ତାହା ମଧ୍ୟ କହିହେବ ନାହିଁ। ଛାତର ପୁରୁଣା ରଡ଼ ମଧ୍ୟ ତଳକୁ ଝୁଲି ରହିଛି। ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରେ ସଂଯୋଗ ହୋଇଥିବା ବିଦ୍ୟୁତ ଅଧିକାଂଶ ସମୟ କାନ୍ଥ ସାରା ଚାର୍ଜ ହୋଇ ରହୁଥିବା ବେଳେ କର୍ମଚାରୀ ଙ୍କ ସହ ରୋଗୀ ମାନଙ୍କ ଜୀବନ କେତେବେଳେ ହାନି ଘଟିବ ତାହା ମଧ୍ୟ କହିହେବ ନାହିଁ ବୋଲି କହିଛନ୍ତି ଚିକିତ୍ସା ପାଇଁ ଆସିଥିବା କିଛି ରୋଗୀଙ୍କ ସମ୍ପର୍କୀୟ। ତୁରନ୍ତ ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ରେ ନୂତନ କୋଠା ନିର୍ମାଣ କରାନଗଲେ ଆଗାମୀ ଦିନରେ ଆୟୁର୍ବେଦିକ ଚିକିତ୍ସା ଉପରେ ରୋଗୀ ଏବଂ ଜନସାଧାରଣ ଙ୍କ ଆସ୍ଥା ଓ ବିଶ୍ୱାସ ତୁଟି ଯିବା ସହ ଲୋକଙ୍କ ଆୟୁର୍ବେଦିକ ଚିକିତ୍ସା ସ୍ୱପ୍ନ ହୋଇ ରହିବ ବୋଲି କହିଛନ୍ତି ଅଞ୍ଚଳ ର ବରିଷ୍ଠ ଓ ବୁଦ୍ଧିଜୀବୀ। ଅନ୍ୟପଟେ ତୁରନ୍ତ ଏହି ଆୟୁର୍ବେଦିକ ଚିକିତ୍ସା କେନ୍ଦ୍ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ର ନୂତନ କୋଠା ନିର୍ମାଣ ପାଇଁ ଅଞ୍ଚଳ ବାସୀଙ୍କ ତରଫରୁ ଦାବୀ ହେଉଛି ।

## ଜିଲ୍ଲା କିଶାନ ସମାଜ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ



**ସୁନ୍ଦରଗଡ଼,୯।୮ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା କୁଣ୍ଡାଁ କିଶାନ ସମାଜ ପକ୍ଷରୁ ୯ ଅଗଷ୍ଟ ବିଶ୍ୱ ଆଦିବାସୀ ଦିବସ ମହାସମାରୋହ ରେ ପାଳିତ ହୋଇଯାଇଛି।ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ତୁମୁଲିଆ ସ୍ଥିତ କିଶାନ ଜନଜାତି ସାଂସ୍କୃତିକ ଗୋଷ୍ଠୀ କେନ୍ଦ୍ରଠାରେ ଜିଲ୍ଲା କିଶାନ ସମାଜର ସଭାପତି ବେଦେନ୍ଦ୍ର ପ୍ରଧାନ ମାଝୀ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଆଦିବାସୀ ମିଳିତ ମଞ୍ଚର ସଭାପତି ତଥା ଅବସରପ୍ରାପ୍ତ ପୋଲିସ ଡିଏସପି ଦାମୋଦର ମାଝୀ, ବରିଷ୍ଠ ପ୍ରଶାସନିକ ଅଧିକାରୀ ରାମେଶ୍ୱର ଟପ୍ପୋ, ବିଶିଷ୍ଟ ଶିକ୍ଷାବିତ ଧନେଶ୍ୱର ନାଏକ, ଅବସରପ୍ରାପ୍ତ ରେଞ୍ଜ ଅଫିସର ଫାଗୁନସ କୁଜୁର, ପିଏସ କଲେଜର କିରାଣୀ ସୁର୍ଜନ କିଶାନ, କିଶାନ ସମାଜର ବରୋଯେଷ୍ଠ ଧନେଶ୍ୱର କିଶାନ, ଦିନୁ କିଶାନ, ଦୟାନନ୍ଦ କଣ୍ଡୁ, ଜନୁ ମାଝୀ, ଗୋବର୍ଦ୍ଧନ ମାଝୀ, ଚାମରା ମାଝୀ, ଅଶୋକ ମିଞ୍ଜ, ବିନୋଦ ଟପ୍ପୋଙ୍କ ସମେତ ଅନେକ ବ୍ୟକ୍ତି ବିଶେଷ ଯୋଗଦେଇ ଆଦିବାସୀ ଦିବସ ପାଳନର ମହତ ଉଦ୍ଦେଶ୍ୟ ସହିତ ସାମ୍ବିଧାନିକ ଅଧିକାର ସମ୍ପର୍କରେ ସଚେତନ ହେବାକୁ ଉଦବୋଧନ ଦେଇଥିଲେ। ସମାବେଶରେ ଜଳ, ଜଙ୍ଗଲ ଓ ଜମିନ ପାଇଁ ଆଦିବାସୀ ଙ୍କ ଲଢେଇ ସର୍ବଦା ଜାରି ରହିବ ସହିତ ଭାଷା ସଂସ୍କୃତି, ପରମ୍ପରାର ସୁରକ୍ଷା ପାଇଁ ଉଦ୍ୟମ ଜାରି ରହିବ ବୋଲି ବକ୍ତା ମାନେ ମତ ପ୍ରକାଶ କରିଥିଲେ। ସମାବେଶରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଆଇଆଡିବି ଜଗନ୍ନାଥ ପ୍ରକାଶ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବୃକ୍ଷ ରୋପଣ କରାଯିବା ସହ ଆଦିବାସୀ ନୃତ୍ୟ ଗୀତ ପରିବେଶଣ କରାଯାଇଥିଲା।

- ସୁରକ୍ଷା ପାଇଁ ଏ ରକ୍ଷା ବନ୍ଧନ

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ପାଳିତ ହେଲା ରକ୍ଷାବନ୍ଧନ ଓ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ

**ବୈଶିଙ୍ଗା,୯।୮ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ରକ୍ଷାବନ୍ଧନ ଓ ପରିବେଶ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ନିକଟସ୍ଥ ଶାଳ ଜଙ୍ଗଲ ରେ ଶତାଧିକ ବୃକ୍ଷ ରେ ରାକ୍ଷୀ ବାନ୍ଧି ସମାଜକୁ ପରିବେଶ ସୁରକ୍ଷା ର ବାର୍ତ୍ତା ଦେଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ତଥା ଛାତ୍ର ଛାତ୍ରୀ ମାନେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ରେ ସାମିଲ ହୋଇ ଭାଇ ଭଉଣୀ ଙ୍କ ପବିତ୍ର ସଂପର୍କ ର ଡୋର ସମ୍ବନ୍ଧରେ ଏକ ଆଲୋଚନା କରାଇଲେ। ତତ୍ ସହିତ ସହିତ ପ୍ରଭୁ ଶ୍ରୀ ବଳଭଦ୍ର ଙ୍କ ଜନ୍ମ ବୃତ୍ତାନ୍ତ ଉପସ୍ଥିତ ଶିକ୍ଷକ ମାନେ ଛାତ୍ର ଛାତ୍ରୀ ମାନଙ୍କୁ ଶୁଣାଇ ଥିଲେ। ଶିକ୍ଷକ ଶ୍ରୀ ହରେକୃଷ୍ଣ ମହାନ୍ତ ଓ ଶୁଭେନ୍ଦୁ ନାୟକ ଙ୍କ କଳିଷ୍ଠ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ର ମାନଙ୍କୁ ରକ୍ଷା ବନ୍ଧନ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇ ଥିଲା। ଦଶମ ଶ୍ରେଣୀ ଛାତ୍ରୀ ପ୍ରୀତି ପ୍ରତୀକ୍ଷା ବାରିକ୍ ଓ କୃଷ୍ଣା ରାଣୀ ଜେନା ଜଙ୍ଗଲ ତଥା ରାସ୍ତା ପାର୍ଶ୍ୱସ୍ଥ ଗଛରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ର ନେତୃତ୍ୱ ନେଇଥିବା ବେଳେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ର ନେତୃତ୍ୱ ନେଇଥିଲେ ଇକୋ କ୍ଲବ୍ ଛାତ୍ର ଶ୍ରୀମାନ ଶୁଭଙ୍କର ବେହେରା।

## ଶିଶୁ ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ

**କଳିଙ୍ଗନଗର,୯।୮ (ସଂଚାର ବ୍ୟୁରୋ):** ପବିତ୍ର ରକ୍ଷା ବନ୍ଧନ ଉତ୍ସବ ଆନନ୍ଦ ଉଲ୍ଲାସର ସହ ଯାଜପୁରଜିଲ୍ଲା ସରସ୍ୱତୀ ଶିଶୁ ମନ୍ଦିର ସୋଲେଇ ରେ ପାଳିତ ହୋଇଯାଇଛି, ଏହି ଅବସରରେ ମାତୃ ଭାରତୀ ସଂଯୋଜିକା ଗୀତାଞ୍ଜଳି ସାମନ୍ତରାୟ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଆରମ୍ଭ କରାଯାଇଥିଲା, ସମସ୍ତ ଙ୍କୁ ଏକ ଭାଇଚାରା ରେ ସ୍ନେହ, ମମତା ଡୋରୀ ରେ ବାନ୍ଧି ରଖିବା ପାଇଁ ସାମୁହିକ ଭାଇଚାରା ର ସଂଗୀତ ଗାନ କରାଯାଇଥିଲା, ପ୍ରଧାନ ଆଚାର୍ଯ୍ୟ ସୁବାଷ ଚନ୍ଦ୍ର ଦେଓ ଅତିଥି ପରିଚୟ ପ୍ରଦାନ କରିବା ସହ ଆଜିର ଦିବସ ର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ, ଅନ୍ୟମାନଙ୍କ ମଧ୍ୟ ରେ ସମ୍ପାଦକ ମନମୋହନ ଆଏଚ, ସଭାପତି ସୁବାଷ ଚନ୍ଦ୍ର ବଳ ସାମନ୍ତ, ଯୁଗ୍ମ ସମ୍ପାଦକ ଅରୁଣ କୁମାର ମହାରଣା, ସହ ସଭାପତି ମହେଶ୍ୱର ଦାସ ପ୍ରମୁଖ ଶିଶୁ ମାନଙ୍କୁ ଆଜିର ଦିବସ ର ଗାରିମା ବିଷୟରେ ଅବଗତ କରାଇ ଥିଲେ, ଶିଶୁ ମାନଙ୍କୁଚାରୋଟି ଝାଙ୍କି କରାଯାଇ ଦାନଗଦି ବଜାର, ଫାଣ୍ଡି, ଦମକଳ କେନ୍ଦ୍ର, ମେଡିକାଲ, ତହସିଲ ଅଫିସ କୁ ବୁଲି ବୁଲି ସମସ୍ତ ଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ, ବରିଷ୍ଠ ଆଚାର୍ଯ୍ୟା ମନୋରମା ସାହୁ ସମସ୍ତ ଅତିଥି, ଶିଶୁ ମାନଙ୍କୁ ମିଷ୍ଟାନ ଖୁଆଇ ଥିଲେ, ସମସ୍ତ ଗୁରୁମା ଗୁରୁଜୀ ଙ୍କ ସହଯୋଗ ରେ କାର୍ଯ୍ୟକ୍ରମ ଟି ସରସ ସୁନ୍ଦର ହୋଇପାରିଥିଲା।

## ବର କୁଟି ବନ୍ଧରେ ବୁଡ଼ି ଜଣେ ମୃତ

**ଫୁଲବାଣୀ,୯।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅଞ୍ଚଳରେ ଜଣେ ବନ୍ଧରେ ବୁଡି ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଟିଟ୍ରାପଙ୍ଗା ପଞ୍ଚାୟତ ଅଧିନସ୍ତ ଗଣ୍ଡା କାଠି ଗାଁର ମନୋହର ବେହେରା (୫୩) ଗାଧୋଇବା ପାଇଁ ଗାଁ ନିକଟସ୍ତ ବର କୁଟି ବନ୍ଧକୁ ଯାଇଥିଲା।ସେଠାରେ ଗାଧୋଇବା ବେଳେ ଅସାବଧାନତା ବଶତଃ ଗୋଡ ଖସି ଯିବାରୁ ପାଣିରେ ବୁଡି ଯାଇଥିଲା। ଖବର ପାଇ ପରିବାର ବର୍ଗ ଉଦ୍ଧାର କରି ଚିକିତ୍ସା ପାଇଁ ସରପଞ୍ଚ ସଞ୍ଜୀବ ଲୋଚନ ପ୍ରଧାନଙ୍କ ସହଯୋଗରେ ଫୁଲବାଣୀ ମେଡିକାଲ ନେଇଥିଲେ। ସେଠାରେ ମନୋହର ବେହେରା ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ୧୧/୨୫ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି ବୋଲି ତଦନ୍ତ କାରୀ ଏ.ଏସ.ଆଇ ପୂର୍ଣ୍ଣବସି ରାଉତ ସୂଚନା ଦେଇଛନ୍ତି।

## ଯୁବ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳନ ଓ ଫଳ ବଣ୍ଟନ



**ଜଗତସିଂହପୁର,୯।୮ (ସଂଚାର ବ୍ୟୁର):** ଆଜି ଜଗତସିଂହପୁର ଅଖିଳ ଭାରତ ଯୁବ କଂଗ୍ରେସ ପ୍ରତିଷ୍ଠା ଦିବସ ଓ ଅଗଷ୍ଟ କ୍ରାନ୍ତି ଦିବସ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଯୋଗଦେଇ ଅଗଷ୍ଟ କ୍ରାନ୍ତି ଦିବସର ମହତ୍ତ୍ୱ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଅବଦାନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଳିଆ ସଂଘ ଜିଲ୍ଲା ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ ଖାଁ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ ନେତା ହିଫଜୁଲ୍ ରହେମାନ, ସଙ୍କରେଶ୍ୱର ଦାସ, ଉମେଶ ସ୍ୱାଇଁ, ସୁକାନ୍ତ ମହାପାତ୍ର, ସୁବ୍ରତ କୁମାର ପଣ୍ଡା, ବିଶ୍ୱଜିତ ଦାସ, ରାଜେନ୍ଦ୍ର ସ୍ୱାଇଁ, ଈଶ୍ୱର ଚନ୍ଦ୍ର ସ୍ୱାଇଁ, ଭାଗବତ ପ୍ରସାଦ ସାମଲ, ଶୁଶାନ୍ତ କୁମାର ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

## ରାସ୍ତାରୁ ଦୁଇ ଭାଇଙ୍କ ଠାରୁ ଲକ୍ଷାଧିକ ଟଙ୍କା ଓ ମୋବାଇଲ ଲୁଟିନେଲେ

**ବୈଶିଙ୍ଗା,୯।୮ (ସଂଚାର ବ୍ୟୁର):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ରୁପସା ମୂଖ୍ୟ ରାସ୍ତାର ବଙ୍ଗାଳିଡାହି ଛକ ନିକଟରେ ଗୁରୁବାର ରାତିରେ ଦୁଇ ଭାଇଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ ହୋଇଯାଇଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଯେ ଏହି ଥାନା ଅର୍ନ୍ତଗତ ବାଛୁରୀପଡା ଗ୍ରାମର ଦୁଇ ଭାଇ ପ୍ରଦୀପ ସାହୁ ଓ ଦିଲିପ ସାହୁ ବାଲେଶ୍ୱର ଜିଲ୍ଲାର ରୁପସା ବଜାର ଅଞ୍ଚଳରେ ଏକ ଗ୍ରୋସରୀ ଦୋକାନ କରିଛନ୍ତି। ସବୁଦିନ ସକାଳେ ଯାଆନ୍ତି ଓ ରାତିରେ ଦୋକାନ ବନ୍ଦ କରି ଘରକୁ ଫେରି ଥାଆନ୍ତି। ତେବେ ଗୁରୁବାର ରାତି ୧୦.୩୦ ମିନିଟ ସମୟରେ ଦୁଇ ଭାଇ ଏକ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବଙ୍ଗାଳିଡାହି ଛକଠାରୁ ଅଳ୍ପ ଦୂରରେ ପୂର୍ବରୁ ଛକି ରହିଥିବା ଦୁଇଟି ବାଇକରେ ଛଅ ଜଣ ଦୁର୍ବୃତ୍ତ ହଠାତ ତାଙ୍କୁ ଅଟକାଇ ଲୁହାରଡ୍ ରେ ଆକ୍ରମଣ କରିଥିଲେ। ତାଙ୍କ ପାଖରେ ଥିବା ୧ ଲକ୍ଷ ୧୦ ହଜାର ଟଙ୍କା, ମୋବାଇଲ ଓ ବାଇକ ଚାବି ଛଡ଼ାଇ ନେଇ ପଳାଇଯାଇଥିଲେ। ତେବେ ବହୁ କଷ୍ଟରେ ଚାଲିଚାଲି ବୈଶିଙ୍ଗା ଥାନାରେ ପହଞ୍ଚି ରାତି ଗୋଟାଏ ସମୟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ପୋଲିସ ପକ୍ଷରୁ ୩୯୮ ନଂ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ଏବଂ ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ଦିନ ଦ୍ୱିପ୍ରହରରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ବୈଶିଙ୍ଗା,୯।୮ (ସଂଚାର ବ୍ୟୁର):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଅଁଳା ପଞ୍ଚାୟତର ସାରଦା ଗ୍ରାମରେ ଦିନ ଦ୍ୱିପହରରେ ଘରେ କେହି ନଥିବା ସୁଯୋଗରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ମିଳିଥିବା ସୂଚନା ମୁତାବକ ଲକ୍ଷ୍ମଣ ମହାନ୍ତ ବାରିପଦା ପ୍ରିନ୍ସ କଲେଜରେ ଚାକିରୀ କରୁଥିବା ଯୋଗୁଁ ସେ ସବୁଦିନ ସକାଳେ ବାହାରି ଯାଇ ସନ୍ଧ୍ୟାରେ ଘରକୁ ଫେରନ୍ତି। ତେବେ ଗୁରୁବାର ଦିନ ଏଗାରଟା ସମୟରେ ତାଙ୍କ ସ୍ତ୍ରୀ ଗାଁ ଭିତରକୁ ଯାଇଥିବା ସୁଯୋଗରେ କୌଣସି ଦୁର୍ବୃତ୍ତ ଘରେ ପଶି କାନଫୁଲ, ମଙ୍ଗଳସୂତ୍ର ଓ ଅନ୍ୟାନ୍ୟ ଗହଣାଗାଣ୍ଠି ସହ ଘରେ ଥିବା ୧୨ ହଜାର ଟଙ୍କା ମଧ୍ୟ ନେଇଯାଇଥିବା ନେଇ ସ୍ୱାମୀଙ୍କୁ ଫୋନ୍ କରି ଜଣାଇଥିଲେ। ଲକ୍ଷ୍ମଣଙ୍କ ଅଭିଯୋଗ ନେଇ ପୋଲିସ ପକ୍ଷରୁ ୩୯୯ ନଂ ରେ ଏକ ମାମଲା ରୁଜୁ କରାଯାଇ ଏସ ଆଇ ବୋଇତ ବେହେରା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ଲକ୍ଷ୍ମୀ ବସ ରହଣି ଦାବିରେ ଫିରିଙ୍ଗିଆ ବିଡିଓଙ୍କୁ ଦାବିପତ୍ର

**ଫୁଲବାଣୀ,୯।୮ (ସଂଚାର ବ୍ୟୁର):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଜାଜେସ ପଙ୍ଗା ପଞ୍ଚାୟତ ଲଦଡ଼ି ଛକ ରେ ସରକାରଙ୍କ ଦ୍ୱାରା ଚାଲିଥିବା ଲକ୍ଷ୍ମୀ ବସ ରହଣି ଦାବିରେ ସକାଳୁ ଲଦଡ଼ି ଅଞ୍ଚଳ ର ମହିଳା ମାନେ ରାସ୍ତା ଅବରୋଧ କରି ବସ କୁ ଅଟକାଇଥିବା ବେଳେ ଅପରାହ୍ନ ରେ ଫିରିଙ୍ଗିଆ ବ୍ଲକ ଗୋଷ୍ଠୀ ଉର୍ନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ଙ୍କ ଅନୁପସ୍ଥିତ ରେ କାର୍ଯ୍ୟାଳୟ ରେ ବସ ରହଣି ପାଇଁ ଲିଖିତ ଦାବି ପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ଲଦଡ଼ି ଛକ ରେ ୨ ଟି ୱାର୍ଡ ର ଅଞ୍ଚଳ ବାସୀ ବିଭିନ୍ନ ସ୍ଥାନକୁ ଯିବା ପାଇଁ ବସ ରେ ଯାତାୟତ କରିଥାନ୍ତି। ସମସ୍ତ ବେସରକାରୀ ବସ ଏହି ଛକ ରେ ରହୁଥିବା ବେଳେ



ସରକାରଙ୍କ ଦ୍ୱାରା ଚାଲିଥିବା ସରକାରୀ ବସ ଲକ୍ଷ୍ମୀ ବସ ଏହି ଲଦାଡ଼ି ଛକରେ ରହୁନଥିବାରୁ ଅଞ୍ଚଳ ବାସୀ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଏହି ବସ ରେ ଯିବାକୁ ହେଲେ ଦୁରକୁ ଜାଜେସ ପଙ୍ଗା କିମ୍ବା ଅନ୍ୟ ଷ୍ଟପେଜ କୁ ଯିବାକୁ ପଡୁଛି ଯାହା ଦ୍ୱାରା ଅଞ୍ଚଳ ବାସୀ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇଁ ଅଞ୍ଚଳ ରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଆଜି ସକାଳୁ ଲଦଡ଼ି ଛକରେ ଅଞ୍ଚଳ ର ୨ଟି ୱାର୍ଡ ର ଶତାଧିକ ମହିଳା ବସ ରହଣି ଦାବିରେ ଲକ୍ଷ୍ମୀ ବସ କୁ ଦୀର୍ଘ ସମୟ ଧରି ଅଟକାଇଥିବା ବେଳେ ଏହି ଲକ୍ଷ୍ମୀ ବସ ର କର୍ମଚାରୀ ବୁଝା ସୁଝା ପରେ ବସ କୁ ଛାଡ଼ିଥିଲେ। ପରେ ଅଞ୍ଚଳ ର ମହିଳା ମାନେ ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ କୁ ଆସି ଲଦଡ଼ି ଛକ ରେ ବସ ରହିବା ଦାବିରେ ଫିରିଙ୍ଗିଆ ବିଡ଼ିଓ କାର୍ଯ୍ୟାଳୟ ରେ ଏକ ଲିଖିତ ଦାବି ପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ପ୍ରଶାସନ ଏହି ଲଦଡ଼ି ଛକ ରେ ଲକ୍ଷ୍ମୀ ବସ ରହଣି ବ୍ୟବସ୍ଥା କରିବା ପାଇଁ ସହଯୋଗ କରିବା ପାଇଁ ଦାବି ଜଣାଇଥିବା ବେଳେ ବସ ରହଣି ବ୍ୟବସ୍ଥା ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳ ର ମହିଳା ମାନେ କହିଛନ୍ତି ।

## ଜୟଦେବ ବିକାଶ ମଞ୍ଚ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ

**ବାଲିପାଟଣା,୯।୮ (ସଂଚାର ବ୍ୟୁରୋ):** ଆଜି ପବିତ୍ର ରାଖୀ ପୂର୍ଣ୍ଣମୀ ଅବସରରେ ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ଓ ଜୟଦେବ ବିକାଶ ମଞ୍ଚ ଏବଂ ସମ୍ବାଦ ଆମ ଓଡିଶା ମିଳିତ ଆନୁକୂଲ୍ୟରେ ରକ୍ଷା ବନ୍ଧନ ଉତ୍ସବ ଓ ନିଶା ନିବାରଣ କାର୍ଯ୍ୟକ୍ରମ ପାଳନ ହୋଇ ଯାଇଛି। ବାଲିପାଟଣା ସ୍ଥିତ ମା' ଗିରିଙ୍ଗେଶ୍ୱରୀଙ୍କ ମନ୍ଦିର ନିକଟରେ ରକ୍ଷା ବନ୍ଧନ ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମ ରେ ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ତଥା ଫିଲ୍ମ ପ୍ରଯୋଜକ ସତ୍ୟପ୍ରିୟ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ। ସମାଜ ରୁ ମହିଳା ଙ୍କ ସୁରକ୍ଷା ଓ ନିଶା ନିବାରଣ ପାଇଁ ଶପଥ ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ବିକାଶ ମଞ୍ଚ ଉପ ସଭାପତି ତଥା ସମ୍ବାଦ ପ୍ରତିନିଧି ବସନ୍ତ କୁମାର ଦାଶ, ସମ୍ପାଦକ ଅକ୍ଷୟ କୁମାର ସାହୁ, ଉପଦେଷ୍ଟା ପୁଷ୍ପଲତା ବେହେରା, ବିଜୟ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ତ୍ରିପାଠୀ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ରଶ୍ମି ରଞ୍ଜନ ସାହୁ, ପୁର୍ଣ ଚନ୍ଦ୍ର ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନ ଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ମୁଖି, ଶ୍ରୀଧର ସାହୁ, ରାଜା ପ୍ରଧାନ, ଚିନୁ ଦାସ, ସବିତା ରାଉତରାୟ, ମଉନା ଜେନା, ସବିତା ଜେନା, ପୁଷ୍ପଲତା ଭୋଇ, ମିନୁ ମଲ୍ଲିକ, ସୁକାନ୍ତି ଭୋଇ, ସତ୍ୟଭାମା ମଲ୍ଲିକ, ବିନୋଦିନି ମଲ୍ଲିକ, ଜାନକୀ ଜେନା, ବିଶ୍ୱଜିତ ମହାରଣା ଏବଂ ଅନ୍ୟମାନେ ଯୋଗ ଦେଇଥିଲେ। ଅକ୍ଷୟ କୁମାର ସାହୁ ସଭା ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ବାଲିପାଟଣା ଓ ବାଲିଅନ୍ତା ବ୍ଲକର ଭାଇ, ଭଉଣୀ ଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଗଣ ମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

## ଯବାନଙ୍କୁ ସୁତାଖିଅରେ ସମ୍ପର୍କ ବାନ୍ଧିଲେ ବିଜେପି ନାରୀନେତ୍ରୀ



**ଭବାନୀପାଟଣା,୯।୮ (ସଂଚାର ବ୍ୟୁର):** ଆଜି ରାକ୍ଷୀପୂର୍ଣ୍ଣିମା ଭାଇ ହାତରେ ସେନେହ, ସରାଗ, ସମ୍ପର୍କ ର ସୁତାଖିଅ ରେ ଭଉଣୀ ର ଭଲ ପାଇବା ଯୁଗ ଯୁଗ ଧରି ଏହି ପରମ୍ପରା ଚାଲି ଆସିଛି। ରାକ୍ଷୀ ପୂର୍ଣ୍ଣିମା ପାଇଁ ଶନିବାର ସହର ଠାରୁ ପୁରପଲ୍ଲୀରେ ଉତ୍ସବ ର ମାହୋଲ ଦେଖିବାକୁ ମିଳିଛି। ତେବେ ଦେଶସେବା ପାଇଁ ସମର୍ପିତ ଯବାନ ଓ ପୋଲିସ କର୍ମଚାରୀ ଆଜି ର ଦିନ ରେ ନିଜ କର୍ମଭୂମି କୁ ଛାଡି ରାକ୍ଷୀ ବାନ୍ଧିବା ପାଇଁ ନିଜ ଭଉଣୀ ପାଖକୁ ଯାଇ ପାରୁନଥିବା ବେଳେ ଏହି ଯବାନ ଓ ପୋଲିସ କର୍ମଚାରୀ ଙ୍କୁ ମନ ରେ ଅବଶୋଷ ନହେବା ପାଇଁ ଭାରତୀୟ ଜନତା ପାର୍ଟି ର ମହିଳା ନେତ୍ରୀ ମାନେ ରାକ୍ଷୀ ବାନ୍ଧି ସେମାନଙ୍କ ଶୁଭ ମନାସିଛନ୍ତି। କୋକସରା ବ୍ଲକ ଆମପାଣି ବିଜେପି ମଣ୍ଡଳ ମହିଳା ମୋର୍ଚ୍ଚା ପକ୍ଷରୁ ଉପ ସଭାପତି ଧରିତ୍ରି ବାଗ, ମହିଳା ମୋର୍ଚ୍ଚା ପ୍ରାଞ୍ଜଳି ପ୍ରଧାନ, ନାରୀନେତ୍ରୀ ସବିତା ମାଝୀ, ତ୍ରିପୁରା ଶୁନାନୀ, ଭୂମିଶୁତା ମାଝୀ, ଗୀତାଞ୍ଜଳି ଭରତିଆ ପ୍ରମୁଖ ଆମପାଣି ଥାନା ରେ କାର୍ଯ୍ୟରତ ଯବାନ ଓ ପୋଲିସ କର୍ମଚାରୀ ଙ୍କୁ ଆଜି ମହିଳା ନେତ୍ରୀ ମାନେ ପହଞ୍ଚି ରାକ୍ଷୀ ବାନ୍ଧି, ମିଠା ଖୁଆଇଛନ୍ତି। ନିଜ ଭଉଣୀ ଓ ଘର ଠାରୁ ଦୂରରେ ଥିବା ଯବାନ ଓ ପୋଲିସ କର୍ମଚାରୀ ମାନେ ନିଜ ହାତରେ ସମ୍ପର୍କ ର ଡୋରି ଟିଏ ପାଇ ଖୁସି ଅନୁଭବ କରିବା ସହ ଭଉଣୀ ମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ବିଜେପି ମଣ୍ଡଳ ସଭାପତି ମଧୁବନ ପାତ୍ର, ସମ୍ପାଦକ ତୁଳାରାମ ନାଏକ, ଦ୍ରୋଣାଚାର୍ଯ୍ୟ ପୁଝାରି, ଜିଲ୍ଲା ପ୍ରତିନିଧି ଅର୍ଜୁନ ଭାଟି, ଯୁବ ମୋର୍ଚ୍ଚା ସଭାପତି ତ୍ରିଲୋକ୍ୟ ବେଶ୍ରା, ବରିଷ୍ଠ ବିଜେପି ନେତା ଭ ନାଏକ ପ୍ରମୁଖ ଉପସ୍ଥିତ ରହି ଦେଶସେବା ପାଇଁ ସମର୍ପିତ ଯବାନ ଓ ପୋଲିସ କର୍ମଚାରୀ ଙ୍କୁ ଶୁଭ କାମନା ଜଣାଇଥିଲେ।

## ଡିଏଭି ପୋଖରୀପୁଟରେ ସ୍ୱଭାବ କବିଙ୍କ ଜୟନ୍ତୀ ପାଳିତ

**ଭୁବନେଶ୍ୱର,୯।୮ (ସଂଚାର ବ୍ୟୁର):** ଡିଏଭି ପୋଖରୀପୁଟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଡିଏଭି ଶିକ୍ଷାନୁଷ୍ଠାନ ଏଫ୍.ଜୋନ୍‌ର ସହ ଆଞ୍ଚଳିକ ଅଧିକାରୀ ତଥା ଡିଏଭି ପୋଖରୀପୁଟବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶାନୁସାରେ କାର୍ଯ୍ୟକ୍ରମେ ପରିଚାଳିତ ହୋଇଥିଲା। ଏହି ଅବସରରେ ଓଡ଼ିଆ ବିଭାଗର ବିଭାଗୀୟମୁଖ୍ୟ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ



କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ଉପସ୍ଥିତ ବିଦ୍ୟାର୍ଥୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱଭାବକବିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ନିମନ୍ତେ ଶପଥ ପାଠ କରାଇ ଥିଲେ। ଓଡ଼ିଆ ବିଭାଗର ଶିକ୍ଷକ-ଶିକ୍ଷୟିତ୍ରୀ ଓ ବିଦ୍ୟାର୍ଥୀମାନେ ମେହେରଙ୍କ ଚରଣାରବିନ୍ଦରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଭକ୍ତି ସୁମନ ଅର୍ପଣ କରିଥିଲେ। ଓଡ଼ିଆ ବିଭାଗର ବରିଷ୍ଠ ଶିକ୍ଷକନରୋତ୍ତମ ଷଡ଼ଙ୍ଗୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଓଡ଼ିଆ ଶିକ୍ଷକ କେଶବ ଚନ୍ଦ୍ର ପ୍ରଧାନଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ଶିକ୍ଷୟିତ୍ରୀ କ୍ଷଣପ୍ରଭା ନନ୍ଦ, ସୁଜାତା ମହାନ୍ତି ଆଦି ସକ୍ରିୟ ସହଯୋଗ କରିଥିଲେ। ବିଭାଗୀୟ ମୁଖ୍ୟ ଶୁଭ୍ରାଂଶୁ ମୋହନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ସୁପରାମର୍ଶକ୍ରମେ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରାଯାଇଥିଲା।

## ଶାଳଗାଁ ଉଚ୍ଚ ବିଦ୍ୟାଳୟରେ ରକ୍ଷା ବନ୍ଧନ ପାଳିତ

**ବୈଶିଙ୍ଗା,୯।୮ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଶାଳଗାଁ ଉଚ୍ଚ ବିଦ୍ୟାଳୟର ଇକୋକ୍ଲବ ତରଫରୁ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଅଛି। ଇକୋକ୍ଲବ ର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ରକ୍ଷା ବନ୍ଧନ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ତୋଷ କୁମାର ବେହେରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଧକ୍ଷତା କରିଥିଲେ। ଭାସ୍କର ଚନ୍ଦ୍ର ଦୁର୍ଗା, ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପାଟୋଳିପୁରା ର ମୁଖ୍ୟ ପୁରୋଧା, ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ, ବିଶ୍ୱମ୍ଭର ବେହେରା ପଞ୍ଚାୟତ ସମିତି ସଭ୍ୟ ଯୋଗଦେଇଥିଲେ। ଭଉଣୀ ଯେପରି ଭାଇ ହାତରେ ରାକ୍ଷୀ ବାନ୍ଧି ଭାଇ ର ଶୁଭ କାମନା କରେ ସେହିଭଳି ଛାତ୍ର ଛାତ୍ରୀ ମାନେ ବୃକ୍ଷ କୁ ଭାଇ ବୋଲି ସମ୍ବୋଧନ କରି ବୃକ୍ଷ କୁ ପୂଜା କରି ରାକ୍ଷୀ ବାନ୍ଧିଥିଲେ। ପରିବେଶ ର ସୁରକ୍ଷା ନିମନ୍ତେ ପ୍ରଧାନ ମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ବୃକ୍ଷ କୁ ମା ଭାବି ଛାତ୍ର ଛାତ୍ରୀ ମାନେ ନିଜ ପରିବାରର ଜନ୍ମ, ବିଭାଘର, ମୃତ୍ୟୁ ଓ ଅନାନ୍ୟ କାର୍ଯ୍ୟ ପାଇଁ ଗୋଟିଏ ଗୋଟିଏ ଗଛ ଲଗାଇବା ସହିତ ଭବିଷ୍ୟତରେ ପରିବେଶର ଭାରସ୍ୟାମ ରକ୍ଷା ହୋଇପାରିବ ବୋଲି ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ। ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପାଟୋଳିପୁରା ର ବ୍ରହ୍ମ କୁମାର ଓ ବ୍ରହ୍ମ କୁମାରୀ ମାନେ ଅନ୍ତେବାସୀ ଓ ଛାତ୍ର ଛାତ୍ରୀ ମାନଙ୍କୁ ରାକ୍ଷୀ ବାନ୍ଧିବା ସହିତ ଆଦର୍ଶ ଓ ନିଶା ମୁକ୍ତ ହେବା ପାଇଁ ପରାମର୍ଶ ପ୍ରଦାନ କରିବା ସହିତ ଶପଥ ପାଠ କରାଇଥିଲେ।

### ଅନ୍ଧବିଶ୍ୱାସର କରୁଣ ପରିଣତି

## ଘର ଛାଡି ମନ୍ଦିରରେ ଆଶ୍ରୟ ନେଲେ ପରିବାରର ୫ ସଦସ୍ୟ

**ନୀଳଗିରି,୯।୮ (ସଂଚାର ବ୍ୟୁର):** ଅନ୍ଧବିଶ୍ୱାସର ବଶବର୍ତ୍ତି ହୋଇ ପରିବାରର ୫ ସଦସ୍ୟ ଘର ଛାଡ଼ି ନୀଳଗିରି ଜଗନ୍ନାଥ ମନ୍ଦିର ଓ ପରେ ରାଧାକିଶୋର ମନ୍ଦିରରେ ଆଶ୍ରୟ ନେଇ ପୂଜାର୍ଚ୍ଚନା କରୁଥିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ପ୍ରାପ୍ତ ସୂଚନା ମୁତାବକ ନୀଳଗିରି ଉପଖଣ୍ଡ ଔପଦା ବ୍ଲକ କାଣ୍ଡ ଗରଡ଼ି ପଞ୍ଚାୟତ ଏକ ନମ୍ବର ୱାର୍ଡ ପାତ୍ରସାହିର ସ୍ୱର୍ଗତ ମହେଶ୍ୱର



ପାତ୍ରଙ୍କ ସ୍ତ୍ରୀ ଉମାମଣୀ ପାତ୍ର, ପୁତ୍ର ଭରତ କୁମାର ପାତ୍ର (୨୫), ବାଉଁଶବଣିଆ ଗ୍ରାମ ର ରବୀନ୍ଦ୍ର ମଲ୍ଲିକ ଙ୍କୁ ବିବାହିତା ବଡ଼ଝିଅ ଅନିତା ମଲ୍ଲିକ, ସାନ ଝିଅ ସବିତା ପାତ୍ର ଏବଂ ପରିବାରର ଅନ୍ୟ ସଦସ୍ୟ ଙ୍କ ଉପରେ ଅପାଣିଆ ନାମକ ଏକ ସ୍ପିରିଟ ଗତ ଦୁଇମାସ ଧରି ଆସୁଥିଲା। ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ପରେ ମୟୂରଭଞ୍ଜ ଜିଲ୍ଲାରୁ ୩ ଜଣ ଗୁଣିଆଙ୍କୁ ଆଣି ଦେଖାଇ ପୂଜାର୍ଚ୍ଚନା କରିଥିଲେ। ପୂଜା କରିବା ପରେ ବାଡ଼ିର ମାଟି ତଳୁ ୫ ଗୋଟି କଳସ ବାହାରି ଥିଲା। ଆଉ ଦୁଇଟି କଳସ ମାଟିତଳେ ଥିବା କଥା ଗୁଣିଆ କହିଥିଲେ। ପରେ ଗୁଣିଆ ଅଧାରୁ ପୂଜା କରି ସ୍ଥାନ ଛାଡ଼ି ପଳାଇ ଯାଇଥିଲେ। ପରେ ଉକ୍ତ ପରିବାର ଲୋକଙ୍କ ଉପରକୁ ସ୍ପିରିଟ ଆସି ସମସ୍ତଙ୍କୁ ମାରିଦେବାକୁ ଧମକ ଦେଉଥିଲା ବେଳେ ଜ୍ୱର ହୋଇ ଆଉ ଛାଡ଼ି ନଥିଲା।